# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଫେବୃୟାରୀ ୧୧/୨୦୧୯ (୨୦ ପୃଷ୍ଠା) Bhubaneswar, Monday, February 11/ 2019 ★★★★★★

୪୫ଶ ଭାଗ ୭୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-


ଓଡ଼ିଶା ଆମ ଗୌରବ



## ୩୦ତମ ଜାତୀୟ
# ସଡ଼କ ସୁରକ୍ଷା ସପ୍ତାହ

## ସଡ଼କ ସୁରକ୍ଷା ନିମନ୍ତେ ନିଆଯାଇଥିବା ପଦକ୍ଷେପ :

- ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ଆଇନତଃ ଉତ୍ତରାଧିକାରୀଙ୍କୁ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ଓ ଗୁରୁତର ଆହତଙ୍କୁ ୫୦ ହଜାର ଟଙ୍କାର ସହାୟତା।
- ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରୁଥିବା ସାହାଯ୍ୟକାରୀ ବ୍ୟକ୍ତିଙ୍କୁ ପୁଲିସ ଜେରା କରିପାରିବେ ନାହିଁ ଏବଂ ଉକ୍ତ ଭଦ୍ର ବ୍ୟକ୍ତିଙ୍କୁ ୨ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ ନିମନ୍ତେ ''ଗୁଡ୍ ସମରିଟାନ ପଲିସି''।
- ଇ-ଚାଲାଣ ବ୍ୟବସ୍ଥା ପ୍ରଚଳନ, ଯାହା ଫଳରେ ବାରମ୍ବାର ମୋଟର ଯାନ ଆଇନ ଭଙ୍ଗ କରୁଥିବା ବ୍ୟକ୍ତିଙ୍କୁ ୨ ରୁ ୩ ଗୁଣ ଅଧିକ ଜରିମାନା।
- ୫ ଗୋଟି ଦୁର୍ଘଟଣା ପ୍ରବଣ ରାସ୍ତାରେ ହାଇୱେ ପାଟ୍ରୋଲ ପ୍ରଚଳନ କରିବାର ବ୍ୟବସ୍ଥା।
- ପଞ୍ଚମ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ସଡ଼କ ସୁରକ୍ଷା ବିଷୟକୁ ଅର୍ନ୍ତଭୁକ୍ତ କରାଯାଇଅଛି ଏବଂ ନବମ ଓ ଦଶମ ଶ୍ରେଣୀର ପାଠ୍ୟ ପୁସ୍ତକରେ ସଡ଼କ ସୁରକ୍ଷା ବିଷୟକୁ ଅର୍ନ୍ତଭୁକ୍ତ କରିବାର ବ୍ୟବସ୍ଥା।
- ବିଭିନ୍ନ ରାଜପଥରେ ୪୩୫ ଗୋଟି ବ୍ଲାକ୍ ସ୍ପଟ ଚିହ୍ନଟ (୨୦୧୫ - ୧୭ର ତଥ୍ୟ) ଓ ଏହାର ନିରାକରଣ ବ୍ୟବସ୍ଥା।

### ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପନୀ ଉତ୍ସବ

ମୁଖ୍ୟ ଅତିଥି

## ଶ୍ରୀଯୁକ୍ତ ଶଶି ଭୂଷଣ ବେହେରା

ମାନ୍ୟବର ମନ୍ତ୍ରୀ,
ଅର୍ଥ, ଅବକାରୀ, କୃଷି ଓ କୃଷକ ସଶକ୍ତିକରଣ ଏବଂ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ,

ସମ୍ମାନିତ ଅତିଥି

## ଡ଼ଃ ନୃସିଂହ ଚରଣ ସାହୁ

ମାନ୍ୟବର ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ

ସ୍ଥାନ : ରବିନ୍ଦ୍ର ମଣ୍ଡପ, ଭୁବନେଶ୍ୱର
୧୧ ଫେବୃଆରୀ, ୨୦୧୯, ସମୟ : ମଧ୍ୟାହ୍ନ ୧୨ ଘଟିକା ୧୦ ମିନିଟ୍

''ସଡ଼କ ସୁରକ୍ଷା - ଜୀବନ ରକ୍ଷା''

ଓଡ଼ିଶା ରୋଡ୍ ସେଫ୍ଟି ସୋସାଇଟି
**ବାଣିଜ୍ୟ ଓ ପରିବହନ ବିଭାଗ,**
**ଓଡ଼ିଶା ସରକାର**

ଆସନ୍ତୁ, ଓଡ଼ିଶାକୁ ଏକ ଦୁର୍ଘଟଣାମୁକ୍ତ ରାଜ୍ୟରେ ପରିଣତ କରିବା

ଓଡ଼ିଶା ସରକାର

ଆମ ଗାଁ ଆମ ବିକାଶ

ODISHA ONE
ଓଡ଼ିଶା ଆମ ଗୌରବ


# PEETHA

( PEOPLES EMPOWERMENT ENABLING TRANSPARENCY AND ENHANCING ACCOUNTABILITY ON ODISHA INITIATIVES )

# ପିଠା

ସଶକ୍ତିକରଣ ଏବଂ ସଚେତନତା

DSPL-398



## ଏଥର ୫ ଦିନ ପରିବର୍ତ୍ତେ ୧୦ ଦିନ ହେବାକୁ ଯାଉଛି ପିଠା କ୍ୟାମ୍ପ୍ । ଏଇ ଫେବୃୟାରୀ ମାସ ୧୦ ରୁ ୨୦ ତାରିଖ ମଧ୍ୟରେ ଆପଣଙ୍କ ଗ୍ରାମ ପଞ୍ଚାୟତରେ ଆୟୋଜିତ ହେବ ପିଠା କ୍ୟାମ୍ପ୍ ।

- ୪୮ ଲକ୍ଷ ହିତାଧିକାରୀ ପାଇବେ ବର୍ଦ୍ଧିତ ଭତ୍ତା
- ୩୩ ଲକ୍ଷ ପରିବାରକୁ ମିଳିବ ୪ଟି ଲେଖାଏଁ ଏଲ୍. ଇ. ଡି ବଲ୍‌ବ୍
- ପ୍ରଥମ ପର୍ଯ୍ୟାୟରେ ୩ ଲକ୍ଷ ଏସ୍.ଏଚ୍.ଜି ଗ୍ରୁପ୍‌କୁ ସ୍ମାର୍ଟଫୋନ୍ କିଣିବା ପାଇଁ ମିଳିବ ୩ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା
- କାଳିଆ ଯୋଜନା ବିଷୟରେ ଲୋକମାନଙ୍କୁ ଦିଆଯିବ ସମ୍ପୂର୍ଣ୍ଣ ସୂଚନା
- ଖାଦ୍ୟ ସୁରକ୍ଷା, ଖୁସି ଓ ଜନଜାତି ସଶକ୍ତିକରଣ ବିଷୟରେ କରାଯିବ ସଚେତନ

ଯୋଜନାରେ ସ୍ୱଚ୍ଛତା ଆଣିଲା ପିଠା
ଆହୁରି ସଶକ୍ତ ହେଲା ନବୀନ ଓଡ଼ିଶା




19001/13/0043/1819

**ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର**


ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଫେବୃୟାରୀ ୧୧/୨୦୧୯ Bhubaneswar, Monday, February 11/ 2019


ଓଡ଼ିଶା ସରକାର

DSPL-399

ରାଜ୍ୟର ୧୭ଟି ଜିଲ୍ଲାରେ ଥିବା
୩୮ଟି ସହରାଞ୍ଚଳ ପାଇଁ
**୩୮ଟି ନୂତନ ଆହାର କେନ୍ଦ୍ରର**
ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା**
**ଲୋକାର୍ପଣ**

ଦିବା ୧୧ଘ ॥ ୧୧ ଫେବୃଆରୀ ୨୦୧୯
ସଚିବାଳୟ



'ଆହାର'



- ୧ ଅପ୍ରେଲ, ୨୦୧୫ ରେ ଆରମ୍ଭ
- ୧୫୭ଟି ଆହାର କେନ୍ଦ୍ରରେ ଦୈନିକ ୧ଲକ୍ଷ ଭୋଜନ ଦିଆଯାଉଛି
- ୩୦ଟି ଜିଲ୍ଲାରେ ସମସ୍ତ ୧୧୪ଟି ସହରାଞ୍ଚଳରେ ସ୍ଥାପିତ
- ଆହାର କେନ୍ଦ୍ର ଗୁଡିକ ବସ୍ ଷ୍ଟାଣ୍ଡ, ରେଳ ଷ୍ଟେସନ ଏବଂ ହସ୍ପିଟାଲ ନିକଟରେ ସ୍ଥାପିତ
- ପ୍ରତିଦିନ ଦିବା ୧୧ଟାରୁ ୩ଟା ପର୍ଯ୍ୟନ୍ତ (ରବିବାର ବ୍ୟତୀତ)
- ରାତ୍ରି ଆହାର
  ୩୧ ଡିସେମ୍ବର, ୨୦୧୮ ଠାରୁ ଜିଲ୍ଲା ସଦରମହକୁମା, ଉପ-ଖଣ୍ଡ ହସ୍ପିଟାଲ ଇତ୍ୟାଦି ପ୍ରମୁଖ ସ୍ଥାନ ନିକଟରେ ଥିବା ୫୬ଟି ଆହାର କେନ୍ଦ୍ରରେ ରାତିରେ ପରିବେଷଣ କରାଯାଉଛି ଦୈନିକ ୧୫୦୦୦ରୁ ଅଧିକ ଭୋଜନ
- ୭.୨ କୋଟିରୁ ଅଧିକ ଭୋଜନ, ଲୋକ ଉପକୃତ

13001/13/0062/1819

ସହରରେ ସୁଲଭ ଭୋଜନ
ଆନନ୍ଦ ସଭିଙ୍କର ମନ

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ

@CMO_Odisha CMO.Odisha @Naveen_Odisha



ଆମ ଗଣତନ୍ତ୍ରର ସାରାଂଶ ହେଉଛି ସାମ୍ବିଧାନିକ ଅଧିକାର, ଯାହା ସରକାର ଓ ଏହାର ନେତାଙ୍କୁ ସମାଲୋଚନା କରିବା ପାଇଁ ସ୍ୱାଧୀନତା ଦିଏ। କେହି ସମାଲୋଚନାର ଉର୍ଦ୍ଧ୍ୱରେ ନୁହନ୍ତି। ଅମୋଲ ପାଲେକରଙ୍କ ସହ ଏଭଳି ବ୍ୟବହାର ଅଗଣତାନ୍ତ୍ରିକ ଓ ଅତ୍ୟନ୍ତ ନିନ୍ଦନୀୟ ବୋଲି ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ କହିଛନ୍ତି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରସି
ପରିବାରବର୍ଗ



ଶ୍ରୀ
ପରିବାରବର୍ଗ



ମୁକୁଲ୍
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

## real estate

### SALE

Plotting project near Patia KIIT University, Bhubaneswar 40” mainroad, 30” subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

**Plot on lowest bduget Brahmanajharilo, 9km. from BBSR 16km. from Cuttack 250/- sqft. 7809525452.** D-65822

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-65558

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30’ road ଥାଇକି ଅଗ୍ରିମ boundarywall electry, gharabari, Temple, ନାମଫଳକ ସହ sqft. 650/-ରେ ଦିଆଯାଉଅଛି। 7008045582, 9078967488. D-11018

ନଖରା ତ୍ରିନାଥବଜାରଠାରେ SC ଘରବାରି plot 1200କୁ 3,60,000/- general plot 1200କୁ 5,40,000/- (outright) 9938177361, 7749026703. D-65353

ଭୁବନେଶ୍ୱର ଜଟଣୀଗେଟ୍ କିଛିଦୂରତାରେ 1200 sqft. 1,80,000/-, BEC କଲେଜ ଠାରେ 1200କୁ 3,00,000/- (outright). 9938177361, 7749026703. D-65354

**Readymade Ghari (prawn farm) Gadadharipur, Jagatsinghpur 7 acres land 15,00,000/-. 7809525452.** D-65821

ଭୁବନେଶ୍ୱର କଣ୍ଟାବାଡ (ପିତାପଲ୍ଲୀରୁ-କଟକ) NH 100’ bypass road sideରେ ଗୃହୋପଯୋଗୀ ପଟ୍ଟା plot. 9437971401. D-64787

Tata memorial Cancer Hospital ପାଖରୁ 1.5km distanceରେ 199/- 229/- 379/-ରେ ମିଳୁଛି: 8658864750. D-64788

## to-let

Commercial space 800 and 2500 sqft. for office/ godown. Contact: 9437033691. D-65608

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-65542

Rejuvenate and Ayurvedic full body massage by smart therapist. 9114402304. D-65543

Experience full body massage with us by experts. Enquiry. 0674259 7822, 7377048581. D-65559

Herbal full body massage with refreshment by well trained therapist. 7381239385, 06742540855. D-65560

Improving your health, skin care through expert therapist, excellent offer. 9668374480. D-65562

Newly opening ayurvedic body massage smart therapist, Shree herbal. 7750020754. D-65563

Herbal full body massage by smart/ expert therapist. Contact: 8338067247. D-65564

Welcome to Seva care sensational massage by expert therapist- 9937062638. D-65471

Ayurvedic full body massage ladies/ gents smart experts therapist. 9114697517. D-65816

New opening ayurvedic full body massage. 7077444583. D-10885

Newly ayurvedic full body messege relaxed home service: 7609923705, 7438851534. D-38545

Sai solution ayurvedic full body massage ladies/ gents. Contact: 8117033493. D-11070

Now Matrimonial ads. only on Wednesday & Sunday Book 1 Get 1 FREE

## Birthday Wish



(Shree)
**Sai Sradha Parida**
F-Dhananjaya Parida
M-Sumitra Parida
At/P-Nalibasanta, D-Puri
“We wish for all of your wishes to come true.”
Happy Birthday
D-65823

## ତୃତୀୟ ଜନ୍ମଦିନ ଶୁଭେଚ୍ଛା



**ରସି**
ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ, ଜନ୍ମଦିନର ଅନେକ ଅନେକ ଶୁଭକାମନା।
ଶୁଭେଚ୍ଛା ସହ
ମାମା, ବାବା, ଜେଜେମା, ଅଜା, ଆଈ।
ଧ-୧୧୦୭୫

## ମନେ ପଡ଼ନ୍ତି

### ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ପ୍ରାଧ୍ୟାପକ ବୈକୁଣ୍ଠନାଥ ମହାନ୍ତି**
ଆବିର୍ଭାବ: ୦୪।୦୩।୧୯୪୦
ତିରୋଧାନ: ୦୨।୦୨।୧୯୯୮ (ମାଘଷଷ୍ଠୀ)
ଭୁବନେଶ୍ୱର
ଆଜି ଆପଣଙ୍କ ଏକବିଂଶ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମର ଆତ୍ମା ପ୍ରତି ଭକ୍ତିପୂତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ପତ୍ନୀ- ସେବତୀ, ପୁଅ- ବିଶ୍ୱଜିତ୍, ଇନ୍ଦ୍ରଜିତ୍, ଶତ୍ରୁଜିତ୍, ରଣଜିତ୍, ଝିଅ-ଜ୍ୱାଇଁ: ମମତା-ରକ୍ଷକ, ସାନ ନାତି- ଶିମନ୍ ଓ ବନ୍ଧୁମାନେ। ଧ-୧୧୦୫୪

### ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତ ହରିଶ୍‌ଲାଲ ମଂଡୋଲିଓ୍ୱାଲ୍**
ତିରୋଧାନ: ୩୦।୦୧।୨୦୧୯
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ।
ଧ-୬୪୦୪୫


# କନ୍ଧମାଳକୁ ୨୫୦ କୋଟିର ଭେଟି

## ■ ସାଲୁଙ୍କି ନଦୀ ଉପରେ ହେବ ହାଇଲେଭଲ ସେତୁ



କନ୍ଧମାଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ଯୁବବାହିନୀ କର୍ମକର୍ତ୍ତାଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରୁଛନ୍ତି।

**ଫୁଲବାଣୀ ଅଫିସ, ୧୦।୨**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର କନ୍ଧମାଳ ଗସ୍ତରେ ଆସି ଅପରାହ୍ନରେ ଫୁଲବାଣୀ ଷ୍ଟାଡିୟମରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉଦ୍‌ଘାଟନ କରିବା ସହ ନୂତନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହାପରେ ବିଜୁ ଯୁବ ବାହିନୀ ଆଞ୍ଚଳିକ ସମାବେଶକୁ ଉଦ୍‌ବୋଧନ ଦେଇ ଯୁବକମାନେ ସଂଗଠିତ ହୋଇ ରାଜ୍ୟ ବିକାଶରେ ସାମିଲ ହେବାକୁ ପରାମର୍ଶ ଦେଇଛନ୍ତି।

ଜିଲାରେ ମୋଟ ୨୫୦ କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଉଦ୍‌ଘାଟନ ପ୍ରକଳ୍ପ ମଧ୍ୟରେ ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟର ୩୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ଓ ଛାତ୍ରୀନିବାସ, ସଞ୍ଜୟ ସ୍ମୃତି ମହିଳା ମହାବିଦ୍ୟାଳୟର ୩୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ, ଫୁଲବାଣୀରେ ଅନୁସୂଚିତ ଜନଜାତି ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ୬୦୦ସିଟ୍ ବିଶିଷ୍ଟ ଅନ୍ୱେଷା ହଷ୍ଟେଲ, ସମ୍ପ୍ରସାରିତ ଏବଂ ଆଧୁନିକୀକରଣ କନ୍ଧମାଳ ପ୍ରକ୍ରିୟାକରଣ ୟୁନିଟ୍, ଫୁଲବାଣୀ ସ୍ୱୟଂକ୍ରିୟ ଡ୍ରାଇଭିଂ ଟେଷ୍ଟିଂ ଟ୍ରାକ, ଜିଲା ପଞ୍ଚାୟତ ସମ୍ବଳକେନ୍ଦ୍ର, ବୋଇଡା ଉଚ୍ଚ ମାଧ୍ୟମିକ ସ୍କୁଲ, ନବନିର୍ମିତ ଜିଲା ଲାଇବ୍ରେରି, ଜି.ଉଦୟଗିରି ୬୦୦ ସିଟ୍ ବିଶିଷ୍ଟ ଅନ୍ୱେଷା ହଷ୍ଟେଲ ଓ ଟିକାବାଲି ୪୦୦ ସିଟ୍ ବିଶିଷ୍ଟ ଅନ୍ୱେଷା ହଷ୍ଟେଲ ଏବଂ ଅନ୍ୟାନ୍ୟ ପ୍ରକଳ୍ପ ରହିଛି। ସେହିପରି ଭିତ୍ତିପ୍ରସ୍ତର ସ୍ଥାପନ ପ୍ରକଳ୍ପ ମଧ୍ୟରେ ଫୁଲବାଣୀ ଗୋଚ୍ଛାପଡା ରାସ୍ତା ଉନ୍ନତୀକରଣ, ଚକାପାଦ, ଖଜୁରିପଡା, ଦାରିଙ୍ଗବାଡି, ଟିକାବାଲି, ବାଲିଗୁଡା ଏବଂ କୋଟଗଡ ବ୍ଲକର ୮ ହାଇଲେଭଲ ସେତୁ, ଫୁଲବାଣୀ, ଚକାପାଦ, ଖଜୁରିପଡା, ତୁମୁଡିବନ୍ଧ ଏବଂ ବାଲିଗୁଡା ବ୍ଲକରେ ୧୦ ଉନ୍ନୀତ ହାଇସ୍କୁଲ, ଫିରିଙ୍ଗିଆ, ଦାରିଙ୍ଗବାଡି, ତୁମୁଡିବନ୍ଧ ଏବଂ କୋଟଗଡ ବ୍ଲକର ୧୪ ଗ୍ରାମ୍ୟ ପାଇପ୍ ଜଳଯୋଗାଣ ପ୍ରକଳ୍ପ, ଫୁଲବାଣୀରେ ୧୦୦ ସିଟ୍ ବିଶିଷ୍ଟ ସଂଖ୍ୟାଲଘୁ ଛାତ୍ରାବାସ, ରାଇକିଆ-ଗଣ୍ଡଶୀଳା ନାଳ-ସାରଙ୍ଗଗଡ ଏବଂ ରାଇକିଆ -ସିମନବାଡି ରାସ୍ତାର ଉନ୍ନତୀକରଣ, ଜି.ଉଦୟଗିରି ପାଇପ୍ ଜଳଯୋଗାଣ ପ୍ରକଳ୍ପ ସମ୍ପ୍ରସାରଣ କାର୍ଯ୍ୟ, ବାଲିଗୁଡା ଏନ୍‌ଏସି ଜଳଯୋଗାଣ ପ୍ରକଳ୍ପର ଉନ୍ନତୀକରଣ କାର୍ଯ୍ୟ ଓ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟର ୫୦ ଶଯ୍ୟା ବିଶିଷ୍ଟ ଆନ୍ତଃ ବିଭାଗ ଓ ବହିଃ ବିଭାଗ କାର୍ଯ୍ୟ ଆଦି ରହିଛି।

ମୁଖ୍ୟମନ୍ତ୍ରୀ ନିର୍ଦ୍ଧାରିତ ସମୟଠାରୁ ସାମାନ୍ୟ ବିଳମ୍ବରେ ଆସି ଗୁଦାରି ଏୟାରଷ୍ଟ୍ରିପରେ ଓହ୍ଲାଇଥିଲେ। ସେଠାରୁ କାର ଯୋଗେ ଷ୍ଟାଡିୟମରେ ପହଞ୍ଚିଥିଲେ। ପ୍ରଥମେ ବିଜୁ ଯୁବ ବାହିନୀ କର୍ମକର୍ତ୍ତା ସେମାନଙ୍କ ଅଞ୍ଚଳରେ କରିଥିବା କାର୍ଯ୍ୟ ଉପରେ ସମସ୍ତଙ୍କୁ ଅବଗତ କରିଥିଲେ। ଏହାପରେ ବିଜୁ ଯୁବ ବାହିନୀର ମୁଖ୍ୟକାର୍ଯ୍ୟ ନିର୍ବାହୀ ଅରୂପ ପଟ୍ଟନାୟକ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟମନ୍ତ୍ରୀ ବିଜୁ ଯୁବ ବାହିନୀର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଜାଗା ମିଶନରେ କେତେକ ହିତାଧିକାରୀଙ୍କୁ ଜମି ପଟ୍ଟା ପ୍ରଦାନ କରିଥିଲେ। ଏହି ସମାବେଶରେ କନ୍ଧମାଳ, ଗଞ୍ଜାମ, ବୌଦ୍ଧ, ନୟାଗଡ ଓ ଗଜପତି ଜିଲାରୁ ହଜାର ହଜାର ସଂଖ୍ୟାରେ ବିଜୁ ଯୁବ ବାହିନୀ ସଦସ୍ୟ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ସଭାପତି ସରୋଜ କର୍ଣ୍ଣ, ରାଜ୍ୟସଭା ସଦସ୍ୟ ଅଚ୍ୟୁତ ସାମନ୍ତ, ମନ୍ତ୍ରୀ ତଥା ଜିଲା ପର୍ଯ୍ୟବେକ୍ଷକ ବିକ୍ରମ କେଶରୀ ଆରୁଖ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ଦାରୁବିଗ୍ରହଙ୍କ ଚାଚେରୀ ବେଶ

**ପୁରୀ ଅଫିସ, ୧୦।୨**

ବସନ୍ତ ପଞ୍ଚମୀ ଅବସରରେ ରବିବାର ଶ୍ରୀମନ୍ଦିରରେ ଦାରୁବିଗ୍ରହଙ୍କ ଚାଚେରୀ ବେଶ ଅନୁଷ୍ଠିତ ହୋଇଛି। ମଧ୍ୟାହ୍ନ ଧୂପ ପରେ ମଇଲମ ହୋଇଥିଲା। ତିନିଠାକୁର ମାଧାବଳି ଲୁଗା ଲାଗି ହେବା ପରେ ଶ୍ରୀଅଙ୍ଗରେ ଚନ୍ଦନ ଲାଗି ହୋଇଥିଲେ। ଏହାପରେ ମହାଜନ ସେବକ ରତ୍ନସିଂହାସନରୁ ଶ୍ରୀଦେବୀ, ଭୂଦେବୀଙ୍କୁ ଦକ୍ଷିଣୀ ଘର ଖଟ ଉପରକୁ ବିଜେ କରିଥିଲେ। ଦୋଳଗୋବିନ୍ଦଙ୍କୁ ଦକ୍ଷିଣୀ ଘରୁ ଆଣି ଉକ୍ତ ଘଟ ଉପରେ ବିଜେ କରାଇଥିଲେ। ଏହାପରେ ରତ୍ନବେଦୀରେ ତିନିଠାକୁରଙ୍କ ଚାଚେରୀ ବେଶ ଅନୁଷ୍ଠିତ ହୋଇଥିଲା। ଏହି ବେଶରେ ତିନିଠାକୁର ଫୁଟା ପହରଣ, ଶିରିକପଡା, ମୁଖବଳା, ଟୋପର, ଚନ୍ଦ୍ରିକା, ନଳୀଭୂଜ, ଆଡକାନୀ, ରମାନନ୍ଦୀ ତିଳକ, ଓଡ଼ିଆଣି, ସୂର୍ଯ୍ୟଚନ୍ଦ୍ର, ଘାଘଡା ମାଳ ଲାଗି ହୋଇଥିଲେ। ମହାପ୍ରଭୁ ଏବଂ ବଡଠାକୁର ଦୁଇଟି ଲେଖାଏଁ ମକର କୁଣ୍ଡଳ, ଦେବୀସୁଭଦ୍ରା ୨ଗୋଟି ତଡଗୀ ଲାଗି ହୋଇଥିଲେ। ମାଘ ମାସର ବସନ୍ତ ପଞ୍ଚମୀ ଏବଂ ଫାଲଗୁନ ଶୁକ୍ଳ ଦଶମୀଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଠାକୁର ଚାଚେରୀ ବେଶ ହୋଇଥାନ୍ତି।

# ଉଠା ଜଳସେଚନ ନିଗମରେ ଲାଗୁହେବ ୭ମ ବେତନଧାରା

## ସମୂହ ଛୁଟିରୁ ଓହରିଲା ଇଞ୍ଜିନିୟର୍ସ ସଂଘ

**ଭୁବନେଶ୍ୱର,୧୦।୨(ବ୍ୟୁରୋ)**

ଉଠା ଜଳସେଚନ ନିଗମ(ଓଏଲ୍‌ଆଇସି)ରେ କାର୍ଯ୍ୟରତ ଡିପ୍ଲୋମା ଇଞ୍ଜିନିୟର୍ସମାନେ ଚଳିତ ମାସ ୨୧ରୁ ସମୂହ ଛୁଟିରେ ଯିବା ପାଇଁ ଘୋଷଣା କରିଥିଲେ। ସେମାନଙ୍କ କ୍ଷେତ୍ରରେ ସପ୍ତମ ବେତନ କମିଶନ ସୁପାରିଶ ଲାଗୁ ନ କରାଯିବା କାରଣରୁ ସାମୂହିକ ଛୁଟିରେ ଯିବା ପାଇଁ ନିଷ୍ପତ୍ତି ନେଇଥିଲେ। ହେଲେ ରବିବାର ହସ୍ତଗତ ହୋଇଥିବା ଖବର ଅନୁଯାୟୀ ଓଏଲ୍‌ଆଇସିର ଡିପ୍ଲୋମା ଇଞ୍ଜିନିୟର୍ସ ସଂଘ ଆନ୍ଦୋଳନରୁ ଓହରି ଯାଇଛି। ଗତ ୮ତାରିଖ ଅର୍ଥାତ ଶୁକ୍ରବାର ରାଜ୍ୟ ସରକାର ଜଳସମ୍ପଦ ବିଭାଗ ପକ୍ଷରୁ ଓଡ଼ିଶା ଉଠା ଜଳସେଚନ ନିଗମର ପରିଚାଳନା ନିର୍ଦ୍ଦେଶିକାଙ୍କ ପାଖକୁ ଏକ ଚିଠି (ନଂ. ୩୭୨୩) ଲେଖାଯାଇଥିଲା। ଏହି ଚିଠିରେ ନିଗମର କାର୍ଯ୍ୟରତ ଇଂଜିନିୟରର୍ସ ତଥା କର୍ମଚାରୀଙ୍କ ସପ୍ତମ ବେତନ କମିଶନ ହାରରେ ଦରମା ପ୍ରଦାନ କରାଯିବ ବୋଲି ଉଲ୍ଲେଖ କରାଯାଇଛି। ଏହି ସୁପାରିଶ ପିଛିଲା ଭାବେ ୨୦୧୬ ଜାନୁୟାରୀ ପହିଲାରୁ ଏହା ଲାଗୁ ହେବ ବୋଲି ଜଣାପଡିଛି। ପ୍ରକାଶ ଯେ, ସପ୍ତମ ବେତନ କମିଶନ ସୁପାରିଶ ଆଧାରରେ ଦରମା ପ୍ରଦାନ ପାଇଁ ଇଂଜିନିୟରର୍ସମାନଙ୍କ ପକ୍ଷରୁ ନିଗମର ପରିଚାଳନା ନିର୍ଦ୍ଦେଶିକାଙ୍କୁ ଗତ ୫ରେ ଏକ ଚିଠି ପ୍ରଦାନ କରାଯାଇଥିଲା।

ଏହି ଚିଠିରେ ଉଲ୍ଲେଖ ଥିବା ଦାବିକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶିକା , ଜଳସମ୍ପଦ ବିଭାଗ ଏବଂ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ଏହାକୁ ବିଚାର କରି ରାଜ୍ୟ ସରକାର ନିଗମ କର୍ମଚାରୀଙ୍କ କ୍ଷେତ୍ରରେ ୭ମ ବେତନ କମିଶନ ଲାଗୁ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

# ଅନୁକୂଳ ହେଲା ରଥକାଠ



ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ରଥକାଠ ଅନୁକୂଳ ପୂଜା କରାଯାଉଛି।

**ପୁରୀ ଅଫିସ, ୧୦।୨:** ଆସନ୍ତା ଜୁଲାଇ ୪ତାରିଖରେ ରଥଯାତ୍ରା। ଦାରୁବିଗ୍ରହଙ୍କ ଲାଗି ତିଆରି ହେବ ତିନିରଥ। ପରମ୍ପରା ଅନୁଯାୟୀ, ରବିବାର ବସନ୍ତ ପଞ୍ଚମୀରେ ରଥକାଠ ଅନୁକୂଳ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ୧୨ଫୁଟିଆ ୩ ଖଣ୍ଡ ଧଉରା କାଠ ପୂଜା କରାଯାଇଛି। ସନ୍ଧ୍ୟା ପ୍ରାୟ ସାଢେ ୭ଟାରେ ପ୍ରଥମେ ଶ୍ରୀମନ୍ଦିର ପ୍ରଶାସନ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ରଥ କାଠ ଅନୁକୂଳ ପୂଜା ହୋଇଥିଲା। ରାଜଗୁରୁ ଦେବୀ ପ୍ରସାଦ ରାଜଗୁରୁ, ଗଦାଧର ଦାଶ ପୂଜାର୍ଚ୍ଚନା କରିଥିଲେ। ବୈଦିକ ଶାସ୍ତ୍ରୀୟ ମତରେ ୩ଟି କାଠକୁ ପ୍ରଥମେ ଜଳ, ପଞ୍ଚାମୃତ, ଶୁଦ୍ଧଜଳ, ଚନ୍ଦନ, ସିନ୍ଦୂର, ଫୁଲ୍‌, ଶ୍ରୀଫଳ, ଧୂପ, ଦୀପ ଦିଆଯାଇ ସଂସ୍କାର କରାଯାଇଥିଲା। ଶେଷରେ ମହାପ୍ରସାଦ ମଧ୍ୟ ସମର୍ପଣ କରାଯାଇଥିଲା। ଅନୁକୂଳ ସମୟରେ ଜିଲାପାଳ ତଥା ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ଡା. ସାର୍ଥକ ଷଡ଼ଙ୍ଗୀ, ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁଙ୍କ ସମେତ ଶ୍ରୀମନ୍ଦିର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଥାଉ କି, ଅକ୍ଷୟ ତୃତୀୟାରେ ମହାପ୍ରଭୁଙ୍କ ତିନିରଥ ନିର୍ମାଣ ଅନୁକୂଳ ହେବ।

## ■ ବ୍ରହ୍ମପୁର ପୋଲିସକୁ ଲୁଟେରାଙ୍କ ଚ୍ୟାଲେଞ୍ଜ

# ସିବିଆଇ ପରିଚୟ ଦେଇ ଲୁଟିଲେ

**ବ୍ରହ୍ମପୁର ଅଫିସ,୧୦।୨:** ବ୍ରହ୍ମପୁର ସହର ବୈଦ୍ୟନାଥପୁର ଥାନା ଅଧୀନ ଜୟପ୍ରକାଶନଗର ଛକରେ ରବିବାର ପୂର୍ବାହ୍ନ ୧୧ ଟାରେ ସିବିଆଇ ଅଫିସର ପରିଚୟ ଦେଇ ଏକ ବୃଦ୍ଧ ଦମ୍ପତିଙ୍କଠାରୁ ଲୁଟେରାମାନେ ୮ ତୋଳା ସୁନା ଗହଣା ଲୁଟି ନେଇଯାଇଥିବା ଅଭିଯୋଗ ହୋଇଛି। ଖବର ପ୍ରଘଟ ହେବା ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବରିଷ୍ଠ ନାଗରିକ ଭାସ୍କର ପାତ୍ରଙ୍କ ଏତଲା କ୍ରମେ ବୈଦ୍ୟନାଥପୁର ପୋଲିସ ନଂ. ୩୦/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡିଛି। ଜାନୁୟାରୀ ୨୯ରେ ସେହି ସ୍ଥାନରେ ହିଁ ଜଣେ ବରିଷ୍ଠ ନାଗରିକ ମହିଳାଙ୍କଠାରୁ ପୋଲିସର ପରିଚୟ ଦେଇ ସୁନା ଗହଣା ଲୁଟ୍ ଉଦ୍ୟମ ହୋଇଥିଲା। ଉକ୍ତ ଘଟଣାକୁ ନେଇ ପୋଲିସ ସେତେଟା ଚିନ୍ତିତ ନ ଥିବା ବେଳେ ରବିବାର ପୁନଶ୍ଚ ସେହି ସ୍ଥାନରେ ହିଁ ଲୁଟେରାମାନେ ପୁଣି ସୁନା ଗହଣା ଲୁଟିନେବା ଘଟଣା ପୋଲିସ ପାଇଁ ମୁଣ୍ଡବ୍ୟଥା ପାଲଟିଛି।

ପ୍ରକାଶଯେ, ଭୁବନେଶ୍ୱରରେ ରହୁଥିବା ବୃଦ୍ଧ ଦମ୍ପତି ଭାସ୍କର ଓ ତାଙ୍କ ସ୍ତ୍ରୀ ରାଜକୁମାରୀ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେବାକୁ ବ୍ରହ୍ମପୁର ଆସିଥିଲେ। ପୂର୍ବାହ୍ନ ୧୧ ଟାରେ ଜୟପ୍ରକାଶନଗର ଛକରେ ଚାଲି ଚାଲି ଯାଉଥିବା ବେଳେ ୨ ଜଣ ଯୁବକ ଏକ ବାଇକରେ ତାଙ୍କ ନିକଟକୁ ଆସିଥିଲେ। ନିଜକୁ ସିବିଆଇ ଅଫିସର ବୋଲି ପରିଚୟ ଦେଇଥିଲେ। ଆଗରେ ସିବିଆଇ ରେଡ୍ କରୁଛି। ଅତ୍ୟଧିକ ପରିମାଣର ସୁନା ଗହଣା ପିନ୍ଧିଥିବା ଯୋଗୁ ସେମାନଙ୍କୁ ଫାଇନ୍ ଲାଗିପାରେ ବୋଲି କହିଥିଲେ। ସୁନା ଗହଣା ସବୁ ତାଙ୍କୁ ହସ୍ତାନ୍ତର କରି ରାସ୍ତାପାର ହୋଇଗଲେ ପୁଣି ଥରେ ସୁନା ଗହଣା ସବୁ ନେଇଯିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫାଇନ୍ କଥା ଶୁଣି ଦମ୍ପତି ବିଶ୍ୱାସରେ ନିଜର ସୁନା ଗହଣା ଯୁବକ ଦ୍ୱୟଙ୍କୁ ବାହାର କରି ଦେଇଥିଲେ। ତେବେ କ୍ଷଣିକ ମଧ୍ୟରେ ସୁନା ଗହଣା ସବୁ ଧରି ଉକ୍ତ ଯୁବକ ଦ୍ୱୟ ବାଇକରେ ଚମ୍ପଟ ମାରିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଚନ୍ଦ୍ର ସହ ମଙ୍ଗଳଙ୍କ ସଂଯୋଗ ଏକାଧାରରେ ଦୈହିକ ସୁସ୍ଥତା, ପାରିବାରିକ ଉନ୍ନତି ସହ ବ୍ୟବସାୟ ଓ ପରିବହନ ସକାଶେ ବହୁତ ଶୁଭଫଳ ପାଇବେ। ସାମାଜିକ ସ୍ତରରେ ସୁଖ ଓ ସମ୍ମାନ ପ୍ରାପ୍ତି ହେବ। ବନ୍ଧୁମିଳନରୁ ଖୁସି ରହିବେ, କିନ୍ତୁ ଅଶ୍ୱିନୀ ନକ୍ଷତ୍ରର ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ରାଜନୀତି, ସାଙ୍ଗଠନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ବୃଷ**
ଆଜିର ଯାତ୍ରା, ବାଣିଜ୍ୟ, ବନ୍ଧୁସମ୍ପର୍କ, ଆଲୋଚନାଦି ବହୁ ପ୍ରୀତିପ୍ରଦ ହେବ। କିନ୍ତୁ ରୋହିଣୀ କାମଗୁଡ଼ିକ ସମ୍ପନ୍ନ କରିବାରେ ବହୁତ ତକ୍‌ଲିଫି ଭୋଗ କରିବାକୁ ପଡ଼ିପାରେ। ଅବଶ୍ୟ ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ କ୍ଷେତ୍ରରେ ଲାଭବାନ୍ ହେବେ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଆକ୍ଷେପୋକ୍ତିକୁ ଠିକ୍ ଭାବେ ବୁଝିପାରିବେ ନାହିଁ।

**ମିଥୁନ**
ଯେକୌଣସି ପ୍ରକାରର ପରିସ୍ଥିତି ହେଉନା କାହିଁକି ଆପଣ ଲକ୍ଷ୍ୟ ହାସଲ କରିବାରେ ଅସୁବିଧା ହେବନାହିଁ। ପୁନର୍ବସୁ ନକ୍ଷତ୍ର ସାମାଜିକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ପ୍ରଶାସନିକ, ପରିବହନ, ବ୍ୟବସାୟ, ନିର୍ମାଣ ଓ ଆଲୋଚନା କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇପାରନ୍ତି।

**କର୍କଟ**
କର୍ମସ୍ଥ ଗ୍ରହ ପ୍ରଭାବ ଆପଣଙ୍କୁ ଉନ୍ନତ ଚିନ୍ତାଧାରାସମ୍ପନ୍ନ ବିଶିଷ୍ଟ ବ୍ୟକ୍ତିମାନଙ୍କ ସହ ଯୋଗସୂତ୍ର ସ୍ଥାପନ କରିବାରେ ସାହାଯ୍ୟ କରିବ। ଈର୍ଷାପରାୟଣ ଶତ୍ରୁମାନଙ୍କ ସମସ୍ୟା ସୃଷ୍ଟି ସାମୟିକ ମନକୁ ଭାରାକ୍ରାନ୍ତ କରିପାରେ। ଅଫିସରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବାରୁ ବ୍ୟସ୍ତତା ଅନୁଭବ କରିପାରନ୍ତି। ବକେୟା ପ୍ରାପ୍ତିକୁ ଦୃଷ୍ଟିରେ ରଖି ପରିସ୍ଥିତି ଅନୁଯାୟୀ କାମ କରିବେ।

**ସିଂହ**
ଚତୁର୍ଥସ୍ଥ ବୃହସ୍ପତି ପାରିବାରିକ ସମ୍ପର୍କକୁ ନଷ୍ଟକଲେ ମଧ୍ୟ କର୍ମକ୍ଷେତ୍ର ସକାଶେ ଉନ୍ନତ ସ୍ଥିତି ପ୍ରଦାନ କରିବ। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ରର ଆର୍ଥିକ ସ୍ଥିତି ପୂର୍ବପରି ରହିବ ଓ ବିଭିନ୍ନ ଯୋଜନା କରିବାର ଚେଷ୍ଟାକରି କେତେକାଂଶରେ ସଫଳ ହେବେ। କେତେକ ନୂତନ କାମର ପରିକଳ୍ପନା କରି ତାହାକୁ ଆରମ୍ଭ କରିବାର ମନସ୍ଥ କରିପାରନ୍ତି।

**କନ୍ୟା**
ଚନ୍ଦ୍ର ସହ ବୃହସ୍ପତିଙ୍କ ଷଡ଼ାଷ୍ଟକ ସ୍ଥିତି ଲୋକସମ୍ପର୍କ ହ୍ରାସ କରିପାରେ। ଫଳରେ ସାମାଜିକ ସ୍ତରରେ କିଛିଟା ସମସ୍ୟାର ସମ୍ମୁଖୀନ ହେବେ। ସମସ୍ୟା ରହିଥିଲେ ମଧ୍ୟ ବୁଝିବିଚାରି କାମ କରିବା ସାଙ୍ଗକୁ ଅବସ୍ଥା ଦେଖି ବ୍ୟବସ୍ଥା କରିବା ଭଲ ହେବ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ବନ୍ଧୁ କେହି ଈର୍ଷା କରିପାରନ୍ତି।

**ତୁଳା**
କର୍ମାଧିପତିଙ୍କର ଧନାଧିପତିଙ୍କ ସହ କେନ୍ଦ୍ରାବସ୍ଥାନ ଅର୍ଥପ୍ରାପ୍ତି ସହ ପଦାଧିକାରୀଙ୍କ ପ୍ରୀତିଭାଜନ କରାଇବ। ବିଶାଖା ନକ୍ଷତ୍ର ସକାଶେ ନିଜର ଲୋକମାନଙ୍କ ବିରୁଦ୍ଧାଚରଣ ଦୁଃଖର କାରଣ ହୋଇପାରେ। ବ୍ୟବସାୟିକ, ସାମାଜିକ ଅଭିବୃଦ୍ଧି କ୍ରମଶଃ ବୃଦ୍ଧି ପାଇବାରୁ ସାମୟିକ ଖୁସି ରହିବେ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି କାରଣରୁ ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିବ।

**ବିଛା**
ମଙ୍ଗଳ ସହ ବୃହସ୍ପତିଙ୍କ ଷଡ଼ାଷ୍ଟକ ସ୍ଥିତି ସ୍ୱାସ୍ଥ୍ୟ ସମସ୍ୟା, ଆନୁଷ୍ଠାନିକ କାମରେ ଦ୍ୱନ୍ଦ୍ୱ ସୃଷ୍ଟି କରିପାରେ। ଜ୍ୟେଷ୍ଠା ନକ୍ଷତ୍ର ସକାଶେ କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଥିବା କାରଣରୁ କର୍ମକ୍ଷେତ୍ର ସମସ୍ୟାବହୁଳ ହୋଇପାରେ। ଚେଷ୍ଟା କରୁଥିବା କାର୍ଯ୍ୟ, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟା, ବ୍ୟବସାୟରେ ପ୍ରତିବନ୍ଧକ ଦେଖାଦେଇପାରେ।

**ଧନୁ**
ମୂଳା ନକ୍ଷତ୍ର ସକାଶେ ସ୍ୱାସ୍ଥ୍ୟ ସମସ୍ୟା,ଅସଜଡ଼ା ପାରିବାରିକ ପରିସ୍ଥିତି ସହ କର୍ମକ୍ଷେତ୍ରରେ କଳହକୁ ନେଇ ଅଶାନ୍ତି ଲାଗିରହିପାରେ। ଜମିଜମା କାରବାର, କଚେରି ମାମଲା, ରାଜନୈତିକ କ୍ଷେତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହୋଇଯିବ। ଅଧ୍ୟୟନ ଓ ଅଧ୍ୟାପନା କ୍ଷେତ୍ରରେ ସୁପ୍ରତିଷ୍ଠିତ ହେବେ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି।

**ମକର**
ପାରିବାରିକ କ୍ଷେତ୍ରରେ ବନ୍ଧୁମିଳନ ସହ ବୈବାହିକ ସମ୍ପର୍କ ସ୍ଥାପନର ଶୁଭସୂଚନା ମନକୁ ଖୁସିକରାଇବ। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ଚେଷ୍ଟା କରୁଥିବା କାମରେ ସଫଳତା ମିଳିପାରେ। ବ୍ୟବସାୟୀମାନେ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ନିଜର ଲକ୍ଷ୍ୟ ହାସଲ କରିପାରିବେ। ଶ୍ରବଣା ନକ୍ଷତ୍ର ମନର ଦୁଃଖକୁ ଲୁଚାଇ ରଖି ଉପରେ ହସି ହସି କଥା କହିବେ।

**କୁମ୍ଭ**
ତୃତୀୟସ୍ଥ ଚନ୍ଦ୍ର କୌଣସି ଶୁଭକାର୍ଯ୍ୟର ଯୋଜନା ଦିଗରେ ଚେଷ୍ଟିତ କରାଇବ। ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ ଓ ଲକ୍ଷ୍ୟ ହାସଲ କରିବେ। ଗତକାଲିର ଯୋଜନା ମୁତାବକ କାମରେ ଲାଗିପଡ଼ନ୍ତୁ, ଅବଶ୍ୟ ଆବଶ୍ୟକ ସୁବିଧା ସୁଯୋଗ ଆପଣାଛାଏଁ ଜୁଟିଯିବ। ଶତଭିଷା ନକ୍ଷତ୍ର ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇପାରନ୍ତି।

**ମୀନ**
ମୁଖଭାବରେ ଚନ୍ଦ୍ର ଆପଣଙ୍କ ବ୍ୟବହାର ବନ୍ଧୁମାନଙ୍କ ମନୋରଞ୍ଜନ କରାଇବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସହଯୋଗ ଆଶାକରି ନିରାଶ ହେବେ। ପୂର୍ବଭାଦ୍ରପଦ୍ ନକ୍ଷତ୍ର ଗବେଷଣା, ଅଧ୍ୟୟନ ଓ ଅଧ୍ୟାପନା, କଳା, ସାହିତ୍ୟ କ୍ଷେତ୍ରରୁ ସମ୍ମାନ ମିଳିବ। ପାରିବାରିକ କ୍ଷେତ୍ରରେ ଧୀରେ ଧୀରେ ସମସ୍ୟା ସମାଧାନ ହେବାର ରାସ୍ତା ଉନ୍ମୁକ୍ତହୋଇପାରେ।

ଆଜି ମାଘ ଶୁକ୍ଳ ଷଷ୍ଠୀ ସୋମବାର, ଫେବୃୟାରୀ ୧୧ ତାରିଖ। ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ଗୃହାରମ୍ଭ, ଗୃହପ୍ରବେଶ, ଦେବତା ପ୍ରତିଷ୍ଠା ଓ ବାଣିଜ୍ୟକରଣ ପାଇଁ ଶୁଭଦିନ। ଦିବା ଘ.୭।୫୦ମି. ମଧ୍ୟେ ଘ.୧।୨୬ମି. ଗତେ, ଘ.୨।୫୦ମି. ମଧ୍ୟେ ଘ.୪।୧୨ମି. ଗତେ, ଘ.୫।୩୩ମି. ମଧ୍ୟେ ଅମୃତବେଳା। ଦିବା ଘ.୯।୧୫ମି. ଗତେ, ଘ.୧୦।୩୮ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୭।୪୬ମି. ଗତେ, ଘ.୯।୧୧ମି. ମଧ୍ୟେ ରାହୁକାଳ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଫେବୃୟାରୀ ୧୧/୨୦୧୯ | Bhubaneswar, Monday, February 11/ 2019 | ପୃଷ୍ଠା-୧




**ଧୋନୀଙ୍କ ମାଇଲଖୁଣ୍ଟ**

ମହେନ୍ଦ୍ର ସିଂ ଧୋନୀ ପ୍ରଥମ ଭାରତୀୟ କ୍ରିକେଟର ଭାବେ ୩୦୦ ଟି୨୦ ମ୍ୟାଚ ଖେଳିବାର ସୌଭାଗ୍ୟ ଅର୍ଜନ କରିଛନ୍ତି।

**୧୫ ୦୯**

**ଇଣ୍ଡିଆ କନ୍‌ଫରେନ୍ସରେ ଯୋଗଦେବେ ତନୁଶ୍ରୀ**

ବଲିଉଡ୍ ଅଭିନେତ୍ରୀ ତଥା ପୂର୍ବତନ ବିଉଟି କୁଇନ୍ ତନୁଶ୍ରୀ ଦତ୍ତ ବୋଷ୍ଟନସ୍ଥିତ ହାର୍ଭାର୍ଡ ବିଜନେସ୍ ସ୍କୁଲ୍ ପକ୍ଷରୁ ଆୟୋଜିତ ଇଣ୍ଡିଆ କନ୍‌ଫରେନ୍ସରେ ଉଦ୍‌ବୋଧନ ଦେବେ।



**ଖାକିରେ କଳଙ୍କ**

# ଥାନା ପରିସରରେ ନାବାଳିକାଙ୍କୁ ବଳାତ୍କାର

ସୋହେଲା,୧୦।୨(ଡି.ଏନ.ଏ.)

ବରଗଡ ଜିଲାରେ ପୋଲିସ ପୋଷାକରେ କଳଙ୍କର ଛିଟା ଲାଗିବା ନୂଆ ନୁହେଁ। ପୂର୍ବରୁ ଭେଡେନ ଥାନାରେ ମାଖନୁ ବାଗ ହତ୍ୟା ଭଳି ଅନେକ ଘଟଣା ଜନସାଧାରଣରେ ପୋଲିସର ଛବିକୁ ମଳିନ କରିଥିବାବେଳେ ବର୍ତ୍ତମାନ ସୋହେଲା ଥାନା ପରିସରରେ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର କରାଯିବା ଭଳି ସମ୍ବେଦନଶୀଳ ଘଟଣା ଘଟିଛି । ଏହି ଘଟଣାରେ ଜଣେ ଯୁବକଙ୍କ ସମେତ ଖୋଦ୍ ସୋହେଲା ଥାନାର ଜଣେ ଏଏସ୍‌ଆଇ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ଏଠାରେ ପୋଲିସ ରକ୍ଷକ ହୋଇ ଭକ୍ଷକ ସାଜିଛି। ରବିବାର ପୀଡ଼ିତାଙ୍କ ବାପା ଅଭିଯୋଗ କରିବା ପରେ ଏ ନେଇ ମେଲଛାମୁଣ୍ଡା ଥାନାରେ ଆଇପିସିର ଧାରା ୩୬୩, ୩୬୬, ୩୭୬ ଓ ପୋକ୍ସୋ ଆକ୍ଟର ଧାରା ୬ ଅନୁସାରେ ଏକ ମାମଲା (ନଂ.୧୫/୧୯) ରୁଜୁ ହୋଇଛି । ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା କରିବା ସହ ପୀଡିତା ଛାତ୍ରୀଙ୍କୁ ଡାକ୍ତରୀ ମାଇନା ପାଇଁ ବରଗଡ ପଠାଇଛି ।

ସୂଚନା ଅନୁସାରେ, ମେଲଛାମୁଣ୍ଡା ଥାନା ଅଞ୍ଚଳର ଏହି ନାବାଳିକା ତାଙ୍କ ମାମୁଘରେ ରହି ଦଶମ ଶ୍ରେଣୀରେ ପଢୁଥିଲେ । ସେ ଗତ ଶୁକ୍ରବାର ସକାଳ ସାଢେ ୬ଟାରେ ନିକଟସ୍ଥ ଏକ ଗ୍ରାମକୁ ଟିଉଶନ ଯାଇ ଘରକୁ ଫେରି ନ ଥିଲେ। ମାମୁଘର ଲୋକେ ତାଙ୍କୁ ଖୋଜାଖୋଜି କରି ନ ପାଇବାରୁ ସନ୍ଧ୍ୟାରେ ମେଲଛାମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ଉକ୍ତ ଛାତ୍ରୀଙ୍କୁ ଖୋଜାଖୋଜି କରିଥିଲା। ମେଲଛାମୁଣ୍ଡା ପୋଲିସ ଶନିବାର ରାତି ୮ଟାରେ ଉକ୍ତ ନାବାଳିକା ଛାତ୍ରୀଙ୍କୁ ସୋହେଲାରୁ ଉଦ୍ଧାର କରି ପରିବାର ଲୋକଙ୍କ ଜିମା ଦେଇଥିଲା। ପରିବାର ଲୋକେ ନାବାଳିକାଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ଜଣେ ଯୁବକଙ୍କ ସମେତ ସୋହେଲା ଥାନାର ଜଣୈକ ପୋଲିସ ଅଧିକାରୀ ତାଙ୍କୁ ବଳାତ୍କାର କରିଥିବା ଜଣାପଡିଥିଲା।

ଥାନାରେ ଦାୟର ହୋଇଥିବା ଏତଲା ମୁତାବକ, ଗତ ଶୁକ୍ରବାର ସକାଳେ ମେଲଛାମୁଣ୍ଡା ଗ୍ରାମର ଜଣେ ଯୁବକ ପୀଡ଼ିତାଙ୍କୁ ଏକ ବାଇକ୍‌ରେ ବସାଇ ସୋହେଲା ନେଇଥିଲେ। ସେ ସୋହେଲା ଥାନା ଆଗରେ ବାଇକ୍ ରଖିଥିଲେ। ଥାନାର ଜଣେ ଏଏସ୍‌ଆଇଙ୍କଠାରୁ ବାହାରେ ଥିବା ତାଙ୍କ ଭଡାଘର ଚାବି ଆଣି ତାଙ୍କୁ ସେଠାକୁ ନେଇଥିଲେ। ସେଠାରେ ବଳାତ୍କାର କରିବା ପରେ ନାବାଳିକାଙ୍କୁ ଉକ୍ତ ଘର ଭିତରେ ରଖି ବାହାରୁ ତାଲା ପକାଇ ପଳାଇ ଯାଇଥିଲେ। ଏଏସଆଇ ଜଣକ ସନ୍ଧ୍ୟାରେ ଭଡାଘରକୁ ଆସି ପୀଡିତାଙ୍କ ମୁହଁରେ କପଡା ବାନ୍ଧି ଥାନା ☞ପୃଷ୍ଠା-୪

■ ଟିଏମ୍‌ସି ବିଧାୟକ ହତ୍ୟାକାଣ୍ଡ

## ମୁକୁଲ ରୟଙ୍କ ବିରୋଧରେ ଏତଲା



କୋଲକାତା,୧୦।୨(ପି.ଟି.)

ତୃଣମୂଳ କଂଗ୍ରେସ (ଟିଏମ୍‌ସି) ବିଧାୟକ ସତ୍ୟଜିତ୍ ବିଶ୍ୱାସ ହତ୍ୟାକାଣ୍ଡକୁ ନେଇ ରାଜନୈତିକ କାଦୁଅଫିଙ୍ଗା ଜୋର ଧରିଛି। ହତ୍ୟାକାଣ୍ଡ ପାଇଁ ଶାସକ ଟିଏମ୍‌ସି ବିଧାୟକ ଭାଜପାକୁ ଦାୟୀ କରିଛି। ପୋଲିସରେ ଦାଏର ଏତଲାରେ ଭାଜପା ନେତା ମୁକୁଲ ରୟ ହତ୍ୟା ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ମୁକୁଲଙ୍କ ବ୍ୟତୀତ ଏତଲାରେ ଉଲ୍ଲେଖ ଥିବା ଅନ୍ୟ ୩ ଜଣଙ୍କ ମଧ୍ୟରୁ ୨ ଜଣଙ୍କୁ ଗିରଫ କରାଯାଇଛି। ଟିଏମ୍‌ସିର ପୂର୍ବତନ ସାଧାରଣ ସମ୍ପାଦକ ମୁକୁଲଙ୍କର ଦଳ ସୁପ୍ରିମୋ ମମତା ବାନାର୍ଜୀଙ୍କ ସହ ମତଭେଦ ହେବାରୁ ସେ ଗତବର୍ଷ ଦଳ ଛାଡି ଭାଜପାରେ ଯୋଗ ଦେଇଥିଲେ। ଟିଏମ୍‌ସିର ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ଅନ୍ୟ ପକ୍ଷରେ ବିଶ୍ୱାସଙ୍କ ହତ୍ୟାର କାରଣ ଟିଏମ୍‌ସିରେ ଅନ୍ତର୍ଦ୍ୱନ୍ଦ୍ୱ କାରଣରୁ ହୋଇଥିବା ସେ ଅଭିଯୋଗ କରିଛନ୍ତି। ମନ୍ତ୍ରୀ ଓ ବିଧାୟକ ଯୋଗ ଦେଉଥିବା ପୂଜା ପେଣ୍ଡାଲରେ ସୁରକ୍ଷାରେ ତ୍ରୁଟି ପାଇଁ ଥାନାର ଭାରପ୍ରାପ୍ତ ଅଧିକାରୀ ଏବଂ ଜଣେ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ବିଧାୟକ ବିଶ୍ୱାସଙ୍କୁ ପଛପଟୁ ଗୁଳି କରାଯାଇଥିଲା ଏବଂ ଏହା ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି।

# ପୁରୁଣା ଖାଦାନରୁ ଚାଲିଛି ଲୁଟ୍

ଯାଜପୁର ଅଫିସ,୧୦।୨



ବେଆଇନ ଭାବେ ପଥର ଚୋରାଚାଲାଣ ଚାଲିଛି।

■ ବିପଦରେ ରାଣୀବନ୍ଧି ଡ୍ୟାମ
■ ଚାଷୀ ମହଲରେ ଅସନ୍ତୋଷ
■ ଆଖିବୁଜିଛି ପ୍ରଶାସନ

ଯାଜପୁର ଜିଲା ଧର୍ମଶାଳା ତହସିଲ ରାହାଡ଼ପୁର ବେଆଇନ କଳାପଥର ଖାଦାନ ଉପରେ ଜିଲା ପ୍ରଶାସନର କାର୍ଯ୍ୟାନୁଷ୍ଠାନ ପ୍ରଭାବହୀନ ହୋଇଛି। ଏହି ଖାଦାନକୁ କ୍ଲୋଜର ନୋଟିସ ଦେଇ ଜିଲା ପ୍ରଶାସନ ସାଧାରଣରେ ପ୍ରଶଂସିତ ହୋଇଥିଲା। ହେଲେ ଏକ ସପ୍ତାହ ନ ପୁରୁଣୁ ପଥର ବ୍ୟବସାୟୀଙ୍କ ପ୍ରଭାବ ଆଗରେ ଜିଲା ପ୍ରଶାସନର ଦମ୍ଭ ଭାଙ୍ଗି ଯାଇଛି। ଡଙ୍କାରୀ ଓ ରାହାଡ଼ପୁରରେ ୧୪୪ ଧାରା ଜାରି ପରେ ନିକଟସ୍ଥ ରାଣୀବନ୍ଧି ଡ୍ୟାମକୁ ଲାଗିଥିବା ଏକ ପୁରୁଣା ଖାଦାନରୁ ବେଆଇନ ଭାବେ ଖୋଳି ସେଠାରୁ ବଡ଼ବଡ଼ ପଥର ଉତ୍ତୋଳନ କରାଯାଇ ଦୈନିକ ୫୦ରୁ ଊର୍ଦ୍ଧ୍ୱ ଟ୍ରିପ୍ ଚୋରାଚାଲାଣ କରାଯାଉଛି। ଏଥିଯୋଗୁ ପୁଣି ରାଣୀବନ୍ଧି ଉପରେ ବିପଦ ମାଡ଼ିଆସିଛି। ଏହାବାଦ ଯାଜପୁର-ଢେଙ୍କାନାଳ ସୀମାନ୍ତବର୍ତ୍ତୀ ବିଚ୍ଛିନ୍ନାଞ୍ଚଳ ନିଷ୍କ୍ରୀୟ ପାହାଡ଼ରୁ ବେଆଇନ ପଥର ଉତ୍ତୋଳନ ହୋଇ ଏଠାର ଏସ୍‌ଏସ୍ କ୍ରସରକୁ ବେଆଇନ ଭାବେ ଯୋଗାଣ ହେଉଥିବା ଅଭିଯୋଗ ହେଉଛି।

ସୂଚନାଯୋଗ୍ୟ ଯେ, ରାହାଡ଼ପୁର ପାହାଡ଼ର ୬ ଓ ୧୦ ନମ୍ବର ଖାଦାନ ଉପରେ ଗତ ୫ ତାରିଖରେ ତହସିଲ ପ୍ରଶାସନ ୧୪୪ ଧାରା ଜାରି କରି କ୍ଲୋଜର ନୋଟିସ ଦେଇଥିଲା। ଏହାସହ ପାହାଡ଼କୁ ସଂଯୋଗ କରୁଥିବା ରାସ୍ତାରେ ଜେସିବି ମାଧ୍ୟମରେ ଗର୍ତ୍ତ କରାଯାଇ ଯାନବାହନ ଗମନାଗମନ ଉପରେ ରୋକ ଲଗାଯାଇଥିଲା। ଡଙ୍କାରୀ ଓ ରାହାଡ଼ପୁର ଖାଦାନ ବନ୍ଦ ହେବା ପରେ ଜଣେ ଜିଲା ପରିଷଦ ସଭ୍ୟଙ୍କ ପ୍ରୋତ୍ସାହନରେ ଏହି ପୁରୁଣା ଖାଦାନକୁ ଖୋଳା ଯାଇଥିବା ଚର୍ଚ୍ଚା ହେଉଛି । ଏଠାରୁ ବଡ଼ବଡ଼ ପଥର ଉତ୍ତୋଳନ କରି ପାରାଦୀପ, ଧାମରା, ରାଜନଗର ପ୍ରଭୃତି ଅଞ୍ଚଳକୁ ଚୋରାଚାଲାଣ କରାଯାଉଛି। ଜଙ୍ଗଲ ଓ ପରିବେଶ ବିଭାଗ କିମ୍ବା ଜିଲା ପ୍ରଶାସନରୁ କୌଣସି ଅନୁମତି ମିଳି ନ ଥିବା ବେଳେ ଅବାଧରେ ପଥର ଚୋରା ଚାଲାଣ ହୋଇଚାଲିଛି। ସବୁ ଦେଖି ପ୍ରଶାସନ ଆଖି ବୁଜି ଦେଉଥିବା ଭଳି ପ୍ରତୀୟମାନ ହେଉଛି। ଏହାଦ୍ୱାରା ରାଣୀବନ୍ଧି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଉପରେ ଆହୁରି ବିପଦ ସୃଷ୍ଟି ହେଉଛି।

୧୯୮୮ରୁ ଡଙ୍କାରୀ ଓ ରାହାଡ଼ପୁର ପାହାଡ ପାଦଦେଶରେ ରାଣୀବନ୍ଧି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ହୋଇଛି। ଏହି ପ୍ରକଳ୍ପ ପାଣିରେ ରମେଇ, କାଦୁଅମାଗୁର ଆଦି ଗ୍ରାମର ପ୍ରାୟ ୪୮ ହେକ୍ଟର ଜମିରେ ଜଳସେଚନର ପରିକଳ୍ପନା କରାଯାଇଛି । କିନ୍ତୁ ଡଙ୍କାରୀ ପାହାଡ଼ରେ କଳାପଥର ଖନନ ଆରମ୍ଭ ପରେ ଜଳସେଚନ ଠପ୍ ହୋଇଯାଇଛି। ପାହାଡ଼ର ବିଭିନ୍ନ ସ୍ଥାନରେ ଖନନ ଯୋଗୁ ବର୍ଷା ପାଣି ଠିକ୍ ଭାବେ ପାଦଦେଶକୁ ଆସି ପାରୁନାହିଁ। ପାହାଡ଼ରୁ ଝଡୁଥିବା ଉଡୁକାଳୀନ ଝରଣା ମଧ୍ୟ ଏଠାରେ ବନ୍ଦ ହୋଇଯାଇଛି। ଫଳରେ ରାଣୀବନ୍ଧି ଡ୍ୟାମରେ ଜଳ ସଂରକ୍ଷିତ ହୋଇ ନ ପାରି ଚାଷୀମାନଙ୍କ ଆଶା ମଉଳି ଯାଇଛି। କଳାପଥର ଖାଦାନର ପଥର ଗୁଣ୍ଡ ଯୋଗୁ ଏହି ଡ୍ୟାମ ତା'ର ଅସ୍ତିତ୍ୱ ମଧ୍ୟ ହରାଇବାକୁ ବସିଛି ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ପତ୍ରସଂଖ୍ୟା ୮୨/୩୧।୧।୨୦୧୮ରେ ସୂଚନା ମିଳିଛି। ଏବେ ରାଣୀବନ୍ଧିକୁ ଲାଗି ରହିଥିବା ପୁରୁଣା ଖାଦାନ କାର୍ଯ୍ୟକାରୀ ହେଲେ ଯେଉଁ ପାଣି ଟିକକ ସଂରକ୍ଷିତ ରହୁଥିଲା ତାହା ମଧ୍ୟ ବନ୍ଦ ହୋଇଯିବ ବୋଲି ଚାଷୀମାନେ ଆଶଙ୍କା ☞ପୃଷ୍ଠା-୪

**ଡଙ୍କାରୀ, ରାହାଡ଼ପୁରରେ ୧୪୪ ଧାରା ଜାରି**

# ସ୍ୱାମୀଙ୍କ ମୃତଦେହ ଦେଖି ଜୀବନ ହାରିଲେ ସ୍ତ୍ରୀ

ଖୋର୍ଦ୍ଧା ଅଫିସ,୧୦।୨:

ବିପଦ ସମୟରେ ଧୈର୍ଯ୍ୟ ନ ଧରିଲେ କେଉଁଭଳି ଦୁଃଖଦ ପରିସ୍ଥିତି ସୃଷ୍ଟି ହୁଏ ତାହା ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ନାଚୁଣୀ ଫାଣ୍ଡି ଅଧୀନ ବଡ଼ଦଦର ଗାଁରେ। ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ମୃତଦେହ ଦେଖି ଏତେ ମ୍ରିୟମାଣ ହୋଇଗଲେ ଯେ, ଅନ୍ୟ ସବୁକଥାକୁ ତୁଚ୍ଛ ମନେ କରି ନିଜ ଜୀବନ ହାରିଦେଲେ। ଫଳରେ ମା'ବାପା ବୋଲି କିଛି ଜାଣିବା ପୂର୍ବରୁ ସେମାନଙ୍କ ଦେଢ଼ବର୍ଷର ଶିଶୁପୁତ୍ର ଅସହାୟ ହୋଇଯାଇଛନ୍ତି। ଏବେ ତାଙ୍କ ଲାଳନପାଳନ ଭାର ଠିକ୍ ଭାବେ ଉଠିବସିପାରୁ ନ ଥିବା ୭୨ ବର୍ଷ ବୟସ୍କା ଜେଜେମା'ଙ୍କ ଉପରେ ରହିଛି। ଗୋଟିଏ ପଟେ ଜୀବନର ଶେଷ ସମୟରେ ପୁଅବୋହୂଙ୍କୁ ହରାଇବାର ଦୁଃଖ ତାଙ୍କୁ ଭାଙ୍ଗିଦେଉଥିବାବେଳେ ଅନ୍ୟପଟେ ନାତିର ଲାଳନପାଳନ ଚିନ୍ତା ଘାରୁଛି। ଘଟଣାଟି ଏହିପରି। ବଡ଼ଦଦର ଗାଜିମୁଣ୍ଡସାହିର ଶଙ୍କର ଭୋଳଙ୍କର ୫ ପୁଅ। ଶଙ୍କରଙ୍କ ମୃତ୍ୟୁ ଘଟିସାରିଥିବାବେଳେ ୫ ପୁଅ ଅଲଗା ରହୁଥିଲେ। ଶଙ୍କରଙ୍କ ସ୍ତ୍ରୀ ଶଶି ପୁଅମାନଙ୍କ ପାଖରେ ରହି ଆସୁଥିଲେ। ସାନପୁଅ ମହାଦେବ ଭୋଳ(୨୬) ଗଞ୍ଜାମ ଜିଲାର ରେବତୀ(୨୨)ଙ୍କୁ ବିବାହ କରିଥିଲେ।

**ଦେଢ଼ବର୍ଷର ଶିଶୁପୁତ୍ର ଅସହାୟ**

ଦେଢ଼ବର୍ଷ ତଳେ ସେମାନଙ୍କ ଶିଶୁପୁତ୍ର ଜନ୍ମ ହୋଇଥିଲା। ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ମହାଦେବ ହାଇଦ୍ରାବାଦ ଯାଇଥିଲେ। ସେଠାରେ ଜଣେ ଠିକାଦାରଙ୍କର ପୋକ୍‌ଲିନ ଚାଳକ ଭାବେ କାମ କରୁଥିଲେ। ଯାହା ରୋଜଗାର ହୁଏ ସେଠାରେ ନିଜେ ଚଳିବା ସହ ପରିବାର ପାଇଁ ଟଙ୍କା ପଠାନ୍ତି। ହେଲେ ଗତ ୭ ତାରିଖ ଥିଲା ତାଙ୍କ ପାଇଁ କାଳର ଦିନ। ମହାଦେବ ବସା ଘରେ ବିଶ୍ରାମ ନେଉଥିଲେ। ଏହିସମୟରେ ଏକ ରଣା ସାପ ତାଙ୍କ ପେଟକୁ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଫୋନ ଯୋଗେ ମହାଦେବଙ୍କ ମୃତ୍ୟୁ ଖବର ପରିବାର ସଦସ୍ୟ ପାଇଥିଲେ। ଫଳରେ ଘରେ ଚୁଲି ଜଳି ନ ଥିଲା। ମହାଦେବଙ୍କ ଭାଇ ମୃତଦେହ ଆଣିବା ପାଇଁ କେତେଜଣ ସହଯୋଗୀଙ୍କ ସହ ହାଇଦ୍ରାବାଦ ଯାଇଥିଲେ। ଶନିବାର ରାତିରେ ମହାଦେବଙ୍କ ମୃତଦେହ ଗାଁରେ ପହଞ୍ଚିଥିଲା। ଆତ୍ମୀୟ ସ୍ୱଜନ, ଗାଁ ଲୋକ ମୃତଦେହକୁ ଶ୍ମଶାନ ନେବା ପାଇଁ ପ୍ରସ୍ତୁତ ☞ପୃଷ୍ଠା-୪

# ୫ ଆତଙ୍କବାଦୀ ନିହତ

ଶ୍ରୀନଗର,୧୦।୨(ପି.ଟି.)



ଜମ୍ମୁ କଶ୍ମୀରର କୁଲଗାମ୍ ଜିଲାରେ ରବିବାର ସୁରକ୍ଷା କର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଛି। କେଲେମ ଗାଁକୁ ସର୍ଚ୍ଚ ଅପରେଶନରେ ଯାଇଥିବା ସୁରକ୍ଷା ବଳ ଟିମ୍ ଉପରକୁ ଆତଙ୍କବାଦୀମାନେ ଗୁଳିବର୍ଷଣ କରିବାରୁ ସୁରକ୍ଷା ଯବାନଙ୍କ ପାଲଟା ଜବାବ୍‌ରେ ୫ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ସେମାନଙ୍କୁ ଚିହ୍ନଟ କରାଯାଇଛି। ମୃତ ଆତଙ୍କବାଦୀ ଓ୍ୱାସିମ୍ ଅହମ୍ମଦ ରାଠର, ଆକିବ୍ ନଜିର ମୀର, ପରଭେଜ୍ ଅହମ୍ମଦ ଭଟ, ଇଦ୍ରିଶ୍ ଅହମ୍ମଦ ଭଟ, ଜାହିଦ୍ ଅହମ୍ମଦ ପରାୟ, ହିଜ୍‌ବୁଲ ମୁଜାହିଦିନ ଏବଂ ଲଶ୍କର-ଇ-ତୋଇବା ଆତଙ୍କବାଦୀ ସଙ୍ଗଠନର ସଦସ୍ୟ ଥିଲେ ବୋଲି ପୋଲିସ କହିଛି। ଏହି ଏନ୍‌କାଉଣ୍ଟରକୁ ବିରୋଧ କରି ବିକ୍ଷୋଭ ହୋଇଥିଲା। ଏନ୍‌କାଉଣ୍ଟରସ୍ଥଳରେ ବିକ୍ଷୋଭକାରୀ ଓ ସୁରକ୍ଷା ଯବାନ ମୁହାଁମୁହିଁ ହୋଇଥିଲେ। ତେବେ ଏଥିରେ କେହି ଆହତ ହୋଇ ନ ଥିବା ଜଣାଯାଇଛି। ଉତ୍ତେଜନା ବଳବତ୍ତର ରହିଥିବାରୁ ଆଇନଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ପାଇଁ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

**ଆଜିର ସମ୍ପାଦକୀୟ**

ମଧ୍ୟସ୍ଥର ନାହିଁ ପ୍ରୟୋଜନ

**ଆଜିର ମନ୍ତବ୍ୟ**

ଫେଲ୍ ଛାତ୍ର ସତ୍ତ୍ୱେ ଟପ୍ପରଙ୍କୁ ଘୃଣା କରନ୍ତି।
– ଅରୁଣ ଜେଟ୍‌ଲୀ, କେନ୍ଦ୍ରମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ବର୍ଷ ଜାନୁଆରୀରେ ଦେଶର ଅଶୋଧିତ ଇସ୍ପାତ ଉତ୍ପାଦନ ୪% ହ୍ରାସ ଘଟି ୮.୯୯ ନିୟୁତ ଟନ୍ ରହିଛି।
–ୱାର୍ଲ୍ଡ ଷ୍ଟିଲ ଆସୋସିଏଶନ



SUDHAKAR
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com

NECC NATIONAL EGG CO-ORDINATION COMMITTEE 10.02.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 78 | 129 | 139 |
| CTC | 79 | 131 | 141 |
| DKL | 78 | 129 | 139 |
| BDK | 81 | 133 | 143 |
| BLS | 82 | 135 | 145 |
| ANG | 80 | 132 | 142 |

*Conditions Apply
Eggs Retail Price- 52/-Dozen
Issued in the Interest of Consumers











For a test drive, SMS 'KWID' to 53030 or call on 1800 300 44444 (Open from Monday to Sunday between 7:00 am to 11:00 pm). Also available in CSD. Special offers for Defence Personnel, Government, PSU and Corporate employees.

Terms and conditions apply. #Price mentioned is for the base variant for ex-showroom Bhubaneswar and is exclusive of local taxes. Offers may vary across variants and cities. Benefits are applicable only on select variants of 2018 manufacturing. ***Contact your nearest dealer for loan amount and tenure details. All finance offers through the dealer, and at the sole discretion of the financier. **Warranty of 4 Years include (Manufacturer Warranty of 2 Years or 50,000 km + Extended Warranty of 2 Years or 50,000 km). The above mentioned offers are valid till 28th February, 2019. ^Benefits of ₹45,000 include insurance at ₹1, Exchange bonus of ₹20,000 and Cash benefit of ₹10,000 for MT variants only. Exchange at the sole discretion of Renault Selection only. For detailed offers, visit www.renault.co.in/offers. Accessories, features, colours shown may not be part of the standard fitment and will differ variant-wise. Renault India Pvt. Ltd. reserves the right to change or cancel the mentioned schemes and understand the offer details. In the event of any dispute, all matters shall be governed by all applicable laws of India and Court at Gurugram shall have the exclusive jurisdiction. For detailed terms and conditions, please visit www.renault.co.in.

SHOWROOMS: ODISHA: BHUBANESWAR: RENAULT Bhubaneswar North Mob: +91 9643800532, RENAULT Bhubaneswar Mob: +91 8860076082. BALANGIR: RENAULT Balangir Mob: +91 9643800378. JHARSUGUDA: RENAULT Jharsuguda Mob: +917290055349. ROURKELA: RENAULT Rourkela Mob: + 91 8860875802, + 91 9778845542. SAMBALPUR: RENAULT Sambalpur Mob: +91 8860048351.

LOK | SAATCHI & SAATCHI

ହେ ଈଶ୍ୱରଙ୍କର ବୀରସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ- ତୁମର କର୍ମ ଏକ ଉତ୍ସର୍ଗ- ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ।
-ଶ୍ରୀଅରବିନ୍ଦ

# ମଧ୍ୟସ୍ଥର ନାହିଁ ପ୍ରୟୋଜନ

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଦେଶର ପ୍ରମୁଖ କ୍ଷମତାକେନ୍ଦ୍ର ଭାବେ ଜଣାଶୁଣା। ରାଷ୍ଟ୍ର ହିତରେ ନ ଲାଗି ଏହା ଯେତେବେଳେ ଅହଂକାର ଓ ଆର୍ଥିକ କାରବାର ସହିତ ପ୍ରବଳ ମାତ୍ରାରେ ଜଡ଼ିତ ହୋଇଯାଏ, ସେତେବେଳେ ଦୁର୍ନୀତିର ଗନ୍ତାଘର ପାଲଟିବାର ଆଶଙ୍କା ଥାଏ। ନିକଟ ଅତୀତରେ ପିଏମ୍‌ଓର ଶୀର୍ଷ ଅଧିକାରୀଙ୍କ ଅଯଥା ହସ୍ତକ୍ଷେପ ଯୋଗୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ରସାତଳକୁ ଯିବା ସହ ଏହାର ମର୍ଯ୍ୟାଦାହାନି ହୋଇଛି। କିଛି ମାସ ତଳେ ସିବିଆଇ ମୁଖ୍ୟ ଭାବେ ଆଲୋକ ବର୍ମା ଓ ଦ୍ୱିତୀୟ ଶୀର୍ଷ ଅଧିକାରୀ ରାକେଶ ଆସ୍ଥାନାଙ୍କ ମଧ୍ୟରେ କଳିକୁ ପିଏମ୍‌ଓ ବଢ଼ାଇଥିଲା। କେବଳ ସେତିକି ନୁହେଁ, ପିଏମ୍‌ଓରେ ଥିବା ସର୍ବୋଚ୍ଚ ଅଧିକାରୀଙ୍କ ମଧ୍ୟରେ ଅହଂକାର ଲଢ଼େଇର ଖେଳଣା ସାଜିଥିଲେ ଏହି ଦୁଇ ଅଧିକାରୀ। ସେହିପରି କୋଲକାତାରେ ଯେଉଁ ସିବିଆଇ ନାଟକ ମଞ୍ଚସ୍ଥ ହୋଇ ସୁପ୍ରିମକୋର୍ଟ ଯାଏ କଥା ଗଲା, ତା' ପଛରେ ପିଏମ୍‌ଓ ଥିବା ଆଲୋଚନା ହେଉଛି। ଦେଶର ସ୍ୱତନ୍ତ୍ର ତଥା ସ୍ୱାଧୀନ ସଂସ୍ଥାଗୁଡ଼ିକରେ ପିଏମ୍‌ଓରୁ ସିଧାସଳଖ ନିର୍ଦ୍ଦେଶ ଦିଆଯାଉଥିବା ନେଇ ଅନେକ ସମୟରେ ଅଭିଯୋଗ ଆସୁଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ), ନ୍ୟାଶନାଲ ସାମ୍ପଲ ସର୍ଭେ ଅଫିସ (ଏନ୍‌ଏସ୍‌ଏସ୍‌ଓ), ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ ରାଜନୈତିକ ଉଦ୍ଦେଶ୍ୟ ରଖି ବ୍ୟବହାର କରାଯାଉଥିବାର ପ୍ରମାଣ ମିଳିସାରିଲାଣି। ପିଏମ୍‌ଓର ହସ୍ତକ୍ଷେପ ଯୋଗୁ ଜଣକ ପରେ ଜଣେ ଆର୍‌ବିଆଇ ଗଭର୍ନର ପଦ ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି। ଏସବୁକୁ ଏବେ ଟପି ଯାଇଛି ରାଫାଲ ଯୁଦ୍ଧ ବିମାନ କିଣାରେ ପିଏମ୍‌ଓର ହସ୍ତକ୍ଷେପ। ଏହାକୁ ନେଇ ଦେଶ ରାଜନୀତି ସରଗରମ ହୋଇଛି।

ପୂର୍ବରୁ ଏହିଭଳି ଅସ୍ତ୍ରଶସ୍ତ୍ର କିଣାରେ ମଧ୍ୟସ୍ଥଙ୍କ ଦ୍ୱାରା ଦୁର୍ନୀତି ହେଉଥିଲା ବୋଲି ଦୋଷାରୋପ କରାଯାଉଥିଲା। ହେଲେ ଫ୍ରାନ୍ସର ଦାସଲ୍ଟ ଆଭିଏଶନ୍ କମ୍ପାନୀ ସହିତ ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ରାଫାଲ ଲଢୁଆ ବିମାନ କିଣିବା ସମ୍ପର୍କରେ ଆଲୋଚନା କରୁଥିବା ବେଳେ ପିଏମ୍‌ଓ ମୂଳଚାଲ ଓ 'ସମାନ୍ତରାଳ ଆଲୋଚନା' କରୁଥିଲା ବୋଲି ଏବେ ଜଣାପଡ଼ିଛି । ଏହାର ଅର୍ଥ ହେଲା ଖୋଦ୍ ପିଏମ୍‌ଓ ହୋଇଯାଇଛି ମଧ୍ୟସ୍ଥ ବା ତୃତୀୟ ପକ୍ଷ। ଏହି କଥା ଜାଣିପାରି ୨୦୧୫ ନଭେମ୍ବର ୨୪ରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଏକ ନୋଟ୍‌ରେ ଅସନ୍ତୋଷ ବ୍ୟକ୍ତ କରିଥିଲା। ଏଥିସହ ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକରଙ୍କ ଦୃଷ୍ଟି ଆକର୍ଷଣ କରି ପିଏମ୍‌ଓର ସମ୍ପୃକ୍ତ ଅଧିକାରୀଙ୍କୁ ସମାନ୍ତରାଳ ଆଲୋଚନାରୁ ନିବୃତ୍ତ ରହିବାକୁ ପରାମର୍ଶ ଦେବା ଲାଗି ମନ୍ତ୍ରଣାଳୟର ସଚିବଙ୍କ ପକ୍ଷରୁ ଉକ୍ତ ନୋଟ୍‌ରେ ଉଲ୍ଲେଖ କରାଯାଇଥିଲା। ପ୍ରତିରକ୍ଷା ସଚିବଙ୍କ ଦ୍ୱାରା ଫାଇଲ୍‌ରେ ଲେଖାଯାଇଥିବା ନୋଟ୍ ପଦାରେ ପଡ଼ିବା ପରେ ଏବେ ଏହାକୁ ଅନେକ ପ୍ରକାରରେ ଖଣ୍ଡନ କରାଯାଉଛି। କୁହାଯାଉଛି ଯେ, ସେହି ଫାଇଲରେ ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକର ସଚିବଙ୍କ କଥାକୁ ଖଣ୍ଡନ କରିଥିଲେ। ତେବେ ଏହି ଦୁଇଟି ମନ୍ତବ୍ୟର ତାରିଖ ଦେଖିଲେ ଏକ ମାସରୁ ଊର୍ଦ୍ଧ୍ୱ ସମୟର ବ୍ୟବଧାନ ବାରି ହୋଇପଡୁଛି। ସେଥିରୁ ସହଜରେ ବୁଝାପଡ଼ିବ ଯେ, ଏତେ ଦୀର୍ଘ ସମୟ ମଧ୍ୟରେ ସବୁ ପ୍ରମାଣକୁ ନଷ୍ଟ କରି ଦିଆଯାଇଥିଲା।

ଦେଶର ସବୁଠାରୁ ସମ୍ବେଦନଶୀଳ କ୍ଷେତ୍ର ହେଉଛି ପ୍ରତିରକ୍ଷା। ହେଲେ ଦେଖାଯାଇଛି ସ୍ୱାଧୀନତା ପରେ ଯେତେ ସରକାର ଆସିଛନ୍ତି, ପ୍ରତିରକ୍ଷା ଦୁର୍ନୀତିରେ ସମ୍ପୃକ୍ତ ଥିବା ବାରମ୍ବାର ଅଭିଯୋଗ ହୋଇଆସିଛି। ବୋଫର୍ସ ତୋପ କିଣାଠାରୁ ଆରମ୍ଭ କରି ଅଗୁସ୍ତା ଓ୍ୱେଷ୍ଟଲାଣ୍ଡ ଓ ଏବର ରାଫାଲ ପର୍ଯ୍ୟନ୍ତ ଦୁର୍ନୀତିର ତାଲିକା ହିସାବ କଲେ ଏହା ଲମ୍ବିଚାଲିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପୂର୍ବରୁ ଉପା ସରକାର ସମୟରେ ହୋଇଥିବା ଦୁର୍ନୀତିକୁ ଦୋହରାଇ ଚାଲିଥିଲେ। ଜନସାଧାରଣ ଉପାର କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ତାଙ୍କୁ କ୍ଷମତାସୀନ କରିଥିଲେ ମଧ୍ୟ ଏହି ସରକାର ସ୍ୱଚ୍ଛ ଭାବମୂର୍ତ୍ତି ବଜାୟ ରଖିବାରେ ଅସମର୍ଥ ହୋଇଥିବା ଘଟଣା ଏବେ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ରାଫାଲ ସଂକ୍ରାନ୍ତରେ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବା ପରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ରାହୁଲଙ୍କ ଅଭିଯୋଗକୁ ବର୍ତ୍ତମାନର ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ୍ ଖଣ୍ଡନ କରିଥିଲେ ମଧ୍ୟ ସରକାର ଯୁଗ୍ମ ସଂସଦୀୟ କମିଟି (ଜେପିସି) ଗଠନ କରିବାକୁ ଅମଙ୍ଗ ହେଉଥିବାରୁ ମୋଦି ସରକାରଙ୍କ ଶାସନ ଉପରେ ସନ୍ଦେହ ସୃଷ୍ଟି ହୋଇଛି। ଯଦି ସରକାର ସଚ୍ଚୋଟ, ତେବେ ଜେପିସି ବସାଇବାର କୌଣସି ବାଧା ରହିବା କଥା ନୁହେଁ। ଏତଦ୍‌ବ୍ୟତୀତ ସରକାରଙ୍କ ଦ୍ୱାରା ପରିଚାଳିତ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍)ର କାର୍ଯ୍ୟଦକ୍ଷତା ବୃଦ୍ଧି କରାଇବାକୁ ଯାଇ ରାଫାଲ ଚୁକ୍ତିରେ ତାହାର ସମ୍ପୃକ୍ତିକୁ ସୁରକ୍ଷିତ ରଖାଯାଇପାରିଥାଆନ୍ତା। ସେହି କାର୍ଯ୍ୟ କରାଯାଇ ନାହିଁ। ଅନ୍ୟପଟେ ଅନିଲ ଅମ୍ବାନୀଙ୍କ ଦ୍ୱାରା ନୂତନ ଭାବେ ଗଢ଼ି ଉଠିଥିବା ରିଲାଏନ୍ସ ଡିଫେନ୍ସ ଲିମିଟେଡ୍ (ଆର୍‌ଡିଏଲ୍)କୁ ଦାସଲ୍ଟ ସହଯୋଗୀ କମ୍ପାନୀ ଭାବେ ଚୁକ୍ତିରେ ଅନ୍ତର୍ଭୁକ୍ତ କରାଗଲା। ଏହା ମଧ୍ୟ ଏବେ ଅବିଶ୍ୱାସର କାରଣ ପାଲଟିଛି। ସେଥିପାଇଁ କୁହାଯାଉଛି ଯେ, ମଧ୍ୟସ୍ଥଙ୍କୁ ଦୂରେଇ ଦେଇ ପିଏମ୍‌ଓ ନିଜେ ସେହି କାର୍ଯ୍ୟ କରୁଛି।

ସମାଧାନ ଭାବରେ କୁହାଯାଇପାରନ୍ତା ଯେ, ଭବିଷ୍ୟତରେ ଯେତେବେଳେ ବି ଏହିଭଳି ଉଚ୍ଚମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ ସଂକ୍ରାନ୍ତ ଚୁକ୍ତି କରାଯିବ, ସେଥିରେ ସ୍ୱଚ୍ଛତା ସହିତ ଗୋପନୀୟତାର ଏକ ସନ୍ତୁଳନ ସୃଷ୍ଟି କରିବା ସର୍ବନିମ୍ନ ଆବଶ୍ୟକତା ହେବା କଥା।

# ଦୁର୍ନୀତିର ସ୍ୱରୂପ



ପ୍ରେମାନନ୍ଦ ନାୟକ

ତୃଣମୂଳ ସ୍ତରରେ ଲୋକମାନେ ଶାସନ ତଥା ବିକାଶରେ ପ୍ରତ୍ୟକ୍ଷ ଭାବେ ଭାଗୀଦାର ହୋଇପାରିଲେ ଦେଶର ପ୍ରକୃତ ଉନ୍ନତି ସାଧିତ ହେବ ବୋଲି ଚିନ୍ତାକରି ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରବର୍ତ୍ତନ ହୋଇଛି। ଏହା ଜରିଆରେ ଗ୍ରାମାଞ୍ଚଳର ବିକାଶ, ଦାରିଦ୍ର୍ୟ ଦୂରୀକରଣ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ଜୀବନଧାରଣର ମାନରେ ଉନ୍ନତି ଲାଗି ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। କିନ୍ତୁ ବାସ୍ତବ କ୍ଷେତ୍ରରେ ଯୋଜନାର ରୂପାୟନ ବେଳେ ବିନିଯୋଗ ଅର୍ଥରୁ ବିପୁଳ ପରିମାଣ ବାଟମାରଣା ହେବା ସହିତ ସାଧାରଣ ଜନତାଙ୍କୁ ଶୋଷଣ କରି କେତେଜଣ ଲାଭବାନ ହେଉଛନ୍ତି। ଫଳରେ ସରକାରଙ୍କ ଜନହିତକର ଯୋଜନାର ଲକ୍ଷ୍ୟ ସାଧିତ ହୋଇପାରୁ ନାହିଁ। ନିମ୍ନରେ ଖବରକାଗଜରୁ ପଢ଼ିଥିବା କେତେକ ସତ୍ୟ ଘଟଣା ଉଲ୍ଲେଖ କରୁଛୁ।

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଅଙ୍କରିଆପଦର ଗ୍ରାମର ଉଲ୍ଲେଶ ଦୀପଙ୍କ ନାମ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ତାଲିକାରେ ଆଗରେ ଥିବାବେଳେ କାର୍ଯ୍ୟାଦେଶ ପତ୍ର ପାଇଁ ସରପଞ୍ଚ ତାଙ୍କୁ ୨୦ ହଜାର ଟଙ୍କା ଲାଞ୍ଚ ମାଗିଲେ। ଗରିବ ଉଲ୍ଲେଶ ଅକ୍ଷମତା ପ୍ରକାଶ କରିବାରୁ ତାଙ୍କୁ ଉକ୍ତ ତାଲିକାରେ 'ମୃତ' ଦର୍ଶାଯାଇ ତାଲିକାରେ ବହୁ ତଳେ ଥିବା କିଛି ବଡ଼ବଡ଼ିଆ ହିତାଧିକାରୀଙ୍କୁ ଘର ଦିଆଗଲା। ଉଲ୍ଲେଶ ଜିଲାପାଳଙ୍କ ପାଖରେ ଅଭିଯୋଗ କଲାପରେ ଘଟଣାର ତଦନ୍ତ କରାଯାଇ ଅଙ୍କରିଆପଦର ପଞ୍ଚାୟତର ନିର୍ବାହୀ ଅଧିକାରୀ ଦେବରାଜ ମାଝିଙ୍କୁ ନିଲମ୍ବନ କରାଗଲା। ସେହିଭଳି ବେଗୁନିଆ ଅଞ୍ଚଳର ଜଗନ୍ନାଥ ମହାରଣା 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା' ଓ ପାଇଖାନା ନିର୍ମାଣ ବାବଦରେ ମଞ୍ଜୁର ହୋଇଥିବା ମୋଟ ୧ଲକ୍ଷ ୨୦ ହଜାର ଟଙ୍କା ମଧ୍ୟରୁ ୯୦ହଜାର ଟଙ୍କା ପାଇଥିଲେ। ଅବଶିଷ୍ଟ ୩୦ ହଜାର ଟଙ୍କା ପାଇଁ ବେଗୁନିଆ ବ୍ଲକ ଗ୍ରାମ ରୋଜଗାର ସେବକ ତାଙ୍କଠାରୁ ୧୦ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ହେଲେ। ଖୋର୍ଦ୍ଧା ଜିଲା ବାଲିଅନ୍ତା ବ୍ଲକ ଉମାଦେଇ ବ୍ରହ୍ମପୁର ପଞ୍ଚାୟତ ୪ ନମ୍ବର ୱାର୍ଡ଼ର ରାଜୁ ଭୋଇ 'ଇନ୍ଦିରା ଆବାସ' ପାଇଁ କାର୍ଯ୍ୟାଦେଶ ପାଇବା ପରେ ପ୍ରଥମ କିସ୍ତି ବାବଦରେ ୨୦ ହଜାର ଟଙ୍କା ପାଇଥିଲେ। ଦ୍ୱିତୀୟ କିସ୍ତି ପ୍ରଦାନ ପାଇଁ କାର୍ଯ୍ୟନିର୍ବାହୀ ଜଣକ ରାଜୁଙ୍କଠାରୁ ୩ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କଲେ। ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଉପରଦୁମୁକା ଗ୍ରାମର ହିତାଧିକାରୀ ମାଳତୀ ନାୟକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ମିଳିବା ପରେ ମାଳତୀଙ୍କ ଦିଅରଙ୍କଠାରୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଲ୍ କରାଇଦେବା ପାଇଁ ୫ ହଜାର ଟଙ୍କା ନେଉଥିବାବେଳେ ଭିଜିଲାନ୍ସ ତାଙ୍କୁ ଗିରଫ କଲା।

ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ 'ଇନ୍ଦିରା ଆବାସ', 'ବିଜୁ ପକ୍କାଘର', 'ମୋ କୁଡ଼ିଆ', 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା'ରେ ଗରିବ ଲୋକମାନେ ଘରଖଣ୍ଡେ ପାଇବା ପାଇଁ ପଞ୍ଚାୟତ ସ୍ତରରେ କିଭଳି ଶୋଷଣର ଶିକାର ହେଉଛନ୍ତି, ଉପରୋକ୍ତ ଘଟଣାଗୁଡ଼ିକ ତାହାର ଗୋଟିଏ ଗୋଟିଏ ନମୁନା ମାତ୍ର। ଏହିଭଳି ଘଟଣା ପ୍ରାୟ ସମସ୍ତ ପଞ୍ଚାୟତରେ ଘଟୁଛି। ସରକାରଙ୍କର ଅନ୍ୟ ଯୋଜନାଗୁଡ଼ିକ ମଧ୍ୟ ଦୁର୍ନୀତିମୁକ୍ତ ନୁହନ୍ତି। ବିଦ୍ୟାଳୟଗୁଡ଼ିକରେ ମିଥ୍ୟା ଉପସ୍ଥାନ ଦର୍ଶାଇ ମଧ୍ୟାହ୍ନଭୋଜନ ସାମଗ୍ରୀ ହେରଫେର କରାଯାଉଛି ତ ଯୋଗାଣ ଏବଂ ନିର୍ମାଣ କାର୍ଯ୍ୟରେ ପର୍ସେଣ୍ଟେଜ୍ ଦେଇ ବିପୁଳ ଅର୍ଥ ହଡ଼ପ ହେଉଛି।

ଏବେ ଅନ୍ୟାନ୍ୟ ରାଜ୍ୟ ଏବଂ କେନ୍ଦ୍ର ପ୍ରସଙ୍ଗକୁ ଆସିବା। ବିହାରର ଅରାରିଆ ଜିଲାର ୨୦୮୦ ପ୍ରାଥମିକ ବିଦ୍ୟାଳୟରେ ମୋଟ ସାଢେ ୫ଲକ୍ଷ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଉଥିବା ଦର୍ଶାଯାଉଥିଲେ ସୁଦ୍ଧା ବାସ୍ତବରେ ସେତିକି ସଂଖ୍ୟାରେ ପିଲା ନ ଥିବା ଅନୁଧ୍ୟାନରୁ ଜଣାପଡ଼ିଥିଲା। ୨୫୧ଜଣ ପ୍ରଧାନଶିକ୍ଷକଙ୍କ ବିରୋଧରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେମାନଙ୍କଠାରୁ ଜରିମାନା ଆକାରରେ ମୋଟ ୬୧ଲକ୍ଷ ୬୮ ହଜାର ଟଙ୍କା ଆଦାୟ କରିଛନ୍ତି। ବିଗତ ଦୁଇବର୍ଷରେ ଗଙ୍ଗାନଦୀ ସଫେଇ କାର୍ଯ୍ୟକ୍ରମରେ ସରକାର ପ୍ରାୟ ୭ହଜାର କୋଟି ଟଙ୍କା ଖର୍ଚ୍ଚ କରିସାରିଥିଲେ ମଧ୍ୟ ଆଶାନୁରୂପ ଫଳ ମିଳିପାରିନାହିଁ। ସୂଚନାଯୋଗ୍ୟ, ବିଗତ ୨୮ବର୍ଷ ମଧ୍ୟରେ କେନ୍ଦ୍ର ସରକାର ପ୍ରାୟ ୨୦ ହଜାର କୋଟି ଟଙ୍କା ଗଙ୍ଗାନଦୀ ସଫେଇ କାର୍ଯ୍ୟରେ ବ୍ୟୟ କରିଛନ୍ତି। କିନ୍ତୁ ଫଳ ଯଥା ପୂର୍ବଂ ତଥା ପରମ୍। ତିନିକୋଟି ଟଙ୍କା ଲାଞ୍ଚ କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ବମ୍ବେରେ କାର୍ଯ୍ୟରତ ଆୟକର ବିଭାଗ ଡେପୁଟି କମିଶନର ଜୟପାଲ ସ୍ୱାମୀଙ୍କ ସମେତ ତିନିଜଣଙ୍କୁ ସିବିଆଇ ଅଧିକାରୀମାନେ ତା୨୨।୯।୨୦୧୭ରେ ଗିରଫ କଲେ। ୨୦୦୫ରେ ୧୧ଜଣ ସାଂସଦ ପ୍ରଶ୍ନ ପଚାରିବା ପାଇଁ ଲାଞ୍ଚ ନେବା ଅଭିଯୋଗରେ ସଂସଦରୁ ବହିଷ୍କୃତ ହୋଇଥିଲେ। ଏହି ଅଭିଯୁକ୍ତମାନଙ୍କ ଭିତରେ ଭାଜପା, କଂଗ୍ରେସ, ବିଏସ୍‌ପି ଏବଂ ଆର୍‌ଜେଡିର ସାଂସଦ ଅଛନ୍ତି। କଟକର ଏସ୍‌ସିବି ମେଡ଼ିକାଲ କଲେଜ ହାସ୍‌ପାତାଳରେ ହେପାଟୋଲୋଜି ବିଭାଗର ଦୁଇଜଣ ଡାକ୍ତର ଏକ ନିର୍ଦ୍ଦିଷ୍ଟ ଔଷଧ କମ୍ପାନୀ ସହିତ ସଲାସୁତୁରାରେ ସରକାରଙ୍କ ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି (ଓଏସ୍‌ଟିଏଫ୍)ରୁ ବିପୁଳ ଅର୍ଥ ରୋଜଗାର କରିବା କାରଣ ଯୋଗୁ ଗତ ଡିସେମ୍ବରରେ ଗିରଫ ହେଲେ। ଚଢାଉ ବେଳେ ଜଣେ ଡାକ୍ତର ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ୪କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଜବତ କରାଯାଇଛି, ଯାହାକି ତାଙ୍କ ଆୟର ୨୯୪ ପ୍ରତିଶତ। ସେହିପରି ବାଙ୍ଗାଲୋରରେ ଆୟକର ବିଭାଗ ଚଢାଉ ବେଳେ ଧରାପଡ଼ିଛି ଡାକ୍ତର ଓ ନିଦାନ କେନ୍ଦ୍ର ମଧ୍ୟରେ ଅନୈତିକ ସମ୍ପର୍କ। ରୋଗୀକୁ ଅନାବଶ୍ୟକ ପରୀକ୍ଷା ଲାଗି ପାଥୋଲାବ୍‌କୁ ପଠାଇ ସେଠାରୁ ବିପୁଳ ପରିମାଣର କମିଶନ ନେଉଛନ୍ତି। ଆୟକର ବିଭାଗ ଅଧିକାରୀମାନେ ୨ଟି ଆଇଭିଏଫ୍ ସେଣ୍ଟର ଓ ୫ଟି ଡାକ୍ତରୀ ପରୀକ୍ଷା କେନ୍ଦ୍ର ଉପରେ ଚଢାଉବେଳେ ୧୦୦ କୋଟି ଟଙ୍କା ମୂଲ୍ୟର ଗହଣା ଓ ନଗଦ ୧ କୋଟି ୪୦ଲକ୍ଷ ଟଙ୍କା ଜବତ କରିଛନ୍ତି।

ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ପକ୍ଷରୁ ହୋଇଥିବା ଏକ ସର୍ଭେରେ ଭାରତକୁ ଏସିଆରେ ସବୁଠାରୁ ଦୁର୍ନୀତିଗ୍ରସ୍ତ ରାଷ୍ଟ୍ର ଭାବେ ବିବେଚନା କରାଯାଇଛି। ଏଥିରେ କୁହାଯାଇଛି ଯେ, ଭାରତର ଅର୍ଦ୍ଧାଧିକ ଭାରତୀୟ ସରକାରୀ ସେବା ଓ ସୁବିଧା ପାଇବା ଲାଗି ଲାଞ୍ଚ ପ୍ରଦାନ କରିଥାନ୍ତି। ତଥ୍ୟ ଅନୁଯାୟୀ ଭାରତରେ ଲାଞ୍ଚ ଗ୍ରହଣ କରିବାର ହାର ୬୯ ପ୍ରତିଶତ। ପୋଲିସ ବିଭାଗରେ ୮୫, ସରକାରୀ କର୍ମଚାରୀ ୮୪, ବ୍ୟବସାୟିକ ଅଧିକାରୀ ୭୯, ସ୍ଥାନୀୟ କାଉନସିଲର ୭୮ ଏବଂ ସାଂସଦ ୭୬ ପ୍ରତିଶତ ବୋଲି ଉଲ୍ଲେଖ କରାଯାଇଛି।

ଭାଜପା ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି ବୋଲି କହୁଥିଲେ ମଧ୍ୟ ଲୋକପାଳ ଓ ଲୋକାୟୁକ୍ତ ନିଯୁକ୍ତି କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଉଦାସୀନତା ଦୁର୍ନୀତିକୁ ପ୍ରୋତ୍ସାହନ ସଦୃଶ। ମଧ୍ୟପ୍ରଦେଶର ଭାଜପା ସରକାରଙ୍କ ଅମଳରେ ହୋଇଥିବା ୧୨୦୦ କୋଟି ଟଙ୍କାର ଭ୍ୟାପମ୍ ଦୁର୍ନୀତି ବିଷୟ ସର୍ବଜନବିଦିତ। ଏହି ମାମଲାରେ ୪୪ଜଣ ସାକ୍ଷୀଙ୍କୁ ହତ୍ୟା କରାଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜକୁ ଏ ଦେଶର ଚୌକିଦାର କହି ନିଜେ ଖାଇବେ ନାହିଁ କି କାହାରିକୁ ଖାଇବାକୁ ଦେବେନାହିଁ ବୋଲି କହୁଛନ୍ତି। କିନ୍ତୁ 'ବାପପୁଅ ରାତି ଅନିଦ୍ରା ମୁଗୁରା ପଛ ମେଲା' ନ୍ୟାୟରେ ଦେଶରେ ଭ୍ରଷ୍ଟାଚାର ତା'ର କାୟା ବିସ୍ତାର କରିଚାଲିଛି। ଉପରୋକ୍ତ ଧରଣର ଘଟଣାଗୁଡ଼ିକ ଛଡ଼ା ସରକାରଙ୍କ ବିଭିନ୍ନ ଟିକସ, ଶୁଳ୍କ ଇତ୍ୟାଦି ରାଜସ୍ୱ ଆଦାୟକାରୀ ସଂସ୍ଥାଗୁଡ଼ିକର ବିଭାଗୀୟ ଅଧିକାରୀମାନେ ଟିକସ/ଶୁଳ୍କ ଫାଙ୍କି ମାମଲାର ବିଚାରବେଳେ ମୋଟାଅଙ୍କର ଲାଞ୍ଚ ନେଇ ବୃହତ୍ ପରିମାଣର ଅର୍ଥ ଛାଡ଼ିଦେଉଛନ୍ତି। ସରକାର ସେ ବାବଦରେ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ନୀତିଶ୍ଳୋକ କହେ, 'ବୁଭୁକ୍ଷିତଃ କିଂ ନ କରୋତି ପାପମ୍'। କ୍ଷୁଧାତୁର ଲୋକ କି ପାପ କରି ନ ପାରେ ? ତେବେ ପ୍ରଶ୍ନ ହେଉଛି, ଉପରୋକ୍ତ ଦୁର୍ନୀତି ଅଭିଯୁକ୍ତମାନେ କେତେ ପରିମାଣରେ କ୍ଷୁଧାର୍ତ୍ତ ବା ଅଭାବଗ୍ରସ୍ତ ଯେ ସେମାନେ ଅନୈତିକ ଉପାୟରେ ଅର୍ଥ ସଂଗ୍ରହ କରିବାକୁ ବାଧ୍ୟ ହେଉଛନ୍ତି ?

କୌତୂହଳର ବିଷୟ, ଏବେ ଭିଜିଲାନ୍ସ ଚଢାଉରୁ ବର୍ତ୍ତିବା ପାଇଁ ଦୁର୍ନୀତିଖୋର କର୍ମଚାରୀମାନେ ନୂଆ ଉପାୟ ଅବଲମ୍ବନ କଲେଣି। ନିଜେ ଲୋକଙ୍କଠାରୁ ଲାଞ୍ଚ ଟଙ୍କା ଗ୍ରହଣ ନ କରି ଦଲାଲଙ୍କ ମାଧ୍ୟମରେ ତାହା ନେଉଛନ୍ତି, ଯାହାଦ୍ୱାରା ଭିଜିଲାନ୍ସ ଦ୍ୱାରା ଧରାପଡ଼ିବାର ଭୟ ରହିବ ନାହିଁ ଏବଂ ନିଜର ସ୍ୱଚ୍ଛତା ଅକ୍ଷୁଣ୍ଣ ରହିବ। ଫଳରେ ଦଲାଲମାନେ ଦୁଇପଟୁ ପାଉଣା ପାଇ ମାଲାମାଲ ହେଉଛନ୍ତି। କିନ୍ତୁ ଜନସାଧାରଣଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି।

ଶହୀଦନଗର, ଭୁବନେଶ୍ୱର, ମୋ-୯୪୩୭୩୮୨୧୦୦

# ଆମ ହାତରେ ଆମ ପରିବେଶ

ପ୍ରଜ୍ଞାପାରମିତା ପତ୍ରି

କଥାରେ ଅଛି- 'ଘର ପାଖେ ଥିଲେ ଗୋବର ଖାତ, ରୋଗ ହେଉଥିବ ଅନବରତ।' ଗାଁ ଗହଳିର ଲୋକମାନେ ଏଥିପ୍ରତି ଖୁବ୍ ଚେତିଲେଣି ଓ ନିଜ ଗୋବର ଗାଡ଼ିଆକୁ ଘରଠାରୁ ଦୂରରେ ରଖିଲେଣି। ମାତ୍ର ସହରରେ ବସବାସ କରୁଥିବା ବଡ଼ବଡ଼ିଆ ବାବୁମାନେ ଚେଇଁ ଶୋଇଛନ୍ତି। ସିଲ୍‌ଭର ସିଟି ଓ ସ୍ମାର୍ଟ ସିଟିର ସ୍ମାର୍ଟ ବାବୁ ଓ ବାବୁଆଣୀମାନେ ସ୍ମାର୍ଟ ଗୋବର ଗାଡ଼ିଆ ତିଆରି କରିଚାଲିଛନ୍ତି। ଦୈନିକ ବାହାରୁଥିବା ଅଳିଆ ଆବର୍ଜନାକୁ ବିଏମ୍‌ସିରେ ନ ଦେଇ ଏଣେତେଣେ ନାଳନର୍ଦ୍ଦମାରେ ଫୋପାଡିବାରେ ଲାଗିଛନ୍ତି, ଯାହାଦ୍ୱାରା ବଢୁଛି ଡେଙ୍ଗୁ, ବ୍ୟାପୁଛି ମ୍ୟାଲେରିଆ। ଘର ଆଖପାଖରେ ସବୁବେଳେ ପାଣି ଜମି ରହିଲେ ନାନା ପ୍ରକାର ରୋଗ ଜୀବାଣୁ ବ୍ୟାପିଥାଆନ୍ତି। ସାରା ଦେଶରେ ପ୍ରତ୍ୟେକ ଦିନ ୧,୦୦,୦୦୦ ମେଟ୍ରିକ୍ ଟନ୍ ଆବର୍ଜନା ବାହାରୁଥିବାବେଳେ ବର୍ଷକରେ ୩୬,୫୦୦,୦୦୦ ମେଟ୍ରିକ୍ ଟନ୍ ଆବର୍ଜନା ବାହାରୁଛି। ଯଦି ଗୋଟିଏ ବର୍ଷରେ ଏତିକି, ତେବେ ୧୦ ବର୍ଷରେ ଏହାର ମାତ୍ରା କେତେ ଅଧିକ ହେବ, ତାହା ଆକଳନ କଲେ ମନରେ ଡର ବସା ବାନ୍ଧୁଛି। ସତରେ କ'ଣ ଦିନେ ଆମେ କେବଳ ଆବର୍ଜନାର ସହରରେ ରହିବା! ଆମ ଚାରିପାଖରେ ଖାଲି ଅଳିଆ ଓ ଆବର୍ଜନା ଶୋଭାବର୍ଦ୍ଧନ କରୁଥିବେ! ଏମିତି କେତେକ'ଣ ଚିନ୍ତା ବର୍ତ୍ତମାନର ଯୁବପିଢ଼ିଙ୍କଠାରୁ ଆରମ୍ଭ କରି ସଭ୍ୟ ସମାଜକୁ ଶଙ୍କାଗ୍ରସ୍ତ କରୁଛି। ସରକାର ସ୍ୱଚ୍ଛ ଭାରତ ଅଭିଯାନରେ ଶହ ଶହ, କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି କିନ୍ତୁ ଏହାର ଫଳାଫଳ ସେଭଳି କିଛି ଆଖିଦୃଶିଆ ହେଉନି। ଏବେ ପ୍ରଶ୍ନ ଉଠୁଛି ଏଥିପାଇଁ ଦାୟୀ କିଏ ? ସରକାର ନା ପୌରପାଳିକା ନା ଖୋଦ୍ ଜନସାଧାରଣ ? ସମସ୍ତେ ସମସ୍ତଙ୍କ ଉପରେ କାଦୁଅ ଫୋପଡ଼ା ଫୋପଡ଼ିରେ ବ୍ୟସ୍ତ। ପରିବେଶକୁ ନିର୍ମଳ ରଖିବା ସରକାର ଓ ମ୍ୟୁନିସିପାଲିଟିର ଯେତିକି ଗୁରୁଦାୟିତ୍ୱ ଜନସାଧାରଣଙ୍କ ତାଠୁ ଅଧିକ ଦାୟିତ୍ୱ ରହିଛି। ଛୋଟବେଳୁ ପଢ଼ିଆସିଛୁ ଯେ, ସମସ୍ତେ ନିଜ ନିଜ ଘରକୁ ପରିଷ୍କାର ପରିଚ୍ଛନ୍ନ ରଖିଲେ ଗାଁ ପରିଷ୍କାର ରହିବ, ଗାଁ ପରିଷ୍କାର ରହିଲେ ସହର ଓ ତା'ପରେ ପୂରା ଦେଶ। ଯଦି ଏବେଠୁ ସଚେତନ ନ ହେବା ତେବେ ଆଗାମୀ କୋଡ଼ିଏ ବର୍ଷ ମଧ୍ୟରେ ସାରା ରାଷ୍ଟ୍ର ଆବର୍ଜନାର ରାଜଧାନୀ ପାଲଟିଥିବ।

ଆମ ରାଜ୍ୟର କଟକ ଓ ଭୁବନେଶ୍ୱର ପରି ବଡ଼ ବଡ଼ ସହରରେ ଡ୍ରେନେଜ୍ ବ୍ୟବସ୍ଥା ଠିକ୍ ନ ଥିବାରୁ ଅସରାଏ ବର୍ଷାରେ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମି ରହୁଛି। ସହରରେ ରହିଥିବା ଆବର୍ଜନା ବର୍ଷାପାଣି ସହ ମିଶି ଚାରିଆଡ଼େ ପ୍ରବେଶ କରୁଛି ଓ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଘଣ୍ଟା ଘଣ୍ଟା ରାସ୍ତା ଉପରେ ପାଣି ଜମି ରହୁଥିବାରୁ କୃତ୍ରିମ ବନ୍ୟା ସୃଷ୍ଟି ହୋଇ ଯାତାୟାତ ବାଧାପ୍ରାପ୍ତ ହେଉଛି। ଆଉ କିଛି ସ୍ଥାନରେ ବଡ଼ ବଡ଼ ଡ୍ରେନ୍ ଅବହେଳିତ ଅବସ୍ଥାରେ ଖୋଲା ପଡିଥିବାରୁ ଅନେକଙ୍କ ପାଇଁ ମୃତ୍ୟୁର ଯନ୍ତା ସାଜୁଛି। ଗତ ବର୍ଷାଋତୁରେ ବିଏମ୍‌ସିର ଅବହେଳା ଓ ମନମୁଖି କାର୍ଯ୍ୟ ଯୋଗୁ ଭୁବନେଶ୍ୱର ୟୁନିଟ୍-୬ରେ ଡ୍ରେନ୍ ପାଣିରେ ଭାସିଯାଇ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ କିଛି ବର୍ଷ ପୂର୍ବେ ନୟାପଲ୍ଲୀ ମମତାଜ ହାଇସ୍କୁଲ ନିକଟରେ ୯ ବର୍ଷର ଜଣେ ଛାତ୍ର ଟ୍ୟୁଶନରୁ ଫେରୁଥିବା ସମୟରେ ଡ୍ରେନ୍ ପାଣିରେ ଭାସିଯାଇ ମୃତ୍ୟୁର ଶିକାର ହୋଇଥିଲା। ଆଉ କେତେ ଜୀବନ ଗଲେ ସରକାରଙ୍କ ଚେତା ଫେରିବ ତାହା ସାଧାରଣରେ ଚର୍ଚ୍ଚା ହେଉଛି।

ସ୍ୱାସ୍ଥ୍ୟକର ପରିବେଶ ଗଠନ ପାଇଁ ଆମେ ନିଜେ ସଚେତନ ହେଲେ ଏ ଜଟିଳ ସମସ୍ୟାର ସମାଧାନ ହୋଇପାରନ୍ତା। 'ସଫା ପରିବେଶ ରହିବା ପାଇଁ, ଗୋବର ଖାତକୁ ଦେବା ଦୂରେଇ' -ଏହି କଥାକୁ ମର୍ମେ ମର୍ମେ ଅନୁଭବ କରିବା ଉଚିତ। ସମାଜକୁ ଆବର୍ଜନାମୁକ୍ତ କରିବା ପାଇଁ ପ୍ରଥମେ ସରକାରୀ ଭାବେ ନିଷେଧ କରାଯାଇଥିବା ପ୍ଲାଷ୍ଟିକ୍‌ର ବ୍ୟବହାରକୁ ସମ୍ପୂର୍ଣ୍ଣ ତ୍ୟାଗ କରିବା। ପ୍ରତିଦିନ ନଷ୍ଟ ହେଉଥିବା ଖାଦ୍ୟର ପରିମାଣକୁ କମାଇବା ସହ ଜିନିଷ କିଣାବିକା ସମୟରେ ପ୍ୟାକିଂର ମାତ୍ରା କମ୍ କରିବା ଆବଶ୍ୟକ। ବ୍ୟବହୃତ ଡ୍ରେସ୍ ନ ଫୋପାଡି ତାକୁ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଦେବା, ପୁନଃ ବ୍ୟବହାର ହୋଇପାରୁଥିବା ସାମଗ୍ରୀର ବ୍ୟବହାର ପାଇଁ ଅଭ୍ୟାସ ବୃଦ୍ଧି, ଘରର ଅଳିଆ ଆବର୍ଜନାକୁ ରାସ୍ତାକଡ଼ରେ ନ ଫିଙ୍ଗି ଗୋଟିଏ ଜାଗାରେ ଜମା ରଖି ବିଏମ୍‌ସି କର୍ମଚାରୀଙ୍କୁ ଦେବା ଏବଂ ସବୁଠାରୁ ବଡ଼ ଓ ଭଲ କାମ ଗଛ ଲଗାଇବା ଉପରେ ଯଦି ଆମେ ଗୁରୁତ୍ୱ ଦେବା, ତେବେ ଅନେକ କିଛି ଅସମ୍ଭବ କାର୍ଯ୍ୟକୁ ଅନାୟାସରେ ସମ୍ଭବ କରିପାରିବା। ଏ ସବୁ ହୋଇପାରିଲେ ସ୍ୱଚ୍ଛ ଓ ସୁସ୍ଥ ସମାଜ ଗଠନର ଗୁରୁଦାୟିତ୍ୱ ଗୋଟିଏ ଅନୁଷ୍ଠାନ କିମ୍ବା ସଂସ୍ଥା ଉପରେ ନ ଛାଡ଼ି ଆମେ ନିଜେ ନେଇପାରିବା। ଆସନ୍ତୁ ସମସ୍ତେ ମିଶି ଏହି ସ୍ୱଚ୍ଛତାର ସ୍ୱପ୍ନକୁ ସାକାର କରିବା।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, କଟକ,
ମୋ-୮୩୩୮୭୬୯୬୭,
pragyanpatri777@gmail.com

## ଏଇ ଭାରତରେ

ଆଜିର ଖାଦ୍ୟ ପରବର୍ତ୍ତୀ ଦିନକୁ ବାସି ହୋଇଯାଏ। ଏହାକୁ ତଟକା ରଖିବା ଲାଗି ଆଜିକାଲି ଫ୍ରିଜ୍ ବ୍ୟବହାର କରାଯାଉଛି। ଫ୍ରିଜ୍‌ରେ ରଖାଯାଉଥିବା ଖାଦ୍ୟଦ୍ରବ୍ୟ ବେଶିଦିନ ରହିଲେ ଏଥିରେ ଥିବା ପୋଷକ ତତ୍ତ୍ୱ ନଷ୍ଟ ହୋଇଯାଏ। କିନ୍ତୁ ମୁମ୍ବାଇ ବିଶ୍ୱବିଦ୍ୟାଳୟର ପ୍ରଫେସର ବୈଶାଳୀ ବମ୍‌ବୋଲେ ଏ ସମ୍ପର୍କିତ ଏକ ଜ୍ଞାନକୌଶଳ ବିକାଶ କରିଛନ୍ତି। ଏହାଦ୍ୱାରା ଖାଦ୍ୟଦ୍ରବ୍ୟକୁ ୩ ବର୍ଷ ପର୍ଯ୍ୟନ୍ତ ସତେଜ ରଖାଯାଇପାରିବ। ଏଥିପାଇଁ କୌଣସି ରେଫ୍ରିଜରେଟର ଆବଶ୍ୟକ ପଡିବ ନାହିଁ। ଏହାର ପୋଷକତତ୍ତ୍ୱରେ କୌଣସି ପରିବର୍ତ୍ତନ ହେବନାହିଁ ବୋଲି ଏକ ରିପୋର୍ଟରେ ଦର୍ଶାଯାଇଛି। ଇଲେକ୍‌ଟ୍ରନ୍ ବିମ୍ ରେଡିଏଶନ୍ ଜ୍ଞାନକୌଶଳ ଦ୍ୱାରା ଏହା ସମ୍ଭବ ହୋଇପାରିବ। ଖାଦ୍ୟରେ ଥିବା ପରଜୀବୀ ଏହି ଜ୍ଞାନକୌଶଳ ଦ୍ୱାରା ନଷ୍ଟ ହୋଇଯିବେ। ଉକ୍ତ ଜ୍ଞାନକୌଶଳ ସୈନ୍ୟବାହିନୀ ଏବଂ ମହାକାଶଚାରୀଙ୍କ ନିମନ୍ତେ ବ୍ୟବହାର ପାଇଁ ଯୋଜନା କରାଯାଉଛି। ଗତ ୬ବର୍ଷ ଧରି ବୈଶାଳୀ ଏବଂ ତାଙ୍କ ଗବେଷକ ଦଳ ଏହା ଉପରେ ଗବେଷଣା ଜାରି ରଖିଥିଲେ। ଏହା ଜନକଲ୍ୟାଣ ଦିଗରେ ବିନିଯୋଗ ହେବାକୁ ଯାଉଛି।

## ଚିରନ୍ତନୀ

କିପାଇଁ ଆମ ଜନମ ଭଲା
ନ ହେଲା କାହିଁ ବୁଝି
କୋଟିଏ ଯୁଗ ଗଲାଣି ଏବେ ବିତି,
କୋଟିଏ ଯୁଗ ବଞ୍ଚିବାକୁ
ମରଣ-ରଣେ ଯୁଝି
ଜୀବନ ତିଳେ ପାରିଲା କାହିଁ ଜିତି ?
(ଅମର ଆଶା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୧ ଫେବୃୟାରୀ ୧୯୯୪

- ଓଡ଼ିଶାରେ ଚାରୋଟି ଜଳସେଚନ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ରକୁ ପଠାଯାଇଥିବା ପ୍ରସ୍ତାବ କେନ୍ଦ୍ର ଜଳସମ୍ପଦ ମନ୍ତ୍ରଣାଳୟର ଅନୁମୋଦନ ଲାଭ କରିଛି।
- ଆଙ୍ଗୋଲାର ସଦର୍ନ ପ୍ରୋଭିନ୍‌ସରେ ଏକ ମତ୍ସ୍ୟଧରା ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ୟୁରୋପ ସଂଗଠନର ଅର୍ଥ ବିନିଯୋଗ।

## ସାପ୍ତାହିକ ପଞ୍ଜିକା

ଫେବୃୟାରୀ ୩- ମୁମ୍ବାଇ ଆକ୍ରମଣ ଘଟଣାରେ ପାକିସ୍ତାନର ଦୁଇ ସେନାଧିକାରୀ ମେଜର ଅବଦୁଲ ରେହମନ ପାଶା ଏବଂ ମେଜର ଇକବାଲଙ୍କ ବିରୋଧରେ ମୁମ୍ବାଇର ଏକ ସେସନ୍ସ କୋର୍ଟ ଜାମିନବିହୀନ ଗିରଫ ପରୱାନା ଜାରି କରିଛନ୍ତି।
୫- ପୃଥିବୀର ଚୁମ୍ବକୀୟ ଉତ୍ତରମେରୁ ଦ୍ରୁତଗତିରେ ସ୍ଥାନାନ୍ତର ହେଉଥିବା ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି।
୬- କଶ୍ମୀରରେ ସକ୍ରିୟ ଥିବା ଆତଙ୍କବାଦୀ ସଂଗଠନ ତେହରିକ୍ ଉଲ୍ ମୁଜାହିଦ୍ଦିନକୁ କେନ୍ଦ୍ର ସରକାର ନିଷିଦ୍ଧ ଘୋଷଣା କରିଛନ୍ତି।
୭- କଂଗ୍ରେସ କ୍ଷମତାକୁ ଆସିଲେ ତିନି ତଲାକ ଆଇନକୁ ରଦ୍ଦ କରିବ ବୋଲି ଦଳର ମହିଳା ଶାଖା ସଭାନେତ୍ରୀ ସୁସ୍ମିତା ଦେବ କହିଛନ୍ତି।
୮- ବିଷାକ୍ତ ମଦ ପିଇ ଉତ୍ତରପ୍ରଦେଶରେ ୨୦ ଜଣ ଓ ଉତ୍ତରାଖଣ୍ଡରେ ୧୬ ଜଣଙ୍କ ମୃତ୍ୟୁ।

## ଆମ ସମସ୍ୟା

### ସ୍ମାର୍ଟ ସିଟିରେ ବିପର୍ଯ୍ୟସ୍ତ ପରିମଳ

ମହାଶୟ,
ସ୍ମାର୍ଟ ସିଟିର ସ୍ୱଚ୍ଛତା ପାଇଁ ବିଡିଏ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନେଇଛି। ହେଲେ ସେପରି କିଛି ଆଖିଦୃଶିଆ କାମ ନଜରକୁ ଆସୁନାହିଁ। ବିଶେଷକରି ବିଡିଏ ଅଧୀନ ସତ୍ୟନଗର ୱାର୍ଡର ପରିମଳ ବ୍ୟବସ୍ଥା ଅତ୍ୟନ୍ତ ବିପର୍ଯ୍ୟସ୍ତ। ଅନେକ ବସ୍ତିବାସିନ୍ଦା ଖୋଲାସ୍ଥାନ କିମ୍ବା ଡ୍ରେନରେ ମଳମୂତ୍ର ତ୍ୟାଗ କରୁଛନ୍ତି। ସ୍ଥାୟୀ ବାସିନ୍ଦାଙ୍କ ସ୍ୱରେଜ ବ୍ୟବସ୍ଥା ସ୍ୱତନ୍ତ୍ର ଭାବରେ ନ ଥିବାରୁ ସେମାନେ ଡ୍ରେନ ମଧ୍ୟରେ ସବୁ ଛାଡୁଛନ୍ତି। ଡ୍ରେନ ମୁକ୍ତ ରହୁଥିବା ହେତୁ ଏହା ମଧ୍ୟରୁ ନିର୍ଗତ ଦୁର୍ଗନ୍ଧ ପରିବେଶକୁ ଦୂଷିତ କରୁଛି। କେତେକ ବସ୍ତିବାସିନ୍ଦା ସରକାରୀ ଜାଗାରେ ଖୋଲା ପାଇଖାନା ନିର୍ମାଣ କରି ମଳମୂତ୍ର ତ୍ୟାଗ କରୁଛନ୍ତି। ଏତଦ୍ ବ୍ୟତୀତ ସ୍ଥାୟୀ ବାସିନ୍ଦା ଓ ବସ୍ତି ବାସିନ୍ଦାଙ୍କ ଘର ନିକଟରେ ଅନେକ ଅବ୍ୟବହୃତ ସ୍ଥାନ ଖାଲି ପଡିଛି। ଲୋକେ ସେମାନଙ୍କ ବ୍ୟବହୃତ ଜଳକୁ ଡ୍ରେନ ମଧ୍ୟକୁ ନ ଛାଡି, ସେହି ଖୋଲା ସ୍ଥାନକୁ ଛାଡୁଛନ୍ତି। ଖୋଲା ସ୍ଥାନରେ ଜମି ରହୁଥିବା ଜଳରେ ପତ୍ର, ଜରି, କାଠିକୁଟା ଇତ୍ୟାଦି ପଡି ପଚା ଗନ୍ଧ ସୃଷ୍ଟି କରୁଛି। ପୋକ, ଜୋକ, ମଶା, ମାଛି ସେମାନଙ୍କ ବଂଶ ବୃଦ୍ଧି ଘଟାଉଛନ୍ତି। ଦୁର୍ଗନ୍ଧ ବାୟୁ ସେବନ ସହ ମଶାମାଛିଙ୍କ ଦାଉରେ ଲୋକେ ଅତିଷ୍ଠ ହୋଇ ପଡୁଛନ୍ତି। ଏପରି ବିପର୍ଯ୍ୟସ୍ତ ପରିମଳ ଅବସ୍ଥା ପ୍ରତି ବିଏମ୍‌ସି ଅଧିକାରୀଙ୍କ ଦୃଷ୍ଟି ପଡୁ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### କୁଷ୍ଠାଶ୍ରମ ହସ୍ପିଟାଲର ପୁନରୁଦ୍ଧାର ହେଉ

କଟକ ନୟାବଜାରସ୍ଥିତ କୁଷ୍ଠାଶ୍ରମ ହସ୍ପିଟାଲ ୧୯୧୯ ମସିହାରେ ପ୍ରତିଷ୍ଠା କରାଯାଇଥିଲା। ରକ୍ଷଣାବେକ୍ଷଣ ନ ହେବାରୁ ଆଜବେଷ୍ଟସ ଏବଂ ବେଡ୍ ଭଗ୍ନ ଅବସ୍ଥାରେ ରହିଛି। ରୋଗୀ ସଂଖ୍ୟା ବୃଦ୍ଧି ସତ୍ତ୍ୱେ ବେଡ୍ ବୃଦ୍ଧି କରାଯାଉନାହିଁ। ରାଜ୍ୟ ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ସେହିପରି ଦୈନନ୍ଦିନ ଖାଦ୍ୟ ଖର୍ଚ୍ଚ ପଚାଶ ଟଙ୍କା ରହିଛି। ବଜାର ଦର ତୁଳନାରେ ତାହା ଯଥେଷ୍ଟ ନୁହେଁ। ଉନ୍ନତମାନର ସେବା ଓ ଖାଦ୍ୟ ଯୋଗାଇ ଦିଆଯିବା ଉଚିତ।

ରମେଶ ଚନ୍ଦ୍ର ବେହେରା, ଆୟଉପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 6 | 4 | | | | D | 9 | | | | | A | | |
| | C | 5 | | 2 | | | | E | B | | | | | |
| | A | | | | | 8 | | | 1 | | 6 | 7 | | |
| 9 | | | 3 | | | 7 | | | | | | | E | |
| | 0 | | 7 | 8 | 1 | | | | | | | | 5 | |
| | | | | | 4 | | C | 1 | 3 | | | | | E |
| | 9 | | 5 | D | 3 | | | | | | 8 | | | |
| C | | | B | | | E | 4 | | | | | 8 | | |
| 2 | | | | | 6 | | 3 | 5 | E | | | | | D |
| | 3 | | | | | | | | 5 | | 4 | B | 1 | 2 |
| | | | | B | | A | 1 | | | | | | | 9 |
| | | 2 | | 6 | | | | | | | A | | C | 3 |
| A | | | C | | | | | 6 | | | | 0 | 7 | |
| 4 | | | E | 1 | 8 | 2 | | | | | | | | |
| | | 9 | | 0 | 5 | | | 7 | | 1 | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | D | 9 | 8 | 2 | 7 | B | 6 | 0 | 5 | C | 4 | 3 | A | 1 |
| 8 | 2 | 7 | 4 | C | A | 1 | 9 | 3 | 0 | 6 | E | D | 5 | B |
| B | 4 | 5 | 9 | 0 | 1 | E | 7 | C | 3 | D | A | 2 | 6 | 8 |
| 0 | 1 | 3 | 5 | D | 6 | 8 | 4 | A | 2 | B | 9 | C | E | 7 |
| A | C | 6 | 3 | B | E | 2 | 5 | D | 7 | 1 | 8 | 0 | 9 | 4 |
| 3 | 0 | C | 6 | E | 8 | 4 | B | 9 | A | 7 | 5 | 1 | D | 2 |
| 2 | 8 | 4 | 0 | 1 | 3 | D | A | 6 | B | E | C | 5 | 7 | 9 |
| 9 | 6 | D | 7 | 5 | 4 | 0 | C | 8 | 1 | 3 | 2 | E | B | A |
| 1 | 5 | B | D | A | 2 | 3 | E | 7 | 9 | 4 | 6 | 8 | 0 | C |
| 7 | A | E | B | 9 | C | 5 | 2 | 1 | 8 | 0 | D | 4 | 3 | 6 |
| 4 | 7 | 1 | C | 6 | 0 | 9 | 3 | 5 | E | 8 | B | A | 2 | D |
| 6 | E | 2 | 1 | 3 | 5 | A | D | 4 | C | 9 | 7 | B | 8 | 0 |
| 5 | 9 | 8 | 2 | 7 | D | C | 0 | B | 4 | A | 3 | 6 | 1 | E |
| D | 3 | 0 | A | 4 | B | 7 | 8 | E | 6 | 2 | 1 | 9 | C | 5 |
| C | B | A | E | 8 | 9 | 6 | 1 | 2 | D | 5 | 0 | 7 | 4 | 3 |

ଶନିବାର ପ୍ରକାଶିତ ଉତ୍ତର



airasia.com
Take off with
LOVE
to Thailand, Malaysia and Beyond
Thailand
FREE
VISA-ON-ARRIVAL
till 30 April 2019
For lowest fares book only on www.airasia.com or the AirAsia Mobile App
Fly from Bhubaneswar
Bangkok
Kuala Lumpur
ALL-IN FARE FROM ₹2,999
Fly thru
Bali • Ho Chi Minh City • Melbourne
Langkawi • Manila • Krabi • Phuket
Sydney • Singapore
and many more destinations
ALL-IN FARE FROM ₹4,799
airasia.com
Now Everyone Can Fly
Book now till 17 Feb 2019
Travel from 25 Feb till 31 Jul 2019
AirAsia
AirAsia
All India domestic flights are operated by AirAsia India Ltd. and all international flights are operated by either AirAsia Berhad, Thai AirAsia Co. Ltd., AirAsia X Berhad or PT. Indonesia Co. Ltd. Our seats are limited and may not be available on all flights during public holidays, school breaks and weekends. Discount is applicable only on the base fare. All-in fares include fares, fuel surcharges and airport taxes. Inclusive of one-way only. A payment processing fee is applicable to all payments made via credit, debit or charge cards. Our other terms and conditions of arriage apply. Skytrax has named AirAsia Group as World's Best Low-Cost Airline for the tenth year in a row. **AirAsia India being a joint-venture of AirAsia Berhad, is a part of AirAsia Group and is permitted by Skytrax to use this logo for Indian market.

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୧ ଫେବୃୟାରୀ, ୨୦୧୯



ବାଲୋକି ସଂରକ୍ଷିତ ଜଙ୍ଗଲକୁ ଶିଖ୍ ଧର୍ମର ପ୍ରତିଷ୍ଠାତା ଗୁରୁ ନାନକ ଦେବଙ୍କ ନାମରେ ନାମିତ କରିଥିବାରୁ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫତି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ପ୍ରଶଂସା କରିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ବିଭିନ୍ନ ପୁରାତନ ସହରର ନାଁ ବଦଳାଇବା ଏବଂ ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣକୁ ସର୍ବାଧିକ ପ୍ରାଥମିକତା ଦେଉଥିବାରୁ ସେ ଏହାର ନିନ୍ଦା କରିଛନ୍ତି।



# ଝଗଡ଼ା ନେଲା ଜୀବନ

- ୨ ଭଉଣୀଙ୍କ ଆତ୍ମହତ୍ୟା ଉଦ୍ୟମ
- ସାନ ମୃତ, ବଡ଼ ଗୁରୁତର

**ଭଦ୍ରକ ଅଫିସ, ୧୦।୨**

ସାମାନ୍ୟ ଝଗଡ଼ାରୁ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଞ୍ଚଳର ଦୁଇ ଭଉଣୀ ଆତ୍ମହତ୍ୟା ଭଳି ପନ୍ଥା ଆପଣେଇ ନେବା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏଥିରେ ସାନ ଭଉଣୀର ମୃତ୍ୟୁ ହୋଇଥିବା ବେଳେ ବଡ଼ ଭଉଣୀ ଗୁରୁତର ଅବସ୍ଥାରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ହଠାତ୍ ଏଭଳି ପରିସ୍ଥିତିକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଘଟଣା ଘଟିଛି ବଣିଆ ପଞ୍ଚାୟତ କ୍ଷୀରସାହିରେ।

ସୂଚନା ଅନୁସାରେ, ରବିବାର ଅପରାହ୍ଣରେ କ୍ଷୀରସାହିର ଲକ୍ଷ୍ମୀଧର ଦାଶ ସଂକୀର୍ତ୍ତନ କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ତାଙ୍କ ସ୍ତ୍ରୀ ବାପଘରକୁ ଯାଇଥିଲେ। ଏହି ସମୟରେ ଘରେ ଥିବା ତାଙ୍କର ୨ ଝିଅ ସୁନା(୨୧) ଓ ରୂପା(୧୭)ଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଏଥିରେ ରୁପା ଉତ୍ୟକ୍ତ ହୋଇ ଘରେ ଫ୍ୟାନରେ ରଶି ଲଗାଇ ଝୁଲି ପଡ଼ିଥିଲେ। ସୁନା ମଧ୍ୟ ଅନ୍ୟ ଏକ ଘରେ ବିଷ ପିଇ ଦେଇଥିଲେ। ସ୍ଥାନୀୟ ଲୋକେ ଖବର ପାଇ ୨ ଭଉଣୀଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ରୂପାଙ୍କୁ ମୃତ ଘୋଷଣା କରିଥିଲେ। ବଡ଼ଭଉଣୀ ସୁନାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଗ୍ରାମାଞ୍ଚଳ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ପ୍ରଥମ ପୃଷ୍ଠାରୁ...

## ଥାନା ପରିସରରେ...

ପରିସରରେ ଥିବା ଏକ କୋଠରିକୁ ନେଇ ବଳାତ୍କାର କରିଥିଲେ । ଫଳରେ ସେ ଚେତାଶୂନ୍ୟ ହୋଇ ପଡିଥିଲେ। ଚେତା ଫେରିବା ପରେ ପରଦିନ ଅର୍ଥାତ୍ ଶନିବାର ମଧ୍ୟାହ୍ନ ୧୨ଟାରେ ଏଏସ୍‌ଆଇ ଜଣକ ଏକ ବସ୍‌ରେ ତାଙ୍କୁ ବରଗଡ ପଠାଇ ଦେଇଥିଲେ। ସେ ବରଗଡରେ ଥିବାବେଳେ ସନ୍ଧ୍ୟାରେ ଉକ୍ତ ଏଏସଆଇ ଜଣକ ତାଙ୍କୁ ଫୋନ୍ କରି ତୋର ମା'ବାପା ବହୁତ କାନ୍ଦୁଛନ୍ତି, ଫେରିଆ ବୋଲି କହିଥିଲେ। ସେ ଏକ ବସ୍‌ରେ ଆସି ସୋହେଲା ଥାନା ଛକରେ ପହଞ୍ଚିଥିଲେ। ଏହା ପୂର୍ବରୁ ସୋହେଲା ଥାନାକୁ ତଦନ୍ତ ପାଇଁ ଆସିଥିବା ମେଲଛାମୁଣ୍ଡା ଥାନା ପୋଲିସ ତାଙ୍କୁ ଦେଖିଥିଲା ଏବଂ ତାଙ୍କୁ ମେଲଛାମୁଣ୍ଡା ନେଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ରବିବାର ନାବାଳିକାଙ୍କ ବାପା ମେଲଛାମୁଣ୍ଡା ଥାନାରେ ଏ ନେଇ ଅଭିଯୋଗ କରିଥିଲେ । ଥାନା ଅଧିକାରୀ ନ ଥିବାରୁ ସୋହେଲା ପୋଲିସ ଏହି ଘଟଣାର ତଦନ୍ତ କରୁଛି। ଏ ସମ୍ପର୍କରେ ସୋହେଲା ଥାନା ଆଇଆଇସି ନିର୍ମଳ କୁମାର ମହାପାତ୍ରଙ୍କୁ ପଚରାଯିବାରୁ ଏପରି ଏକ ଘଟଣାର ଉଚିତ ତଦନ୍ତ କରି ଅଭିଯୁକ୍ତମାନଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## ପୁରୁଣା...

ପ୍ରକଟ କରିଛନ୍ତି। ଏହି ପ୍ରକଳ୍ପର ରକ୍ଷଣାବେକ୍ଷଣ ପାଇଁ ୨୦୧୭-୧୮ ଆର୍ଥିକ ବର୍ଷରେ କ୍ରିଟିକାଲ ପାଣ୍ଠିରୁ ଯେଉଁ ୮ଲକ୍ଷ ଟଙ୍କା ଅନୁଦାନ ଆସିଥିଲା ତାହା ଖର୍ଚ୍ଚ ହୋଇଛି। ରାଣୀବନ୍ଧି କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ୨୦୧୫-୧୬ ଆର୍ଥିକ ବର୍ଷରେ ନନ୍‌ପ୍ଲାନ ବଜେଟରୁ କେନାଲ କଂକ୍ରିଟକରଣ ପାଇଁ ୨ଟି ପର୍ଯ୍ୟାୟରେ ଅନୁଦାନ ମିଳିଥିଲା। ଗୋଟିଏରେ ୨ଲକ୍ଷ ୯୧ହଜାର ୧୭୯ ଟଙ୍କା ଏବଂ ଅନ୍ୟଟିରେ ୨ଲକ୍ଷ ୭ହଜାର ୮୩୩ ଟଙ୍କା ଅନୁଦାନ ମିଳିଥିବାବେଳେ ସେସବୁ ଖର୍ଚ୍ଚ ହୋଇଛି। ସେହିପରି ୨୦୧୭-୧୮ ଆର୍ଥିକ ବର୍ଷରେ ନନ୍‌ପ୍ଲାନ ବଜେଟରୁ ୯ଲକ୍ଷ ୨୯ ହଜାର ଟଙ୍କା ଅନୁଦାନ ମିଳିଛି ; ଯାହାକି ଅଦ୍ୟାବଧି ଖର୍ଚ୍ଚ ହୋଇନାହିଁ। ଚାଷୀଙ୍କ ଉନ୍ନତି ପାଇଁ ସରକାର ଜଳସେଚନକୁ ପ୍ରାଧାନ୍ୟ ଦେଉଥିବା କୁହାଯାଉଥିବା ବେଳେ ଏଠାରେ ତାହାର ଓଲଟା ହୋଇଛି। କେତେଜଣ ପ୍ରଭାବଶାଳୀ ନେତାଙ୍କ ସ୍ୱାର୍ଥ ପାଇଁ ରାଣୀବନ୍ଧି ତା'ର ଅସ୍ତିତ୍ୱ ହରାଇବାକୁ ବସିଛି ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଧର୍ମଶାଳାର ଭାରପ୍ରାପ୍ତ ତହସିଲଦାର ସରୋଜ କୁମାର ପଣ୍ଡା କୁହନ୍ତି, ଧର୍ମଶାଳା ତହସିଲ ଅଧୀନରେ ଥିବା ସମସ୍ତ ବେଆଇନ ଖାଦାନ ଉପରେ ଅନୁଧ୍ୟାନ ଚାଲିଛି। ପର୍ଯ୍ୟାୟକ୍ରମେ ଚଢାଉ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସ୍ୱାମୀଙ୍କ ମୃତଦେହ...

ହେଉଥିବାବେଳେ ସ୍ୱାମୀଙ୍କ ଏଭଳି ଅକାଳ ମୃତ୍ୟୁକୁ ସହ୍ୟ କରିପାରି ନ ଥିଲେ ରେବତୀ। ଜୀବନ ହାରିବାକୁ ଚରମ ନିଷ୍ପତ୍ତି ନେଇ ବିଷ ପିଇଦେଇଥିଲେ। ଗୋଟିଏ ପଟେ ମହାଦେବଙ୍କ ମୃତ୍ୟୁଦେହ ସତ୍କାର ହେଉଥିବାବେଳେ ଅନ୍ୟପଟେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରେବତୀ ମୃତ୍ୟୁ ସହ ସଂଗ୍ରାମ ଚଳାଇଥିଲେ। କିନ୍ତୁ ରବିବାର ଅପରାହ୍ଣରେ ତାଙ୍କର ମୃତ୍ୟୁ ଘଟିଥିଲା। ଫଳରେ ୨୪ ଘଣ୍ଟା ମଧ୍ୟରେ ଗାଁ ଶ୍ମଶାନରେ ପୁଣି ଜଳିଥିଲା ଜୁଇ। ଏହାକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

■ ଅନୁଗୋଳରେ ପ୍ରଥମ ଆଦର୍ଶ ସାମୂହିକ ବିବାହ

# ବେଦିରେ ବସିଲେ ୫୫ କନିଆଁ-ବର

**ଅନୁଗୋଳ ଅଫିସ, ୧୦।୨**

ବାଜା ନ ଥିଲା। ବାଣ ବି ଫୁଟି ନ ଥିଲା। କିନ୍ତୁ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ ୫୫ ଯୋଡ଼ା କନିଆଁ-ବର। ଏପରି ଏକ ନିଆରା ସାମୂହିକ ବିବାହ କାର୍ଯ୍ୟ ରବିବାର ଅନୁଗୋଳ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସମ୍ପନ୍ନ ହୋଇଯାଇଛି। ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମିଳନୀ ଅନୁଗୋଳ ଶାଖା ପକ୍ଷରୁ ଏହାର ଆୟୋଜନ କରାଯାଇଥିଲା। ଜିଲାରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲା ପ୍ରଶାସନ ଓ ବିଭିନ୍ନ ସାମାଜିକ, ସାଂସ୍କୃତିକ ତଥା ଧାର୍ମିକ ସଂସ୍ଥାର କର୍ମକର୍ତ୍ତାମାନେ ସହଯୋଗ କରିବା ସହ ଉପସ୍ଥିତ ରହି ନବଦମ୍ପତିମାନଙ୍କୁ ଆଶୀର୍ବାଦ କରିଥିଲେ।



ଶିଶୁବିଦ୍ୟାମନ୍ଦିର ପରିସରରେ ସାମୂହିକ ବିବାହ କାର୍ଯ୍ୟ ଚାଲିଛି।

ଶାନ୍ତିକୁଞ୍ଜ ହରିଦ୍ୱାର ଗାୟତ୍ରୀ ପରିବାର ପଣ୍ଡିତମାନଙ୍କ ଦ୍ୱାରା ବୈଦିକ ରୀତିରେ ଏକ ଭାବପୂର୍ଣ୍ଣ ପରିବେଶରେ ଏହି ସାମୂହିକ ଆଦର୍ଶ ବିବାହ ସମ୍ପନ୍ନ ହୋଇଥିଲା। ଉଭୟ ପକ୍ଷର ସ୍ୱୀକୃତି କ୍ରମେ ପୂର୍ବରୁ ଆଇନଗତ ଭାବେ ପଞ୍ଜୀକୃତ ବିବାହ ଯୋଗ୍ୟ ଝିଅ ଓ ପୁଅଙ୍କୁ ସଂସ୍ଥା ପକ୍ଷରୁ ସାମାଜିକ ସ୍ୱୀକୃତି ପ୍ରଦାନ କରାଯିବା ସହ ସୁଖୀ ଦାମ୍ପତ୍ୟ ଜୀବନ କାମନା କରାଯାଇଥିଲା। ଏପରି କି ସମସ୍ତ ନବଦମ୍ପତିଙ୍କୁ ବିଦାୟ ବେଳେ ଆୟୋଜକଙ୍କ ପକ୍ଷରୁ ନିତ୍ୟ ବ୍ୟବହାର ଉପକରଣ ପ୍ରଦାନ କରାଯାଇଥିଲା। ଝିଅ ଓ ପୁଅ ଘର ପକ୍ଷରୁ ୨୫ ଜଣ ଲେଖାଏ ବରଯାତ୍ରୀ ଏବଂ କନ୍ୟାଯାତ୍ରୀଙ୍କୁ ପ୍ରୀତି ଭୋଜନ ପ୍ରଦାନ କରାଯାଇଥିଲା। ବିବାହର ବର୍ଷକ ପର୍ଯ୍ୟନ୍ତ ସେମାନଙ୍କ ସଂସାର କିଭଳି ଚାଲିଛି, ସେ ନେଇ ନଜର ରଖାଯିବ। ଆର୍ଥିକ ସମସ୍ୟା ଭଳି ପରିସ୍ଥିତି ଉପୁଜିଲେ ସେମାନଙ୍କୁ କାର୍ଯ୍ୟରେ ଥଇଥାନ କରାଯିବ । ଏଥିସହ ନବଦମ୍ପତିଙ୍କୁ ଶ୍ରମ ବିଭାଗ ପକ୍ଷରୁ ମିଳୁଥିବା ସୁବିଧା ମଧ୍ୟ ପ୍ରଦାନ କରାଯିବ ବୋଲି ବୋଲି ଆୟୋଜକଙ୍କ ପକ୍ଷରୁ ଅବଗତ କରାଯାଇଛି।

■ ଆଇଏମ୍‌ଏଫ୍ ମୁଖ୍ୟଙ୍କ ସତର୍କବାଣୀ

## ବିଶ୍ୱରେ ଦେଖାଦେଇପାରେ ଆର୍ଥିକ ଝଡ଼

**ଦୁବାଇ,୧୦।୨:** ଅନ୍ତଃରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ) ମାନ୍ଦାବସ୍ଥା କାରଣରୁ ବିଶ୍ୱରେ ଆର୍ଥିକ ଝଡ଼ ସୃଷ୍ଟି ହୋଇପାରେ କହି ସତର୍କ କରାଇ ଦେଇଛି। ଆଇଏମ୍‌ଏଫ୍ ମୁଖ୍ୟ କ୍ରିଷ୍ଟିନ ଲାଗାର୍ଡ ଏଠାରେ ୱାର୍ଲ୍ଡ ଗଭର୍ଣ୍ଣମେଣ୍ଟ୍ସ ଶିଖର ସମ୍ମିଳନୀରେ ଯୋଗ ଦେଇ କହିଛନ୍ତି ଯେ, ଆମେ ଏଭଳି ଏକ ଅର୍ଥନୀତି ଦେଖୁଛୁ, ଯାହା ଅନୁମାନଠାରୁ ଧିମା ଗତିରେ ଅଭିବୃଦ୍ଧି ହାସଲ କରୁଛି। ଗତ ମାସରେ ଅନ୍ତରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି ବିଶ୍ୱର ଆର୍ଥିକ ଅଭିବୃଦ୍ଧି ହାର ପୂର୍ବାନୁମାନକୁ ୩.୭%ରୁ ୩.୫%କୁ ହ୍ରାସ କରିଥିଲା। ସେ ଚେତାବନୀ ଶୁଣାଇ କହିଛନ୍ତି ଯେ, ଆର୍ଥିକ ଝଡ଼ ଯେକୌଣସି ସମୟରେ ଆରମ୍ଭ ହୋଇଯାଇପାରେ। ବ୍ୟବସାୟିକ କ୍ଷେତ୍ରରେ ଉତ୍ତେଜନା, ଶୁଳ୍କ ବୃଦ୍ଧି, ବିତ୍ତୀୟ ସ୍ଥିତି କଠୋର ହେବା, ବ୍ରେକ୍‌ଜିଟକୁ ନେଇ ଅନିଶ୍ଚିତତା ଏବଂ ଚାଇନାର ଅର୍ଥନୀତି ଧିମା ପଡ଼ିଯିବା ଯୋଗୁ ବିଶ୍ୱର ଅର୍ଥନୈତିକ ଅଭିବୃଦ୍ଧି ଗତି ଧିମା ପଡିବାକୁ ଆରମ୍ଭ କରିଛି। ବିଶ୍ୱର ଦୁଇ ବୃହତ୍ ଅର୍ଥନୀତି କୁହାଯାଉଥିବା ଆମେରିକା ଓ ଚାଇନା ମଧ୍ୟରେ ଆରମ୍ଭ ହୋଇଥିବା ଟାରିଫ ଯୁଦ୍ଧର ପ୍ରଭାବ ବିଶ୍ୱସ୍ତରରେ ଦେଖିବାକୁ ମିଳୁଛି ବୋଲି ସେ ପ୍ରକାଶ କରିଛନ୍ତି। ସଂରକ୍ଷଣବାଦକୁ ନେଇ ସେ କହିଛନ୍ତି ଯେ, ଏହା କେବେ ଶେଷ ହେବ ଜଣାନାହିଁ।

# ମୃତ କଲରାପତରିଆର ବ୍ୟବଚ୍ଛେଦ

**ବନ୍ତଲା, ୧୦।୨ (ଡି.ଏନ.ଏ.)**

ଅନୁଗୋଳ ବନଖଣ୍ଡ ଛେଣ୍ଡିପଦା ରେଞ୍ଜ କଣଲୋଇ ସଂରକ୍ଷିତ ଜଙ୍ଗଲରୁ ଶନିବାର ଉଦ୍ଧାର କଲରାପତରିଆ ବାଘର ମୃତଦେହକୁ ରବିବାର ବ୍ୟବଚ୍ଛେଦ ପରେ ପୋଡ଼ି ଦିଆଯାଇଛି। ସାତକୋଶିଆ ଅଭୟାରଣ୍ୟ ବନଖଣ୍ଡ କାର୍ଯ୍ୟାଳୟ ବଙ୍ଗଳା ପଛରେ ସକାଳ ୭ଟାରୁ ଆରମ୍ଭ ହୋଇଥିବା ବ୍ୟବଚ୍ଛେଦ କାର୍ଯ୍ୟ ଅପରାହ୍ଣ ୨ଟାରେ ଶେଷ ହୋଇଥିଲା। ଏନ୍‌ଟିସିଏ (ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ) ଗାଇଡ୍ ଲାଇନ ଅନୁଯାୟୀ ଏକ ୩୦ ଜଣିଆ ଟିମ୍ ଏଥିପାଇଁ ଗଠନ କରାଯାଇଥିଲା। ଏଥିରେ ଅନୁଗୋଳ ଡିଏଫ୍‌ଓ ଭି.କାର୍ତ୍ତିକ, ଏସିଏଫ୍ ଏଚ୍.ଡି. ଧନ୍‌ରାଜ, ଶ୍ରୀକାନ୍ତ ବେହେରା, ୱାର୍କିଂ ପ୍ଲାନ ଡିଏଫ୍‌ଓ ପ୍ରଦୀପ୍ତ କୁମାର ମହାପାତ୍ର, ସବ୍‌ଡିଭିଜନାଲ ଭେଟେରିନାରି ଅଫିସ ଡେପୁଟି ଡାଇରେକ୍ଟର ଡା.ଗଡ଼ନାୟକ, ଅତିରିକ୍ତ ଭେରେରିନାରି ଅଫିସର ଡା.ସୁଶାନ୍ତ ସେଠୀ, ସାତକୋଶିଆ ପ୍ରାଣୀ ଡାକ୍ତର କିଶୋର ସାହୁ ପ୍ରମୁଖ ସାମିଲ ଥିଲେ। ମୃତ ଅଣ୍ଡିରା ବାଘର ବୟସ ୪ରୁ ୫ ବର୍ଷ ମଧ୍ୟରେ ହୋଇଥିବାବେଳେ କୌଣସି ସ୍ଥାନରେ କ୍ଷତ ଚିହ୍ନ ନ ଥିଲା। ସଂଗୃହୀତ ନମୁନାକୁ ସେଣ୍ଟ୍ରାଲ ୱାଇଲ୍ଡ ଲାଇଫ୍ ଓୟୁଏଟି ଭୁବନେଶ୍ୱରକୁ ପଠାଇ ଦିଆଯାଇଛି। ଏ ସମ୍ପର୍କରେ ଅନୁଗୋଳ ଡିଏଫ୍‌ଓ ଭି.କାର୍ତ୍ତିକ ଓ ପ୍ରାଣୀ ଡାକ୍ତର ସାହୁ କହିଛନ୍ତି, ବାଘ ଶରୀରରେ କ୍ଷତ ଚିହ୍ନ ନ ଥିବାରୁ ରୋଗରେ ପଡ଼ି ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ତେବେ ରିପୋର୍ଟ ଆସିଲେ ପ୍ରକୃତ କାରଣ ଜଣାପଡ଼ିବ।



ବାଘର ବ୍ୟବଚ୍ଛେଦ କରାଯାଉଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାକୁଡ଼ି ଚୋର, ଲାଉ ଚୋର**
**ଚୋର ଚୋର ବଡ଼ା ଚୋର ।**

ଅଳ୍ପ ବୟସରୁ ଛୋଟ ମୋଟ ଚୋରି କରୁ କରୁ ତାହା ସମୟକ୍ରମେ ଅଭ୍ୟାସଗତ ହୋଇଯାଏ। ସେହି ସମୟରୁ ଆକଟ ନ କଲେ କାଳକ୍ରମେ ସେ ବଡ଼ ଚୋର ପାଲଟିଯିବାର ସମ୍ଭାବନା ରହିଥାଏ। ସାଧାରଣତଃ ଖରାପ ଅଭ୍ୟାସ ଯଦି ଠିକ୍ ସମୟରେ ଛଡ଼ା ନ ଯାଏ, ତେବେ ତାହା ଜୀବନକୁ ନଷ୍ଟ କରି ଦେଇଥାଏ। ସାମାନ୍ୟ ଜିନିଷ ଚୋରି କରୁ କରୁ ବଡ଼ ଚୋର ପାଲଟିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କାଉ ବସାରେ କୋଇଲି**
**ଡିମ୍ବ ଥୋଇ ଦେଇ ଅଇଲି ।**

ସାଧାରଣତଃ ଅଳସୁଆ ବ୍ୟକ୍ତିମାନେ କଷ୍ଟ କରି କାର୍ଯ୍ୟ କରିବାକୁ କୁଣ୍ଠାବୋଧ କରିଥାନ୍ତି। କୌଣସି ଦାୟିତ୍ୱ ନିଜେ ବହନ ନ କରି ପରମୁଣ୍ଡରେ ଲଦିଦେବାକୁ ଉଚିତ ମଣିଥାନ୍ତି। କୋଇଲି କାଉର ଅଜାଣତରେ ତା' ବସାରେ ଡିମ୍ବ ଥୋଇଦେବା ଭଳି ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ପରକୁ ଦେଇ ଆଶ୍ୱସ୍ତି ଲାଭ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୯୦ ହଜାର କୋଟି ଟପିବ ଜନଧନ ଆକାଉଣ୍ଟ ଜମା

**ନୂଆଦିଲ୍ଲୀ,୧୦।୨:** ଗରିବଙ୍କୁ ବ୍ୟାଙ୍କ ସହ ଯୋଡିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଜନଧନ ଯୋଜନାକୁ ୨୦୧୪ ଅଗଷ୍ଟ ୨୮ରେ ଶୁଭାରମ୍ଭ କରିଥିଲେ। ଏବେ ଏହି ଯୋଜନାରେ ବ୍ୟାଙ୍କ ଆକାଉଣ୍ଟରେ ଜମା ପରିମାଣ ୯୦ ହଜାର କୋଟି ଟଙ୍କା ଟପିଯିବ ବୋଲି ଆକଳନ କରାଯାଉଛି। ଜନଧନ ଆକାଉଣ୍ଟଧାରୀଙ୍କୁ ଦୁର୍ଘଟଣା ବୀମା ବାବଦରେ ୨ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ସରକାର ଘୋଷଣା କରିବା ପରେ ଏଥିରେ ଜମା ପରିମାଣ ଦ୍ରୁତଗତିରେ ବଢ଼ିବାରେ ଲାଗିଛି ବୋଲି ସରକାରୀ ସୂତ୍ରରୁ ପ୍ରକାଶ। ଅର୍ଥ ମନ୍ତ୍ରଣାଳୟର ରିପୋର୍ଟ ଅନୁଯାୟୀ, ୨୦୧୭ ମାର୍ଚ୍ଚରୁ ଏହି ଯୋଜନା ଆରମ୍ଭ ହେବା ପରେ ଏହି ଆକାଉଣ୍ଟରେ ଜମା ପରିମାଣ ବଢ଼ିବାରେ ଲାଗିଛି। ଚଳିତ ବର୍ଷ ଜାନୁୟାରୀ ୩୦ ସୁଦ୍ଧା ଜନଧନ ଯୋଜନାରେ ବ୍ୟାଙ୍କରେ ୮୯,୨୫୭.୫୭ କୋଟି ଟଙ୍କା ଜମା ପଡିଲାଣି। ଜାନୁୟାରୀ ୨୩ ସୁଦ୍ଧା ଏହା ୮୮,୫୬୬.୯୨ କୋଟି ଟଙ୍କା ଥିଲା। ଏହି ଯୋଜନାରେ ପୂର୍ବରୁ ଆକାଉଣ୍ଟଧାରୀଙ୍କୁ ୧ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା ଏବଂ ୫ ହଜାର ଟଙ୍କାର ଓଭରଡ୍ରାଫ୍ଟ ସୁବିଧା ଦିଆଯାଉଥିଲା। ଏହି ଯୋଜନା ପ୍ରତି ଲୋକଙ୍କ ଆଗ୍ରହ ବୃଦ୍ଧିକୁ ଦେଖି ସରକାର ୨୦୧୮ ଅଗଷ୍ଟ ୨୮ ପରେ ବୀମା ରାଶିକୁ ୨ ଲକ୍ଷ ଟଙ୍କା ଏବଂ ଓଭରଡ୍ରାଫ୍ଟ ସୁବିଧାକୁ ୧୦ ହଜାରକୁ ବୃଦ୍ଧି କରିଛନ୍ତି। ସଦ୍ୟତମ ରିପୋର୍ଟ ଅନୁଯାୟୀ, ଅଦ୍ୟାବଧି ୩୪.୧୪ କୋଟି ଜନଧନ ଆକାଉଣ୍ଟ ଖୋଲାଯାଇଛି। ଏଥିରୁ ଜଣାପଡ଼ିଛି ଯେ, ପ୍ରାୟ ୫୯ ପ୍ରତିଶତ ଆକାଉଣ୍ଟଧାରୀ ହେଉଛନ୍ତି ମହିଳା। ଏହାଛଡ଼ା ୨୭.୨୬ କୋଟି ଆକାଉଣ୍ଟଧାରୀଙ୍କୁ ରୁପେ ଡେବିଟ୍ କାର୍ଡ ପ୍ରଦାନ କରାଯାଇଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧା ଡକ୍ୟୁମେଣ୍ଟ
fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ ।
ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୂ ଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9997928820

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଫାଇନାନ୍ସ ଧମାକା ୪% ସୁଧରେ ସବୁପ୍ରକାର ବ୍ୟକ୍ତି, ସଂସ୍ଥା କିମ୍ବା ଅନୁଷ୍ଠାନମାନଙ୍କୁ ୬୦ ଲକ୍ଷ ପର୍ଯ୍ୟନ୍ତ ବିନା ଗ୍ୟାରେଣ୍ଟରରେ ୨୦ ବର୍ଷ ପାଇଁ ଋଣ ଯୋଗାଇ ଦିଆଯାଉଛି। ମହିଳା ମାନଙ୍କ ପାଇଁ ୩% ସୁଧା
Email- sixdocuments@gmail.com
B-19, Moti Bagh, New Delhi
7064382081
8658167603

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ 6 ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଲୋନ୍ LOAN
ପର୍ସନାଲ ଲୋନ୍, ହୋମ ଲୋନ୍, ବ୍ୟବସାୟିକ, ପ୍ରୋଜେକ୍ଟ, ମଡ୍‌ଗେଜ, କୃଷି, ସ୍ୱରୋଜଗାର ଲୋନ୍।
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No.15 HB Colony, Lewis Road Bhubaneswar-751002
8987997062

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

SHRI DURGA FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଶ୍ରୀ ଦୁର୍ଗା ଋଣ (ISO: 9001:1993)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 50% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

FINANCE
ବ୍ୟବସାୟୀମାନେ ନିଜ ବ୍ୟବସାୟର ଫଟୋ (ଦୋକାନ, ମେସିନ, ଗାଡ଼ି) ଓ ପ୍ରମାଣପତ୍ର ଦେଇ ୨୦ଲକ୍ଷ ଏବଂ ବେରୋଜଗାରୀ ନୂତନ ବ୍ୟବସାୟ କରିବାପାଇଁ ଆନୁମାନିକ ମୂଲ୍ୟର ବିବରଣୀ ଦେଇ ୧୫ଲକ୍ଷ ପର୍ଯ୍ୟନ୍ତ ବାର୍ଷିକ ୪% ସୁଧରେ ଋଣ ନେଇ ପାରିବେ।
Contact
8658340105

S.R. Network
କମ୍ପାନୀ ଦ୍ୱାରା ଜମି, ଛାତ, ଚାଷଜମି, ପ୍ଲଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 65 ଲକ୍ଷ, ଭଡ଼ା 42,000/-, ବାଇକ୍ ମାଗଣା। ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।
ମୋବାଇଲ ନଂ.:
9179208056
8750476936
HNO.31, BLOCK NO.2, VILL. BHUNA, TEHSIL/DISTT.-FATEHABAD

!! ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର !!
ଭାରତର ପ୍ରସିଦ୍ଧ ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ ମାର୍କଶିଟ୍, ପର୍ସନାଲ, ଆଧାରକାର୍ଡ ଋଣ 3 ଘଣ୍ଟାରେ ପାଆନ୍ତୁ
2% ସୁଧ 50% ରିହାତି + ସବ୍‌ସିଡି ଆଧାରକାର୍ଡ ଉପରେ ଋଣ ପାଆନ୍ତୁ
ମା/ଭଉଣୀ/ବେରୋଜଗାର ଭାଇମାନଙ୍କ ପାଇଁ ବିଶେଷ ଅଫର୍
7827094474
7827246964
Add : - 41/14, Sec-1 Pushp Vihar, Delhi

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra


ଜମ୍ମୁ-କଶ୍ମୀର ରାଜଧାନୀ ଶ୍ରୀନଗରସ୍ଥିତ ଲାଲ୍‌ଚୌକର ଏକ ସିନେମା ହଲ୍‌ରେ ରବିବାର ରାତିରେ ଆତଙ୍କବାଦୀମାନେ ଗ୍ରେନେଡ୍ ଆକ୍ରମଣ କରିଛନ୍ତି। ଏଥିରେ ୭ ସୁରକ୍ଷା କର୍ମୀଙ୍କ ସମେତ ୧୧ ଆହତ ହୋଇଛନ୍ତି। କୌଣସି ଆତଙ୍କବାଦୀ ସଙ୍ଗଠନ ଏଥିପାଇଁ ନିଜକୁ ଦାୟୀ କରି ନ ଥିଲେ ହେଁ ଏହା ପଛରେ ଲଶ୍କର କିମ୍ବା ହିଜ୍‌ବୁଲ୍‌ର ହାତ ଥାଇପାରେ ବୋଲି ସନ୍ଦେହ କରାଯାଉଛି।




## ସଂକ୍ଷେପରେ

### ରାଷ୍ଟ୍ରୀୟ ସାମାଜିକ ନ୍ୟାୟ ମଞ୍ଚ ଅଧକ୍ଷ, କର୍ମୀ ବିଜେଡିରେ ସାମିଲ

ଭୁବନେଶ୍ୱର,୧୦।୨(ବ୍ୟୁରୋ): ରାଷ୍ଟ୍ରୀୟ ସାମାଜିକ ନ୍ୟାୟ ମଞ୍ଚର ଅଧକ୍ଷ ଆଡଭୋକେଟ୍ ମାନସ ଦାସ, ସାମାଜିକ କର୍ମୀ ସୁଜାତା ମାନସ ଏବଂ ମଞ୍ଚର ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଦଳୀୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଦଳୀୟ କାର୍ଯ୍ୟାଳୟରେ ହୋଇଥିବା ମିଶ୍ରଣ ପର୍ବରେ ମାନସ ଏବଂ ସାଥୀ ବିଜେଡିରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଯୋଗଦାନକୁ ସ୍ୱାଗତ କରିବା ସହ ଦଳ ପାଇଁ ଶୁଭଙ୍କର ବୋଲି ମତ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ମିଶ୍ରଣ ପର୍ବରେ ଭୁବନେଶ୍ୱର-ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର ଏବଂ ପୂର୍ବତନ ମେୟର ଅନନ୍ତ ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# 'ଅପହରଣକାରୀଙ୍କୁ ସୁରକ୍ଷା ଦେଉଛି ରାଜ୍ୟ ପୋଲିସ'

ଭୁବନେଶ୍ୱର, ୧୦।୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧୀନରେ ଥିବା ଗୃହ ବିଭାଗର ପୋଲିସ ନାବାଳିକା ବଳାତ୍କାରୀ ଏବଂ ଅପହରଣକାରୀଙ୍କୁ ସୁରକ୍ଷା ଯୋଗାଉଛି । ଏନେଇ ଭାଜପା ମହିଳା ମୋର୍ଚ୍ଚା ଆଗରୁ ବହୁବାର ଅଭିଯୋଗ କରିଛି। ବର୍ତ୍ତମାନ ଏହି କଥାରେ ଦିଲ୍ଲୀ ମହିଳା କମିଶନର ଅଧକ୍ଷା ସ୍ୱାତୀ ମାଲିୱାଲ ମୋହର ମାରିଛନ୍ତି ବୋଲି ଭାଜପା ମହିଳା ମୋର୍ଚ୍ଚା ସଭାପତି ପ୍ରଭାତି ପରିଡା କହିଛନ୍ତି। ଦିଲ୍ଲୀ ମହିଳା କମିଶନ ଅଧକ୍ଷାଙ୍କ ଗୋଟିଏ ଚିଠି ରାଜ୍ୟର ଆଇନ ଶୃଙ୍ଖଳା ବ୍ୟବସ୍ଥାର ଏକ ଭୟଙ୍କର ଦୁର୍ବଳତାକୁ ପଦାରେ ପକାଇଛି ବୋଲି ସେ କହିଛନ୍ତି ।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଭାତି କହିଛନ୍ତି ଯେ, ମହିଳା କମିଶନ ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିବା ଚିଠିରୁ ଓଡିଶା ପୋଲିସର ଅପାରଗତା ପ୍ରମାଣିତ ହେଉଛି । ୨୦୧୭ରେ ସୁନ୍ଦରଗଡର ଜଣେ ୧୬ ବର୍ଷୀୟା ନାବାଳିକା ଝିଅଟିକୁ ଜଣେ ୪୦ବର୍ଷର ଲୋକ ଅପହରଣ କରିଥିଲା। ସେତେବେଳେ ଝିଅର ବାପା ପୋଲିସରେ ଅଭିଯୋଗ କରିଥିଲେ। ମାତ୍ର ଲାଠିକଟା ପୋଲିସ ନିଷ୍କ୍ରିୟତା ପ୍ରକାଶ କରି ସେହି ଘଟଣାରେ କୌଣସି ପଦକ୍ଷେପ ନେଲାନାହିଁ। ପୋଲିସ ଉକ୍ତ ଅପହରଣକାରୀକୁ ନିଜ ହାତପାଆନ୍ତାରୁ ଛାଡିଦେଲା । କାହା ଚାପରେ ପୋଲିସ ଏଭଳି କରିଥିଲା ବୋଲି ପ୍ରଭାତି ପ୍ରଶ୍ନ କରିଛନ୍ତି । ପ୍ରଭାତି ଆହୁରି କହିଛନ୍ତି ଯେ, ପରବର୍ତ୍ତୀ ସମୟରେ ଅପହରଣକାରୀ ସେହି ଝିଅକୁ ରାଜସ୍ଥାନରେ ବିକ୍ରି କରିଥିଲା। ସବୁ ଜାଣିଶୁଣି ବି ଓଡିଶା ପୋଲିସ କିଛି କଲାନାହିଁ। ଓଡିଶା ପୋଲିସ ନ୍ୟାୟ ଦେବାରେ ବିଫଳ ହେବା କାରଣରୁ ସବୁ କ୍ଷେତ୍ରରୁ ନିରାଶ ହୋଇ ଝିଅର ବାପା ଦିଲ୍ଲୀ ମହିଳା କମିଶନଙ୍କ ପାଖରେ ଅଭିଯୋଗ କଲେ। କମିଶନ ଗୋଟିଏ ଦିନରେ ଝିଅଟିକୁ ଉଦ୍ଧାର କରିପାରିଲେ। ଯାହା ଓଡିଶା ପୋଲିସ ୨ବର୍ଷରେ କରିପାରିଲେନାହିଁ। ସେହି ଅପହରଣ ମାମଲାରେ ଓଡିଶା ପୋଲିସର ସିଧାସଳଖ ସମ୍ପୃକ୍ତି ଥିବା ପ୍ରମାଣିତ ହେଉଛି । ଏ ସମ୍ପର୍କରେ ଦିଲ୍ଲୀ ମହିଳା କମିଶନ ଅଧ୍ୟକ୍ଷା ମୁଖ୍ୟମନ୍ତ୍ରୀଙ୍କୁ ୨ଦିନ ତଳୁ ଚିଠି ଦେଇଥିବା ବେଳେ ଉତ୍ତର ମିଳିନାହିଁ। ଏହି ଘଟଣାରେ ସମ୍ପୃକ୍ତ ପୋଲିସ ବିରୋଧରେ କାହିଁକି ମୁଖ୍ୟମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ବୋଲି ପ୍ରଭାତି ପ୍ରଶ୍ନ କରିଛନ୍ତି ।

ପ୍ରଭାତିଙ୍କ ଏଭଳି ଅଭିଯୋଗକୁ ଖଣ୍ଡନ କରି ବିଜେଡି ମୁଖପାତ୍ର ସମୀର ଦାଶ କହିଛନ୍ତି ଯେ, ଏଭଳି ଅଭିଯୋଗ କରିବା ଭାଜପାର ଚିରାଚରିତ ଅଭ୍ୟାସରେ ପରିଣତ ହୋଇଛି। ରାଜ୍ୟ ସରକାର ମହିଳାମାନଙ୍କୁ ସବୁବେଳେ ସମ୍ମାନ ଦେଇ ଆସିଛନ୍ତି। ଏହି ଘଟଣାକୁ ମଧ୍ୟ ସରକାର ଗୁରୁତର ସହ ନେଇଥିଲେ। ମହିଳା କମିଶନ ଯାହା ଚିଠି ଲେଖନ୍ତି ମୁଖ୍ୟମନ୍ତ୍ରୀ ସବୁବେଳେ ଉତ୍ତର ଦେଇଥାଆନ୍ତି। ମୁଖ୍ୟମନ୍ତ୍ରୀ କ'ଣ ଉତ୍ତର ଦେଲେ କି ନ ଦେଲେ ସେକଥା କ'ଣ ଭାଜପାକୁ ଜଣାଇବା ଦରକାର କି ବୋଲି ସମୀର କହିଛନ୍ତି।

# 'ଚାଷୀଙ୍କୁ ରୂପେ କାର୍ଡ ବଣ୍ଟନ ଉପରେ ଗୁରୁତ୍ୱ'

ଭୁବନେଶ୍ୱର,୧୦।୨(ବ୍ୟୁରୋ)

ଆସନ୍ତା ମାସକ ମଧ୍ୟରେ ରାଜ୍ୟ ସରକାର ପ୍ରାୟ ୨୧ ଲକ୍ଷ ୪୦ ହଜାର ରୂପେ କାର୍ଡ ବାଣ୍ଟିବା ପାଇଁ ଯୋଜନା କରୁଛନ୍ତି। ନିକଟରେ ରାଜ୍ୟ ସରକାର କିଷାନ୍ କ୍ରେଡିଟ୍ କାର୍ଡ ସମ୍ବନ୍ଧୀୟ ସମୀକ୍ଷା ପରେ ଏହି ସୂଚନା ଦେଇଛନ୍ତି। ରାଜ୍ୟର ବିଭିନ୍ନ ବ୍ୟାଙ୍କରେ ଚାଷୀମାନଙ୍କର ଆକାଉଣ୍ଟ ରହିଛି। ସେହି ସମସ୍ତ ଚାଷୀଙ୍କୁ କିଷାନ୍ କ୍ରେଡିଟ୍ କାର୍ଡ ଦେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ସାରା ଭାରତରେ ପ୍ରାୟ ୭ କୋଟିରୁ ସାମାନ୍ୟ କମ୍ କିଷାନ୍ କ୍ରେଡିଟ୍ କାର୍ଡ କାର୍ଯ୍ୟକାରୀ କରୁଛି। ଓଡ଼ିଶା ସମବାୟ ବ୍ୟାଙ୍କରେ ପ୍ରାୟ ୧୪ ଲକ୍ଷ କିଷାନ୍ କ୍ରେଡିଟ୍ କାର୍ଡ କାର୍ଯ୍ୟକାରୀ କରୁଅଛି। ଏହି ସମସ୍ତ କ୍ରେଡିଟ୍ କାର୍ଡକୁ ରୂପେ କାର୍ଡରେ ପରିଣତ କରାଯିବ ବୋଲି ଜଣାପଡିଛି। ଯେଉଁ ଚାଷୀଙ୍କ ବ୍ୟାଙ୍କ୍ ଆକାଉଣ୍ଟ ନାହିଁ, ସେମାନଙ୍କୁ ତୁରନ୍ତ ଆକାଉଣ୍ଟ ଖୋଲିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି।

**JEWELS INTERNATIONAL**
**Chetana College of Special Education**
(Recognized by SSEPD Department, Govt. of Odisha, Approved by Rehabilitation Council of India)
Affiliated to Utkal University
Contact : 9437126187, 9437265920, 9090207307
E-mail : chetanacollege@yahoo.co.in
Website: http://www.chetana-jewelsinternational.org
Applications are invited for admission in to D.Ed.Special Education (MR) for the Academic Session 2019-2021. Last date for receiving on line application is 15.03.2019. The Prospectus and Application form is available at RCI Website **https://applyadmission.net/aioat2019/.** Application Forms of B.Ed, M.Ed. Special Education (MR) & M.A in Applied Psychology will be available after 15.03.2019.
**Principal**

# ଇଣ୍ଡିଆ ବୁକ୍ ଅଫ ରେକର୍ଡସ୍‌ରେ କେନ୍ଦୁଝର ଶ୍ରୀଶ୍ରୀ ବଳଦେବଜୀଉଙ୍କ ରଥ

କେନ୍ଦୁଝର, ୧୦।୨(ସ୍ୱ.ପ୍ର.)



ମିଳିଥିବା ଇଣ୍ଡିଆ ବୁକ ଅଫ୍ ରେକର୍ଡ ପ୍ରମାଣପତ୍ର।

କେନ୍ଦୁଝରର ଶ୍ରୀଶ୍ରୀ ବଳଦେବଜୀଉଙ୍କ ରଥ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ବୁକ ଅଫ ରେକର୍ଡସ୍‌ରେ ସ୍ଥାନ ପାଇଛି। ଦେଶରେ ସର୍ବୋଚ୍ଚ ରଥ ଭାବେ ମାନ୍ୟତା ମିଳିଛି। ଉକ୍ତ ସଂସ୍ଥାର ଅଧିକାରୀ ରାଜେଶ କୁମାର ବର୍ମା ରବିବାର କେନ୍ଦୁଝର ଗସ୍ତକରି ରଥର ଉଚ୍ଚତା ମାପିବା ସହ ବିଭିନ୍ନ ଦସ୍ତାବିଜ ଯାଞ୍ଚକରି ଏହି ଘୋଷଣା କରିଛନ୍ତି। ଏ ନେଇ କେନ୍ଦୁଝର ଉପଜିଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ସୋମନାଥ ପ୍ରଧାନଙ୍କୁ ପ୍ରମାଣପତ୍ର ଓ ମେଡାଲ ପ୍ରଦାନ କରାଯାଇଛି।

ପୂର୍ବରୁ ୫ଟି ସଂସ୍ଥା ପକ୍ଷରୁ ମଧ୍ୟ ସର୍ବୋଚ୍ଚ ରଥ ବୋଲି ପ୍ରମାଣପତ୍ର ମିଳିଥିଲା। ଏବେ ଏହି ସଂସ୍ଥା ପକ୍ଷରୁ ମିଳିବା ପରେ ଏହା ଗ୍ରୀନିଜ ବୁକ ଅଫ ୱାର୍ଲଡ ରେକର୍ଡସ୍ ଓ ଅନ୍ୟ ଗ୍ଲୋବାଲ ରେକର୍ଡସ୍ ପାଇଁ ଆବେଦନ କରାଯାଇପାରିବ ବୋଲି କୁହାଯାଉଛି। ଏହି ରଥ ରାଜାରାଜୁଡା ଅମଳରୁ ପ୍ରସ୍ତୁତ ହୋଇ ଆସୁଛି। ଏହି ରଥର ଉଚ୍ଚତା ଆଗରୁ ଅଧିକ ଥିଲା। କାଠର ଅଭାବ ଯୋଗୁଁ ଏହା କମିବାକୁ ଲାଗିଥିବା କୁହାଯାଉଛି।




■ ମହାନଦୀ ଜଳ ବିବାଦ ପ୍ରସଙ୍ଗ

# ଓଡ଼ିଶାରେ କଂଗ୍ରେସ ଆସିଲେ, ସମାଧାନ ସହଜ

ଭୁବନେଶ୍ୱର, ୧୦।୨(ବ୍ୟୁରୋ)

ମହାନଦୀ ଜଳକୁ ନେଇ ଚାଲିଥିବା ବିବାଦ ଏତେ ବି ବଡ ପ୍ରସଙ୍ଗ ନୁହେଁ। ଦୁଇ ରାଜ୍ୟ ମଧ୍ୟରେ ଆପୋସ ବୁଝାମଣା କରି ଏହାର ସମାଧାନର ରାସ୍ତା କଢାଯାଇପାରିବ। ଆସନ୍ତା ନିର୍ବାଚନରେ ଯଦି ଓଡିଶାରେ କଂଗ୍ରେସ ସରକାରକୁ ଆସେ ତେବେ ଏହି ସମସ୍ୟାର ସମାଧାନ କରିବା ଆହୁରି ସହଜ ହୋଇଯିବ ବୋଲି ଛତିଶଗଡ କୃଷିମନ୍ତ୍ରୀ ଟି.ଏସ୍. ସିଂ ଦେଓ କହିଛନ୍ତି। ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଓଡିଶା ଆସିବା ଅବସରରେ ସିଂ ଦେଓ କହିଛନ୍ତି, ଏଥର ନିର୍ବାଚନରେ କଂଗ୍ରେସ ଓଡିଶାରେ ଭଲ ପ୍ରଦର୍ଶନ କରିବ। ନିର୍ବାଚନରେ ଛତିଶଗଡ ଭଳି ଓଡିଶାରେ ମଧ୍ୟ ଦଳର ସମାନ ଦୃଷ୍ଟିଭଙ୍ଗୀ ରହିବ। ନିର୍ବାଚନୀ ଇସ୍ତାହାରରେ ସାଧାରଣ ଲୋକମାନଙ୍କ ମତକୁ ଗୁରୁତ୍ୱ ଓ ସମ୍ମାନ ଦିଆଯିବ ବୋଲି ସିଂ ଦେଓ କହିଛନ୍ତି। ନିର୍ବାଚନ ପୂର୍ବରୁ ମହାନଦୀ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଓଡିଶା ଆସୁଥିବା ଛତିଶଗଡ ଶାସକ ଦଳ ନେତାଙ୍କ ଏଭଳି ବୟାନକୁ ସାଧାରଣରେ ସହଜରେ ଗ୍ରହଣ କରାଯାଇପାରୁ ନାହିଁ। ଅନ୍ୟପଟେ ମହାନଦୀ ଜଳ ବିବାଦ ନେଇ ଟ୍ରିବ୍ୟୁନାଲରେ ମଧ୍ୟବର୍ତ୍ତିକାଳୀନ ଶୁଣାଣି ଶେଷ ହୋଇଛି। ଆସନ୍ତା ମାର୍ଚ୍ଚ ୯ ତାରିଖ ମଧ୍ୟରେ ମହାନଦୀରେ ଜଳପ୍ରବାହ ଓ ଜଳହ୍ରାସ ସ୍ଥିତି ସମ୍ପର୍କରେ ଠିକ୍ ବିବରଣୀ ଦାଖଲ କରିବା ପାଇଁ ଟ୍ରିବ୍ୟୁନାଲ ଖଣ୍ଡପୀଠ ଉଭୟ ଓଡିଶା ଓ ଛତିଶଗଡକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ମହାନଦୀ ପ୍ରସଙ୍ଗକୁ ନେଇ ଦୀର୍ଘଦିନ ହେବ ଛତିଶଗଡ ଓ ଓଡିଶା ମୁହାଁମୁହିଁ ହେଉଛନ୍ତି। ମହାନଦୀ ଉପରେ ଛତିଶଗଡର ରମଣ ସିଂଙ୍କ ସରକାର ସମୟରେ ଶତାଧିକ ବ୍ୟାରେଜ ଓ ଡ୍ୟାମ ନିର୍ମାଣ କରାଯାଇଛି। ଫଳରେ ଓଡିଶାକୁ ଯେତିକି ପାଣି ଆସିବା କଥା ଆସୁନାହିଁ। ଏହାକୁ ନେଇ ସମାଧାନର ରାସ୍ତା ବାହାରୁ ନ ଥିବାବେଳେ ନିକଟରେ ଛତିଶଗଡର ରମଣ ସିଂଙ୍କ ସରକାରକୁ କଂଗ୍ରେସ ଗାଦିଚ୍ୟୁତ କରିଛି। ଛତିଶଗଡରେ ବର୍ତ୍ତମାନ କଂଗ୍ରେସ ସରକାରରେ ଅଛି। ଏହି ସମୟରେ ଓଡିଶାର କଂଗ୍ରେସ ନେତୃବୃନ୍ଦ ଛତିଶଗଡର ବିଭିନ୍ନ ମନ୍ତ୍ରୀଙ୍କୁ ଆଣି ନିର୍ବାଚନୀ ପ୍ରଚାରରେ ଲଗାଇଛି। ଛତିଶଗଡର ନୂଆ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ମଧ୍ୟ ଏହା ଭିତରେ ଦୁଇଥର ଓଡିଶା ଆସି ସାରିଲେଣି। ତେଣୁ କଂଗ୍ରେସ ନେତୃବୃନ୍ଦ ଏହି ପ୍ରସଙ୍ଗରେ କିଛି ସମାଧାନ ବାଟ କାଢିପାରନ୍ତି ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା: ଭଦ୍ରକ,
ମାଷ୍ଟର ବାବୁ କମ୍ପ୍ଲେକ୍ସ, ଛପୁଲିଆ, ବାଏପାସ୍ ରୋଡ୍, ଜିଲ୍ଲା: ଭଦ୍ରକ
ଶାଖା ଫୋନ୍ ନଂ.: ୦୬୭୮୪-୨୫୦୩୫୩, ଶାଖା ଇ-ମେଲ: sbi.18397@sbi.co.in

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଦର୍ଶିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ, ୨୦୦୨ ଅନ୍ତର୍ଗତ) ନିମ୍ନଦର୍ଶିତ ସମ୍ପତ୍ତିଗୁଡିକୁ **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି।

**ଇ-ନିଲାମ ତାରିଖ ଏବଂ ସମୟ: ତା୨୭.୦୨.୨୦୧୯ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୩୦ ଘଟିକା ପର୍ଯ୍ୟନ୍ତ**
ପ୍ରତ୍ୟେକଙ୍କ ନିମନ୍ତେ ୫ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ

**କ୍ଷମତାପ୍ରାପ୍ତ ଅଧିକାରୀ: ଜାମିନୀ ରଞ୍ଜନ ସାହୁ, ଇ-ମେଲ: jamini.sahu@sbi.co.in, ମୋ: ୯୪୩୭୪୯୭୦୫୩**

| କ୍ର. ନଂ. | ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ଜାମିନଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|---|
| ୧. | **ତାଳଚେର ଫର୍ଟିଲାଇଜର ଟାଉନସିପ୍ ଶାଖା /** ୧. **ଋଣଗ୍ରହୀତା: ସୁମନ୍ତ ସାହୁ,** ପିତା: ଶେଷଦେବ ସାହୁ, ସା: ବଡସିଙ୍ଗଡା, ପୋ: ଭରତପୁର ଜିଲ୍ଲା: ଅନୁଗୁଳ / **ଆକାଉଣ୍ଟ ନଂ.: ୩୩୨୩୪୦୧୦୮୮୨, ୩୨୫୫୮୩୯୬୧୯୨, ୩୧୭୩୪୨୩୩୦୫୫** | | ସୁମନ୍ତ ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ତୁରଙ୍ଗ, ଜିଲ୍ଲା: ଅନୁଗୁଳ, ଖାତା ନଂ.: ୯୨୯/୨୫୬୦, ପ୍ଲଟ୍ ନଂ.: ୧୯୩୦/୯୭୧୭, କ୍ଷେତ୍ର: ଏକର୦.୦୮ ଡିସିମିଲି, ଖାତା ନଂ.: ୯୨୯/୨୬୧୪, ପ୍ଲଟ୍ ନଂ.: ୧୯୨୫, କ୍ଷେତ୍ର: ଏକର୦.୦୬ଡିସିମିଲି ଓ ପ୍ଲଟ୍ ନଂ.: ୧୯୩୧, କ୍ଷେତ୍ର: ଏକର୦.୦୫ଡିସିମିଲି ଏବଂ ଖାତା ନଂ.: ୯୨୯/୨୭୪୫, ପ୍ଲଟ୍ ନଂ.: ୧୯୩୦, କ୍ଷେତ୍ର: ଏକର୦.୦୪ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୨୩ଡିସିମିଲି,** କିସମ: ଘରବାରୀ | ୩୧.୦୭.୨୦୧୪ ସୁଦ୍ଧା ଟ.୭୧,୨୧,୧୩୪/- + ୦୧.୦୮.୨୦୧୪ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / ୧୧.୦୯.୨୦୧୪ | ଟ.୧,୪୭,୬୦,୦୦୦/- / ଟ.୧୪,୭୬,୦୦୦/- / ଟ.୧,୦୦,୦୦୦/- |
| | ୨. **ଋଣଗ୍ରହୀତା: ରଘୁନାଥ ନାଏକ,** ପିତା: ହରିହର ନାଏକ, ସା/ପୋ: ସାକସିଂହା, ଥାନା: ଅନୁଗୁଳ, ଜିଲ୍ଲା: ଅନୁଗୁଳ / **ଆକାଉଣ୍ଟ ନଂ.: ୩୩୦୮୫୯୫୩୧୨୧** | **ଜାମିନ୍‌ଦାର/ବନ୍ଧକଦାତା: ସୁମନ୍ତ ସାହୁ,** ପିତା: ଶେଷଦେବ ସାହୁ, ସା: ବଡସିଙ୍ଗଡା, ପୋ: ଭରତପୁର ଜିଲ୍ଲା: ଅନୁଗୁଳ | | ୨୧.୦୯.୨୦୧୬ ସୁଦ୍ଧା ଟ.୧୯,୧୬,୧୨୦.୮୧ + ୨୨.୦୯.୨୦୧୬ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / ୨୨.୦୯.୨୦୧୬ | |
| ୨. | **ଏସ୍ଏଲ୍ ମାଇନିଂ ଶାଖା, ଜୁରୁଡି /** ଋଣଗ୍ରହୀତାମାନେ: ୧) **ରୋଜ୍ ମହମ୍ମଦ,** ପିତା: ଅବଦୁଲ ସତାର, ୨) **ଶେହନାଜ୍ ବାନୋ,** ସ୍ୱାମୀ: ରୋଜ୍ ମହମ୍ମଦ, ଉଭୟଙ୍କ ଠିକଣା: ସା: ଜୁରୁଡି, ପୋ: ଜଜାଙ୍ଗ, ଭାୟା: ଯୋଡା, ଜିଲ୍ଲା: କେନ୍ଦୁଝର-୭୫୮୦୩୪ / **ଆକାଉଣ୍ଟ ନଂ.: ୩୦୯୬୧୮୩୩୮୬୬** | | ରୋଜ୍ ମହମ୍ମଦ ଏବଂ ଶେହନାଜ୍ ବାନୋଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଜାରୋଲି, ଖାତା ନଂ.: ୮୬/୨୨୭, ପ୍ଲଟ୍ ନଂ.: ୩୭୨/୭୪୩, କ୍ଷେତ୍ର: ଏକର୦.୧୯ଡିସିମିଲି, କିସମ: ଘରବାରୀ | ୩୦.୦୪.୨୦୧୬ ସୁଦ୍ଧା ଟ.୬୩,୮୨,୯୦୬/- + ୦୧.୦୫.୨୦୧୬ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / ୦୨.୦୫.୨୦୧୬ | ଟ.୧,୧୪,୫୮,୦୦୦/- / ଟ.୧୧,୪୫,୮୦୦/- / ଟ.୧,୦୦,୦୦୦/- |

* ମାନ୍ୟବର ଡେବ୍‌ଟ୍ସ ରିକଭରି ଆପିଲେଟ୍ ଟ୍ରିବୁନାଲ, କୋଲକାତାଙ୍କ ଠାରେ ବିଚାରାଧିନ ଟେଣ୍ଡର ନଂ. ୧୩୧/୨୦୧୭ ର ନିର୍ଣ୍ଣୟ ଅନୁଯାୟୀ କ୍ର. ନଂ. ୧ରେ ଦର୍ଶିତ ସମ୍ପତ୍ତିର ବିକ୍ରୟ ଚୂଡାନ୍ତ ହେବ।

ସମ୍ପତ୍ତିଗୁଡିକ ତନଖି କରିବାର ତାରିଖ ଓ ସମୟ: **ତା.୨୧.୦୨.୨୦୧୯ରିଖ** ପୂର୍ବାହ୍ନ ୧୦.୦୦ ରୁ ଅପରାହ୍ନ ୪.୦୦ ଘଟିକା

ଅମାନତ ଜମା ପ୍ରମାଣ, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ:
**ତା.୨୬.୦୨.୨୦୧୯ରିଖ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ**

ନିଲାମର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ, ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ୱେବସାଇଟ୍ **www.sbi.co.in at link https://bank.sbi/portal/web/home/auction-notices** ଦେଖନ୍ତୁ

ତାରିଖ : ୦୮.୦୨.୨୦୧୯, ସ୍ଥାନ: ଭଦ୍ରକ
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ
ଭାରତ ସରକାର



ସାରା ଓଡ଼ିଶାରେ
ଏକ ସାଥିରେ ପାଳନ ହେଉଛି




**ଶୁଶ୍ରୀ ଉମା ଭାରତୀ**
ପାନୀୟ ଜଳ ଏବଂ ପରିମଳ ମନ୍ତ୍ରୀ
ଭାରତ ସରକାର

**ଧର୍ମେନ୍ଦ୍ର ପ୍ରଧାନ**
ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍,
ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ, ଭାରତ ସରକାର

ନୂଆଦିଲ୍ଲୀରୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଯୋଗଦେବେ

ଉତ୍ସବ ସ୍ଥଳ

| ଜିଲ୍ଲା | କାର୍ଯ୍ୟକ୍ରମ ସ୍ଥଳ |
|---|---|
| ମୟୂରଭଞ୍ଜ | ମେଳଣ ପଡ଼ିଆ, କରଞ୍ଜିଆ |
| ମୟୂରଭଞ୍ଜ | ଗାନ୍ଧି ପଡ଼ିଆ, ନଛିପୁରିଆ, ବେତନଟୀ |
| ବାଲେଶ୍ୱର | ଚଣ୍ଡିମନ୍ଦିର ସାମ୍ନା ପଡ଼ିଆ, ସଜନାଗଡ଼, ନୀଳଗିରି |
| ଭଦ୍ରକ | ବ୍ଲକ୍ ଅଫିସ୍ ସାମ୍ନା ପଡ଼ିଆ, ବନ୍ତ |
| କେନ୍ଦ୍ରାପଡ଼ା | ରାଜନଗର ହାଇସ୍କୁଲ ପଡ଼ିଆ, ରାଜନଗର |
| ଯାଜପୁର | ବାସନ୍ତୀ ପଡ଼ିଆ, ଦାଣ୍ଡିସାହି, ଦଶରଥପୁର |
| କେନ୍ଦୁଝର | ଗାଁ ପଡ଼ିଆ, ବାଲିପାଳ, ଘସିପୁରା |
| ଅନୁଗୋଳ | ମକର ମେଳଣ ପଡ଼ିଆ, ବାଲିସାହି |
| ଢେଙ୍କାନାଳ | ବିଶ୍ୱକର୍ମା ପଡ଼ିଆ, ଖଜୁରିଆକଟା, ହିନ୍ଦୋଳ |
| କଟକ | ବନିପଦା ଫୁଟବଲ ପଡ଼ିଆ, ଟାଙ୍ଗୀ |
| କଟକ | ଗୋବରୀ ବ୍ରିଜ୍ ପାଖ ପଡ଼ିଆ, ଅଳିଜୋଡ଼ା, ମାହାଙ୍ଗା |
| ଜଗତସିଂହପୁର | ବିବେକାନନ୍ଦ ହାଇସ୍କୁଲ ପଡ଼ିଆ, ଜୋତ |
| ପୁରୀ | ଶୁଭପ୍ରଭା ମଣ୍ଡପ ପଡ଼ିଆ, କୁସୁପୁର, ଗୋପ |
| ଖୋର୍ଦ୍ଧା | ନୂଆ ବସ୍‌ଷ୍ଟାଣ୍ଡ ପଡ଼ିଆ, ଜଟଣୀ |
| ନୟାଗଡ଼ | ବାଲୁଙ୍କେଶ୍ୱର ପଡ଼ିଆ, କଞ୍ଚନବିଲି |

| ଜିଲ୍ଲା | କାର୍ଯ୍ୟକ୍ରମ ସ୍ଥଳ |
|---|---|
| କନ୍ଧମାଳ | ଶିବ ମନ୍ଦିର ପଡ଼ିଆ, କେ ନୂଆଗାଁ |
| ଗଞ୍ଜାମ | ରଥଦାଣ୍ଡ, ଜରଡ଼ା, ପାତ୍ରପୁର |
| ଗଞ୍ଜାମ | ସମଲେଇ ମନ୍ଦିର ପାଖ ପଡ଼ିଆ, ବୁରୁପଦା, ହିଞ୍ଜିଳି |
| ରାୟଗଡ଼ା | ବସ୍‌ଷ୍ଟାଣ୍ଡ ପାଖ ପଡ଼ିଆ, ଶିକରପଇ, କଲ୍ୟାଣସିଂହପୁର |
| କୋରାପୁଟ | ବ୍ଲକ୍ ଅଫିସ୍ ପାଖ ପଡ଼ିଆ, ଲକ୍ଷ୍ମୀପୁର |
| ମାଲ୍‌କାନଗିରି | ମାଥିଲି ଖେଳ ପଡ଼ିଆ, ମାଥିଲି |
| ନବରଙ୍ଗପୁର | ରତାଖଣ୍ଡିଗୁଡ଼ା ଷ୍ଟାଡିୟମ, ରତାଖଣ୍ଡିଗୁଡ଼ା, ଝରିଗାଁ |
| କଳାହାଣ୍ଡି | ପଞ୍ଚାୟତ ହାଇସ୍କୁଲ ପଡ଼ିଆ, ଦୁଆରସୁଣି, ଭବାନୀପାଟଣା |
| ନୂଆପଡ଼ା | ସାପ୍ତାହିକ ବଜାର ପଡ଼ିଆ, ବୋଡ଼େନ, ଖରିଆର |
| ବଲାଙ୍ଗୀର | କରମତଳା ହାଇସ୍କୁଲ ପଡ଼ିଆ, ସଇଁତଳା |
| ବରଗଡ଼ | ଗାଁ ପଡ଼ିଆ, କଣ୍ଟାପାଲ୍ଲୀ |
| ଝାରସୁଗୁଡ଼ା | ସତସଙ୍ଗ ଭବନ ପଡ଼ିଆ, ମନମୋହନ ଏମ୍‌ଇ ସ୍କୁଲ ପାଖ |
| ସମ୍ବଲପୁର | ମିନି ଷ୍ଟାଡିୟମ, ନାକଟିଦେଉଳ |
| ସୁନ୍ଦରଗଡ଼ | ରାଜାବଙ୍ଗଳା ପଡ଼ିଆ, ବାଲିଶଙ୍କରା |
| ସୁନ୍ଦରଗଡ଼ | ରାହାସ ପଡ଼ିଆ, ଜଗନ୍ନାଥ ମନ୍ଦିର ପାଖ, କୁଆଁରମୁଣ୍ଡା |

୧୧ ଫେବୃୟାରୀ ୨୦୧୯



ଯିଏ ସାଧୁସନ୍ଥଙ୍କୁ ଅବମାନନା କରେ, ତା'ର ସମସ୍ତ ପୁଣ୍ୟ, ଧର୍ମ, ଧନସମ୍ପତ୍ତି, ଯଶ, ଆୟୁ, ଆଶିଷ ଓ ସମସ୍ତ ହିତକର ବିଷୟ ନଷ୍ଟ ହୋଇଯାଏ।

- ବ୍ୟାସଦେବ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଶ୍ରୀ ଶନିଶ୍ଚର ମହାଗ୍ରହ ମନ୍ଦିର ଟ୍ରଷ୍ଟ, ବାଣୀବିହାର ପକ୍ଷରୁ ମନ୍ଦିର ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ଯଜ୍ଞ, ମନ୍ଦିର ପ୍ରାଙ୍ଗଣ, ଶନିବିହାର, ବାଣୀବିହାର ମୁଖ୍ୟଫାଟକ ସମ୍ମୁଖ, ସକାଳ ୮ଟା।
- ଭୁବନେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ପଦଯାତ୍ରା, ଶ୍ରୀଲିଙ୍ଗରାଜ ମନ୍ଦିର ସମ୍ମୁଖ, ପୂର୍ବାହ୍ନ ୧୦ଟା।
- ସେବା ପ୍ରତିନିଧି ପକ୍ଷରୁ ଧାରଣା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୦ଟା।
- ଜୀବ ବିଜ୍ଞାନ ଅନୁଷ୍ଠାନ(ଆଇଏଲ୍‌ଏସ୍)ର ପ୍ରତିଷ୍ଠା ଦିବସ, ଅନୁଷ୍ଠାନ ପରିସର, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଜଙ୍ଗଲ ଅଧିକାର ମଞ୍ଚ ପକ୍ଷରୁ ରାଜ୍ୟସ୍ତରୀୟ ସମ୍ମିଳନୀ, କସ୍ତୁରବା ନାରୀ ମହଲ, ୧ନଂ ହାଟ ପଛପାଖ, ଏଜି ଛକ ନିକଟ, ୟୁନିଟ-୧, ପୂର୍ବାହ୍ନ ୧୦ଟା।
- ଜନମଙ୍ଗଳ ବସ୍ତି ବିକାଶ ସମିତି ପକ୍ଷରୁ ପ୍ରତିବାଦ ସଭା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ନିଖିଳ ଉତ୍କଳ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ କର୍ମଚାରୀ ସଂଘ ପକ୍ଷରୁ ରାଲି, ମାଷ୍ଟରକ୍ୟାଣ୍ଟିନ, ପୂର୍ବାହ୍ନ ୧୧ଟା।
- ସର୍ବୋଦୟ ଇଣ୍ଟରନ୍ୟାଶନାଲ୍ ଟ୍ରଷ୍ଟ, ଓଡ଼ିଶା ଓ ଇଲା ପଣ୍ଡା ସେଣ୍ଟର ଫର୍ ଆର୍ଟସ୍‌ର ମିଳିତ ଆନୁକୂଲ୍ୟରେ ଗାନ୍ଧିଜୀଙ୍କ ଉପରେ ପ୍ରଦର୍ଶନୀ, ଲଳିତ କଳା ଏକାଡେମୀ ଆଞ୍ଚଳିକ କେନ୍ଦ୍ର, ଅପରାହ୍ନ ୫ଟା ୩୦।
- ଗୋଲଡେନ୍ ଟ୍ରାଏଙ୍ଗଲ ଇଣ୍ଟରନ୍ୟାଶନାଲ୍ ଫିଲ୍ମ ଫେଷ୍ଟିଭାଲ, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା।
- ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ ଓ ଡକ୍ଟର ଦାଶ ଫାଉଣ୍ଡେଶନ ପକ୍ଷରୁ 'ଫକୀର ମୋହନ ସାରସ୍ୱତ ସମ୍ମାନ' ସମାରୋହ, ଉତ୍କଳ ପ୍ରେକ୍ଷାଳୟ, ସନ୍ଧ୍ୟା ୭ଟା।
- 'ଚାଲ୍ ଟିକେ ପ୍ରେମ କରିବା' ଫିଲ୍ମର ଶୁଭ ମହୁରତ, ପ୍ରେସ କ୍ଲବ, ସନ୍ଧ୍ୟା ୭ଟା ୩୦।

**କଟକ**

- ଦି ଓଡ଼ିଶା ଷ୍ଟେଟ୍ ବାର୍ କାଉନସିଲ ପକ୍ଷରୁ ସ୍ମାରକପତ୍ର ପ୍ରଦାନ, ଜିଲାପାଳଙ୍କ କାର୍ଯ୍ୟାଳୟ, ଅପରାହ୍ନ ୧ଟା ।

**ପୁରୀ**

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କନ୍ୟାଶିବିର, ଘୋଡାବଜାର, ପୂର୍ବାହ୍ନ ୧୦ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କନ୍ୟାଶିବିର, ହରଚଣ୍ଡି ସାହି, ପୂର୍ବାହ୍ନ ୧୦ଟା ୩୦।

**ଖୋର୍ଦ୍ଧା**

- ଶ୍ରୀ ରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞ, ଭିଙ୍ଗାରପୁରସ୍ଥ ଦୁର୍ଗାମଣ୍ଡପ, ଅପରାହ୍ନ ୪ଟା।

**ବାଲିଅନ୍ତା**

- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ, ଭିଙ୍ଗାରପୁର ଦୁର୍ଗାମଣ୍ଡପ ନିକଟ, ରାତି ୮ଟା।

**ଖୁଣ୍ଟୁଣୀ**

- ୩୫ତମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ, ଭୋଗରା ବାଉତୀ ମନ୍ଦିର, ସକାଳ ୬ଟା।
- ୧୫ଶ ବାର୍ଷିକ ଯଜ୍ଞୋତ୍ସବ, ତୋଟପଡ଼ା, ଭଗବତ ଗୋସାଁଇଙ୍କ ପୀଠ, ସକାଳ ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ଓରନ୍ଦାସ୍ଥିତ ରାଧାକୃଷ୍ଣ ପୀଠ, ସକାଳ ୮ଟାରୁ ସନ୍ଧ୍ୟା ୬ଟା।

### ଗୋଲ୍‌ଡେନ୍ ଟ୍ରାଏଙ୍ଗଲ୍ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ

# 'ଦ ଅନ୍‌ସଙ୍ଗ୍'ରେ ବାଂଲାଦେଶ ମୁକ୍ତିଯୁଦ୍ଧ

ଭୁବନେଶ୍ୱର,୧୦।୨(ବ୍ୟୁରୋ)

୧୯୭୧ ମସିହା। ବାଂଲାଦେଶରେ ଚାଲିଥାଏ ମୁକ୍ତିଯୁଦ୍ଧ ବା ଲିବରେଶନ ୱାର୍। ବାଂଲାଦେଶକୁ ସେତେବେଳେ ପୂର୍ବ ପାକିସ୍ତାନ କୁହାଯାଉଥିବା ବେଳେ ପାକିସ୍ତାନ ଏହାକୁ ନିଜ କବ୍‌ଜାରେ ସବୁବେଳ ପାଇଁ ରଖିବା ଲାଗି ସେଠାରେ ଅପରେଶନ ସର୍ଚ୍ଚଲାଇଟ୍ ଆରମ୍ଭ କରିଥିଲା। ପଶ୍ଚିମ ପାକିସ୍ତାନ ବା ବର୍ତ୍ତମାନର ପାକିସ୍ତାନ ମିଲିଟାରୀ ଦଳ ୧୯୭୧ ମାର୍ଚ୍ଚରେ ବାଂଲାଦେଶ ଉପରେ ଆକ୍ରମଣ ଆରମ୍ଭ କରିଦେଇଥିଲେ। ଢାକା ଏବଂ ସମ୍ପୂର୍ଣ୍ଣ ବାଂଲାଦେଶରୁ ବଙ୍ଗାଳୀମାନଙ୍କୁ ତଡ଼ିବା ପାଇଁ ଏହା ଏକ ବିଧିବଦ୍ଧ ଯୋଜନା ଥିଲା। ପ୍ରାୟ ୧୦ ମିଲିୟନ୍ ବଙ୍ଗାଳୀ ଶରଣାର୍ଥୀ ଏହାମଧ୍ୟରେ ଭାରତକୁ ଅନୁପ୍ରବେଶ କରିଥିବା ବେଳେ ୩୦ ମିଲିୟନ୍ ଦେଶ ମଧ୍ୟରେ ସ୍ଥାନାନ୍ତର ହୋଇଥିଲେ। ଏଭଳି ଏକ ଅତର୍କିତ ଓ ଘୃଣ୍ୟ ଆକ୍ରମଣରୁ ବାଂଲାଦେଶକୁ ରକ୍ଷାକରିବା ପାଇଁ ମୁଣ୍ଡ ଟେକିଥିଲେ ବହୁ ବୀର ସଂଗ୍ରାମୀ। ଭାରତୀୟ ବାୟୁସେନା ସହାୟତାରେ ସେମାନେ ହାର୍ଡିଞ୍ଜ୍ ବ୍ରିଜ୍‌କୁ ବୋମା ମାଧ୍ୟମରେ ଉଡ଼ାଇ ଦେବା ପରେ ଏହା ପାକିସ୍ତାନ ଆର୍ମିକୁ ପୃଥକ୍ କରିଦେଇଥିଲା, ଯାହାକି ଶେଷରେ ବାଂଲାଦେଶକୁ ସ୍ୱାଧୀନତାର ସ୍ୱାଦ ଚଖାଇଥିଲା। ଏହାକୁ ବାଂଲାଦେଶର ସ୍ୱାଧୀନତା ସଂଗ୍ରାମ ବୋଲି କୁହାଯାଏ। ୭୦ ଦଶକର ଏହି ଲୋମଟାଙ୍କୁରା ଘଟଣାକୁ ରବିବାର ଫିଲ୍ମ ମାଧ୍ୟମରେ ଦେଖିବାକୁ ମିଳିଥିଲା।

ସ୍ଥାନୀୟ ସୂଚନା ଭବନ ପଛପଟ ଗୀତଗୋବିନ୍ଦ ସଦନଠାରେ ଆୟୋଜିତ ୪ର୍ଥ ଗୋଲ୍‌ଡେନ୍ ଟ୍ରାଏଙ୍ଗଲ୍ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବର ରବିବାର ଥିଲା ଦ୍ୱିତୀୟ ଦିବସ। ଏଠାରେ ପ୍ରଦର୍ଶିତ ବାଂଲାଦେଶୀ ଫିଲ୍ମ 'ଦ ଅନ୍‌ସଙ୍ଗ୍' ମହୋତ୍ସବର ପ୍ରମୁଖ ଆକର୍ଷଣ ରହିଥିଲା। ଜାତୀୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ଅସ୍ରଫ୍ ଶିଶିରଙ୍କ ନିର୍ଦ୍ଦେଶିତ ୩୦ ମିନିଟ୍‌ର ଏହି ଫିଲ୍ମ ଦର୍ଶକଙ୍କ ଦ୍ୱାରା ବିଶେଷ ଆଦୃତ ହୋଇଥିଲା। ଏହାବ୍ୟତୀତ ହିନ୍ଦୀ ଫିଲ୍ମ 'ସିଦ୍ଧାନ୍ତ', 'ପାଓ', ଫିଚର୍ ଫିଲ୍ମ 'ତାସି', ଆର୍ମେନିଆର ଫିଲ୍ମ 'ସ୍ନୋ', ରୁଷିଆର 'ମୀକ୍', 'ଫେନ୍‌ସ', 'ଦ ହୋମିଂ ଇନ୍‌ଷ୍ଟିଙ୍କ୍ଟ', 'ଇନ୍ ଏ ଫରେନ୍ ଲ୍ୟାଣ୍ଡ', ଲୁବା', 'ଦ ଲାଷ୍ଟ ଲିଫ୍', ବାଂଲାଦେଶର 'ଦ ଗର୍ଲସ ଆର୍ ବ୍ରାଇଡ୍', ଉଜ୍‌ବେକିସ୍ତାନର 'ଟି', ଲିଥୁଆନିଆର 'ଭିଜିଟିଙ୍ଗ୍ ଗଡ୍', ଲାଟ୍‌ଭିଆର 'ଏନ୍ ଗ୍ରେଡ୍', ଏଷ୍ଟୋନିଆର 'ମ୍ୟୁଜ୍' ଦ୍ୱିତୀୟ ଦିବସରେ ପ୍ରଦର୍ଶିତ ହୋଇଥିଲା। ସେହିଭଳି ବଙ୍ଗଳା ଫିଲ୍ମ 'ବାସ୍ତବରେ ଆରାଲେ' ଏବଂ ଓଡ଼ିଆ ଫିଲ୍ମ 'ଭକୁଆ' ଏହି ଅବସରରେ ଦେଖିବାକୁ ମିଳିଥିଲା। ୪ ଦିନ ଧରି ଆୟୋଜିତ ଏହି ଚଳଚ୍ଚିତ୍ର ମହୋତ୍ସବରେ ପ୍ରାୟ ୫୬ଟି ଜାତୀୟ, ଅନ୍ତର୍ଜାତୀୟ ଓ ଆଞ୍ଚଳିକ ସିନେମା ପ୍ରଦର୍ଶନ ହେବ। ଏହି କାର୍ଯ୍ୟକ୍ରମର ମିଡିଆ ପାର୍ଟନର 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ରହିଛନ୍ତି।

### ଓଡ଼ିଆ ଫିଲ୍ମ 'ଭକୁଆ' ପ୍ରଦର୍ଶିତ



ଦ ହୋମିଂ ଇନ୍‌ଷ୍ଟିଙ୍କ୍ଟ



ଉଜ୍‌ବେକିସ୍ତାନ ଚଳଚ୍ଚିତ୍ର 'ଟି'



ଭୁବନେଶ୍ୱର ଧଉଳି ନିକଟ ଚାରୁକଳା ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଶାମୁକାରେ ତିଆରି ସରସ୍ୱତୀ ପ୍ରତିମୂର୍ତ୍ତି। ୬ ଫୁଟ ଉଚ୍ଚର ଏହି ମୂର୍ତ୍ତି ତିଆରି ପାଇଁ ୪ ବସ୍ତା ଶାମୁକା ବ୍ୟବହାର ହୋଇଥିବାବେଳେ ୧୨ଦିନ ସମୟ ଲାଗିଥିଲା।

# ନିର୍ବାଚନ ପୂର୍ବରୁ ସିନେମା ନୀତି

ଭୁବନେଶ୍ୱର,୧୦।୨(ବ୍ୟୁରୋ)

ସାଧାରଣ ନିର୍ବାଚନ ପୂର୍ବରୁ ଆସିପାରେ ବହୁ ପ୍ରତୀକ୍ଷିତ ଓଡ଼ିଆ ସିନେମା ନୀତି। ଏହି ନୀତି ଓଡ଼ିଆ ସିନେମା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ। ଏଥିପାଇଁ ରୂପରେଖ ପ୍ରସ୍ତୁତି ସରିଛି। ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିକୁ ପୁଣିଥରେ ଊର୍ଦ୍ଧ୍ୱଗାମୀ କରିବାକୁ ଏହା ବିଶେଷ ସହାୟକ ହେବ। ତେବେ ଏହି ସ୍ୱତନ୍ତ୍ର ନୀତିରେ ରାଜ୍ୟ ସରକାର ଚଳଚ୍ଚିତ୍ରକୁ ପର୍ଯ୍ୟଟନ ଶିଳ୍ପ ସହ ଯୋଡ଼ିବାର ବ୍ୟବସ୍ଥା କରିଥିବା କୁହାଯାଇଛି।

ସିନେମା ତଥା ମନୋରଞ୍ଜନ କ୍ଷେତ୍ରରେ ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ସହ ଉନ୍ନତୀକରଣ ପାଇଁ ସରକାର ଏହି ନୂଆ ନୀତି ଆଣୁଛନ୍ତି। ୧୯୭୪ରେ ସିନେମାକୁ ଶିଳ୍ପର ମାନ୍ୟତା ମିଳିଥିବା ବେଳେ ଏବେ ଏହାକୁ ଆଉପାଦେ ଆଗକୁ ନେବାକୁ ସ୍ଥିର ହୋଇଛି। ୮୨ ବର୍ଷର ଓଡ଼ିଆ ଫିଲ୍ମ ଇତିହାସରେ ଏହି ନୀତି ପ୍ରଥମଥର ପାଇଁ ହେବ, ଯେଉଁଥିରେ ଚଳଚ୍ଚିତ୍ର ଶିଳ୍ପର ବିକାଶ ସାଙ୍ଗକୁ ସବ୍‌ସିଡି ଦେବା ବ୍ୟବସ୍ଥା, ଫିଲ୍ମ ଶୁଟିଂ ନିୟମ ଆଦିରେ କୋହଳ ଓ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ପ୍ରଦାନ କରାଯିବ। ସେହିଭଳି ଏହାର ଭିତ୍ତିଭୂମି ବିକାଶ ଓ ମାର୍କେଟିଂକୁ ପଲିସିରେ ପ୍ରାଥମିକତା ଦିଆଯିବ। ଫିଲ୍ମ ମାଧ୍ୟମରେ ଯେପରି ପର୍ଯ୍ୟଟନର ପ୍ରଚାର ପ୍ରସାର ହୋଇପାରିବ, ତାହା ଉପରେ ଗୁରୁତ୍ୱ ଦିଆଯାଇଛି। ରାଜ୍ୟରେ ଯେଉଁ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ରହିଛି, ତାହାକୁ ଫିଲ୍ମ ମାଧ୍ୟମରେ ପ୍ରଦର୍ଶନ କରାଯିବ। ଏହାଦ୍ୱାରା ପର୍ଯ୍ୟଟନସ୍ଥଳୀଗୁଡ଼ିକର ଏକପ୍ରକାର ବ୍ରାଣ୍ଡିଂ ହେବ। କେବଳ ସେତିକି ନୁହେଁ, ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ଶୁଟିଂ କଲେ, ପ୍ରଯୋଜକ ତଥା ନିର୍ମାତାଙ୍କୁ ସ୍ୱତନ୍ତ୍ର ସବ୍‌ସିଡି ଦିଆଯିବ। ସେହିଭଳି ବିଭିନ୍ନ ଐତିହାସିକସ୍ଥଳୀ କିମ୍ବା କୀର୍ତ୍ତିରାଜିରେ ଶୁଟିଂ କରିବାକୁ ଚାହିଁଲେ, ଅନୁମତି ପାଇଁ ଆଉ ଏଣେତେଣେ ଦୌଡ଼ିବାକୁ ପଡ଼ିବନାହିଁ। ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ(ଓଏଫ୍‌ଡିସି) ଏଥିଲାଗି ଅନୁମତି ପ୍ରଦାନ କରିବ।

ଏହି ନୂତନ ନୀତି ଆଣିବାରେ ଇଣ୍ଡଷ୍ଟ୍ରି ପାର୍ଟନର ଭାବେ ଫିକି କାର୍ଯ୍ୟ କରୁଥିବା ବେଳେ ଏଥିପାଇଁ ପ୍ରସ୍ତୁତ ଡ୍ରାଫ୍ଟ ନୀତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏ ନେଇ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ଅଧ୍ୟକ୍ଷତାରେ ଗଠିତ ମନ୍ତ୍ରୀସ୍ତରୀୟ କମିଟିର ଘନ ଘନ ବୈଠକ ବସି ସିନେମା ଶିଳ୍ପ ସହ ଜଡ଼ିତ ବିଭିନ୍ନ ବିଶେଷଜ୍ଞ ଓ ଅଂଶୀଦାରଙ୍କଠାରୁ ପରାମର୍ଶ ନିଆଯାଉଛି। ସିନେମାର ଗୁଣବତ୍ତା, ରାଜ୍ୟ ଟେଲିଭିଜନ ଏବଂ ଫିଲ୍ମ ଶିଳ୍ପର ଉନ୍ନତୀକରଣରେ ଏହି ନୀତି ସହାୟକ ହେବ ବୋଲି ଓଏଫ୍‌ଡିସି ଅଧ୍ୟକ୍ଷ କୁନା ତ୍ରିପାଠୀ କହିଛନ୍ତି।

### ଫିଲ୍ମ ସହ ଯୋଡ଼ିହେବ ପର୍ଯ୍ୟଟନ

#### ମଲ୍ଟିପ୍ଲେକ୍ସ କଲ୍‌ଚରକୁ ମିଳିବ ପ୍ରୋତ୍ସାହନ

ମଲ୍ଟିପ୍ଲେକ୍ସ ଓ ମଲ୍ କଲ୍‌ଚରର ଚାହିଦା ଦିନକୁ ଦିନ ଓଡ଼ିଶାରେ ବଢ଼ୁଥିବା ବେଳେ ଫିଲ୍ମ ଇଣ୍ଡଷ୍ଟ୍ରିର ବିକାଶରେ ଏହା ବିଶେଷ ସହାୟକ ହେବ। ରାଜ୍ୟରେ ସିନେମା ହଲ୍ ସଂଖ୍ୟା ଆବଶ୍ୟକତାଠାରୁ ବହୁତ କମ୍ ଥିବାବେଳେ ମଲ୍ଟିପ୍ଲେକ୍ସ ପ୍ରତିଷ୍ଠା ଦ୍ୱାରା ଏହାକୁ କେତେକାଂଶରେ ଦୂର କରାଯାଇପାରିବ। ଏଥିପାଇଁ ରାଜ୍ୟ ସରକାର ନୂଆ ସିନେମା ନୀତିରେ ମଲ୍ଟିପ୍ଲେକ୍ସ ପ୍ରତିଷ୍ଠା ପାଇଁ ପ୍ରୋତ୍ସାହନ ପ୍ରଦାନ କରିବେ। ମଲ୍ଟିପ୍ଲେକ୍ସ ଅପରେଟରଙ୍କୁ ସୁବିଧାରେ ଜମି ଯୋଗାଣ ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ପୁରୀ, କଟକ, ବାଲେଶ୍ୱର, ଭଦ୍ରକ, ରାଉରକେଲା, ସମ୍ବଲପୁର ଆଦି ସହରରେ ମଲ୍ଟିପ୍ଲେକ୍ସ ପ୍ରତିଷ୍ଠା ହେଲେ ଏହା ଯୁବ ଦର୍ଶକଙ୍କୁ ଆକୃଷ୍ଟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ।

# ବିବାହ ବନ୍ଧନରେ ଦିବ୍ୟାଙ୍ଗ ଯୁବତୀଯୁବକ

ବ୍ରହ୍ମଗିରି, ୧୦।୨(ଡି.ଏନ୍.ଏ.)

ବାଜା ବାଣ ରୋଶଣିରେ କମ୍ପି ଉଠୁଥାଏ ବ୍ରହ୍ମଗିରିର ଅଲାରନାଥ ପୀଠ। ବ୍ରାହ୍ମଣଙ୍କ ମନ୍ତ୍ରପାଠ ଦେଖଣାହାରୀ ଓ ଭଦ୍ର ବ୍ୟକ୍ତିଙ୍କ ମନରେ ଏକ ନୂଆ ଉତ୍ସାହ ସୃଷ୍ଟି କରୁଥାଏ। ଏହା ମଧ୍ୟରେ ବିବାହ ବନ୍ଧନରେ ବାନ୍ଧି ହୋଇଯାଇଥିଲେ ଦୁଇ ଦିବ୍ୟାଙ୍ଗ ଯୁବତୀ ଓ ଯୁବକ। ରବିବାର ଏଭଳି ଏକ ନିଆରା ବିବାହ ଦେଖିବାକୁ ମିଳିଥିଲା ପୁରୀ ଜିଲା ବ୍ରହ୍ମଗିରି ବ୍ଲକରେ।

ବ୍ରହ୍ମଗିରି ଥାନା ଅନ୍ତର୍ଗତ ଗମ୍ଭାରୀ ଗ୍ରାମର ସୁବଳ ଜେନାଙ୍କ କନ୍ୟା ସୁଚିତ୍ରା ଜଣେ ଦିବ୍ୟାଙ୍ଗ। ସେ କିଛି କହି ଶୁଣି ପାରନ୍ତି ନାହିଁ। ଦିବ୍ୟାଙ୍ଗ ହୋଇଥିବାରୁ ତାଙ୍କୁ ବରପାତ୍ର ମିଳିବା ଅସମ୍ଭବ ହୋଇପଡିଥିଲା। କିନ୍ତୁ ଭଗବାନଙ୍କ ଲୀଳା ଥିଲା ନିଆରା। ଏଭଳି ସମୟରେ ଭୀମସେନ ସ୍ୱାଇଁ ନାମକ ଜଣେ ସାମାଜିକ କର୍ମୀ ସହଯୋଗର ହାତ ବଢାଇଥିଲେ। ସୁଚିତ୍ରାଙ୍କ ପାଇଁ ନିରାକାରପୁର ଥାନା ଅନ୍ତର୍ଗତ ଓଗାଳପୁର ଗ୍ରାମର ଧନେଶ୍ୱର ମହାପାତ୍ରଙ୍କ ଏକମାତ୍ର ପୁତ୍ର ସୁଧାଂଶୁ ଶେଖରଙ୍କ ସହ ବିବାହ ପ୍ରସ୍ତାବ ଯୋଡିଥିଲେ। ସୁଧାଂଶୁ ବି ଜଣେ ଦିବ୍ୟାଙ୍ଗ। ସେ ମଧ୍ୟ ସୁଚିତ୍ରାଙ୍କ ଭଳି କଥା କହି ପାରୁନାହାନ୍ତି କି ଶୁଣି ପାରୁ ନାହାନ୍ତି। ତଥାପି ନିଜ ଦୃଢ଼ ଇଚ୍ଛାଶକ୍ତି ବଳରେ ସେ କ୍ରିକେଟ, ଭଲି ଓ ସୁଇମିଂରେ ପାରଦର୍ଶିତା ହାସଲ କରିବା ସହ ଏକ ଭିନ୍ନକ୍ଷମ ବିଦ୍ୟାଳୟରେ ଶିକ୍ଷକତା କରନ୍ତି। ବିବାହକୁ ନେଇ ସୁଧାଂଶୁ କୁହନ୍ତି, ମୁଁ ଜଣେ ଦିବ୍ୟାଙ୍ଗ। ମୋ ଭଳି ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ବିବାହ କରିବାକୁ ମୁଁ ନିଷ୍ପତ୍ତି ନେଇ ଦୀର୍ଘଦିନ ଅପେକ୍ଷା କରିଥିଲି। ଏବେ ଭାବୁଛି ମୋ ଦାମ୍ପତ୍ୟ ଜୀବନ ସୁଖମୟ ହେବ।



ବିବାହ ବେଦୀରେ ସୁଚିତ୍ରା ଓ ସୁଧାଂଶୁ

## ଭୟାବହ ଅଗ୍ନିକାଣ୍ଡ

### ଜଳିଗଲା ୧୧ ବଖରା

ବ୍ରହ୍ମଗିରି, ୧୦।୨(ଡି.ଏନ୍.ଏ.): ପୁରୀ ଜିଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ଗଡକୋକଲ ଗ୍ରାମରେ ରବିବାର ଅପରାହ୍ନ ସମୟରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର କାଳୁ ବେହେରା, ଗୁରୁବାରୀ ବେହେରା, ଭରତ ବେହେରା, ହରେକୃଷ୍ଣ ବେହେରା, ବୈରାଗୀ ବେହେରା, ରବୀନ୍ଦ୍ର ବେହେରାଙ୍କ ୧୧ ବଖରା ଜଳିଯାଇଛି। ନିଆଁର ପ୍ରକୋପ ଏତେ ପ୍ରଖର ଥିଲା ଯେ, ଗ୍ରାମବାସୀଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ନିଆଁ ଥମି ନ ଥିଲା। ନିଆଁ ଚାରିଆଡକୁ ବ୍ୟାପିଯିବା ପରେ ବ୍ରହ୍ମଗିରି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବହୁ ସମୟ ପରେ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ପ୍ରାୟ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରୁ ସମ୍ପତ୍ତି ଭସ୍ମୀଭୂତ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଚୁଲି ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ଅଗ୍ନି ବିପନ୍ନମାନଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ସେହିପରି ବାଲି ହରଚଣ୍ଡୀ ପୀଠରେ ରବିବାର ଅଗ୍ନିକାଣ୍ଡ ଘଟି କିଛି ଜଙ୍ଗଲ ପୋଡ଼ି ଯାଇଥିବା ସୂଚନା ମିଳିଛି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସିଗାରେଟ ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।



# ୬ ପରିବାରର ୧୫ବଖରା ଭସ୍ମ

କଣାସ,୧୦।୨(ଡି.ଏନ.ଏ.)

ପୁରୀ ଜିଲା ଡେଲାଙ୍ଗ ଥାନା ପଞ୍ଚୁପଲ୍ଲା ଗ୍ରାମରେ ରବିବାର ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟି ୬ ପରିବାରର ୧୫ବଖରା ଭସ୍ମୀଭୂତ ହୋଇଛି। ତେବେ ନିଆଁ ଲିଭାଇବା ସମୟରେ କାନ୍ଥ ପଡ଼ି ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଉକ୍ତ ଗ୍ରାମର ନକୁଳ ଓ ପୀତବାସ ଛାଟୋଇ। ସେମାନଙ୍କୁ ଚିକିତ୍ସା ପାଇଁ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ପ୍ରକାଶ ଯେ, ରାତି ପ୍ରାୟ ୭ଟାବେଳେ ପ୍ରଥମେ ଗ୍ରାମର ଦେବରାଜ ସାହୁଙ୍କ ଘରେ ଶର୍ଟସର୍କିଟରୁ ନିଆଁ ଲାଗିଯାଇଥିଲା। ଚାହୁଁ ଚାହୁଁ ନିଆଁ ନିକଟରେ ଥିବା ଲିଟୁ ସାହୁ, ନକୁଳ ସାହୁ, ଉପେନ୍ଦ୍ର ସାହୁ, ଦୁର୍ଯ୍ୟୋଧନ ସାହୁ ଓ ବ୍ରହ୍ମାନନ୍ଦ ସାହୁଙ୍କ ଘରକୁ ବ୍ୟାପି ଯାଇଥିଲା। ଫଳରେ ୬ ପରିବାରର ମୋଟ ୧୫ ବଖରା ଚାଳଛପର ଘର ପୋଡ଼ିଯାଇଥିବାବେଳେ ଘରେ ଥିବା ଖାଦ୍ୟ, ଶସ୍ୟ, ବସ୍ତ୍ର, ଆସବାବପତ୍ର ଜଳି ଜଳି ଯାଇଥିଲା। ଗ୍ରାମବାସୀ ନିଆଁ ଲିଭାଉଥିବାବେଳେ ଡେଲାଙ୍ଗ ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସମ୍ପୂର୍ଣ୍ଣ ଆୟତ୍ତ କରିଥିଲେ। ଅଗ୍ନିବିପନ୍ନ ପରିବାରଙ୍କୁ ଯଥାଶୀଘ୍ର ସରକାରୀ ସହାୟତା ଦେବା ସହ ଆବାସ ଯୋଜନାରେ ଘର ମଞ୍ଜୁର କରିବା ପାଇଁ ସ୍ଥାନୀୟ ସମିତିସଭ୍ୟ ବାସୁଦେବ ଜେନା ଓ ଗ୍ରାମବାସୀ ବିଡିଓ ଓ ତହସିଲଦାରଙ୍କୁ ନିବେଦନ କରିଛନ୍ତି।

**କାନ୍ଥ ପଡ଼ି ୨ ଗୁରୁତର**

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ରାଜେଶ



ଦେବାଶିଷ



କିଷନ



ଭୋଲା



ଅସୀମା



ସ୍ୱର୍ଣ୍ଣପ୍ରଭା



ସୋମୁ



ପ୍ରିୟମ୍ବଦା




ସୟଦ ଆଝାରୁଦ୍ଦିନ

uti
UTI Mutual Fund
Haq, ek behtar zindagi ka.
10 YEARS

# ୟୁଟିଆଇ ସ୍ୱତନ୍ତ୍ର

ନିବେଶକ ଶିକ୍ଷଣ ହେତୁ ଏକ ପଦକ୍ଷେପ | ସମର୍ଥନ ଧରିତ୍ରୀ

# ସିଷ୍ଟମାଟିକ୍ ୱିଥ୍‌ଡ୍ରୟାଲ୍ ପ୍ଲାନ୍ - ଆପଣଙ୍କ ବାର୍ଦ୍ଧକ୍ୟକାଳର ସାଥୀ



ଅଧିକାଂଶ ଅବସରପ୍ରାପ୍ତ ବ୍ୟକ୍ତିଙ୍କ ଆୟର ମୁଖ୍ୟ ସ୍ରୋତ ହେଉଛି ପେନ୍‌ସନ। ଯେଉଁମାନଙ୍କର ସମ୍ପତ୍ତି ମାଲିକାନା ରହିଛି ସେମାନେ ଅବସର ପରେ ମାସିକ ଭଡ଼ା ଜରିଆରେ ଅତିରିକ୍ତ ଆୟ କରିବାରେ ସକ୍ଷମ ହୋଇପାରିଥାନ୍ତି। ଯୁବାବସ୍ଥାରେ ଠିକ୍ ଭାବେ ନିବେଶ କରିଥିଲେ ସିଷ୍ଟମାଟିକ୍ ୱିଥ୍‌ଡ୍ରୟାଲ୍ ପ୍ଲାନ୍ (ଏସ୍‌ଡବ୍ଲ୍ୟୁପି) ମଧ ଆପଣଙ୍କ ବାର୍ଦ୍ଧକ୍ୟକାଳୀନ ସାଥୀ ହୋଇପାରିବ। ଏସ୍‌ଡବ୍ଲ୍ୟୁପି ହେଉଛି ଏସ୍‌ଆଇପି (ସିଷ୍ଟମାଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍)ର ବିପରୀତ। ଏହା ଆପଣଙ୍କୁ ଅବସରକାଳୀନ ଆୟ ଉଠାଣରେ ସହାୟକ ହୋଇପାରିବ, ଠିକ୍ ମାସିକ ଆୟ ଯୋଜନା ଭଳି। ଏକମାତ୍ର ପାର୍ଥକ୍ୟ ହେଉଛି ମାସିକ ଅର୍ଥରାଶିର ପରିମାଣକୁ ଆପଣ ସ୍ଥିର କରିପାରିବେ। ଏସ୍‌ଡବ୍ଲ୍ୟୁପି ମାଧ୍ୟମରେ ଆପଣ ପ୍ରତ୍ୟେକ ମାସରେ କେତେ ପରିମାଣର ଅର୍ଥରାଶି ଉଠାଇବେ ତାହାର ଦାୟିତ୍ୱ ଆପଣଙ୍କ ଉପରେ ରହିଥାଏ।

### ଏସ୍‌ଡବ୍ଲ୍ୟୁପି ଆପଣଙ୍କ ଅବସର ପରବର୍ତ୍ତୀ ମିତ୍ର କାହିଁକି ହୋଇପାରିବ ତାହାର ୪ଟି କାରଣ:

#### ସ୍ଥିର ଅବସର ପରବର୍ତ୍ତୀ ଆୟ

ଏକ ଡିଭିଡେଣ୍ଡ ପ୍ଲାନ୍‌ରେ, ମ୍ୟୁଚୁଆଲ୍ ଫଣ୍ଡ ସ୍କିମ୍‌ଗୁଡ଼ିକ ଦ୍ୱାରା ଡିଭିଡେଣ୍ଡର ଘୋଷଣା କରାଯାଇଥାଏ। ହେଲେ, ପରିଶୋଧଗୁଡ଼ିକ ନା ସ୍ଥିର ହୋଇଥାଏ, ନା ଗ୍ୟାରେଣ୍ଟିଯୁକ୍ତ ହୋଇଥାଏ। ଯଦି କୌଣସି ଲାଭ ପ୍ରାପ୍ତ ନ ହୁଏ, ମାସ ଶେଷରେ କୌଣସି ଡିଭିଡେଣ୍ଡ ମିଳିବ ନାହିଁ। ଆପଣ ପୂର୍ବ-ନିର୍ଦ୍ଧାରିତ କରିଥିବା ସମୟ ଅବଧିରେ ଏସ୍‌ଡବ୍ଲ୍ୟୁପି ଆପଣଙ୍କୁ ନିଶ୍ଚିତ ନଗଦ ପ୍ରବାହ ଯୋଗାଇଥାଏ। ତେଣୁ, ଏହା ଅବସର ପରେ ବି ଯେପରି ଆପଣ ସ୍ୱାଭାବିକ ଜୀବନ ଜିଅନ୍ତି ତାହା ସୁନିଶ୍ଚିତ କରିପାରିବ। ଧରନ୍ତୁ, କର୍ମଜୀବନରେ ଆପଣ ପ୍ରତିବର୍ଷ ନିଜ ପରିବାରକୁ ବାହାରକୁ ବୁଲାଇବାକୁ ନେଉଥିଲେ। ଆପଣ ତାହା ଏବେ ବି କରିପାରିବେ – ରେଗୁଲାର୍ ଥିଲା, ରେଗୁଲାର୍ ରହିବ!





#### ଆନୁଇଟି ଅପେକ୍ଷା ଭଲ

ଆନୁଇଟି ଏବଂ ମ୍ୟୁଚୁଆଲ ଫଣ୍ଡ (ଏସ୍‌ଡବ୍ଲ୍ୟୁପି ଜରିଆରେ) ସ୍ଥିର ଆୟର ସମାନ ନୀତିରେ ପର୍ଯ୍ୟବସିତ। ହେଲେ, ଆନୁଇଟିଗୁଡ଼ିକ ଟିକସଯୋଗ୍ୟ। ସେଗୁଡ଼ିକ ଆପଣଙ୍କୁ ମୁଦ୍ରାସ୍ଫୀତି ସମଯୋଜିତ ରିଟର୍ନ ଦେଇପାରିବ ନାହିଁ। ଏହାଛଡ଼ା, ଆନୁଇଟିରେ ଆପଣ ନିଜର ଉଠାଣ ପରିମାଣକୁ ବଦଳାଇପାରିବେ ନାହିଁ । ଯଦି ଆପଣ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରନ୍ତି, ଆପଣ ନିଜ ପାଇଁ ଉପଯୁକ୍ତ ଏସ୍‌ଡବ୍ଲ୍ୟୁପି ଚୟନ କରିପାରିବେ। ଆପଣ ଏପରି ଆସେଟ୍‌ଗୁଡ଼ିକୁ ଚୟନ କରିପାରିବେ ଯାହା ମୁଦ୍ରାସ୍ଫୀତିରୁ ଉପରେ ଓ ଅତିରିକ୍ତ ରିଟର୍ନ ଦେଇପାରିବ। ଅଧିକନ୍ତୁ, ଯଦି ଆପଣଙ୍କ ଦୀର୍ଘମିଆଦୀ ପୁଞ୍ଜି ଲାଭ (ଏଲ୍‌ଟିସିଜି) ₹୧ ଲକ୍ଷରୁ କମ୍ ହୋଇଥାଏ ତେବେ ଆପଣଙ୍କୁ ଟିକସ ଦେବାକୁ ପଡ଼ିବ ନାହିଁ ।

#### ଟିକସ ଲାଭ

୨୦୧୮–୧୯ ବଜେଟ୍‌ରେ ଇକ୍ୱିଟି ଫଣ୍ଡଗୁଡ଼ିକ ଦ୍ୱାରା ବିତରିତ ଡିଭିଡେଣ୍ଡ ଉପରେ ୧୦% ଡିଭିଡେଣ୍ଡ ବିତରଣ ଟିକସ (ଡିଡିଟି) ପ୍ରଚଳନ କରାଯାଇଛି। ତେଣୁ, ଯେଉଁମାନେ ଇକ୍ୱିଟି–ଭିତ୍ତିକ ଫଣ୍ଡରେ ନିୟମିତ ଡିଭିଡେଣ୍ଡର ବିକଳ୍ପ ବାଛିଥିଲେ ସେମାନଙ୍କୁ ଅଧିକ ଟିକସ ଦେବାକୁ ହେବ। ନିଜ ଅବସରକାଳୀନ ଆୟ ଉପରେ ଡିଡିଟିକୁ ଏଡ଼ାଇବା ପାଇଁ ଏସ୍‌ଡବ୍ଲ୍ୟୁପିକୁ ଉପଯୋଗ କରାଯାଇପାରିବ। ଏଠାରେ, ଯଦି ଆପଣଙ୍କ ଏସ୍‌ଡବ୍ଲ୍ୟୁପି ଉପରେ ଏଲ୍‌ଟିସିଜିର ପରିମାଣ ₹୧ ଲକ୍ଷରୁ କମ୍ ହୋଇଥାଏ ତେବେ ଆପଣ ଟିକସକୁ ଏଡ଼ାଇପାରିବେ। ତେଣୁ, ଡିଭିଡେଣ୍ଡ ମାର୍ଗ ତୁଳନାରେ ଏସ୍‌ଡବ୍ଲ୍ୟୁପି ମାର୍ଗଟି ଅଧିକ ଟିକସ ଦକ୍ଷ।




### ଆପଣଙ୍କ ଏସ୍‌ଆଇପି ଭଳି ସରଳ ଓ ପ୍ରଭାବୀ

ଏସ୍‌ଡବ୍ଲ୍ୟୁପି ହେଉଛି ଏସ୍‌ଆଇପିର ଠିକ୍ ଓଲଟା। ଆପଣଙ୍କ ପାଇଁ ନିମ୍ନ ସାରଣୀରେ ତାହାକୁ ଭଲ ଭାବେ ବ୍ୟାଖ୍ୟା କରାଯାଇଛି:

| ଏସ୍‌ଆଇପି | | ଏସ୍‌ଡବ୍ଲ୍ୟୁପି |
|---|---|---|
| ନିବେଶ | ବିବରଣୀ | ଉଠାଣ |
| ଆପଣ ଦୈନିକ, ସାପ୍ତାହିକ, ମାସିକ, ତ୍ରୈମାସିକ କିମ୍ବା ବାର୍ଷିକ ଭିତ୍ତିରେ ଏକ ପ୍ରାକ୍–ନିର୍ଦ୍ଧାରିତ ଅର୍ଥରାଶି ନିବେଶ କରିପାରିବେ। | ବାରମ୍ବାରତା ଆପଣ ଚୟନ କରିପାରିବେ | ଆପଣ ମାସିକ, ତ୍ରୈମାସିକ, ଅର୍ଦ୍ଧବାର୍ଷିକ କିମ୍ବା ବାର୍ଷିକ ଭିତ୍ତିରେ ନିଜର ପ୍ରାକ୍–ନିର୍ଦ୍ଧାରିତ ଅର୍ଥରାଶିର ଉଠାଣ କରିପାରିବେ। |
| ଆପଣ ନିଜର ଏସ୍‌ଆଇପି ପରିମାଣ ଚୟନ କରିପାରିବେ | ପରିମାଣ ଚୟନ କରାଯାଇପାରିବ | ଆପଣ ନିଜର ଉଠାଣ ପରିମାଣ ଚୟନ କରିପାରିବେ |
| ହଁ | ପ୍ରାକ୍–ନିର୍ଦ୍ଧାରିତ ପରିମାଣକୁ ପରିବର୍ତ୍ତନ କରାଯାଇପାରିବ | ହଁ |
| ରିସ୍କ ଓ ରିଟର୍ନରେ ବିବିଧତା ପାଇଁ ଆପଣ ବିବିଧକୃତ ଆସେଟ୍‌ରେ ନିବେଶ କରିପାରିବେ | ବିବିଧକରଣ | ନିଜ ଏସ୍‌ଡବ୍ଲ୍ୟୁପି ପାଇଁ ଆପଣ ସନ୍ତୁଳିତ ଫଣ୍ଡ ଚୟନ କରିପାରିବେ। ସନ୍ତୁଳିତ ଫଣ୍ଡ ଆପଣଙ୍କ ରିସ୍କ ଓ ରିଟର୍ନର ବିବିଧକରଣରେ ଆପଣଙ୍କୁ ସହାୟତା କରିପାରିବ। |
| ଲକ୍ଷ୍ୟ–ଭିତ୍ତିକ ଯୋଜନା ପାଇଁ ଆପଣ ଆର୍ଥିକ ପରାମର୍ଶ ଲୋଡ଼ିପାରିବେ | ଆର୍ଥିକ ପରାମର୍ଶ | ଜଣେ ଆର୍ଥିକ ପରାମର୍ଶଦାତା ଆପଣଙ୍କ ଉଠାଣ ଉପରେ ଟିକସ ଲାଭ ଓ ରିସ୍କ/ରିଟର୍ନର ବିବିଧକରଣରେ ଆପଣଙ୍କୁ ସାହାଯ୍ୟ କରିପାରିବେ |

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

**ଏହାପରେ କ'ଣ ? ନିଜର ସିଷ୍ଟମାଟିକ୍ ୱିଥ୍‌ଡ୍ରୟାଲ୍ ଆରମ୍ଭ କରିବାର ପଦ୍ଧତି ନିମ୍ନରେ ଆଲୋଚନା କରାଯାଇଛି !**




**ଏସ୍‌ଡବ୍ଲ୍ୟୁପି ହେଉଛି ଏକ କଳ ଯାହା ଆପଣଙ୍କ ଅବସରକାଳୀନ ଟଙ୍କାର ଟାଙ୍କିକୁ ନିୟନ୍ତ୍ରଣ କରିଥାଏ ।**

ଆପଣଙ୍କ ଟାଙ୍କି ଯେପରି ଆପଣଙ୍କ ସମଗ୍ର ଅବସରକାଳୀନ ଜୀବନରେ ବଜାୟ ରହେ ଏହା ସୁନିଶ୍ଚିତ କରିବା ପାଇଁ ଏବେବି ବିଳମ୍ବ ହୋଇନାହିଁ, ଆଜି ହିଁ ଆରମ୍ଭ କରନ୍ତୁ!

## ଏକ ସିଷ୍ଟମାଟିକ୍ ୱିଥ୍‌ଡ୍ରୟାଲ୍ ପ୍ଲାନ୍ କିପରି ଆରମ୍ଭ କରିବେ

**ଭାରତରେ ଅବସର ଗ୍ରହଣ ପାଇଁ କେତେ ପରିମାଣର ଟଙ୍କା ଯଥେଷ୍ଟ ହେବ? ₹୧ କୋଟି, ₹୫ କୋଟି କିମ୍ବା ₹୧୦ କୋଟି?**
**ଆପଣଙ୍କ ଅବସରକାଳୀନ ଆୟର କାହାଣୀର ଏହା ଶୁଭାରମ୍ଭ ମାତ୍ର।**

**ନିମ୍ନଲିଖିତ ପ୍ରକ୍ରିୟାକୁ ଅନୁସରଣ କରି ଆପଣ ନିଜର ସିଷ୍ଟମାଟିକ୍ ୱିଥ୍‌ଡ୍ରୟାଲ୍ ଆରମ୍ଭ କରିପାରିବେ:**
ନିମ୍ନ କଥା ବିଚାରକୁ ନିଅନ୍ତୁ
ଆପଣ ଏକ ଅବସରକାଳୀନ ପାଣ୍ଠି ଗଠନ କରୁଛନ୍ତି ଯାହାର ମୂଲ୍ୟ ହେଉଛି ₹୧.୫ କୋଟି
ଅଭିନନ୍ଦନ! ଅବସର ନେବା ଏବେ ଆପଣଙ୍କ ପକ୍ଷେ ସମ୍ଭବ!
ଏବେ ଆପଣ ନିମ୍ନଲିଖିତ କଥାଗୁଡ଼ିକୁ ବିଚାରକୁ ନେଇପାରନ୍ତି:




**ପଦକ୍ଷେପ ୧** ନିଜକୁ ପଚାରନ୍ତୁ, ଆପଣ କେବେ ନିଜ ଉଠାଣ ଆରମ୍ଭ କରିବାକୁ ଚାହୁଁଛନ୍ତି। ଯଦି ଆପଣଙ୍କର କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍) ରହିଛି, ତେବେ ଆପଣଙ୍କୁ ନିଜର ପେନ୍‌ସନ ସହ ସମନ୍ୱୟ ରକ୍ଷା କରି ନିଜର ସିଷ୍ଟମାଟିକ୍ ୱିଥ୍‌ଡ୍ରୟାଲ୍ ପ୍ଲାନ୍ (ଏସ୍‌ଡବ୍ଲ୍ୟୁପି)ର ଯୋଜନା କରିବାକୁ ହେବ।

**ପଦକ୍ଷେପ ୨** ଆର୍ଥିକ ପରାମର୍ଶ ଲୋଡ଼ନ୍ତୁ। ନିଜର ରିଟର୍ନର ପ୍ରତ୍ୟାଶା ତଥା ରିସ୍କ ନେବାର ଆପଣଙ୍କ କ୍ଷମତା ସନ୍ଦର୍ଭରେ ଆପଣ ଯେଉଁଥିରେ ନିଜର ଏସ୍‌ଡବ୍ଲ୍ୟୁପି ଆରମ୍ଭ କରିବାକୁ ଚାହୁଁଛନ୍ତି ସେହି ପାଣ୍ଠି ସମ୍ପର୍କରେ ଆଲୋଚନା କରନ୍ତୁ।

**ପଦକ୍ଷେପ ୩** ଆପଣ ₹୧୦,୦୦୦ର ମାସିକ ଏସ୍‌ଡବ୍ଲ୍ୟୁପି ନିର୍ଦ୍ଧାରଣ କରିପାରନ୍ତି। ଏହା ହେଉଛି ଆପଣଙ୍କ ପାଣ୍ଠିର ୦.୦୬%। ଏପରିକି, ଆପଣ ଏହାକୁ ପ୍ରତ୍ୟେକ ₹୫,୦୦୦ର ୨ଟି ପାଣ୍ଠିରେ ବିଭାଜିତ ମଧ କରିପାରନ୍ତି।

**ପଦକ୍ଷେପ ୪** ବିଭିନ୍ନ ଫଣ୍ଡ ଏବଂ ସେଗୁଡ଼ିକର ବାର୍ଷିକୀକୃତ ରିଟର୍ନକୁ ଦେଖନ୍ତୁ। ଆଦର୍ଶ ଭାବେ, ଆପଣ ୧୦%ରୁ ଅଧିକ ରିଟର୍ନ ଦେଉଥିବା ଫଣ୍ଡ ଚୟନ କରିବା ଉଚିତ। ନିଜର ଏସ୍‌ଡବ୍ଲ୍ୟୁପିକୁ ଭଲଭାବେ ବୁଝିବା ପାଇଁ ଏସ୍‌ଡବ୍ଲ୍ୟୁପି କାଲ୍‌କୁଲେଟର୍ ଭଳି ଡିଜିଟାଲ ସାଧନ ବ୍ୟବହାର କରନ୍ତୁ।

**ପଦକ୍ଷେପ ୫** ଏସ୍‌ଡବ୍ଲ୍ୟୁପି ଫର୍ମ ପୂରଣ କରନ୍ତୁ ଏବଂ ନିଜ ନିବେଶରୁ ଆପଣ ଯେଉଁ ଆୟ ପ୍ରାପ୍ତ କରିବାର ଆଶା କରୁଛନ୍ତି ସେ ସମ୍ପର୍କରେ ନିଜର ବ୍ରୋକର/ଆର୍ଥିକ ପରାମର୍ଶଦାତାଙ୍କୁ ସୂଚିତ କରନ୍ତୁ।

**ପଦକ୍ଷେପ ୬** ଆପଣ କେଉଁ ଫଣ୍ଡରୁ ଉଠାଣ କରିବାକୁ ଚାହୁଁଛନ୍ତି ତାହା ନିଜର ବ୍ରୋକ୍ ବା ଆର୍ଥିକ ପରାମର୍ଶଦାତାଙ୍କୁ କୁହନ୍ତୁ। ନିଜର ଟିକସ ଦେୟତାକୁ ମଧ ବିଚାରକୁ ନିଅନ୍ତୁ।

**ପଦକ୍ଷେପ ୭** ଆପଣ ନିଜର ଏସ୍‌ଡବ୍ଲ୍ୟୁପି ସ୍ଥିର କରିସାରିବା ପରେ, ଆସେଟ୍ ବିକ୍ରୟ ସ୍ୱୟଂଚାଳିତ ଭାବେ ଘଟିଚାଲିବ।

**ପଦକ୍ଷେପ ୮** ଆବଶ୍ୟକତାସ୍ଥଳେ ନିଜର ଉଠାଣକୁ ସଂଶୋଧନ କରନ୍ତୁ।

ଏହି ୮ଟି ପଦକ୍ଷେପକୁ ପୂରା କରିଦେଲେ? ଅଭିନନ୍ଦନ! ନିଜର ଆର୍ଥିକ ଜୀବନ ଏବେ ଆପଣଙ୍କ ନିୟନ୍ତ୍ରଣ ଅଧୀନରେ। ଏବେ ଆପଣ ଆଗକୁ ବଢ଼ିପାରିବେ ଓ ଏକ ଚାପମୁକ୍ତ ଅବସରକାଳ ବିତାଇପାରିବେ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

**କ୍ୟୁଆର୍ କୋଡ୍ ଡାଉନ୍‌ଲୋଡ୍ ଓ ସ୍କାନ୍ କରିବାର ପଦ୍ଧତି:**
୧) ନିଜ ଫୋନ୍‌ରେ କ୍ୟୁଆର୍ କୋଡ୍ ଆପ୍ ଡାଉନ୍‌ଲୋଡ୍ କରନ୍ତୁ ।
୨) ଆପ୍‌କୁ ଚଲାନ୍ତୁ ଓ କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ । ୩) ଆପଣଙ୍କ ସ୍ମାର୍ଟଫୋନ୍ କୋଡ୍‌କୁ ପଢ଼ିବ ଓ ଆପଣଙ୍କୁ ଗନ୍ତବ୍ୟସ୍ଥଳୀରେ ପହଞ୍ଚାଇବ ।

ଏସ୍‌ଡବ୍ଲ୍ୟୁପି ସମ୍ପର୍କରେ ସବୁକିଛି ଜାଣିବା ପାଇଁ ଏହି କ୍ୟୁଆର୍ କୋଡ୍ ସ୍କାନ କରନ୍ତୁ।

ନିଜର ଟିକସ ଦେୟତା ଏବଂ ଟିକସ ସଞ୍ଚୟ ପାଇଁ କେତେ ନିବେଶ ଆବଶ୍ୟକ ଏହା ଜାଣିବା ପାଇଁ ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ।

ନିବେଶ ଆରମ୍ଭ କରିବା ପୂର୍ବରୁ ଆର୍ଥିକ ଯୋଜନା ନିହାତି ଜରୁରୀ କାହିଁକି ଏହା ଜାଣିବା ପାଇଁ ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ।

ଅଧିକ ବିବରଣୀ ପାଇଁ, ଆମକୁ ଟୁଇଟର୍ @utimutualfund ରେ ଫଲୋ କରନ୍ତୁ, ପ୍ରଶ୍ନ କିମ୍ବା ମତାମତ ଇମେଲ୍ କରନ୍ତୁ: utiswatantra2@swatantra.co.in ରେ
■ ଦୟାକରି ବିଷୟ ଧାଡ଼ିରେ 'Swatantra in Dharitri' ଲେଖନ୍ତୁ । ■ ଏପରି ଅଧିକ ଆର୍ଥିକ ଉପଦେଶ ପାଇଁ ଆମ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: http://www.utiswatantra.com

## ସ୍ୱତନ୍ତ୍ର କୁମାରଃ ଭାବପ୍ରବଣ ନିବେଶ

**ଆପଣଙ୍କ ନିବେଶ ଭାବାବେଗ ପ୍ରଦର୍ଶନ କରି ନ ଥାଏ, ତେବେ ଆପଣ କାହିଁ କି କରିବେ? ନିବେଶ ସମୟରେ ଯଦି ଆପଣ ଭାବାବେଗର ମୁଖା ପିନ୍ଧନ୍ତି ତେବେ ତ୍ରୁଟିପୂର୍ଣ୍ଣ ନିବେଶ ନିଷ୍ପତ୍ତି ନେବା ସାର ହେବ।**

ଏହି ଭାବାବେଗଗୁଡ଼ିକ କ'ଣ?




ବଜାରର ଆଚରଣ ପ୍ରତି ଆପଣଙ୍କର ଭାବପ୍ରବଣ ପ୍ରତିକ୍ରିୟା ଆପଣଙ୍କ ଦୀର୍ଘ–ମିଆଦୀ ଲକ୍ଷ୍ୟରେ ଧ୍ୟାନ କେନ୍ଦ୍ରିତ କରିବାରେ ସମସ୍ୟା ଉପୁଜାଇପାରେ। ଏପରିକି ଏହା ଲକ୍ଷ୍ୟରୁ ଆପଣଙ୍କୁ ଦୂରେଇ ମଧ ନେଇଯାଇପାରେ। ଭାବାବେଗ କାରଣରୁ ଆପଣ ଅଧିକରେ କିଣି କମ୍‌ରେ ବିକ୍ରି କରିବା ପାଇଁ ବାଧ୍ୟ ହୋଇପାରନ୍ତି।

**ଭାବପ୍ରବଣ ନିବେଶର ପ୍ରବୃତ୍ତି ଉପରେ ଜୟଲାଭ କରିବା ପାଇଁ ଟିପ୍‌ସ:**

- କଷ୍ଟ୍ ଆକାଉଣ୍ଟିଂର ଲାଭ ପାଇବା ପାଇଁ ମ୍ୟୁଚୁଆଲ୍ ଫଣ୍ଡ ମାଧ୍ୟମରେ ଇକ୍ୱିଟିରେ ନିବେଶ କରନ୍ତୁ
- ଅସ୍ଥିରତା ସମୟରେ ଶାନ୍ତ ରୁହନ୍ତୁ। ଆତଙ୍କ ବିକ୍ରୟରେ ଲିପ୍ତ ହୁଅନ୍ତୁ ନାହିଁ
- ଭଲ ରିଟର୍ନ ପାଇବାର ଚାବିକାଠି ହେଉଛି ଦୀର୍ଘ ମିଆଦ ପାଇଁ ନିବେଶକୁ ବଜାୟ ରଖିବା
- ନିଜର ଲକ୍ଷ୍ୟ–ଭିତ୍ତିକ ନିବେଶ ସହିତ ଲକ୍ଷ୍ୟପଥରେ ଅଟଳ ରୁହନ୍ତୁ
- ନିଜ ନିବେଶଗୁଡ଼ିକ ପ୍ରତି ଆପଣଙ୍କର ରିସ୍କ–ରିଟର୍ନ ଭାବାବେଗରେ ବିବିଧତା ଆପଣାଇବା ପାଇଁ ନିଜ ପୋର୍ଟଫୋଲିଓକୁ ବିବିଧକୃତ କରନ୍ତୁ
- ସମୟ ସମୟରେ ଆର୍ଥିକ ପରାମର୍ଶ ଲୋଡ଼ନ୍ତୁ

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

## ବିଶେଷଜ୍ଞ କୁହନ୍ତି

**ଜଣେ ପାଠକ ଆମକୁ ପଚାରିଛନ୍ତିଃ ରିଟାୟରମେଣ୍ଟ କାଲ୍‌କୁଲେଟର କ'ଣ?**
**ବିଶେଷଜ୍ଞ ଏହି ଉତ୍ତର ଦେଇଛନ୍ତି**

ସୁବ୍ରତ ସରକାର
ଆର୍ଥିକ ପରାମର୍ଶଦାତା

ରିଟାୟରମେଣ୍ଟ କାଲ୍‌କୁଲେଟର୍ ହେଉଛି ନିଜର ଅବସରକାଳକୁ ପ୍ରଭାବୀ ଢଙ୍ଗରେ ଯୋଜନାବଦ୍ଧ କରିବାର ଏକ ମାଧ୍ୟମ। ଆପଣଙ୍କ ଅବସରକାଳୀନ ପାଣ୍ଠି ନିର୍ଦ୍ଧାରଣ କରିବା ସମୟରେ ଏହା ଅନେକ ମାନଦଣ୍ଡକୁ ବିଚାରକୁ ନେଇଥାଏ। ଆପଣଙ୍କୁ ଏହା ବୁଝିବା ଆବଶ୍ୟକ ଯେ କମ୍ ଅବସରକାଳୀନ ପାଣ୍ଠି ତାହାର ଉଦ୍ଦେଶ୍ୟ ସାଧନ କରିପାରି ନ ଥାଏ ଏବଂ ଅତ୍ୟଧିକ ଅବସରକାଳୀନ ପାଣ୍ଠି ବ୍ୟକ୍ତିଙ୍କୁ ତାଙ୍କ ରୋଜଗାରକ୍ଷମ ବୟସରେ ଅଧିକ ସଞ୍ଚୟ କରିବାର ଅତିରିକ୍ତ ବୋଝ ଲଦିଦେଇଥାଏ। ଏହା ଆପଣଙ୍କ ବର୍ତ୍ତମାନର ଆୟ, ବୟସ, ପରିସମ୍ପତ୍ତି, ଦେୟତା ଏବଂ ଖର୍ଚ୍ଚଗୁଡ଼ିକୁ ବିଚାରକୁ ନେଇଥାଏ। ଆପଣଙ୍କ ମୋଟ ପାରିବାରିକ ଆୟରେ, ଯଦି ଆପଣ ବିବାହିତ ହୋଇଥାନ୍ତି, ଏହା ଆପଣଙ୍କ ଜୀବନସାଥୀଙ୍କ ଆୟକୁ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ। ଶୁଭାରମ୍ଭ କରିବା ଏବଂ ନିବେଶକ କେଉଁ ଦିଗରେ ନିଜକୁ ଉନ୍ନତ କରିପାରିବେ ତାହାକୁ ସ୍ଥିର କରିବାରେ ଅବସରକାଳୀନ ଯୋଜନା ସାଧନଗୁଡ଼ିକ ସହାୟକ ହୋଇପାରିବ। ମୋର ସାମ୍ପ୍ରତିକ ସଞ୍ଚୟ ହାର ଅବସରକାଳରେ ମୋ ଖର୍ଚ୍ଚଗୁଡ଼ିକୁ ତୁଲାଇବା ପାଇଁ ଯଥେଷ୍ଟ କି ନୁହେଁ ତାହା ରିଟାୟରମେଣ୍ଟ କାଲ୍‌କୁଲେଟର୍ ନିର୍ଦ୍ଧାରଣ କରିଥାଏ।

## ଗୁରୁ କୁହନ୍ତି

ନୃସିଂହ ନାରାୟଣ ପାତ୍ର
ଆର୍ଥିକ ପରାମର୍ଶଦାତା


**ନିଜର ଅବସରକାଳୀନ ପାଣ୍ଠିକୁ ବ୍ୟବହାର କରିବା ସମୟରେ ଧ୍ୟାନରେ ରଖିବା ଯୋଗ୍ୟ କଥାଗୁଡ଼ିକ**

ଆପଣ ଯଥେଷ୍ଟ ସମୟ ପୂର୍ବରୁ ନିଜର ଅବସରକାଳର ଯୋଜନା କରିବା ଉଚିତ। ପ୍ରଥମ ବେତନବୃଦ୍ଧି ପାଇବା ପରେ ଆପଣ ଏକ ଲକ୍ଷ୍ୟ ସ୍ଥିର କରିବା ଏବଂ ନିଜର ସମସ୍ତ ଆର୍ଥିକ ଲକ୍ଷ୍ୟକୁ ହାସଲ କରିବା ପାଇଁ ମ୍ୟୁଚୁଆଲ ଫଣ୍ଡରେ ନିବେଶ ଆରମ୍ଭ କରିଦେବା ଆବଶ୍ୟକ। ମ୍ୟୁଚୁଆଲ ଫଣ୍ଡରେ ଏକ ଏସ୍‌ଆଇପି ଆରମ୍ଭ କରନ୍ତୁ ଏବଂ ନିଜ ବ୍ୟାଙ୍କକୁ ଇସିଏସ୍/ଓଟିଏମ୍ ଆଦେଶ ଦେଇ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସ୍ୱୟଂଚାଳିତ କରନ୍ତୁ। ଏହାଦ୍ୱାରା, ଆପଣଙ୍କ ସମ୍ପୂର୍ଣ୍ଣ ଅବସରକାଳୀନ ଯୋଜନା ତାହାର ଧାର୍ଯ୍ୟପଥରେ ରହିପାରିବ। ମୁଦ୍ରାସ୍ଫୀତିକୁ ପରାଜିତ କରିବା ପାଇଁ ପ୍ରତିବର୍ଷ ଆବଣ୍ଟନ ରାଶିକୁ ୭% ବୃଦ୍ଧି କରନ୍ତୁ। ଆପଣ ଯେବେବି ବେତନବୃଦ୍ଧି କିମ୍ବା ବୋନସ୍ ପାଆନ୍ତି ତାହାର ଅଧା ପରିମାଣକୁ ମ୍ୟୁଚୁଆଲ ଫଣ୍ଡରେ ଲଗାନ୍ତୁ। ଯେହେତୁ ଅନ୍ୟ ଅର୍ଦ୍ଧାଂଶକୁ ଆପଣ ଉପଭୋଗ କରୁଥିବେ, ତେଣୁ ଆପଣଙ୍କୁ ବିଶେଷ କୌଣସି ଫରକ ଜଣାପଡ଼ିବ ନାହିଁ।

**ପରବର୍ତ୍ତୀ ସଂସ୍କରଣରେଃ ଆର୍ଥିକ ବର୍ଷର ସମାପ୍ତି ଆଡ଼କୁ ଆମେ ଅଗ୍ରସର, ତେଣୁ ଆସନ୍ତୁ କେତେକ ସ୍ମାର୍ଟ ନିବେଶ ଟିପ୍‌ସ ଉପରେ ନଜର ପକାଇବା ଯାହା ଆମ ପାଇଁ ଟିକସ ସଞ୍ଚୟ ସହିତ ଆହୁରି ଅନେକ ଦିଗରେ ସହାୟକ ହୋଇପାରିବ।**


f LIVE ଟିକସ ଯୋଜନା ଉପରେ ଅଧିକ ଜାଣିବା ପାଇଁ, ୟୁଟିଆଇ ସ୍ୱତନ୍ତ୍ର ଫେସ୍‌ବୁକ୍ ଲାଇଭ୍‌ରେ ୧୪ ଫେବୃୟାରୀ, ୨୦୧୯ ଅପରାହ୍ନ ୫ ଘଟିକା ପରଠାରୁ ଟ୍ୟୁନ୍ କରନ୍ତୁ ଏବଂ 'ଟିକସ ଯୋଜନାଃ ମାର୍ଚ୍ଚର ସତର୍କତା' ଶୋ' ଦେଖନ୍ତୁ।

ମ୍ୟୁଚୁଆଲ ଫଣ୍ଡ ନିବେଶ ବଜାରର ରିସ୍କ ଉପରେ ନିର୍ଭର କରିଥାଏ, ସ୍କିମ୍ ସମ୍ପର୍କିତ ସମସ୍ତ କାଗଜପତ୍ରକୁ ଯତ୍ନର ସହିତ ପଢ଼ନ୍ତୁ ।


ଚୟନ କରନ୍ତୁ ସିଷ୍ଟମେଟିକ୍ ୱିଥଡ୍ରଲ୍ ପ୍ଲାନ୍, ଯାହାକି ଆପଣଙ୍କୁ ଦିଏ:
• ରାଶି ଓ ଅନ୍ତରାଳ ଚୟନ କରିବାର ସ୍ୱାଧୀନତା
• ରେଗୁଲାର ଆୟ ଉତ୍ସ* • କର ଦକ୍ଷତା#
ଅବସର ପୂର୍ବରୁ ଜୀବନ ସ୍ମୃତି, ଖୁସି ଓ ଉତ୍ସବରେ ଭରପୂର ହୋଇଥାଏ । ତେଣୁ ଅବସର ପର ଜୀବନ ଆନନ୍ଦଦାୟକ ହେବା ଉଚିତ ନୁହେଁ କି? ଏହା ହୋଇପାରିବ, ସିଷ୍ଟମେଟିକ୍ ୱିଥଡ୍ରଲ୍ ପ୍ଲାନ୍ ଜରିଆରେ ରେଗୁଲାର ଆୟ ଉତ୍ସ ସହିତ ।
ୟୁଟିଆଇ ସ୍ୱତନ୍ତ୍ର
ଏକ ନିବେଶକ ଶିକ୍ଷା ଯୋଜନା
SMS "UTISWP" to 5676756
Scan this QR code to know all about SWP
ସିଷ୍ଟମେଟିକ୍ ୱିଥଡ୍ରଲ୍ ପ୍ଲାନ୍ (ଏସ୍‌ଡବ୍ଲୁପି)
ଆପଣଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ପ୍ଲାନ୍ କରନ୍ତୁ, ଲଗ୍ ଅନ୍ କରନ୍ତୁ www.utiswatantra.com
Follow us on
*ଏକାଉଣ୍ଟରେ ବକେୟା ବାଲାନ୍ସ ଉପଲବ୍ଧତା ଅଧୀନ । #36 ମାସରୁ ଅଧିକ ହୋଇଥିବା ନିବେଶ ପାଇଁ ସୂଚୀକରଣରୁ ଲାଭ । ପ୍ରଚଳିତ କର ନିୟମ ଅନୁଯାୟୀ ।
ମ୍ୟୁଚୁଆଲ୍ ଫଣ୍ଡ ନିବେଶ ବଜାର ଆପଦ ଅଧୀନ ଅଟେ, ସମସ୍ତ ଯୋଜନା ସମ୍ବନ୍ଧିତ ଦସ୍ତାବିଜ୍‌କୁ ଧ୍ୟାନ ସହକାରେ ପଢନ୍ତୁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୧ ଫେବୃୟାରୀ, ୨୦୧୯

ମନୁଷ୍ୟର ଏକମାତ୍ର ଧର୍ମ ହେଉଛି ଈଶ୍ୱରଙ୍କ ନିକଟରେ ଆତ୍ମ ସମର୍ପଣ କରିବା । ସବୁବେଳେ ତାଙ୍କ ନାମ ସ୍ମରଣ କରିବା ଓ ତାଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିବା ।

– ଗୁରୁ ନାନକ



## ସଂକ୍ଷେପରେ

### ଖଣ୍ଡଗିରିରେ ଯାତ୍ରା ପୋଷ୍ଟରକୁ ନେଇ ବିବାଦ

**ପୋଷ୍ଟର ପୋଡ଼ିବେ ଦିବ୍ୟାଙ୍ଗ**

ଭୁବନେଶ୍ୱର,୧୦।୨(ବ୍ୟୁରୋ): ଆଉ ଦୁଇ ଦିନ ପରେ ଆରମ୍ଭ ହେବ ଖଣ୍ଡଗିରି ମେଳା। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସବୁଠାରୁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟୁଥିବା ଯାତ୍ରା ମହାକୁମ୍ଭକୁ ସମସ୍ତଙ୍କ ଅପେକ୍ଷା ରହିଥିବାବେଳେ ଏବେ ଯାତ୍ରା ପୋଷ୍ଟରକୁ ନେଇ ବିବାଦ ଦେଖାଦେଇଛି। ଏକାଧିକ ଅପେରା ପାର୍ଟି ସେମାନଙ୍କ ନାଟକକୁ ନେଇ ରାସ୍ତା ପାର୍ଶ୍ୱରେ ପୋଷ୍ଟର ଲଗାଇଛନ୍ତି। କିନ୍ତୁ ଏକ ଗଣନାଟ୍ୟର ନାଟକ 'ଅନ୍ଧ ମୂକ ବଧିର'କୁ ନେଇ ଏହି ବିବାଦ ଉପୁଜିଛି। ନାଟକର ନାମ ଦିବ୍ୟାଙ୍ଗଙ୍କ ପ୍ରତି ଅପମାନ ବୋଲି ଦିବ୍ୟାଙ୍ଗ ଜନ ସୁରକ୍ଷା ଫେଡେରେଶନ ଅଭିଯୋଗ ଉଠାଇବା ସହ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଯଦି ପୋଲିସ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ ସୋମବାର ସଂଘ ପକ୍ଷରୁ ଉକ୍ତ ନାଟକର ପୋଷ୍ଟର ପୋଡିବା ସହ କୋର୍ଟକୁ ଯିବେ ବୋଲି ଚେତାବନୀ ଦିଆଯାଇଛି।

### କ୍ଷତାକ୍ତ ଅବସ୍ଥାରେ ନବଜାତ ଶିଶୁକନ୍ୟା ଉଦ୍ଧାର

ଭୁବନେଶ୍ୱର,୧୦।୨(ବ୍ୟୁରୋ)/କଟକ ଅଫିସ: ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ପ୍ରଶାନ୍ତି ବିହାର ରାସ୍ତା ପାର୍ଶ୍ୱ ଏକ ପରିତ୍ୟକ୍ତ ସ୍ଥାନରୁ ଏକ ନବଜାତ ଶିଶୁକନ୍ୟାଙ୍କୁ ଉଦ୍ଧାର କରାଯାଇଛି। ରବିବାର ସକାଳେ ଶିଶୁଟିର ଚିତ୍କାର ଶୁଣି ନିକଟରେ ଯାଉଥିବା କେତେଜଣ ପଥଚାରୀ ଅଟକି ଯାଇଥିଲେ। ଚିତ୍କାର ଶୁଣୁଥିବା ସ୍ଥାନରେ ପହଞ୍ଚି ଏକ କପଡ଼ାରେ ନବଜାତ ଶିଶୁକନ୍ୟା ଗୋଡାଇ ହୋଇଥିବା ଅବସ୍ଥାରେ ପଡି ରହିଥିବା ଦେଖିବାକୁ ପାଇଥିଲେ। ଶିଶୁଟିର ମୁଣ୍ଡ, ଆଖି ଓ ଗୋଡ଼ରେ କେଇଠାରେ କ୍ଷତ ହୋଇଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପ୍ରଚାରିତ ହୋଇଯିବା ପରେ ସ୍ଥାନୀୟ ଲୋକଙ୍କ ଭିଡ଼ ଲାଗିଥିଲା। ପୋଲିସ ପହଞ୍ଚି ଆହତ ଶିଶୁକନ୍ୟାକୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଛି। କଟକ ଚାଇଲ୍ଡ ଲାଇନ ପକ୍ଷରୁ ଶିଶୁକନ୍ୟାଙ୍କ ଯତ୍ନ ଓ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯାଇଛି। ଚାଇଲ୍ଡ ଲାଇନ ସଂଯୋଜକ ନାରାୟଣ ଶୁକ୍ଳା ଶିଶୁଭବନରେ ପହଞ୍ଚି ଶିଶୁକନ୍ୟାଙ୍କ ଦେଖାଶୁଣା କରୁଛନ୍ତି। ରାତିରେ ଜନ୍ମ ପରେ କେହି ଶିଶୁଟିକୁ ଏଠାରେ ଫିଙ୍ଗିଦେଇ ଚାଲିଯାଇଥିବା ଓ କୁକୁର କିମ୍ବା ଅନ୍ୟ କୌଣସି ପ୍ରାଣୀ ଆକ୍ରମଣ କରିଥିବା ଅନୁମାନ କରାଯାଉଛି। ଘଟଣାକୁ ନେଇ ପୋଲିସ ଖୋଳତାଡ଼ ଆରମ୍ଭ କରିଛି।

### ବସନ୍ତ ପଞ୍ଚମୀ ଉତ୍ସବ ପାଳିତ

ବାଲିଅନ୍ତା,୧୦।୨(ଡି.ଏନ.ଏ.): ବାଲିଅନ୍ତା ବ୍ଲକ ଅଧୀନ ଅଣ୍ଡିଲୋ ଗ୍ରାମରେ ରବିବାର ବସନ୍ତ ପଞ୍ଚମୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବାଲିଅନ୍ତାର ଆରାଧ୍ୟ ଠାକୁର ପ୍ରଭୁ ଶ୍ରୀ ନିକୁଞ୍ଜ ବିହାରୀ ଦେବଙ୍କ ଚଳନ୍ତି ବିଗ୍ରହକୁ ଏକ ସୁସଜ୍ଜିତ ବିମାନରେ ବିଜେ କରି ଶୋଭାଯାତ୍ରାରେ ନିଆଯାଇଥିଲା। ଏଥିରେ ଘଣ୍ଟ, ବାଦ୍ୟ, ସଂକୀର୍ତ୍ତନ ସହ ଆତସବାଜିର ସାମିଲ ହୋଇଥିଲା। ବସନ୍ତ ପଞ୍ଚମୀରେ ପ୍ରଭୁ ଶ୍ରୀ ନିକୁଞ୍ଜ ବିହାରୀ ଦେବଙ୍କୁ ଗ୍ରାମର ସମସ୍ତ ପରିବାର ଖିରି, ଲବଣୀ ସହ ଫଳମୂଳ, ପିଠା ଓ ମିଠା ଆଦି ଭୋଗ ଲାଗି କରିଥିଲେ। ସମସ୍ତେ ଭୋଗ ଖାଇବା ସାରିବା ପରେ ପ୍ରଭୁ ନିକୁଞ୍ଜ ବିହାରୀ ଦେବ ବିମାନ ଗ୍ରାମ ମଣ୍ଡପରେ ବିଜେ ହୋଇଥିଲେ।

### ପୋଲିସକୁ ସହଯୋଗ କରିଥିବା ବ୍ୟକ୍ତିଙ୍କୁ ଥାନାରେ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୦।୨(ବ୍ୟୁରୋ): ଚନ୍ଦ୍ରଶେଖରପୁର ଥାନାରେ ରବିବାର ଏକ ନିଆରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୋଲିସକୁ ସହଯୋଗ କରିଥିବା ବ୍ୟକ୍ତିମାନଙ୍କୁ ଥାନାରେ ସମ୍ବର୍ଦ୍ଧନା ଦିଆଯାଇଛି। ଜୋନ୍ ଏସିପି ରବୀନ୍ଦ୍ର ଶତପଥୀ ଓ ଥାନା ଅଧିକାରୀ ଦୀପକ ମିଶ୍ର ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଚନ୍ଦ୍ରଶେଖରପୁର ପୋଲିସ ଷ୍ଟେସନ ଅଧୀନରେ ଯେଉଁ ବ୍ୟକ୍ତିବିଶେଷ ପୋଲିସ ଷ୍ଟେସନ ଅଥବା ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ ପୋଲିସକୁ ବିଭିନ୍ନ ସମସ୍ୟା ବେଳେ ସହଯୋଗ କରିଛନ୍ତି, ସେମାନଙ୍କୁ ଲୋକଲୋଚନକୁ ଆଣି ସମ୍ବର୍ଦ୍ଧନା ଦିଆଯାଇଥିଲା। ଲୋକଙ୍କୁ ନ୍ୟାୟ ଦେବା, ସଡ଼କ ଦୁର୍ଘଟଣାରେ ପୋଲିସ ଆସିବା ପୂର୍ବରୁ ଆହତଙ୍କୁ ହସ୍ପିଟାଲ ନେବା, ହତ୍ୟା ଅଭିଯୁକ୍ତ ଓ ଗଣ୍ଡଗୋଳକାରୀଙ୍କୁ ପୋଲିସକୁ ଧରାଇଦେବାରେ ସେମାନେ ପୋଲିସକୁ ସହଯୋଗ କରିଥିଲେ। କମିଶନରେଟ ପୋଲିସରେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ନିଆରା ବୋଲି ଅଞ୍ଚଳବାସୀ କହିଛନ୍ତି।

# ନବମ ଶ୍ରେଣୀ ଛାତ୍ର ଲଭ୍ ମାଷ୍ଟର

- ଏକାଧିକ ଛାତ୍ରୀଙ୍କ ଅଶ୍ଳୀଳ ଫଟୋ ଉଠାଇ ବ୍ଲାକ୍‌ମେଲ୍ କରୁଥିଲେ
- ୩ ଜଣ ଛାତ୍ରୀଙ୍କୁ ଡାକି ଖଣ୍ଡଗିରି ଗୁମ୍ଫାରୁ ଧରାପଡ଼ିଲେ
- ଥାନାରେ ପ୍ରେମିକାଙ୍କ ଗୋଡ଼ ଧରି ଭୁଲ୍ ମାଗିଲେ

ଭୁବନେଶ୍ୱର,୧୦।୨ (ବ୍ୟୁରୋ)

ବୟସ ୧୬। ନବମ ଶ୍ରେଣୀରେ ପଢୁଛନ୍ତି। ହେଲେ ପ୍ରେମରେ ପୂରା ମାଷ୍ଟର। ଛାତ୍ରୀଙ୍କୁ ଅତି ସହଜରେ ଫସାଇ ମଉଜ କରନ୍ତି। ନାନା ବିଶ୍ୱାସ ଜନ୍ମାଇ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଉଠାଇ ବ୍ଲାକ୍‌ମେଲ କରନ୍ତି। ଶେଷରେ ପ୍ରତାରଣାର ଶିକାର ୩ଜଣ ଛାତ୍ରୀଙ୍କ ହାତରେ ଖଣ୍ଡଗିରି ଗୁମ୍ଫାରେ ଧରାପଡି ହଟହଟା ହୋଇଛନ୍ତି ଏହି ଲଭ୍ ମାଷ୍ଟର। ଏପରିକି ଖଣ୍ଡଗିରି ଥାନା ଆଗରେ ପ୍ରତାରଣାର ଶିକାର ସମ୍ପୃକ୍ତ ଛାତ୍ରୀଙ୍କ ଗୋଡ଼ ଧରି ଭୁଲ୍ ମାଗିଛନ୍ତି। ଅଭିଯୋଗ ପରେ ପୋଲିସ ଘଟଣାର ଅଧିକ ଖୋଳତାଡ଼ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ନାବାଳକ ପ୍ରେମିକର ଘର ଫୁଲବାଣୀ ଅଞ୍ଚଳରେ ହୋଇଥିବା ବେଳେ ସେ ଚନ୍ଦ୍ରଶେଖରପୁରର ଏକ ସ୍କୁଲରେ ପାଠ ପଢୁଛନ୍ତି। ସେ ବସ୍‌ରେ ଘରକୁ ଯିବାଆସିବା ସମୟରେ ସେଥିରେ ଯାଉଥିବା ଛାତ୍ରୀ ଓ ଯୁବତୀଙ୍କୁ ସହଯୋଗ ବାହାନାରେ ସମ୍ପର୍କ ଯୋଡି ଆଗକୁ ବଢ଼ାଇଥାନ୍ତି। ପୁଣି କେତେବେଳେ ନିଜ ସ୍କୁଲର ସହପାଠିନୀ, ସିନିୟର ଓ ଜୁନିୟର ଛାତ୍ରୀଙ୍କୁ ମଧ୍ୟ ପ୍ରେମ ଜାଲରେ ଫସାଇଥାନ୍ତି। ଘଟଣାକ୍ରମରେ ଉକ୍ତ ସ୍କୁଲରେ ପଢୁଥିବା ଫୁଲବାଣୀ ଅଞ୍ଚଳର ଜଣେ ଛାତ୍ରୀଙ୍କୁ ପ୍ରେମ ଜାଲରେ ଫସାଇଥିଲେ ଏହି ଲଭ୍ ମାଷ୍ଟର। ଛାତ୍ରୀଙ୍କୁ ବିଭିନ୍ନ ସ୍ଥାନକୁ ବୁଲାଇ ନେବା ସହ ମୋବାଇଲ୍ ଫୋନ୍‌ରେ ଅଶ୍ଳୀଳ ଫଟୋ ଉଠାଇ ରଖିଥିଲେ। ପରେ ସମ୍ପୃକ୍ତ ଛାତ୍ରୀଙ୍କ ବଡ଼ ଭଉଣୀଙ୍କୁ ମଧ୍ୟ ଫସାଇ ଅଶ୍ଳୀଳ ଫଟୋ ଉଠାଇଥିଲେ। ଏଭଳି ତାଙ୍କ ପ୍ରେମ ଜାଲରେ ପଡ଼ିଥିବା ୩ଜଣ ଛାତ୍ରୀଙ୍କୁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସ୍ଥାନକୁ ବୁଲାଇବାକୁ ନେଉଥିଲେ ମଧ୍ୟ ଏକଥା କେହି ଜାଣିପାରନ୍ତି ନାହିଁ। ରବିବାର ଛୁଟିଥିବାରୁ ୩ଜଣ ଛାତ୍ରୀଙ୍କୁ ଖଣ୍ଡଗିରି ବୁଲିଯିବାକୁ କହିଥିଲେ ଲଭ୍ ମାଷ୍ଟର। ଦୁଇ ଜଣ ଛାତ୍ରୀ ଅପରାହ୍ନ ୪ଟାରେ ଆସି ଖଣ୍ଡଗିରିରେ ଅଲଗା ସ୍ଥାନରେ ଅପେକ୍ଷା କରିଥିଲେ। ବିଜେ ଏହି ଲଭ୍ ମାଷ୍ଟର ଅନ୍ୟ ଜଣେ ଛାତ୍ରୀଙ୍କ ସହ ରୋମାନ୍ସ କରୁଥିଲେ। ପରେ ଉକ୍ତ ଛାତ୍ରୀଙ୍କୁ ସେଠାରେ ଅପେକ୍ଷା କରିବାକୁ କହି ଦ୍ୱିତୀୟ ଓ ତୃତୀୟ ଛାତ୍ରୀଙ୍କ ସହ ଖଣ୍ଡଗିରି ପାହାଡ଼ ବୁଲି ଫଟୋ ଉଠାଇଥିଲେ। ହେଲେ ଜଣେ ଛାତ୍ରୀଙ୍କ ସନ୍ଦେହ ହୋଇଥିଲା। ଚାରିଆଡେ ଖୋଜିଖୋଜି ଶେଷରେ ଅନ୍ୟଜଣେ ଛାତ୍ରୀଙ୍କ ସହ ତାଙ୍କ ପ୍ରେମିକ ରୋମାନ୍ସ କରୁଥିବାଦେଖି ନିଜ ମୋବାଇଲ ଫୋନ୍‌ରେ ସେମାନଙ୍କ ଫଟୋ ଉଠାଇଥିଲେ। ଏହାପରେ ନିଜ ସମ୍ପର୍କୀୟ ଭାଇଙ୍କୁ ଫୋନ୍ କରି ଏସବୁ କଥା ଜଣାଇଥିଲେ। ଛାତ୍ରୀଙ୍କ ଭାଇ ସେଠାରେ ପହଞ୍ଚି ଲଭ୍ ମାଷ୍ଟରଙ୍କୁ ଧରି ଥାନାକୁ ନେଇଥିଲେ। କାହିଁକି କରିବେନି ପରେ ତାଙ୍କ ମୋବାଇଲ୍ ଫୋନ୍ ଯାଞ୍ଚ କରି ଏକାଧିକ ଛାତ୍ରୀଙ୍କ ସହ ଅଶ୍ଳୀଳ ଫଟୋ ଥିବା ଦେଖିବାକୁ ପାଇଥିଲେ। ହୋହାଲ୍ଲା ଭିତରେ ୩ଜଣ ଛାତ୍ରୀ ଏକାଠି ହୋଇଯାଇଥିଲେ ଓ ଲଭ୍ ମାଷ୍ଟରଙ୍କ ଅସଲ କାରନାମା ପଦାକୁ ଆସିଥିଲା।



ରଥଗୋଟା ଅନୁକୂଳ କାର୍ଯ୍ୟ ପାଇଁ ବାହାରିଥିବା ସେବାୟତମାନେ।

## ଶ୍ରୀଲିଙ୍ଗରାଜଙ୍କ ରଥଗୋଟା ଅନୁକୂଳ

ପୁରୁଣା ଭୁବନେଶ୍ୱର,୧୦।୨(ଡି.ଏନ.ଏ.)

ଶ୍ରୀପଞ୍ଚମୀ ତଥା ସରସ୍ୱତୀ ପୂଜା ଅବସରରେ ରବିବାର ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ଗୋଟା ଅନୁକୂଳ ହୋଇଯାଇଛି। ସନ୍ଧ୍ୟାରେ ମନ୍ଦିରରେ ଭୋଗ ମଣ୍ଡପ ପରେ ବିମାନ ଓ ପାଲିଙ୍କିରେ ଶ୍ରୀଜୀଉମାନଙ୍କୁ ଶୋଭାଯାତ୍ରାରେ ଶ୍ରୀରାମନଗରସ୍ଥିତ ଶ୍ରୀପଞ୍ଚମୀ ପଡିଆକୁ ନିଆଯାଇଥିଲା। ସେଠାରେ ତାନ୍ଦିନୀରେ ଶ୍ରୀଜୀଉଙ୍କୁ ରଖାଯାଇ ପୂଜାର୍ଚ୍ଚନା କରାଯିବା ପରେ କୋଠ ଭୋଗ ଲାଗି କରାଯାଇଥିଲା। ପରେ ନିକଟରେ ଥିବା ଏକ ଆମ୍ବ ଗଛକୁ ପୂଜାପଣ୍ଡା ସେବାୟତ ପୂଜାର୍ଚ୍ଚନା କରିଥିଲେ। ପୂଜା ପରେ ସେ କୁରାଢ଼ିରେ ଆମ୍ବ ଗଛକୁ ଚୋଟ ଲଗାଇଥିଲେ। ପରେ ବେହେରା ସେବାୟତମାନେ ସେ ଗଛରେ ବିଧି ମୁତାବକ କୁରାଢ଼ି ଲଗାଇ ରଥ ଗୋଟା ଅନୁକୂଳ କାର୍ଯ୍ୟ ସମ୍ପନ୍ନ କରିଥିଲେ।



ଧଉଳି-କଳିଙ୍ଗ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ପରିବେଷିତ ଓଡ଼ିଶୀ ନୃତ୍ୟ।

### ଧଉଳି-କଳିଙ୍ଗ ମହୋତ୍ସବ ଉଦ୍‌ଯାପିତ

## ଶାସ୍ତ୍ରୀୟ ନୃତ୍ୟରେ ଶାନ୍ତି, ପ୍ରେମର ବାଣୀ

ପୁରୁଣା ଭୁବନେଶ୍ୱର,୧୦।୨(ଡି.ଏନ.ଏ.)

ରବିବାର ଉଦ୍‌ଯାପିତ ହୋଇଯାଇଛି ଧଉଳି-କଳିଙ୍ଗ ମହୋତ୍ସବ। ରାଜ୍ୟ ପର୍ଯ୍ୟଟନ ବିଭାଗ, ଓଡ଼ିଶା ଡ୍ୟାନ୍ସ ଏକାଡେମୀ ଓ ଆର୍ଟି ଭିଜନର ମିଳିତ ଉଦ୍ୟମରେ ଆୟୋଜିତ ମହୋତ୍ସବରେ ପରିବେଷିତ ଶାସ୍ତ୍ରୀୟ ନୃତ୍ୟରେ ପରିପ୍ରକାଶ ହୋଇଥିଲା ଶାନ୍ତି ଓ ପ୍ରେମର ବାଣୀ।

କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀରୁ। ବାଙ୍ଗାଲୋରରୁ ଆସିଥିବା ମଧୁଲିତା ମହାପାତ୍ର ଓ ସାଥୀଙ୍କ ଦ୍ୱାରା ପ୍ରଥମେ 'ଶିଭମ ଧ୍ୟାନମ୍' ଓ ପରେ 'ହରି ସ୍ମରଣମ ମାତୋ' ପରିବେଷିତ ହୋଇଥିଲା। ଦୁଇଟି ଯାକ ନୃତ୍ୟର ସଂରଚନା କରିଥିଲେ ମଧୁଲିତା। ଏହାପରେ ନୂଆଦିଲ୍ଲୀରୁ ଆସିଥିବା ରାଣୀ ଖାନମ ଓ ସାଥୀଙ୍କ ଦ୍ୱାରା ପ୍ରଥମେ 'ନାଚତ ସୁଧାଙ୍ଗ ଶ୍ରୀନନ୍ଦ ନନ୍ଦନ' ଓ ପରେ 'ଯମୁନାଷ୍ଟକମ' ପରିବେଷିତ ହୋଇଥିଲା, ଯେଉଁଥିରେ କଥକ ନୃତ୍ୟର ସୌନ୍ଦର୍ଯ୍ୟ ବିଭାବ ଏବଂ ତାତ୍ତ୍ୱିକ ବିଶ୍ଳେଷଣକୁ କଳାକାରମାନେ ଅତି ଚମତ୍କାର ଭାବେ ପରିବେଷଣ କରି ସମସ୍ତଙ୍କୁ ବିମୋହିତ କରିଥିଲେ। ପରବର୍ତ୍ତୀ ପ୍ରସ୍ତୁତିଟି ଥିଲା କେରଳରୁ ଆସିଥିବା ଶ୍ରୀଜିତ ଟି.ଆର ଓ ସାଥୀଙ୍କ ସମକାଳ ନୃତ୍ୟ 'କଲାରି ପାରନ୍ଦୁ'। ଅନ୍ତିମ ପ୍ରସ୍ତୁତିରେ ଥିଲା ଚିତ୍ତାକର୍ଷକ ନୃତ୍ୟ କାର୍ଯ୍ୟକ୍ରମ 'ମେକ ଇନ ଓଡ଼ିଶା'। ଭୁବନେଶ୍ୱରର ଓଡ଼ିଶା ଡ୍ୟାନ୍ସ ଏକାଡେମୀ, ବାଙ୍ଗାଲୋରର କର୍ଣ୍ଣକୁପିୟା କ୍ରିଏଶନ ଓ କଟକର ମୋକ୍ଷ ଅନୁଷ୍ଠାନର ମହମ୍ମଦ ସେଫୁଲ ହକଙ୍କ ମିଳିତ ସହଯୋଗରେ ଏହା ପରିବେଷିତ ହୋଇଥିଲା। ଓଡ଼ିଶାର ଐତିହାସିକ ଗୌରବ ଓ ଉତ୍କର୍ଷକୁ କଳାକାରମାନେ ନୃତ୍ୟ ମାଧ୍ୟମରେ ପ୍ରତିପାଦିତ କରିଥିଲେ। ଓଡ଼ିଶୀ ସହ ସମକାଳୀନ ଓ ଆଧୁନିକ ନୃତ୍ୟରେ ପ୍ରସ୍ତୁତ ଏହି ଫ୍ୟୁଜନ ବେଶ ଆକର୍ଷଣୀୟ ଥିଲା। ସନ୍ଧ୍ୟାର ଅତିଥିମାନେ ହେଲେ ମେଜର ଜେନେରାଲ ବସନ୍ତ କୁମାର ମହାପାତ୍ର, ଭାରତୀୟ ବିଦ୍ୟା ଭବନର ଡ. ଏସ. କେ ଟାମୋଟିଆ, ଏନ୍‌ଟିପିସିର ଜେନେରାଲ ମ୍ୟାନେଜର ସେବାଚନ ଜୋସେଫ, ନୃତ୍ୟ ସମୀକ୍ଷକ ଡ. ସୁନୀଲ କୋଠାରୀ, ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ପର୍ଯ୍ୟଟନ ବିଭାଗ ଅଧିକାରୀ ରଚିକାନ୍ତ ପଟ୍ଟନାୟକ, ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର, ଆର୍ଟ ଭିଜନର ସମ୍ପାଦକ ଗୁରୁ ଇଲିଆନା ଚିତାରିଷ୍ଟି, ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସମ୍ପାଦିକା ଗୁରୁ ଅରୁଣା ମହାନ୍ତି। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅନୁଜା ତାରିଣୀ ମିଶ୍ର ଓ ଡ. ଶ୍ରୀନିବାସ ଘଟୁଆରୀ।

**ଲାଗୁ ହେଲା ୭ମ ବେତନଧାରା**

## ସମୂହ ଛୁଟି ନିଷ୍ପତ୍ତି ପ୍ରତ୍ୟାହାର କଲା ଡିପ୍ଲୋମା ଇଞ୍ଜିନିୟର୍ସ ସଂଘ

ଭୁବନେଶ୍ୱର,୧୦।୨(ବ୍ୟୁରୋ)


ଏକାଧିକ ପୁରୁଣା ଦାବି ଦୀର୍ଘଦିନ ଧରି ଗ୍ରହଣ ନ ହେବା ବିଶେଷ କରି ୭ମ ବେତନ କମିଶନଙ୍କ ପରାମର୍ଶ ଆଧାରରେ ବେତନ ପ୍ରଦାନ କରା ନ ଯିବା ପ୍ରତିବାଦରେ ଆସନ୍ତା ୨୧ତାରିଖରୁ ଓଡ଼ିଶା ଉଠା ଜଳସେଚନ ନିଗମର ଡିପ୍ଲୋମା ଇଞ୍ଜିନିୟର୍ସ ସଂଘ ସମୂହ ଛୁଟିରେ ଯିବା ପାଇଁ ସତର୍କ କରିଥିଲା। ଓଡ଼ିଶା ଉଠା ଜଳସେଚନ ନିଗମ (ଓଏଲଆଇସି)ର ପରିଚାଳନା ନିର୍ଦ୍ଦେଶକଙ୍କୁ ଗତ ୫ ତାରିଖରେ ସଂଘ ପକ୍ଷରୁ ଏହି ମର୍ମରେ ଏକ ଚିଠି ପ୍ରଦାନ କରାଯାଇଥିଲା। ଇତିମଧ୍ୟରେ ରାଜ୍ୟ ସରକାର ସଂଘର ଦାବି ଅନୁଯାୟୀ, ୭ମ ବେତନ କମିଶନଙ୍କ ପରାମର୍ଶ ଧାରା ଅନୁସାରେ ବେତନ ପ୍ରଦାନ ପାଇଁ ରାଜି ହୋଇଥିବାରୁ ସମୂହ ଛୁଟି ନିଷ୍ପତ୍ତି ପ୍ରତ୍ୟାହାର କରାଗଲା ବୋଲି ସଂଘ ପକ୍ଷରୁ କୁହାଯାଇଛି।

### ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କର୍ମଶାଳା

## ୧୦ ହଜାର ଗାଁ ପାଇଁ ଯୋଜନା

ଭୁବନେଶ୍ୱର,୧୦।୨(ବ୍ୟୁରୋ)

ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ଦୁଇଦିନିଆ କର୍ମଶାଳା ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱତନ୍ତ୍ର ରିଲିଫ କମିଶନ ବିଷ୍ଣୁପଦ ସେଠୀ ତିତ୍‌ଲି ଓ ରାୟଗଡ଼ା ବନ୍ୟାର ଉଦାହରଣ ଦେଇ ବିପର୍ଯ୍ୟୟର ପୂର୍ବାନୁମାନ କେମିତି ଭୁଲ୍ ବା କଷ୍ଟସାଧ ହୋଇଯାଉଛି, ତାହା ବର୍ଣ୍ଣାଇଥିଲେ। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସଡମା)ଙ୍କ ଦ୍ୱାରା ୧୦ ହଜାର ଗାଁରେ ଗ୍ରାମ୍ୟ ବିକାଶ ଯୋଜନା ତଥା ବିଦ୍ୟାଳୟଗୁଡ଼ିକରେ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ଯୋଜନା ହୋଇଛି ବୋଲି ସେ ସୂଚନା ଦେଇଛନ୍ତି। ରାଜସ୍ୱ ପର୍ଷଦର ପ୍ରାକ୍ତନ ସଭ୍ୟ ଅରବିନ୍ଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ଅକ୍ସଫାମ୍ ଇଣ୍ଡିଆ ଆଞ୍ଚଳିକ ନିର୍ଦ୍ଦେଶକ ଅକ୍ଷୟ ବିଶ୍ୱାଳ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ୟୁନିସେଫ୍‌ର ରାଜ୍ୟ ମୁଖ୍ୟ ମୋନିକା ନେଲସନ୍ ଯୋଗଦେଇ କହିଥିଲେ, ବିପର୍ଯ୍ୟୟ ବିପରି ହ୍ରାସ ଦିଗରେ ସରକାର ପ୍ରତିବଦ୍ଧତା ଦେଖାଇଛନ୍ତି। ତେବେ ଆହୁରି କରିବାର ଆବଶ୍ୟକତା ଅଛି। ଓସ୍‌ଡମା, ୟୁନିସେଫ, ଅକ୍ସଫାମ୍ ଇଣ୍ଡିଆ ଏବଂ ଇଣ୍ଟର ଏଜେନ୍ସି ଗ୍ରୁପ୍‌ର ମିଳିତ ଉଦ୍ୟମରେ ଆୟୋଜିତ କର୍ମଶାଳାରେ କୃଷି ଉତ୍ପାଦନ କମିଶନର ଗଗନ ଧଳ, ଜାତୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା ପ୍ରତିଷ୍ଠାତା ସଭ୍ୟ ବିନୋଦ ମେନନ୍ ପ୍ରମୁଖ ଯୋଗଦେଇଥିଲେ।





ରବିବାର ଭୁବନେଶ୍ୱର ଜନପଥରେ ଅନୁଷ୍ଠିତ ପଥ ଉତ୍ସବରେ ଜଣେ ବ୍ୟକ୍ତି ଯମରାଜ ବେଶରେ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ଦେଉଛନ୍ତି।

## ରେନାଲ କଲିକ୍...

ଭୁବନେଶ୍ୱର,୧୦।୨(ବ୍ୟୁରୋ)

ଏକାଧାରରେ ଅନେକ କଳାର ସଙ୍ଗମ ହେଲେ ସନାତନ ବାବୁ। ସରଳତା, ସଚ୍ଚୋଟତା ଓ ସ୍ୱାଭିମାନ ତାଙ୍କ ବ୍ୟକ୍ତିତ୍ୱର ଅନନ୍ୟ ଭୂଷଣ। ସନାତନ ନିଜ କଳାକାର ଜୀବନର ସବୁ ଦାରିଦ୍ର୍ୟ ଓ ଦୁର୍ଦ୍ଦଶାକୁ ନୀଳକଣ୍ଠ ଭଳି ପିଇଯାଆନ୍ତି। ନିଜ ଜୀବନରେ ଘଟୁଥିବା ବିଡ଼ମ୍ବନାକୁ ହାଲୁକା ଭାବେ ନିଅନ୍ତି ଏପରି କି, ଅନେକ ସମୟରେ ନିଜକୁ ସମାଲୋଚନା କରିବାକୁ ପଛାନ୍ତି ନାହିଁ। ବିନେ ପେଟକ୍ରିଷ୍ଟାରୁ ଜଣାପଡ଼େ, ପେଟରେ ପଥର ହୋଇଛି। ଡାକ୍ତରୀ ଭାଷାରେ ଯାହା ହେଉଛି ରେନାଲ କଲିକ୍। ଏଭଳି ଏକ ଭିନ୍ନଧରଣର କାହାଣୀକୁ ନେଇ ରବିବାର ଭଞ୍ଜ କଳାମଣ୍ଡପଠାରେ ମଞ୍ଚସ୍ଥ ହୋଇଥିଲା ନାଟକ 'ରେନାଲ କଲିକ୍'। ଅସୀମ ବସୁ ଫାଉଣ୍ଡେଶନ ପକ୍ଷରୁ ପ୍ରଥମଥର ପାଇଁ ଆୟୋଜିତ 'ଅସୀମ ଉତ୍ସବ ୨୦୧୯'ରେ ଏହି ନାଟକ ମଞ୍ଚସ୍ଥ ହୋଇଥିଲା। ଭୁବନେଶ୍ୱରର ମିରର୍ ଥିଏଟର ପକ୍ଷରୁ ପ୍ରସ୍ତୁତ ଏହି ନାଟକର ନିର୍ଦ୍ଦେଶନା ଦେଇଥିଲେ ଶିବଶଙ୍କର ତ୍ରିପାଠୀ। ମୂଳଗଳ୍ପ ଅସୀମ ବସୁ ଲେଖିଥିବା ବେଳେ ନାଟ୍ୟ ରୂପାନ୍ତର କରିଥିଲେ ପ୍ରଶାନ୍ତ ମହାପାତ୍ର। ବିଭିନ୍ନ ଭୂମିକାରେ ଶିବଶଙ୍କର ତ୍ରିପାଠୀ, ଜ୍ୟୋତି ପଣ୍ଡା, ସୁବାସ ଚନ୍ଦ୍ର ପଣ୍ଡା, ପ୍ରଶାନ୍ତ ମହାପାତ୍ର, ପ୍ରଦୀପ୍ତ ସ୍ୱାଇଁ, ସତ୍ୟବ୍ରତ ସାହୁ, ମାନସୀ ପତି, ମମତା ମହାନ୍ତି ପ୍ରମୁଖ ଅଭିନୟ କରିଥିଲେ। ଦେବଦତ୍ତ ପତି ଏହି ଉତ୍ସବକୁ ପରିଚାଳନା କରିଥିଲେ।



ନାଟକ 'ରେନାଲ କଲିକ୍'ର ଏକ ଦୃଶ୍ୟ।

## ଶିଶୁ ବିଦ୍ୟାମନ୍ଦିରରେ ସରସ୍ୱତୀ ପୂଜା

ଭୁବନେଶ୍ୱର,୧୦।୨(ବ୍ୟୁରୋ)

ଖଣ୍ଡଗିରି ଧର୍ମବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ର ସକାଳୁ ନୂଆବସ୍ତ୍ର ପିନ୍ଧି ଭୋଗ, ଧୂପଦୀପ ଆଦି ଧରି ବିଦ୍ୟାଳୟରେ ପହଞ୍ଚିଥିଲେ। ପୁଜକ ମନ୍ତ୍ରପାଠ ସହ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ଛାତ୍ରୀଛାତ୍ର ମା'ଙ୍କୁ ଆରାଧନା କରି ପୁଷ୍ପାଞ୍ଜଳି ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଶଶିଭୂଷଣ ଦାଶଙ୍କ ପରିଚାଳନାରେ ଅନ୍ୟ ଆଚାର୍ଯ୍ୟା, ଆଚାର୍ଯ୍ୟମାନେ ଏହି ପୂଜାରେ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କୁ ନେଇ ଭଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ସୁନା ବିସ୍କୁଟ ଦେବା ଆଳରେ ୬.୮୫ ଲକ୍ଷ ଲୁଟ୍ ମାମଲା

## ଅଢ଼େଇ ମାସ ପରେ ଆଉ ଜଣେ ଗିରଫ

ଭୁବନେଶ୍ୱର,୧୦।୨(ବ୍ୟୁରୋ)–ସୁନା ବିସ୍କୁଟ ଦେବା ଆଳରେ ଜଣେ ବ୍ୟକ୍ତିଙ୍କଠାରୁ ୬ଲକ୍ଷ ୮୫ ହଜାର ଟଙ୍କା ଲୁଟ୍ ମାମଲାର ଅଢ଼େଇ ମାସ ପରେ ଖାରବେଳନଗର ଥାନା ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଖାରବେଳନଗର ଥାନା ଅନ୍ତର୍ଗତ ଶାନ୍ତିନଗରରେ ରହୁଥିବା ରମେଶ ମହାନ୍ତି(୪୫)। ପୋଲିସ ସୂଚନାନୁସାରେ, ଅଭିଯୁକ୍ତ ରମେଶ ଓ ତାଙ୍କ ସହଯୋଗୀ କାଳନ୍ଦୀ ସାହୁ ଏବଂ ରାଜେନ୍ଦ୍ର କୁମାର ମହାନ୍ତି କଟକ କାନପୁର ଅଞ୍ଚଳର ତୋଫାନ କୁମାର ମହାପାତ୍ରଙ୍କୁ ସୁନା ବିସ୍କୁଟ ବିକ୍ରି କରିବେ ବୋଲି କହିଥିଲେ। ବଜାର ଦରଠାରୁ ବହୁତ କମ୍ ଦାମରେ ସୁନା ବିସ୍କୁଟ ପାଇବା ଲୋଭରେ ପଡିଯାଇଥିଲେ ତୋଫାନ। ଗତ ବର୍ଷ ଡିସେମ୍ବର ୨୩ ପୂର୍ବାହ୍ନ ୧୦ଟାରେ ସମ୍ପୃକ୍ତ ସ୍ଥାନରେ ନିଜକୁ ସୁନା ବିସ୍କୁଟ ନେବାକୁ ତାଙ୍କୁ ଡାକିଥିଲେ ୩ ଅଭିଯୁକ୍ତ। ତୋଫାନ ଏକ ବ୍ୟାଗରେ ଟଙ୍କା ଭର୍ତ୍ତି କରି ସେମାନଙ୍କ ପାଖରେ ପହଞ୍ଚିବାମାତ୍ରେ ରମେଶ, କାଳନ୍ଦୀ ଓ ରାଜେନ୍ଦ୍ର ତାହାକୁ ଧରି ଚମ୍ପଟ ମାରିଥିଲେ।

# ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

- ପାରିପାର୍ଶ୍ୱିକ ସ୍ଥିତିରୁ ହତ୍ୟା ସନ୍ଦେହ
- ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କଲା ପୋଲିସ

ଭୁବନେଶ୍ୱର,୧୦।୨ (ବ୍ୟୁରୋ)

ନୟାପଲ୍ଲୀ ଥାନା ଅନ୍ତର୍ଗତ ଦେବରାୟ କଲେଜ ନିକଟ ପ୍ଲଟ୍ ନଂ.୧୧୭୫ସ୍ଥିତ ଏକ ଘରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ରବିବାର ଉଦ୍ଧାର କରିଛି। ମୃତ ମହିଳା ଜଣକ ହେଲେ ପ୍ରତିଭିରା ପରିଡ଼ା (୩୦)। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣା ଆତ୍ମହତ୍ୟା ଭଳି ଲାଗୁଥିଲେ ମଧ୍ୟ ପାରିପାର୍ଶ୍ୱିକ ସ୍ଥିତିରୁ ଏହାଏକ ହତ୍ୟା ବୋଲି ଲୋକେ ସନ୍ଦେହ କରୁଛନ୍ତି।

ପୋଲିସ ସୂଚନାନୁସାରେ, ପ୍ରତିଭିରାଙ୍କ ବାପଘର ଯାଜପୁର ଜିଲା ବଡ଼ଚଣା ଥାନା ନରସିଂହପୁର ଓ ସେ ୨୦୧୧ରେ ପାଳପଡ଼ାର ସୁଶାନ୍ତ କୁମାର ପରିଡ଼ାଙ୍କୁ ବିବାହ କରିଥିଲେ। ସୁଶାନ୍ତ ଭୁବନେଶ୍ୱର ଭଳି ସେସ୍‌ରେ କାର୍ଯ୍ୟ କରିବା ସହ ଦେବରାୟ କଲେଜ ନିକଟରେ ଏକ ଘର ଭଡ଼ା ନେଇ ସପରିବାର ରହୁଥିଲେ। କୌଣସି କାରଣକୁ ନେଇ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଅଧିକାଂଶ ସମୟରେ ଝଗଡ଼ା ଲାଗୁଥିଲା। ତେବେ ପିଲାଙ୍କ ପାଠପଢ଼ାରୁ ଆରମ୍ଭ କରି ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଆବଶ୍ୟକ ଅର୍ଥ ସୁଶାନ୍ତ ଦେଉନଥିବାରୁ ନ ଥିବାରୁ ପାରିବାରିକ ସମସ୍ୟା ସୃଷ୍ଟି ହେଉଥିଲା ବୋଲି ପଡୋଶୀମାନେ କହିଛନ୍ତି। ରବିବାର ସକାଳେ ଉଭୟଙ୍କ ମଧ୍ୟରେ ସାମାନ୍ୟ କଳହ ଲାଗିଥିଲା। ପରେ ସୁଶାନ୍ତ ୮ ବର୍ଷର ଝିଅକୁ ନେଇ ସରସ୍ୱତୀ ପୂଜା ପାଇଁ ସ୍କୁଲକୁ ଯାଇଥିଲେ। ଘରେ ୫ ବର୍ଷର ପୁଅ ଓ ସ୍ତ୍ରୀ ପ୍ରତିଭିରା ଥିଲେ। ସରସ୍ୱତୀ ପୂଜା ସରିବା ପରେ ସୁଶାନ୍ତ ଝିଅକୁ ଧରି ଘରକୁ ଫେରି ଘରର ଏକ କୋଠରିରେ ପ୍ରତିଭିରାଙ୍କ ମୃତଦେହ ବେଡରେ ଚୁନି ବନ୍ଧା ଅବସ୍ଥାରେ ସିଲିଂ ଫ୍ୟାନରେ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଅନ୍ୟ ଏକ କୋଠରିରେ ପୁଅ ଶୋଇଥିଲା। ତେବେ ପାରିପାର୍ଶ୍ୱିକ ଅବସ୍ଥାକୁ ଦେଖିଲେ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ପ୍ରତିଭିରା ବେଡରେ ଚୁନି ଲଗାଇ ଝୁଲିଥିଲେ ମଧ୍ୟ ଗୋଡ଼ ତଳେ ଟଚାଣରେ ଲାଗି ରହିଥିଲା। ଏପରିକି ବହୁ ଉଚ୍ଚରେ ଫ୍ୟାନ୍ ରହିଥିଲେ ମଧ୍ୟ ନିକଟରେ ପ୍ରତିଭିରାଙ୍କ ହାତ ପାଇବା ଭଳି ଉଚ୍ଚ ସ୍ଥାନ ବା ଜିନିଷ କିଛି ନ ଥିଲା। ଏ ନେଇ ପ୍ରତିଭିରାଙ୍କ ବାପଘର ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିବା ନୟାପଲ୍ଲୀ ଥାନା ଅଧିକାରୀ ଉମାକାନ୍ତ ପ୍ରଧାନ କହିଛନ୍ତି।



ଉପା-୨ ଅମଳରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଅତ୍ୟଧିକ ହସ୍ତକ୍ଷେପ ଯୋଗୁ ନିଜ ପଦରୁ ଇସ୍ତଫା ଦେଇଥିବା ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ଏସ୍.ଏମ୍. କ୍ରିଷ୍ଣା ରବିବାର ସ୍ପଷ୍ଟ କରିଛନ୍ତି। କ୍ରିଷ୍ଣା କହିଛନ୍ତି, ସେତେବେଳେ ରାହୁଲ କଂଗ୍ରେସର କୌଣସି ପଦବୀରେ ନ ଥାଇ ମଧ୍ୟ ସବୁ କଥାରେ ମୁଣ୍ଡ ପୂରାଉଥିଲେ, ଯାହାକି ଅସାମ୍ବିଧାନିକ। ଏଥିଯୋଗୁ ସେ ଇସ୍ତଫା ଦେଇ ବାଙ୍ଗାଲୋର ଚାଲିଯାଇଥିଲେ। ୨୦୧୭ ଜାନୁୟାରୀ ୨୯ରେ କ୍ରିଷ୍ଣା କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଇଥିଲେ।



## ସଂକ୍ଷେପରେ

### ପୂଜା ହେଲା ମାଦଳା ପାଞ୍ଜି

**ପୁରୀ ଅଫିସ, ୧୦।୨:** ଶ୍ରୀମନ୍ଦିରରେ ରବିବାର ବସନ୍ତ ପଞ୍ଚମୀ ପର୍ବ ପାଳିତ ହୋଇଛି। ବେଢ଼ା ପରିସର ସରସ୍ୱତୀ ମନ୍ଦିରରେ ମା' ବିଦ୍ୟାଦାତ୍ରୀଙ୍କ ଦର୍ଶନ ଲାଗି ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ମଧ୍ୟାହ୍ନ ଧୂପ ପରେ ଆଜ୍ଞାମାଳ ପ୍ରାପ୍ତ ହୋଇ ବେଣ୍ଟ ନିମନ୍ତେ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ବିଜେ ହୋଇଥିଲେ। ଏହାପରେ ସନ୍ଧ୍ୟା ଆଳତି ବଢ଼ିଥିଲା। ସନ୍ଧ୍ୟା ଧୂପ ପରେ ସରସ୍ୱତୀଙ୍କ ମନ୍ଦିରରେ ମାଦଳା ପାଞ୍ଜି ପୂଜା ହୋଇଥିଲା। ମାଦଳା ପାଞ୍ଜି ରଖାଯାଇ ପତନି, ମାଳଲାଗି ହୋଇ ଶୀତଳ ଭୋଗ ଓ ବନ୍ଦାପନା ସରିଥିଲା। ଏହାପରେ ସରସ୍ୱତୀଙ୍କ ମନ୍ଦିରରେ ୨୨ଟି ନଡ଼ିଆ ଭଙ୍ଗା ଯାଇଥିଲା।

ଅଙ୍ଗନୱାଡି କର୍ମୀଙ୍କ ଦରମା ବୃଦ୍ଧି ପ୍ରସଙ୍ଗ

### ଭାଜପା-ବିଜେଡି ଦୋଷ ଲଦାଲଦି

**ଭୁବନେଶ୍ୱର, ୧୦।୨(ବ୍ୟୁରୋ):** ଅଙ୍ଗନୱାଡି କର୍ମୀଙ୍କ ଦରମା ବୃଦ୍ଧି କରିବା କ୍ଷେତ୍ରରେ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଅନ୍ୟ ରାଜ୍ୟରେ ଅଙ୍ଗନୱାଡି କର୍ମୀ ଦରମା ବାବଦକୁ ଅଧିକ ଟଙ୍କା ପାଉଥିବା ବେଳେ ଓଡିଶା ସରକାର ଏଥିପାଇଁ ଗୁରୁତ୍ୱ ନ ଦେବା ଦୁର୍ଭାଗ୍ୟଜନକ ବୋଲି ଭାଜପା ଅଭିଯୋଗ କରୁଛି। ଅଙ୍ଗନୱାଡି କର୍ମୀଙ୍କ ଦରମା ବୃଦ୍ଧି ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀ ଏକ ଚିଠି ଲେଖିବା ପରେ ଭାଜପା ଏଭଳି ଅଭିଯୋଗ ଆଣିଛି। ଅନ୍ୟପଟେ ଭାଜପା ଏକ ଭ୍ରଷ୍ଟାଚାରୀ ଦଳ ବୋଲି ବିଜେଡି କହିବାସହ ସେମାନେ ଆଣିଥିବା ଅଭିଯୋଗକୁ ଖଣ୍ଡନ କରିଛି। ଅଙ୍ଗନୱାଡି କର୍ମୀଙ୍କ ଦରମା ବୃଦ୍ଧି ପ୍ରସଙ୍ଗ ନେଇ ଗତ ୨୫ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ ମନ୍ତ୍ରୀ ମାନେକା ଗାନ୍ଧୀଙ୍କୁ ଏକ ଚିଠି ଲେଖିଥିଲେ। ଧର୍ମେନ୍ଦ୍ର ଲେଖିଥିବା ଚିଠି ଉପରେ କେନ୍ଦ୍ରମନ୍ତ୍ରୀ ମାନେକା ନିଜର ଉତ୍ତର ରଖିଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ୨୦୧୮ ଅକ୍ଟୋବର ୧ତାରିଖରୁ ସବୁ ରାଜ୍ୟର ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କ ପାରିଶ୍ରମିକ ବୃଦ୍ଧି କରାଯିବ ବୋଲି କେନ୍ଦ୍ର ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଗତ ସେପ୍ଟେମ୍ବର ୨୦ରେ ଅବଗତ କରାଯାଇଥିଲା। ଚଳିତ ଆର୍ଥିକବର୍ଷ ପାଇଁ ବର୍ଦ୍ଧିତ ପାରିଶ୍ରମିକ ବାବଦକୁ ତୃତୀୟ ଏବଂ ଚତୁର୍ଥ କ୍ୱାର୍ଟର୍ସ ଲାଗି କେନ୍ଦ୍ର ସରକାରଙ୍କ ଅଂଶ ବାବଦରେ ଓଡିଶାକୁ ୧୬୬୯୪.୩୮ ଲକ୍ଷ ଟଙ୍କା ଦିଆଯାଇଛି। ଓଡିଶା ସମେତ ଦେଶର ଅନ୍ୟ ରାଜ୍ୟରେ ଖାଲି ପଡିଥିବା ଅଙ୍ଗନୱାଡି ପଦବୀଗୁଡିକୁ ପୂରଣ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାର ବାରମ୍ବାର ରାଜ୍ୟ ସରକାର ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକୁ ଅନୁରୋଧ କରିଛନ୍ତି। ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଜିଲାପାଳମାନଙ୍କୁ ମଧ୍ୟ ଏ ସମ୍ପର୍କରେ କ୍ଷମତା ଦେବାକୁ ଅନୁରୋଧ କରାଯାଇଥିବା ମାନେକା ଚିଠିରେ ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି ଯେ, ପୂର୍ବରୁ ଅଙ୍ଗନୱାଡି କର୍ମୀମାନେ ୪ହଜାର ଟଙ୍କା ଲେଖା ପାଉଥିଲେ। କେନ୍ଦ୍ର ସରକାର ୩ମାସ ତଳୁ ସେମାନଙ୍କ ଦରମା ବାବଦ ଅର୍ଥକୁ ଅଧିକ ୩ହଜାର ଟଙ୍କା ବୃଦ୍ଧି କରିଛନ୍ତି। ରାଜ୍ୟ ସରକାର ସେହି ବର୍ଦ୍ଧିତ ଦରମା ପ୍ରଦାନ କରୁଛନ୍ତି। ଉକ୍ତ ଟଙ୍କାକୁ ଆମେ ଦେଉଛୁ ବୋଲି କହି ବିଜେଡି ରାଜନୀତି କରୁଛି। ରାଜ୍ୟ ସରକାର ତୁରନ୍ତ ଅଙ୍ଗନୱାଡି କର୍ମୀଙ୍କ ଦରମା ବୃଦ୍ଧି କରନ୍ତୁ ବୋଲି ଗୋଲକ କହିଛନ୍ତି। ଭାଜପାର ଏଭଳି ଅଭିଯୋଗକୁ ନେଇ ବିଜେଡି ନେତା ସୁବାସ ସିଂ କହିଛନ୍ତି ଯେ, ଭାଜପା ହେଉଛି ଏକ ଭ୍ରଷ୍ଟାଚାରୀ ଦଳ, ଯାହା ବିଶ୍ୱରେ ବିରଳ। ଅଙ୍ଗନୱାଡି କର୍ମୀଙ୍କ ଦରମାର ୪ହଜାର ଟଙ୍କାରୁ ୬୦ପ୍ରତିଶତ କାଟିଦେଲେ ବାକି ସବୁ ରାଜ୍ୟ ଦେଉଛି। କେବଳ ଭୋଟ ପାଇଁ ଭାଜପା ନେତାମାନେ ଅଯଥା ରାଜନୀତି କରୁଛନ୍ତି ବୋଲି ସିଂ କହିଛନ୍ତି।

# ଶୃଙ୍ଖଳିତ ନିର୍ବାଚନ ବଡ଼ ଚ୍ୟାଲେଞ୍ଜ

ଭୁବନେଶ୍ୱର, ୧୦।୨
(ଜ୍ୟୋତି ରଞ୍ଜନ ମହାପାତ୍ର)

**ଚିନ୍ତା ବଢ଼ାଇଲା ଗୋଇନ୍ଦା ରିପୋର୍ଟ**
- ସୃଷ୍ଟି ହୋଇପାରେ ହିଂସା, ଦଙ୍ଗା
- ବ୍ୟବହାର ହୋଇପାରନ୍ତି ପୋଲିସ, ଅପରାଧୀ

ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଭାରତ ବହୁ ହିଂସା ଓ ସାମ୍ପ୍ରଦାୟିକ ଦଙ୍ଗାକୁ ସାମ୍ନା କରିବ। ନିର୍ବାଚନ ସମୟରେ ଜଟିଳ ପରିସ୍ଥିତି ଉପୁଜିବ। ଆମେରିକା ଗୋଇନ୍ଦା ସଂସ୍ଥାର ଏଭଳି ରିପୋର୍ଟ ଶୃଙ୍ଖଳିତ ତଥା ଅବାଧ ନିର୍ବାଚନ ନେଇ ଆଶଙ୍କା ସୃଷ୍ଟି କରିଛି। ଓଡ଼ିଶାରେ ଏକସଙ୍ଗେ ଲୋକ ସଭା ଓ ବିଧାନସଭା ନିର୍ବାଚନ ହେବ। ଏଥିପାଇଁ ଜାତୀୟ ସ୍ତରର ନେତାଙ୍କ ଘନଘନ ଓଡ଼ିଶା ଗସ୍ତ ଓ ସଭାରେ ପ୍ରତିପକ୍ଷଙ୍କୁ ଆକ୍ରମଣାତ୍ମକ ମନ୍ତବ୍ୟ ରାଜ୍ୟ ରାଜନୀତିକୁ ଉଷ୍ମ କରିବାରେ ଲାଗିଛି। ପ୍ରତିପକ୍ଷ ଶକ୍ତିକୁ ଦୁର୍ବଳ କରିବା ପାଇଁ ରାଜନୈତିକ ଦଳଗୁଡିକ ସିବିଆଇ ଓ ପୋଲିସକୁ ମଧ୍ୟ ବ୍ୟବହାର କରିବା ଆରମ୍ଭ କରିଦେଇଛନ୍ତି। ଅତୀତରେ ରାଜନୈତିକ ଦଳ ଓ ନେତାମାନେ ନିଜ ଫାଇଦା ପାଇଁ ଗ୍ୟାଙ୍ଗଷ୍ଟରମାନଙ୍କୁ ଆଶ୍ରା ଦେଇଛନ୍ତି। ସେହିପରି ମାଓବାଦୀମାନେ ବିଭିନ୍ନ ଜିଲାରେ ସକ୍ରିୟ ରହିଥିବାବେଳେ ବିଗତ ଦିନରେ ଆତଙ୍କବାଦୀ କାର୍ଯ୍ୟକଳାପର ଅନେକ ନଜିର ରହିଛି। ବର୍ତ୍ତମାନର ରାଜନୈତିକ ପରିସ୍ଥିତି ଓ ଗୋଇନ୍ଦା ରିପୋର୍ଟ ଉଦ୍‌ବେଗର ବିଷୟ ହୋଇଛି। ଏପରିସ୍ଥିତିରେ ଶୃଙ୍ଖଳିତ ନିର୍ବାଚନ ରାଜ୍ୟ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି।

ନିକଟ ଅତୀତରେ ଅନେକ ରାଜନୈତିକ ହତ୍ୟା ଓ ସାମ୍ପ୍ରଦାୟିକ ହିଂସା ଦେଖିବାକୁ ମିଳିଥିଲା। ଗତ ମାସରେ କେନ୍ଦ୍ରାପଡ଼ାରେ ନେତାଜୀଙ୍କ ଜୟନ୍ତୀ ଉତ୍ସବକୁ ନେଇ ଦୁଇ ସମ୍ପ୍ରଦାୟ ମୁହାଁମୁହିଁ ହୋଇଥିଲେ। ସାମ୍ପ୍ରଦାୟିକ ବିଶୃଙ୍ଖଳା ବଢୁଥିବାଦେଖି ପୋଲିସ ଓ ପ୍ରଶାସନ କର୍ଫ୍ୟୁ ଲାଗୁ କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଏହା ପଛରେ ରାଜନୈତିକ ସମ୍ପୃକ୍ତି ରହିଥିବା ମଧ୍ୟ ଚର୍ଚ୍ଚା ହୋଇଥିଲା। ଏହାର ବହୁ ପୂର୍ବରୁ ଗ୍ୟାଙ୍ଗଷ୍ଟର୍ ଡି' ବ୍ରଦର୍ସ ଓ ଟିଟୋଙ୍କ ସହ ରାଜନେତାଙ୍କ ଲିଙ୍କ୍ ପଦାକୁ ଆସିଛି। ଗାଁ ଗାଁରେ ଘଟୁଥିବା ଛୋଟ ବଡ଼ ଅପରାଧରେ ରାଜନୈତିକ ସମ୍ପୃକ୍ତି ରହୁଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ କଲେଜ ନିର୍ବାଚନ ସମୟରେ ରାଜ୍ୟର ବହୁ କ୍ୟାମ୍ପସ ଅଶାନ୍ତ ହୋଇଉଠିଥିଲା। ୨୦୧୭ ସେପ୍ଟେମ୍ବର ୧୬ରେ କଲେଜ ନିର୍ବାଚନକୁ ନେଇ ଗଞ୍ଜାମ ଜିଲାର ଛତ୍ରପୁର କାଉନ୍‌ସିଲର ଲକ୍ଷ୍ମୀଦତ୍ତ ପ୍ରଧାନଙ୍କୁ ହତ୍ୟା କରାଯାଇଥିଲା। ବିଜେପୁର ଉପନିର୍ବାଚନର ଗୋଟିଏ ଦିନ ପୂର୍ବରୁ ଗତବର୍ଷ ଫେବୃୟାରୀ ୨୩ରେ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ବଡ଼ଭାଇ ସୁବ୍ରତ ସିଂ ଏବଂ ତାଙ୍କର ତିନି ସହଯୋଗୀଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ଡ୍ରାଇଭର ଦିଲେଶ୍ୱର ସିଂଙ୍କ ମଧ୍ୟ ମୃତ୍ୟୁ ଘଟିଥିଲା। ନିର୍ବାଚନ ପାଖେଇ ଆସୁଥିବାବେଳେ ଏସବୁ ଘଟଣାକୁ ନେଇ ପୁଣିଥରେ ଚର୍ଚ୍ଚା ସୃଷ୍ଟି ହୋଇଛି। କାରଣ ଲକ୍ଷ୍ମୀଦତ୍ତ ହତ୍ୟା ଘଟଣାରେ ପୋଲିସ ପକ୍ଷରୁ ଦୁଇ ଭାଜପା ନେତା ଗୋଲକ ମହାପାତ୍ର ଓ ଭୃଗୁ ବକ୍ସିପାତ୍ରଙ୍କୁ ନୋଟିସ କରାଯାଇଥିବାବେଳେ ଚିଟ୍‌ଫଣ୍ଡ ଦୁର୍ନୀତିରେ ବିଜେଡିର ଦୁଇ ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ଅରୁଣ ସାହୁଙ୍କୁ ସିବିଆଇ ସମନ ଆଗକୁ ରାଜନୈତିକ ବିଶୃଙ୍ଖଳା ବଢ଼ାଇବ ବୋଲି ବିଶେଷଜ୍ଞମାନେ ମତଦେଲେଣି।

ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ସଭାପତି ମହେଶ ପ୍ରସାଦ କହିଛନ୍ତି, ଗତ କଲେଜ ନିର୍ବାଚନ ସମୟର ସ୍ଥିତିକୁ ଦେଖିଲେ ଆଗାମୀ ସାଧାରଣ ନିର୍ବାଚନ ଶାନ୍ତିପୂର୍ଣ୍ଣ ହେବ ବୋଲି ଆଶା କରାଯାଇ ନ ପାରେ। ଆଇନଜୀବୀ ବିସ୍ମୟ ଷ୍ଟାଲିନ କହିଛନ୍ତି, ବଡ଼ ବଡ଼ ଅପରାଧୀମାନେ ସହରର ବସ୍ତି ଓ ଗ୍ରାମାଞ୍ଚଳରେ ଆଡ୍ଡା ଜମାଇ ରହୁଛନ୍ତି। ପୋଲିସ ନିଜ ଆଡୁ ଖୋଳତାଡ କରୁନି। ଗତବର୍ଷ ମେ ୩୧ରେ ରାଜଧାନୀରେ ପଶ୍ଚିମବଙ୍ଗ ପୋଲିସର ମୋଷ୍ଟ ୱାଣ୍ଟେଡ୍ ଥିବା ମାଓବାଦୀ ନେତା ଆଲିକ ଚକ୍ରବର୍ତ୍ତୀଙ୍କୁ ରାଜଧାନୀରୁ ଗିରଫ କରାଯାଇଥିଲା। ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ସେ ଚିକିତ୍ସିତ ହେଉଥିଲେ ମଧ୍ୟ କମିଶନରେଟ ପୋଲିସ ବା ରାଜ୍ୟ ପୋଲିସ ନିକଟରେ ଖବର ନ ଥିଲା। ଏଥିରୁ ରାଜ୍ୟ ପୋଲିସ ଓ ଗୋଇନ୍ଦା ବିଭାଗ ଶୋଇପଡିଥିବା ଜଣାପଡୁଛି। ଫଳରେ ଆଗାମୀ ନିର୍ବାଚନରେ ହିଂସା ଓ ଅପରାଧ ବଢିବାର ଯଥେଷ୍ଟ ସମ୍ଭାବନା ରହିଛି।

#### ଚ୍ୟାଲେଞ୍ଜ ପାଇଁ ପୂରା ପ୍ରସ୍ତୁତ: ଡିଜିପି

ସାଧାରଣ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ କରିବା ପାଇଁ ଗୋଇନ୍ଦା ରିପୋର୍ଟ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। କୌଣସି ହିଂସା ବା ଅପରାଧ ଘଟିବା ପୂର୍ବରୁ କିପରି ଖବର ପହଞ୍ଚିପାରିବ ଓ ଅପରାଧକୁ ଦମନ କରାଯିବ ତାହାର ଆକ୍ସନ ପ୍ଲାନ ଆରମ୍ଭ କରିଛି ପୋଲିସ। ବିଭିନ୍ନ ଜିଲାରେ ଥିବା ହାର୍ଡକୋର ଅପରାଧୀଙ୍କୁ ଧରିବା ନେଇ ବଛା ବଛା ପୋଲିସ ଅଫିସରଙ୍କୁ ନେଇ ଟିମ୍ ଗଠନ କରାଯାଇଛି। ପ୍ରତିଟି ଚ୍ୟାଲେଞ୍ଜକୁ ସାମ୍ନା କରିବାକୁ ପୋଲିସ ପୂରା ପ୍ରସ୍ତୁତ ରହିଛି। ତେବେ କୌଣସି କ୍ଷେତ୍ରରେ ପୋଲିସ ପ୍ରଭାବିତ ନ ହେବାକୁ ନିର୍ଦ୍ଦେଶ ଦିଆଯାଇଥିବା ଡିଜିପି ଆର୍.ପି. ଶର୍ମା କହିଛନ୍ତି।

#### ଭାଜପା ହିଂସା, ଦଙ୍ଗା ସୃଷ୍ଟି କରି ରାଜନୀତି କରେ: ବିଜେଡି

ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କୁହନ୍ତି, ସାଢ଼େ ୪ବର୍ଷ ହେବ ରାଜ୍ୟରେ ଯେବେଠାରୁ ଭାଜପା ମୁଣ୍ଡ ଟେକିଲାଣି, ସେବେଠାରୁ ଏହାର ନେତାମାନେ ହିଂସାର ସାହାରା ନେଇ ନିର୍ବାଚନ ବୈତରଣୀ ପାର ହେବାକୁ ଅପଚେଷ୍ଟା କରୁଛନ୍ତି। ବିଜେପୁର ନିର୍ବାଚନ ସମୟରେ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଭାଇ ଉପରକୁ ଆକ୍ରମଣରେ ବିଜେଡି କର୍ମୀ ତଥା ଗାଡି ଡ୍ରାଇଭରଙ୍କ ମୃତ୍ୟୁ ଘଟିବା, ଛତ୍ରପୁର କାଉନ୍‌ସିଲର ଲକ୍ଷ୍ମୀଦତ୍ତ ହତ୍ୟାକାଣ୍ଡ ଘଟଣାରୁ ଭାଜପାର ରାଜନୈତିକ ହିଂସା ବାରି ହୋଇଯାଇଛି। କଟକରେ ଡି'ବ୍ରଦର୍ସଙ୍କୁ ବାଇମୁଣ୍ଡି ଆଖ୍ୟା ଦେଇ ସଭାସ୍ଥଳରେ ସମ୍ବୋଧନ କରିବାଠାରୁ ଟିଟୋକୁ ଦୁଇଟି ପେଟ୍ରୋଲ ପମ୍ପ ଲାଇସେନ୍ସ ପ୍ରଦାନରେ ଭାଜପାର ଅପରାଧ ପ୍ରୀତି ସ୍ପଷ୍ଟ ହୋଇଛି। ମାତ୍ର ବିଜେଡି ଶାସନରେ ରାଜନୈତିକ ହିଂସାକୁ କୌଣସି ମତେ ପ୍ରଶ୍ରୟ ଦିଆଯାଇ ନାହିଁ କି ଆଗାମୀ ନିର୍ବାଚନରେ ଦିଆଯିବ ନାହିଁ।

#### ବିଜେଡି କ୍ଷମତାର ଦୁରୁପଯୋଗ କରିବ : ଭାଜପା

ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କୁହନ୍ତି, ଗତ ପଞ୍ଚାୟତ ନିର୍ବାଚନରେ ଘଟିଥିବା ଅନେକ ହତ୍ୟାକାଣ୍ଡ ଓ ହିଂସାରେ ବିଜେଡିର ସମ୍ପୃକ୍ତି ପଦାକୁ ଆସିଥିଲା। ଏବେ ନିଜ ଚୌକିକୁ ନେଇ ଶାସକ ଦଳ ଭୟଭୀତ। ତେଣୁ କ୍ଷମତାର ଦୁରୁପଯୋଗ କରି ଆଗାମୀ ନିର୍ବାଚନରେ ହିଂସା ଘଟାଇ ଗାଦି ଦଖଲ ପାଇଁ ପ୍ରୟାସ କରିବ ବିଜେଡି। ଏଥିପାଇଁ ପୋଲିସ ଓ ପ୍ରଶାସନକୁ ବ୍ୟବହାର କରିବ। କିନ୍ତୁ ଭାଜପା ସବୁବେଳେ ହିଂସାଠାରୁ ଦୂରେଇ ରହି ଜନସାଧାରଣଙ୍କ ସ୍ୱାଧୀନ ମତଦାନକୁ ଅଧିକ ଗୁରୁତ୍ୱ ଦେଉଛି ବୋଲି ମହାପାତ୍ର କହିଛନ୍ତି।

#### ବିଜେଡି ଶାସନରେ ମଦ, ଅପରାଧ ବଢ଼ିଛି: କଂଗ୍ରେସ

ପ୍ରଦେଶ କଂଗ୍ରେସ କମିଟି ଗଣମାଧ୍ୟମ ପ୍ରମୁଖ ସତ୍ୟ ନାୟକ କୁହନ୍ତି, ବିଗତ ଦିନକୁ ଦେଖିଲେ ନେତା ଓ ଅପରାଧୀଙ୍କ ମଧୁର ସମ୍ପର୍କ ବିଜେଡି ଶାସନରେ ବଢ଼ିଛି। ସରକାର ମଦର ପ୍ରଚାର ପ୍ରସାର କରୁଥିବାରୁ ରାଜ୍ୟରେ ଅପରାଧ ବଢ଼ି ଚାଲିଛି। ଅପରାଧୀଙ୍କୁ ସୁରକ୍ଷା ଓ ତଦନ୍ତକୁ ପ୍ରଭାବିତ କରାଯାଉଛି। ବିରଞ୍ଚି ଦାସ ହତ୍ୟା ମାମଲାରେ ଶାସକ ଦଳର ଚାପରେ ତଦନ୍ତ କମିଶନ ଠିକ୍ ଭାବେ ତଦନ୍ତ କରିପାରି ନ ଥିଲେ। ଜାଣିଶୁଣି ସରକାର ଲୋକାୟୁକ୍ତ ନିଯୁକ୍ତି କରିବାରେ ପଛଘୁଞ୍ଚା ଦେଉଛନ୍ତି। କିଏ ସରକାରଙ୍କ କାର୍ଯ୍ୟକଳାପକୁ ଅନୁଧ୍ୟାନ କରିପାରିବ ? ଦ୍ୱୈତନଗରୀରେ ଅପରାଧ ବଢୁଥିବା ଖୋଦ୍ ପୋଲିସ କମିଶନର କହିଛନ୍ତି। ଅନେକ ହାର୍ଡକୋର ଅପରାଧୀ ନବୀନଙ୍କ ମଞ୍ଚରେ ବସୁଛନ୍ତି, ସଚିବାଳୟରେ ପଶୁଛନ୍ତି। ତେଣୁ ଆଗାମୀ ନିର୍ବାଚନରେ ବିଜେଡି ହିଁ ହିଂସାକୁ ଆପଣାଇବା ଜଳଜଳ ଦିଶୁଛି। କିନ୍ତୁ କଂଗ୍ରେସ ହିଂସା ନୁହେଁ, ସାଧାରଣ ଜନତାଙ୍କ ସହ ଶାନ୍ତିପୂର୍ଣ୍ଣ ଭାବେ ରହିବ।

■ ଭାଜପା ପ୍ରତିଶ୍ରୁତି ସମାବେଶକୁ ବିଜେଡିର ଟାର୍ଗେଟ

## ଫେଲ୍‌ମାରି ପ୍ରତିଶ୍ରୁତି ଦେବା ଦୁର୍ଭାଗ୍ୟଜନକ

ଭୁବନେଶ୍ୱର,୧୦।୨(ବ୍ୟୁରୋ)



ଖବରଦାତା ସମ୍ମିଳନୀରେ ବିଜେଡି ନେତୃବୃନ୍ଦ।

ରାଜ୍ୟ ଭାଜପା ପକ୍ଷରୁ ଶନିବାର କରାଯାଇଥିବା ପ୍ରତିଶ୍ରୁତି ସମାବେଶକୁ ୨୪ ଘଣ୍ଟା ପୂରିନାହିଁ। ହେଲେ ବିଜେଡି ପକ୍ଷରୁ ରବିବାର ଖବରଦାତା ସମ୍ମିଳନୀ କରି ଏହାର ଜବାବ ରଖାଯାଇଛି। ଦଳର ସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମା ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ପ୍ରମୁଖ ଭାଜପା ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଡ଼ା ସମାଲୋଚନା କରିଛନ୍ତି।

ସଞ୍ଜୟ କହିଛନ୍ତି ଯେ, ଭାଜପାକୁ ଭାରତୀୟ ଜନତା ପାର୍ଟି ବଦଳରେ ଭାରତୀୟ ଜୁମ୍‌ଲା ପାର୍ଟି କୁହାଯିବା ଉଚିତ। ପୂର୍ବ ପ୍ରତିଶ୍ରୁତି ପାଳନ ନ କରି ପୁନର୍ବାର କିପରି ପ୍ରତିଶ୍ରୁତିର ପାହାଡ଼ କରାଯାଏ, ତାହା ଏହି ଗୈରିକ ଦଳଠାରୁ ଶିଖିବାର ରହିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୂମିହୀନଙ୍କୁ ପକ୍କାଘର, ସ୍ଥାୟୀ ଜମିପଟ୍ଟା ଏବଂ ବେକାରିଙ୍କୁ ନିଯୁକ୍ତି ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ହେଲେ ୫ ବର୍ଷ ପୂର୍ବରୁ କରାଯାଇଥିବା ପ୍ରତିଶ୍ରୁତିକୁ ଭୁଲି ଯାଇଛନ୍ତି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ୧.୫ଗୁଣା ବୃଦ୍ଧି କରାଯାଇନାହିଁ। ବିଧାନସଭା ଗୃହ କମିଟି ଦ୍ୱାରା ସୁପାରିସ ୨୯୩୦ ଟଙ୍କା ଏମ୍‌ଏସ୍‌ପିକୁ ଗ୍ରହଣ କରାଗଲା ନାହିଁ। ପ୍ରଧାନମନ୍ତ୍ରୀ ଏ ସମ୍ପର୍କରେ ଆଲୋଚନା ପାଇଁ ଗୋଟାଏ ମିନିଟ୍ ସମୟ ଦେଲେ ନାହିଁ। ତେଣୁ ବର୍ତ୍ତମାନ ଭାଜପା ଏବଂ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ଧୋକା ବ୍ୟତୀତ ଆଉ କିଛି ନୁହେଁ ବୋଲି ସଞ୍ଜୟ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, କୋଇଲା ରୟାଲଟି ସଂଶୋଧନ ନ ହେବା ଦ୍ୱାରା ରାଜ୍ୟ ବହୁ କୋଟି ଟଙ୍କାର ରାଜସ୍ୱ ହରାଉଛି। ରେଳବିଭାଗ ଦେଉଥିବା ଟିକସ ଅନୁସାରେ ପ୍ରଦତ୍ତ ଅର୍ଥ ନଗଣ୍ୟ। କେନ୍ଦ୍ର ଦ୍ୱାରା ପ୍ରସ୍ତାବିତ ଶିଳ୍ପ କରିଡର(ମାଡ୍ରାସ-ଭାଇଜାକ୍ ଏବଂ ଗୁଜରାଟ-ପଶ୍ଚିମବଙ୍ଗ) ମଧ୍ୟରେ ଓଡ଼ିଶାକୁ ସାମିଲ ନ କରିବା ଦୁର୍ଭାଗ୍ୟଜନକ। ୩୩ଟି ଯୋଜନାରୁ କେନ୍ଦ୍ର ଅର୍ଥ କାଟ କରିବା ସହ ୮ଟି ଯୋଜନାକୁ ଅନୁଦାନ ବନ୍ଦ କରିଦେଇଛି। ମହାନଦୀ, ପୋଲାଭରମ, କୋଷ୍ଟାଲ ହାଇୱେ ଭଳି ପ୍ରସଙ୍ଗରେ କେନ୍ଦ୍ର ଓଡ଼ିଶାର ଯଥାର୍ଥ ଦାବିକୁ ଗ୍ରହଣ କରିନାହିଁ। ନବକଳେବର ସମୟରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ, ଦୀଘା-ଗୋପାଳପୁର କୋଷ୍ଟାଲ ହାଇୱେ, ଚନ୍ଦନପୁର-ରାମେଶ୍ୱର ରାସ୍ତା ନିର୍ମାଣ କଥା ଘୋଷଣା କରିଥିଲେ। ଆଶ୍ଚର୍ଯ୍ୟର କଥା କୌଣସି ଗୋଟିଏ ପ୍ରକଳ୍ପ ସମାପ୍ତ ହୋଇନାହିଁ। କୋଷ୍ଟାଲ ହାଇୱେରେ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଇଥିବା ଡିପିଆର ଅନୁପାଳନ ହେଉ ନ ଥିବା ସଞ୍ଜୟ ଅଭିଯୋଗ କରିଛନ୍ତି।

ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରାହ୍ମଣୀ ସେତୁ ଏବଂ ସୁପରସ୍ପେଶିଆଲିଟି ହସ୍ପିଟାଲ କାର୍ଯ୍ୟ ପୂର୍ଣ୍ଣାଙ୍ଗ କଲେ ନାହିଁ, ଏହା ଫଳରେ ଜଣେ ଭାଜପା ବିଧାୟକ ନିଜ ପଦ ଏବଂ ଦଳରୁ ଇସ୍ତଫା ଦେଲେ। ଏହା ପରେ କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେବା ଲଜ୍ଜାହୀନ କଥା। ଉଜ୍ଜଳା ହିତାଧିକାରୀ ଦ୍ୱିତୀୟଥର ଗ୍ୟାସ ଭରୁ ନାହାନ୍ତି। ଏହା କେନ୍ଦ୍ରମନ୍ତ୍ରୀଙ୍କ ବିରାଟ ବିଫଳତା। ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା, ବାର୍ଷିକ ୨ କୋଟି ରୋଜଗାର, ପ୍ରତି ଆକାଉଣ୍ଟକୁ ୧୦ ଲକ୍ଷ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ରାଜ୍ୟ ସରକାର ବସୁନ୍ଧରା ଯୋଜନା, ଜାଗା ମିଶନ ଏବଂ ଜଙ୍ଗଲ ଅଧିକାର ଆଇନକୁ ଲାଗୁ କରିବାରେ ସଫଳ ହୋଇଛନ୍ତି। ସମସ୍ତଙ୍କୁ ପକ୍କାଘର ଏବଂ ପଟ୍ଟା ଦେବାରେ ବିଜେଡି ସରକାର ଆଗକୁ ବଢୁଛି। ତେଣୁ ଭାଜପା ଏବଂ କେନ୍ଦ୍ରମନ୍ତ୍ରୀ ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେବା ନାଁରେ ନ ଠକନ୍ତୁ ବୋଲି ପ୍ରତାପ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ଦଳୀୟ ମୁଖପାତ୍ର ସସ୍ମିତ ପାତ୍ର, ରାଜ୍ୟ ସମ୍ପାଦକ ବିଜୟ ନାୟକ ଏବଂ ଛାତ୍ର ବିଜେଡି ସଭାପତି ରାଣାପ୍ରତାପ ପାତ୍ର ଉପସ୍ଥିତ ରହିଥିଲେ। ଅପରପକ୍ଷରେ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ବିଜେଡି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, କୁଇଣ୍ଟାଲ ପିଛା ୧୦୦ ଟଙ୍କା ବୋନସ୍ ପ୍ରତିଶ୍ରୁତି କୁଆଡେ ଗଲା। କେନ୍ଦ୍ର ସରକାର ବର୍ତ୍ତମାନ ଦେଉଥିବା ଏମ୍‌ଏସ୍‌ପି ଠିକ୍ ଭାବେ ମିଳୁନାହିଁ। ୟୁପିଏ ଅପେକ୍ଷା ଏନ୍‌ଡିଏ ରାଜ୍ୟକୁ ଅଧିକ ଅର୍ଥ ପ୍ରଦାନ କରିଛି। ହେଲେ ଏହି ଅର୍ଥ କାର୍ଯ୍ୟକାରୀ ନ ହୋଇ ଫେରିଯାଉଛି।

## ପାରାଦୀପରେ ପୁଣି ଛୁରାମାଡ଼

ପାରାଦୀପ,୧୦।୨(ସ୍ୱ.ପ୍ର.)

ପାରାଦୀପ ଥାନା ଅଧୀନ ଲକ୍‌ପଡ଼ା କାଠପୋଲ ନିକଟରେ ରବିବାର ରାତି ୯ଟାରେ ପୁଣି ଛୁରାମାଡ଼ ହୋଇଛି। ଲକ୍‌ପଡ଼ା ବସ୍ତିର ପ୍ରକାଶ ମିଶ୍ର ନାମକ ଯୁବକଙ୍କୁ ଗୁରା ନାମକ ଯୁବକ ଛୁରାମାଡ଼ କରିଛନ୍ତି। ଏଥିରେ ପ୍ରକାଶ ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବିଜୁ ମେମୋରିଆଲ୍ ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶଙ୍କ ଅନ୍ତବୁଜୁଳା ବାହାରକୁ ବାହାରି ଆସିଛି। ଏଥିସହ ବେକ ଓ ହାତରେ ଗଭୀର ଆଘାତ ଲାଗିଛି। ଏହି ଆକ୍ରମଣ ପୂର୍ବ ଶତ୍ରୁତାଯୋଗୁ ଘଟିଥିବା କୁହାଯାଉଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବସ୍ତିରେ ବିଭିନ୍ନ ଚୋରି ଓ ଅନ୍ୟ କାରଣକୁ ନେଇ କେତେଜଣ ମୁଷ୍ଟିମେୟ ଲୋକ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିଲା। ସେହି କାରଣରୁ ଏହି ଘଟଣା ଘଟିଥାଇପାରେ ବୋଲି ପୋଲିସ ଅନୁମାନ କରୁଛି। ସୂଚନାଯୋଗ୍ୟ, ୭ ତାରିଖରେ ବଡିଘର ନିକଟ ବେଳାଭୂମି ରାସ୍ତା ଉପରେ କମେଣ୍ଟ ମରାକୁ ନେଇ ଛୁରାମାଡ଼ ହୋଇଥିଲା। ଏହି ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ଏ ପର୍ଯ୍ୟନ୍ତ ଧରିନାହିଁ। ୩ ଦିନ ବ୍ୟବଧାନରେ ପୁଣି ଛୁରାମାଡ଼ ଘଟଣାକୁ ନେଇ ଆତଙ୍କ ସୃଷ୍ଟି ହୋଇଛି।

## ମହାପ୍ରଭୁଙ୍କ ବେଣ୍ଟ ନୀତି ସମ୍ପନ୍ନ

**ପୁରୀ ଅଫିସ, ୧୦।୨:** ମହାପ୍ରଭୁଙ୍କ ବେଣ୍ଟ ନୀତି ରବିବାର ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ଠାକୁରଙ୍କ ଚାଚେରୀ ବେଶ ଓ ଭୋଗ ପରେ ଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ଆଜ୍ଞାମାଳପାଇ ବେଣ୍ଟ (ଶିକାର) ନୀତିନିମନ୍ତେ ବିମାନରେ ବିଜେ ହୋଇଥିଲେ। ବିମାନବଡୁମାନେ ବିମାନରେ ଠାକୁରାଣୀ ଠାକୁରଙ୍କୁ ବିଜେ କରାଇ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ଯାଇଥିଲେ। ସେଠାରେ ମହାଜନ ସେବକ ଦେବୀଦେବଙ୍କୁ ଖଟ ଉପରେ ବିଜେ କରାଇଥିଲେ। ମୁଦିରସ୍ତଙ୍କ ଦ୍ୱାରା ରାଜ ବନ୍ଦପନା ପରେ ଶ୍ରୀଦେବୀ, ଭୂଦେବୀ ଓ ଦୋଳଗୋବିନ୍ଦ ମହାଜନଙ୍କ ହସ୍ତରେ ବେଣ୍ଟ ନିମନ୍ତେ ବେଣ୍ଟ ପୋଖରୀ କୂଳକୁ ବିଜେ କରିଥିଲେ। ଭିତରଚ୍ଛ ତୀର କମାଣ ଶ୍ରୀଅଙ୍ଗରେ ଲାଗି ଦେବା ପରେ ଦଳବେହେରା (ଲେଙ୍କା) ସେବକ ପଇଡ଼ରେ ବେଣ୍ଟ ବିନ୍ଧିଥିଲେ। ସେଠାରେ ରଖାଯାଇଥିବା ୬ଟି ପଇଡ ମଧ୍ୟରୁ ଲେଙ୍କା ୫ଟିରେ ତୀର ମାରିଥିଲେ। ଗୋଟିଏ ଅକ୍ଷତ ଅବସ୍ଥାରେ ସାଙ୍ଗରେ ନେଇ ଆସିଥିଲେ। ଏହାପରେ ଠାକୁର ବିମାନରେ ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥିଲେ। ମହାପ୍ରଭୁଙ୍କର ଏହା ଏକ ରାଜକୀୟ ଲୀଳାର ପରିପ୍ରକାଶ।

## ତନୁଶ୍ରୀଙ୍କୁ ହାୱାର୍ଡର ନିମନ୍ତ୍ରଣ



**ବୋଷ୍ଟନ:** ବଲିଉଡ୍ ଅଭିନେତ୍ରୀ ତଥା ପୂର୍ବତନ ବିଉଟି କୁଇନ୍ ତନୁଶ୍ରୀ ଦତ୍ତାଙ୍କୁ ବୋଷ୍ଟନସ୍ଥିତ ହାୱାର୍ଡ ବିଜନେସ୍ ସ୍କୁଲ୍ ପକ୍ଷରୁ ନିମନ୍ତ୍ରଣ କରାଯାଇଛି। ୧୬ରେ ଆୟୋଜିତ ହେଉଥିବା ଇଣ୍ଡିଆ କନ୍‌ଫରେନ୍ସ ୨୦୧୯ରେ ସେ ଉଦ୍‌ବୋଧନ ଦେବେ ବୋଲି ଇନ୍‌ଷ୍ଟାଗ୍ରାମ୍‌ରେ ଉଲ୍ଲେଖ କରିଛନ୍ତି। ଭାରତରେ '#ମି ଟୁ' ଅଭିଯାନ ଆରମ୍ଭ କରିଥିବା ଏହି ଅଭିନେତ୍ରୀ ତାଙ୍କ ଅନୁଭୂତି ବିଷୟରେ ବକ୍ତୃତା ଦେବେ। ହାୱାର୍ଡ ବିଜନେସ୍ ସ୍କୁଲ୍ ଏବଂ ହାୱାର୍ଡ କେନେଡି ସ୍କୁଲ୍‌ର ଗ୍ରାଜୁଏଟ୍ ଛାତ୍ରଙ୍କ ଦ୍ୱାରା ଏ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଯାଉଛି। ୨୦୧୮ ଅକ୍ଟୋବରରେ ତନୁଶ୍ରୀ ଏକ ପୁରୁଣା ଘଟଣାକୁ ନେଇ ଅଭିନେତା ନାନା ପାଟେକରଙ୍କ ନାମରେ ଅଭିଯୋଗ ଆଣିଥିଲେ। ୨୦୦୮ର ଫିଲ୍ମ 'ହର୍ନ ଓକେ ପ୍ଲିଜ୍' ଶୁଟିଂ ସେଟ୍‌ରେ ନାନା ତାଙ୍କୁ ଯୌନ ଉତ୍ପୀଡନ ଦେଇଥିବା ତନୁଶ୍ରୀ ଅଭିଯୋଗ କରିଥିଲେ। ଏହା ଭାରତରେ #ମି ଟୁ ଆନ୍ଦୋଳନ ସୃଷ୍ଟିକରିବା ସହିତ ତାଙ୍କ ପରେ ଅନେକ ମହିଳା ସେମାନଙ୍କ ପ୍ରତି ପୂର୍ବରୁ ହୋଇଥିବା ଯୌନ ଉତ୍ପୀଡନ ଲୋକଲୋଚନକୁ ଆଣିଥିଲେ। ତନୁଶ୍ରୀ ଚଳିତବର୍ଷ ପ୍ରାରମ୍ଭରେ ଆମେରିକା ଫେରିଯାଇଛନ୍ତି। #ମି ଟୁ ଅଭିଯାନ ପୂର୍ବରୁ ଯେପରି ସ୍ୱାଭାବିକ ଜୀବନଯାପନ କରୁଥିଲେ ତାହା ସେ ସେଠାରେ ଜାରି ରଖିବେ ବୋଲି ସେ କହିଛନ୍ତି।


**TENDER CALL NOTICE**

**No.105** **Date.08.02.2019**

Regulated Market Committee, Digapahandi invites tender in online mode from the approved Contractors of appropriate Class for the Work “Development of Infrastructure & Allied Works in Different Market Yard under RMC, Digapahandi” Detailed Tender Notice along with conditions contract and notice inviting tender may be seen and downloaded from the website **www.tenderodisha.gov.in** from 17.00 hours of 09.02.2019 to 17.00 hours of 26.02.2019 and the opening of tender would be 11.00 hours on 27.02.2019.

**Sd./-**
**Sub- Collector, Berhampur-cum-Chairman, RMC, Digapahandi**

OFFICE OF THE CHILD DEVELOPMENT PROJECT OFFICER, BADAMBA

**QUOTATION CALL NOTICE**

Sealed tenders are invited from valid registered vender for supply of Anganwadi items. Quotations must reach to the undersigned on or before 19.02.2019. For details visit Website **www.cuttack.nic.in.**

**Sd./- Child Dev. Project Officer, Badamba**

OFFICE OF THE PANCHAYAT SAMITI, CHITRAKONDA

**No. 492/ III-32/2019** **Dated 07.02.2019**

**TENDER CALL NOTICE**

The Block Development Officer, Chitrakonda invites sealed tenders on behalf of Governor, Odisha as per annexure from registered and eligible Firms/ Suppliers of Odisha State P.W.D. (R&B)/ C.P.W.D/ Water Resources/ Rural Works/ M.I. having authorized dealership in agreement in F-2 contract forms of Govt. of Odisha. The details of commodities given below. The tenderer has to submit the sealed tender paper in complete shape with details i.e. (1) EPM Regd. Certificate, (2) EM-II, (3) DIC PMT, (4) GSTIN Certificate, (5) VAT Clearance, (6) PAN Card, (7) GSTIN Certificate, (8) Drawing & Specification through Registered Post/Speed Post addressing to this official Postal address i.e. **Block Develpment Officer, Chitrakonda, At/PO: Chitrakonda, Dist: Malkangiri, Pin No: 764052.** The last date of receipt of tender paper is 22.02.2019 upto 1.00 PM. The undersigned will not be responsible for postal delay if any or non-receipt of the papers in time. The date of opening of the tender paper is 22.02.2019 at 3.00 PM.

| Sl. No. | Name of the Block | Name of the Com-modities | Tender value in Rs. | Cost of article | Size of article |
|---|---|---|---|---|---|
| 1 | Chitra-konda | Supply of 60 Nos. double decker bed | Rs. 5,66,000/- | 60 Nos. Rs. 9300/- each | Size 80" (Length) x 34" (width) x 60" (Height) Bed frame- 75" (Length) x 33" (Width) Bed- 19 mm thick plywood ISI Marked Size- 72" (Length) x 30" (Width) |

**NB:-** The details terms and condition of this tenders will be available in this Panchayat Samiti office during working hour.

**Sd./- Block Development Officer, Chitrakonda**

idco ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE DIVISIONAL HEAD, IDCO MSME-I BHUBANESWAR
Tender Call Notice No. 168 Dated :- 07.02.2019

**SHORT TENDER CALL NOTICE**

| | |
|---|---|
| Name of the Work | : Repair, Maintenance and Improvement of Balance Drain at Industrial Estate, Rasulgarh, Bhubaneswar. |
| Estimated Cost of the Work | : Rs.829012.00 (inlcuding 12%GST) |
| Period of Completion | : One Month |
| EMD Amount | : Rs. 8,290.00 |
| Cost of Bid Document | : Rs.4000.00+GST@18% |
| Date of Availability of Tender Paper | : Dt: 12.02.2019 to Dt: 14.02.2019 |
| Last Date of Submission of Tender | : Dt: 16.02.2019 up 15.00 hours |
| Date of Opening of Tender | : Dt: 16.02.2019 at 16.00 hours |
| Procurement Officer | : Divisional Head, MSME-I, IDCO, Bhubaneswar |

Further details of tender call notice can be seen in the IDCO Website **www.idco.in** or Contact Dy. Manager(Civil), Sri Sachikanta Sahoo, Telephone No.: 7978693320(M).

Sd/-
Divisional Head, MSME-I, IDCO, Bhubaneswar

idco ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, BHUBANESWAR.
RFP Call Notice No. IDCO/H.O./P&C/EST/E-960/01/2018/2596 Dated :- 08.02.2019

**NOTICE INVITING REQUEST FOR PROPOSAL UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work : Procurement of PVC-O (Oriented PVC) pipes.
2. Completion Period : 09 (Nine) Calendar Months
3. Other details :

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar -751022 | Bid ID. No. PC-EST-E- **78 / 2018-19** | 14.02.2019 at 16.00 hrs. | 01.03.2019 upto 17.00 hrs. |

**Further details can be seen from the e-Procurement Portal. www.tendersodisha.gov.in.** Corrigendum or addendum if any will not be published in news papers and can only be seen in the e-procurement portal **www.tenderodisha.gov.in** as well as IDCO website **www.idco.in.**

**Sd/-**
**Chief General Manager (P&C) I/C**
**IDCO, Bhubaneswar**

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୧ ଫେବୃୟାରୀ, ୨୦୧୯



୨୦୧୪ରେ ନୂଆ ସରକାର ଗଠନ ହେବା ପରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ସମ୍ପର୍କ ଦୁର୍ବଳ ହେବାରେ ଲାଗିଛି।
-ମହିନ୍ଦ୍ରା ରାଜପାକ୍ସେ,
ଶ୍ରୀଲଙ୍କା ବିରୋଧୀ ଦଳ ନେତା



## ସଂକ୍ଷେପରେ

### ଆକ୍ରମଣରେ ୨୧ ନିହତ

**କାବୁଲ,୧୦।୨:** ଆଫଗାନିସ୍ତାନର ହେଲମଣ୍ଡ୍ ପ୍ରଦେଶରେ ଆକାଶମାର୍ଗରୁ ଆକ୍ରମଣ ଫଳରେ ମହିଳା ଓ ଶିଶୁଙ୍କ ସମେତ ୨୧ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ସାଙ୍ଗିନ ଜିଲାର ଦୁଇଟି ସ୍ଥାନରେ ଏହି ଆକ୍ରମଣ ହୋଇଥିଲା। ଉକ୍ତ ଜିଲାରେ ତାଲିବାନ ସହ ନାଟୋ ଏବଂ ଆଫଗାନ ସେନାର ଜୋରଦାର ସଂଘର୍ଷ ଜାରି ରହିଛି। ଏହି ଆକ୍ରମଣରେ ଅନ୍ୟ ୫ ଜଣ ଆହତ ହୋଇଥିବା ସ୍ଥାନୀୟ ଜନପ୍ରତିନିଧି ମହମ୍ମଦ ହାଶିମ ଅଲକୋଜାଇ ରବିବାର ସୂଚନା ଦେଇଛନ୍ତି। ନିରୀହ ଲୋକଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି।

### 'ଡିଜିଟାଲ ଯୁଗରେ ବିଚାର ଚାପଗ୍ରସ୍ତ'



**ନୂଆଦିଲ୍ଲୀ,୧୦।୨(ପି.ଟି.):** ବର୍ତ୍ତମାନର ଡିଜିଟାଲ ଯୁଗରେ ବିଚାର କରିବା ଉପରେ ଚାପ ରହିଛି ବୋଲି ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଏ.କେ. ସିକ୍ରି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଲ' ଆସୋସିଏଶନ୍ ଫର୍ ଏସିଆ ଆଣ୍ଡ ଦି ପାସିଫିକ୍ ପକ୍ଷରୁ ଆୟୋଜିତ ପ୍ରଥମ ସମ୍ମିଳନୀରେ ଯୋଗଦେଇ 'ଡିଜିଟାଲ୍ ଯୁଗରେ ପ୍ରେସ୍ ସ୍ୱାଧୀନତା' ଉପରେ ସେ ଆଲୋକପାତ କରିଥିଲେ। ଜଷ୍ଟିସ୍ ସିକ୍ରି କହିଥିଲେ, ପୂର୍ବରୁ ମଧ୍ୟ ମିଡିଆ ଟ୍ରାଏଲ୍ ହେଉଥିଲା। କିନ୍ତୁ ଆଜି ଯେତେବେଳେ ଗୋଟିଏ ପ୍ରସଙ୍ଗ ଉଠୁଛି, ସେତେବେଳେ ଗୋଟିଏ ପିଟିଶନ ଦାଏର ହେଉଛି। କୋର୍ଟ ଏହାର ବିଚାର କରିବା ପୂର୍ବରୁ ରାୟ କ'ଣ ଆସିବା ଉଚିତ ସେନେଇ ଲୋକେ ସୋସିଆଲ ମିଡିଆରେ ଆଲୋଚନା ଆରମ୍ଭ କରିଦେଉଛନ୍ତି। ଏଥିଯୋଗୁ ବିଚାରପତିଙ୍କ ନିଷ୍ପତ୍ତି ପ୍ରଭାବିତ ହେଉଥିବା ଅଭିଜ୍ଞତାରୁ ଜଣାପଡ଼ିଛି।

### ଆବୁଧାବିରେ ହିନ୍ଦୀ ତୃତୀୟ କୋର୍ଟ ଭାଷା

**ଦୁବାଇ,୧୦।୨(ପି.ଟି.):** ଆରବିକ୍ ଏବଂ ଇଂଲିଶ ପରେ ହିନ୍ଦୀକୁ ଆବୁଧାବୀରେ ତୃତୀୟ ସରକାରୀ ଭାଷା ଭାବେ କୋର୍ଟରେ ବ୍ୟବହାର ଲାଗି ଗ୍ରହଣ କରାଯାଇଛି। ଏହାକୁ ଶ୍ରମିକମାନଙ୍କ ମାମଲା କ୍ଷେତ୍ରରେ ବ୍ୟବହାର କରାଯାଇପାରିବ। ସମସ୍ତଙ୍କ ପାଖରେ ନ୍ୟାୟ ପହଞ୍ଚାଇବାର ଉଦ୍ୟମ ସ୍ୱରୂପ ଆବୁ ଧାବି ନ୍ୟାୟିକ ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଫଳରେ ହିନ୍ଦୀଭାଷୀଙ୍କୁ ସେଠାର ବିଚାର ପ୍ରକ୍ରିୟା, ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଜାଣିବା ସହଜ ହୋଇପାରିବ।

### ବ୍ରିଟେନରେ ଭାରତୀୟ ଡାକ୍ତରଙ୍କ ଆନ୍ଦୋଳନ

**ଲଣ୍ଡନ,୧୦।୨(ପି.ଟି.):** ବ୍ରିଟେନରେ କାର୍ଯ୍ୟରତ ୟୁରୋପୀୟ ସଂଘ ବାହାର ଦେଶର ଡାକ୍ତର ଏବଂ ଅନ୍ୟ ଡାକ୍ତରୀ କର୍ମଚାରୀଙ୍କ ଉପରେ ଦୁଇଗୁଣା ସ୍ୱାସ୍ଥ୍ୟଶୁଳ୍କ ଲାଗୁ କରାଯାଇଛି। ଏହାକୁ ଅସାଧୁ ଶୁଳ୍କ ଦର୍ଶାଇ ଭାରତୀୟ ଡାକ୍ତର ଏବଂ ନର୍ସ ଏବଂ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ୨୦୧୫ରେ ପ୍ରଥମେ ଏହି ଇମିଗ୍ରେଶନ ହେଲ୍‌ଥ ସର୍‌ଚାର୍ଜ ଲାଗୁ ହୋଇଥିଲା। ଏବେ ଉକ୍ତ ଶୁଳ୍କକୁ ଦୁଇଗୁଣା କରାଯାଇଥିବାରୁ ଏହାର ପୁନର୍ବିଚାର ଦାବିରେ ବ୍ରିଟେନରେ ଭାରତୀୟ ଡାକ୍ତରମାନଙ୍କ ସଂଗଠନ (ବିଏପିଆଇଓ) ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଛି।

## ଇତିହାସର ଆଇନାରେ

### ଫେବୃୟାରୀ ୧୧ର ପ୍ରମୁଖ ଘଟଣା

୨୦୧୬ ଫେବୃୟାରୀ ୧୧ରେ ଜିଜାନ୍ ପ୍ରଦେଶର ଏକ ଶିକ୍ଷାକେନ୍ଦ୍ରରେ ଜଣେ ବ୍ୟକ୍ତି ଗୁଳିମାଡ କରିବା ଯୋଗୁ ୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଜିଜାନ୍ ହେଉଛି ସୌଦି ଆରବର ଏକ ଛୋଟ ସହର। ୟେମେନ୍‌ର ଉତ୍ତରକୁ ଦକ୍ଷିଣ ଲୋହିତ ସାଗର ଉପକୂଳରେ ଏହି ରାଜ୍ୟ ୩୦୦କିଲୋମିଟର ପର୍ଯ୍ୟନ୍ତ ବ୍ୟାପି ରହିଛି।

୧୯୬୪ ଫେବୃୟାରୀ ୧୧ରେ ସାଇପ୍ରସ୍‌ର ଲିମାସଲ୍‌ଠାରେ ଗ୍ରୀକ୍ ଏବଂ ତୁର୍କ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା। ଲିମାସଲ୍ ହେଉଛି ସାଇପ୍ରସ୍‌ର ଦକ୍ଷିଣ ଉପକୂଳସ୍ଥ ଏକ ସହର। ନିକୋସିଆ ପରେ ସାଇପ୍ରସ୍‌ର ଦ୍ୱିତୀୟ ବୃହତ୍ତମ ସହରାଞ୍ଚଳ ହେଉଛି ଲିମାସଲ୍। ଏହାର ଲୋକସଂଖ୍ୟା ୧,୮୩,୬୫୮।

# ହିଂସ୍ର ହେଲା ଗୁଜ୍ଜର ଆନ୍ଦୋଳନ

**ଜୟପୁର,୧୦।୨(ପି.ଟି.)**



ରାଜସ୍ଥାନର ଆଜମେରରେ ୫୮ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି ଗୁଜ୍ଜର ସମ୍ପ୍ରଦାୟର ଲୋକେ।

- ବିକ୍ଷୋଭକାରୀଙ୍କ ଗୁଳିମାଡ଼
- ବ୍ୟାପକ ଭଙ୍ଗାରୁଜା, ପୋଡ଼ାଜଳା
- ୪ ପୋଲିସ ଆହତ

ସରକାରୀ ନିଯୁକ୍ତି ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକରେ ୫ ପ୍ରତିଶତ ସ୍ଥାନ ସଂରକ୍ଷଣ ଦାବିରେ ଗୁଜ୍ଜର ସମ୍ପ୍ରଦାୟ ଶୁକ୍ରବାରଠାରୁ ଚଳାଇଥିବା ଆନ୍ଦୋଳନ ରବିବାର ହିଂସାର ରୂପ ନେଇଛି। ଧୋଲପୁର ଜିଲାରେ ଆନ୍ଦୋଳନକାରୀ ଗୁଳି ଚଳାଇବା ସହ ୩ଟି ପୋଲିସ ଗାଡ଼ି ପୋଡ଼ିଦେଇଛନ୍ତି। ସେମାନଙ୍କ ଆକ୍ରମଣରେ ୪ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଆନ୍ଦୋଳନକାରୀଙ୍କୁ ଘଉଡାଇବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଫାଙ୍କା ଗୁଳିଚାଳନା କରିଛି।

ଆନ୍ଦୋଳନକାରୀ ଆଗ୍ରା-ମୋରେନା ଜାତୀୟ ରାଜପଥ ଅବରୋଧ କରିଥିବାବେଳେ କେତେଜଣ ଅଜଣା ବ୍ୟକ୍ତି ୮-୧୦ ରାଉଣ୍ଡ ଗୁଳି ଚଳାଇଥିଲେ। ଏହା ପରେ ଆନ୍ଦୋଳନକାରୀ ୨ଟି ପୋଲିସ ଜିପ୍ ଓ ଗୋଟିଏ ବସ୍ ଜାଳିଦେଇଥିଲେ। ସୱାଇ-ମାଧୋପୁର ଜିଲାର ମାଲାର୍ନା ଡୁଙ୍ଗରସ୍ଥିତ ରେଳଧାରଣାରେ ଗୁଜ୍ଜରମାନେ ବସି ରହିବା ଫଳରେ ଉତ୍ତରାଞ୍ଚଳ ରେଳପଥର ୨୦ ଟ୍ରେନ୍ ଚଳାଚଳ ବାତିଲ ଏବଂ ୭ ଟ୍ରେନ୍‌ର ଗତିପଥ ପରିବର୍ତ୍ତନ ହୋଇଛି। ଦେଶବ୍ୟାପୀ ୨୫୦ରୁ ଅଧିକ ଟ୍ରେନ ଚଳାଚଳ ପ୍ରଭାବିତ ହୋଇଛି। ଶନିବାର ସରକାରଙ୍କ ପକ୍ଷରୁ ଏକ ପ୍ରତିନିଧି ଦଳ ଗୁଜ୍ଜର ନେତା କିରୋରି ସିଂ ବୈଁସଲା ଓ ତାଙ୍କ ସମର୍ଥକଙ୍କୁ ଭେଟି ଆଲୋଚନା କରିଥିଲେ ମଧ୍ୟ କୌଣସି ରାଜିନାମାରେ ପହଞ୍ଚିପାରି ନାହାନ୍ତି। ୫ ପ୍ରତିଶତ ସ୍ଥାନ ସଂରକ୍ଷଣ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଗୁଜ୍ଜର ନେତା କହିଛନ୍ତି। ଅନ୍ୟ ପକ୍ଷରେ ଗୁଜ୍ଜର ନେତା ବୈଁସଲାଙ୍କ ପାଖକୁ ତାଙ୍କ ଘର ଠିକଣାରେ କରାଉଲି ଜିଲା ପ୍ରଶାସନ ନୋଟିସ ପଠାଇଛି। ଆନ୍ଦୋଳନ ବେଳେ ସରକାରୀ ଓ ଘରୋଇ ସମ୍ପତ୍ତି ନଷ୍ଟ କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ଓ ବିଭିନ୍ନ ହାଇକୋର୍ଟ ଅନେକ ଥର ରାୟ ଦେଇଛନ୍ତି। ଆନ୍ଦୋଳନ ହିଂସାର ରୂପ ନେବା ସହ ଗାଡି ଓ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଥିବାରୁ ଅଦାଲତ ଅବମାନନା ଲାଗି ଗୁଜ୍ଜର ନେତା ଦାୟୀ ରହିବେ ବୋଲି ନୋଟିସ ମାଧ୍ୟମରେ ତାଙ୍କୁ ଚେତାବନୀ ଦିଆଯାଇଛି।

ରାଜସ୍ଥାନର ଗୁଜ୍ଜର ହେଉଛନ୍ତି ଚାଷୀ ଓ ବଣିକ ସମ୍ପ୍ରଦାୟର। ସରକାର ସେମାନଙ୍କୁ ଅନ୍ୟାନ୍ୟ ପଛୁଆ ବର୍ଗରେ ନେଇଛନ୍ତି। ତେବେ ଅନୁସୂଚିତ ଜାତି ମାନ୍ୟତା ଦାବିରେ ସେମାନେ ଦୀର୍ଘବର୍ଷ ହେଲା ଆନ୍ଦୋଳନ କରି ଆସୁଛନ୍ତି। ୨୦୦୭ରେ ସେମାନଙ୍କର ପୋଲିସ ଓ ମୀନା ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଘଟି ୨୬ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୦୮ ମେ'୨୩ରେ ଏହି ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା। ଆନ୍ଦୋଳକାରୀ ଭରତପୁର ଜିଲାରେ ଜଣେ ପୋଲିସ କର୍ମଚାରୀଙ୍କୁ ପିଟି ମାରି ଦେଇଥିଲେ। ସରକାରୀ ସମ୍ପତ୍ତିର କ୍ଷତି ଉଦ୍ୟମ କରୁଥିବା ଆନ୍ଦୋଳନକାରୀଙ୍କୁ ଘଉଡାଇବାକୁ ଯାଇ ପୋଲିସ ଗୁଳି ଚଳାଇବାରୁ ୧୫ ଜଣଙ୍କର ମୃତ୍ୟୁ ଘଟିଥିଲା। ତା' ପରଦିନ ଉତ୍ତ୍ୟକ୍ତ ଲୋକେ ସିକନ୍ଦ୍ରା ଥାନା ପୋଡିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ଗୁଳିରେ ଆଉ ୧୫ ଜଣ ନିହତ ହୋଇଥିଲେ। ୨୦୧୦ରେ ପୁଣିଥରେ ଗୁଜ୍ଜର ଆନ୍ଦୋଳନ ଆରମ୍ଭ ହୋଇଥିଲା। ୨୦୧୫ରେ ମଧ୍ୟ ଅନୁରୂପ ଆନ୍ଦୋଳନ ହୋଇଥିଲା। ଗୁଜ୍ଜରମାନେ ରେଳଲାଇନରେ ବସି ରହିବାରୁ ବହୁ ଟ୍ରେନ୍ ଚଳାଚଳ ବନ୍ଦ ହୋଇଯାଇଥିଲା। କେନ୍ଦ୍ର ସରକାର ସାଧାରଣ ବର୍ଗର ଗରିବଙ୍କ ଲାଗି ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ନିମନ୍ତେ ପାର୍ଲାମେଣ୍ଟରେ ବିଲ୍ ଗୃହୀତ କରାଇବାର ମାସକ ପରେ ଗୁଜ୍ଜର ସମ୍ପ୍ରଦାୟ ପୁଣି ଥରେ ୫ ପ୍ରତିଶତ ସଂରକ୍ଷଣ ଦାବିରେ ଆନ୍ଦୋଳନକୁ ଓହ୍ଲାଇଛି।

# କୋଲକାତା ପୋଲିସ ମୁଖ୍ୟ, ପୂର୍ବତନ ଏମ୍‌ପିଙ୍କୁ ଜେରା

**ଶିଲଂ,୧୦।୨(ପି.ଟି.)**

ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲା ତଥ୍ୟ ପ୍ରମାଣରେ ଜାଲିଆତି ନେଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱିତୀୟ ଦିନ ପାଇଁ କୋଲକାତା ପୋଲିସ କମିଶନର ରାଜୀବ କୁମାରଙ୍କୁ ଜେରା କରିଛି। ଏଥିସହିତ ତୃଣମୂଳ କଂଗ୍ରେସର ପୂର୍ବତନ ଏମ୍‌ପି କୁନାଲ ଘୋଷଙ୍କୁ ମଧ୍ୟ ଜେରା କରାଯାଇଛି। ଶନିବାର ରାଜୀବ କୁମାରଙ୍କୁ ସିବିଆଇ ପାଖାପାଖି ୯ ଘଣ୍ଟା ଜେରା କରିଥିଲା। ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ତଦନ୍ତ ପାଇଁ ପଶ୍ଚିମବଙ୍ଗ ସରକାର ଗଠନ କରିଥିବା ଏସ୍‌ଆଇଟିର ମୁଖ୍ୟ ଥିଲେ ରାଜୀବ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଏହି ମାମଲାର ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। ତେବେ ରାଜୀବ ମାମଲାର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରମାଣରେ ଜାଲିଆତି କରିଥିବା ସିବିଆଇ ଅଭିଯୋଗ କରିଛି। ଏହି ମାମଲାରେ ପୂର୍ବତନ ଟିଏମ୍‌ସି ଏମ୍‌ପି କୁନାଲଙ୍କୁ ୨୦୧୩ରେ ଗିରଫ କରାଯାଇଥିଲା ଏବଂ ସେ ୨୦୧୬ରେ ଜାମିନ ପାଇଥିଲେ।

# ବାୟୁସେନା ପାଇଁ ୪ ଚିନୁକ୍ ହେଲିକପ୍ଟର ପଠାଇଲା ବୋଇଂ

**ନୂଆଦିଲ୍ଲୀ,୧୦।୨(ପି.ଟି.)**

ଆମେରିକାର ବିମାନ ନିର୍ମାଣକାରୀ କମ୍ପାନୀ ବୋଇଂ ଭାରତୀୟ ବାୟୁସେନା ଲାଗି ପଠାଇଥିବା ୪ଟି ଚିନୁକ୍ ସାମରିକ ହେଲିକପ୍ଟର ଗୁଜରାଟର ମୁନ୍ଦ୍ରା ବନ୍ଦରରେ ପହଞ୍ଚିଛି। ସେଗୁଡିକୁ ଚଣ୍ଡିଗଡ ନିଆଯାଇ ବାୟୁସେନାରେ ସାମିଲ କରାଯିବ। ଏହି ହେଲିକପ୍ଟରକୁ ସୈନ୍ୟ, ଅସ୍ତ୍ରଶସ୍ତ୍ର, ଉପକରଣ ଏବଂ ଇନ୍ଧନ ପରିବହନରେ ବ୍ୟବହାର କରାଯିବ। ଏହା ବ୍ୟତୀତ ଏହାକୁ ରିଲିଫ ଏବଂ ଉଦ୍ଧାର କାର୍ଯ୍ୟରେ ମଧ୍ୟ ନିୟୋଜିତ କରାଯାଇପାରିବ। ସିଏଚ୍-୪୭ଏଫ୍(ଆଇ) ଚିନୁକ୍ ଏକ ଅତ୍ୟାଧୁନିକ ମଲ୍ଟି-ମିଶନ ହେଲିକପ୍ଟର। ବାୟୁସେନା ପକ୍ଷରୁ ବୋଇଂ କମ୍ପାନୀକୁ ୨୨ଟି ଆପାଚେ ଏବଂ ୧୫ଟି ଚିନୁକ୍ ହେଲିକପ୍ଟର ମଗାଯାଇଥିଲା।






ନୂଆଦିଲ୍ଲୀର କନଟ୍ ପ୍ଲେସ୍‌ସ୍ଥିତ ସେଣ୍ଟ୍ରାଲ ପାର୍କରେ ରବିବାର ସ୍ୱେଚ୍ଛାସେବୀମାନେ ମହିଳା ବିରୋଧୀ ଯୌନ ଅପରାଧ ବନ୍ଦ ପାଇଁ ସଚେତନତା ସୃଷ୍ଟି କରୁଛନ୍ତି।

## ଚନ୍ଦ୍ରାବାବୁଙ୍କ ଉପରେ ବର୍ଷିଲେ ମୋଦି

# କଂଗ୍ରେସ ସହ ମେଣ୍ଟକୁ ନେଇ ପ୍ରଶ୍ନ

**କୋଲକାତା,୧୦।୨(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ.ଟି. ରାମାରାଓ (ଏନ୍‌ଟିଆର) ଲିଗାସୀ କଥା ଉଠାଇ କଂଗ୍ରେସ ସହ ଟିଡିପି ଅଧ୍ୟକ୍ଷ ଚନ୍ଦ୍ରାବାବୁ ନାଇଡୁଙ୍କର ମେଣ୍ଟ ଉଦ୍ୟମ ଉପରେ ପ୍ରଶ୍ନ କରିଛନ୍ତି। ଆନ୍ଧ୍ରକୁ କଂଗ୍ରେସମୁକ୍ତ କରିବା ଲକ୍ଷ୍ୟରେ ଏନ୍‌ଟିଆର ଟିଡିପି ଗଢ଼ିଥିଲେ। ଏବେ ଚନ୍ଦ୍ରାବାବୁ ସେହି ଦଳ ସହ ମେଣ୍ଟ କରିବାକୁ ଯାଉଛନ୍ତି, ଯାହା ଏନ୍‌ଟିଆରଙ୍କ ଆତ୍ମାକୁ ଆଘାତ ଦେଉଥିବ। ବିକାଶର କଥା କହୁଥିବା ଚନ୍ଦ୍ରାବାବୁ କେନ୍ଦ୍ରୀୟ ଅନୁଦାନର ଉପଯୁକ୍ତ ବିନିଯୋଗ କରିପାରି ନାହାନ୍ତି। ପ୍ରତିଶ୍ରୁତି ପାଳନ ଏବଂ ରାଜ୍ୟର ବିକାଶରେ ସେ ବିଫଳ ହୋଇଛନ୍ତି। ସ୍ୱତନ୍ତ୍ର ରାଜ୍ୟପାହ୍ୟା ତୁଳନାରେ କେନ୍ଦ୍ର ସରକାର ଆନ୍ଧ୍ରକୁ ଅଧିକ ଅନୁଦାନ ଦେଇଛି। ଚନ୍ଦ୍ରାବାବୁ ରାଜ୍ୟର ବିକାଶ ଚିନ୍ତା ନ କରି ନିଜ ପୁଅଙ୍କ ବିକାଶ ଉପରେ ଅଧିକ ଧ୍ୟାନ ଦେଉଥିବା ମୋଦି ସମାଲୋଚନ କରିଛନ୍ତି।

ଅନ୍ୟପକ୍ଷରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ଏହାର କଡା ଜବାବ ଦେଇଛନ୍ତି। ସ୍ୱାମୀ ପରିତ୍ୟକ୍ତା ମୁସଲମାନ ମହିଳାଙ୍କ ସହାୟତା ଲାଗି ମୋଦି ତିନି ତଲାକ ଆଇନ ଆଣିବା କଥା କହୁଥିବାବେଳେ ନିଜ ସ୍ତ୍ରୀ ଯଶୋଦା ବେନ୍‌ଙ୍କ ସମ୍ପର୍କରେ କେହି ପଚାରିଲେ କାହିଁକି ନୀରବ ବୋଲି ଚନ୍ଦ୍ରାବାବୁ ପ୍ରଶ୍ନ କରିଛନ୍ତି।

## ୟୁପି, ଉତ୍ତରାଖଣ୍ଡ ମଦମୃତ୍ୟୁ ସଂଖ୍ୟା ୯୭

# ତଦନ୍ତ କରିବ ଏସ୍‌ଆଇଟି

**ଲକ୍ଷ୍ନୌ,୧୦।୨(ପି.ଟି.)**

### ୨ ଅଧିକାରୀ ନିଲମ୍ବିତ




ଉତ୍ତରପ୍ରଦେଶ (ୟୁପି) ଏବଂ ଉତ୍ତରାଖଣ୍ଡରେ ବିଷାକ୍ତ ମଦଜନିତ ମୃତ୍ୟୁ ସଂଖ୍ୟା ୯୭ରେ ପହଞ୍ଚିଛି। ଫଳରେ ବେଆଇନ ମଦ କାରବାର ନେଇ ଉଭୟ ରାଜ୍ୟ ପୋଲିସ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ବିଷାକ୍ତ ମଦ କାରାବାର ନେଇ ବିରୋଧୀ ଦଳ ୟୁପି ସରକାରଙ୍କୁ ଘେରିଥିବାବେଳେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନିର୍ଦ୍ଦେଶକ୍ରମେ ୫ ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଗଠନ କରାଯାଇଛି। ୧୦ ଦିନ ମଧ୍ୟରେ ଏହି ଟିମ୍ ତଦନ୍ତ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ୟୁପିର ଶାହାରନପୁର ଜିଲା ଦେଓବନ୍ଦ୍ ଏବଂ ଖୁସିନଗରର ତାମକୁହିରାଜର ସର୍କଲ ଅଫିସର ସିଦ୍ଧାର୍ଥ ଏବଂ ରାମକ୍ରିଷ୍ଣ ତିୱାରୀଙ୍କୁ ନିଲମ୍ବିତ କରାଯାଇଛି। ଶାହାରନପୁରରୁ ବିଷାକ୍ତ ମଦ କିଣାଯାଇଥିବା ପୋଲିସ ଛାନଭିନରୁ ଜଣାପଡ଼ିଛି। ଦୁଇ ରାଜ୍ୟର ସୀମାନ୍ତବର୍ତ୍ତୀ ଗାଁରେ ଏକ ଶୁଦ୍ଧିକ୍ରିୟା ଉତ୍ସବରେ ଲୋକେ ମଦ ପିଇ ମୃତ୍ୟୁମୁଖରେ ପଡ଼ିଥିଲେ। ମଦକୁ ଅଧିକ ନିଶାଯୁକ୍ତ କରିବା ଲାଗି ସେଥିରେ ମୂଷାମରା ବିଷ ମିଶାଯାଇଥିବାରୁ ଏତେଜଣଙ୍କ ପ୍ରାଣହାନି ଘଟିଥିବା କୁହାଯାଉଛି। ପୋଲିସ ତଦନ୍ତ ପରେ ୨ ଜଣଙ୍କୁ ଗିରଫ କରିଛି।

# ସ୍ୱର ଚପାଇବାକୁ ଉଦ୍ୟମ

**ମୁମ୍ବାଇ,୧୦।୨(ପି.ଟି.)**

### କେନ୍ଦ୍ରକୁ ସମାଲୋଚନା କରିବାରୁ ଅମୋଲ ପାଲେକରଙ୍କୁ କହିବାକୁ ଦିଆଗଲାନି



ବିଶିଷ୍ଟ ଅଭିନେତା ତଥା ନିର୍ଦ୍ଦେଶକ ଅମୋଲ ପାଲେକର କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବାରୁ ତାଙ୍କୁ କହିବାକୁ ଦିଆଗଲା ନାହିଁ। ମୁମ୍ବାଇସ୍ଥିତ ନ୍ୟାଶନାଲ ଗ୍ୟାଲେରି ଅଫ୍ ମଡର୍ନ ଆର୍ଟ (ଏନ୍‌ଜିଏମ୍‌ଏ)ରେ ଶୁକ୍ରବାର ଘଟିଥିବା ଏହି ଅଭାବନୀୟ ଘଟଣା ରବିବାର ସାମ୍ନାକୁ ଆସିଛି। ଅଭିବ୍ୟକ୍ତିର ସ୍ୱାଧୀନତା କ୍ଷୁଣ୍ଣ ହୋଇଥିବା ଦର୍ଶାଯାଇ ଏହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ପ୍ରଖ୍ୟାତ ଚିତ୍ରକର ପ୍ରଭାକର ବାରୱେଙ୍କ ସ୍ମୃତିରେ ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ପ୍ରଦର୍ଶନୀ 'ଇନ୍‌ସାଇଡ୍ ଦି ଏମ୍ପଟି ବକ୍ସ'ର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ପାଲେକର ଭାଷଣ ଦେଉଥିଲେ। ମୁମ୍ବାଇ ଓ ବେଙ୍ଗାଲୁରୁ କେନ୍ଦ୍ରର ଆଡ୍‌ଭାଇଜୋରି କମିଟିକୁ ସଂସ୍କୃତି ମନ୍ତ୍ରଣାଳୟ ଉଚ୍ଛେଦ କରିଥିବାରୁ ଉଦ୍‌ବୋଧନ ଦେବାବେଳେ ପାଲେକର ଏହାକୁ ସମାଲୋଚନା କରିଥିଲେ। ସେ କହିଥିଲେ, ଆପଣମାନଙ୍କ ମଧ୍ୟରୁ ଅନେକେ ଜାଣି ନ ଥିବେ ଯେ ଏହି ପ୍ରଦର୍ଶନୀ ହେଉଛି ସ୍ଥାନୀୟ ଉପଦେଷ୍ଟା କମିଟି ଦ୍ୱାରା ନିଷ୍ପତ୍ତି ନିଆଯାଇଥିବା ଶେଷ ଶୋ'। ଏନେଇ କୌଣସି ଅମଲାତନ୍ତ୍ରୀ ଅଥବା ସରକାରଙ୍କ ଏଜେଣ୍ଟ ନିଷ୍ପତ୍ତି ନେଇନାହାନ୍ତି ବୋଲି ପାଲେକର କହିଥିଲେ। ଏତିକିବେଳେ ମଞ୍ଚରେ ବସିଥିବା ଏନ୍‌ଜିଏମ୍‌ଏର ଜଣେ ସଦସ୍ୟା ତାଙ୍କୁ ଭାଷଣ ଦେବାରେ ବାଧାସୃଷ୍ଟି କରିଥିଲେ। ଏହାସହ ତାଙ୍କୁ ଅଟକାଇ କାର୍ଯ୍ୟକ୍ରମ ସମ୍ପର୍କିତ ପ୍ରସଙ୍ଗ ଉପରେ ମତ ଦେବାକୁ କହିଥିଲେ। ଏହାର ଉତ୍ତରରେ ପାଲେକର କହିଥିଲେ, ମୁଁ ସେହି ସମ୍ପର୍କରେ କହିବାକୁ ଯାଉଛି। ତୁମେ ତା' ଉପରେ ସେନ୍‌ସରଶିପ୍ (ଦୋଷଗୁଣ ସମୀକ୍ଷା କାର୍ଯ୍ୟ) ପ୍ରୟୋଗ କରୁଛ କି? ସ୍ଥାନୀୟ କଳାକାରଙ୍କ ସମିତିଗୁଡ଼ିକୁ ଭାଙ୍ଗି ଦିଆଯାଉଛି। ଏହାସହ କେଉଁ କଳାକାରଙ୍କ ପ୍ରଦର୍ଶନୀ ଚାଲିବ ତାହା ଦିଲ୍ଲୀରେ ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ସ୍ଥିର କରାଯାଉଛି ବୋଲି ପାଲେକର ସମାଲୋଚନା କରିଥିଲେ। ଏତିକିବେଳେ ଜଣେ ମହିଳା କହିଥିଲେ, ବର୍ତ୍ତମାନ ଏହା କହିବା ଦରକାର ନାହିଁ। ପ୍ରଭାକର ବାରୱେଙ୍କ ଉପରେ ଏହି କାର୍ଯ୍ୟକ୍ରମ ହେଉଛି, ସେ ସମ୍ପର୍କରେ କୁହନ୍ତୁ। ହେଲେ ପାଲେକର ସେଇଠି ନ ଅଟକି କହି ଚାଲିଥିଲେ। ନିକଟରେ ମରାଠୀ ସାହିତ୍ୟ ସମ୍ମିଳନୀକୁ ଲେଖିକା ନୟନତାରା ସେହଗଲଙ୍କୁ ନିମନ୍ତ୍ରଣ କରାଯାଇଥିଲା। କିନ୍ତୁ ସେ ଆମ ଚତୁଃପାର୍ଶ୍ୱର ସ୍ଥିତି ସମ୍ପର୍କରେ କହିଥାନ୍ତେ ବୋଲି ଆଶଙ୍କା କରି ଶେଷ ମୁହୂର୍ତ୍ତରେ ତାଙ୍କଠାରୁ ନିମନ୍ତ୍ରଣପତ୍ର ପ୍ରତ୍ୟାହାର କରାଯାଇଥିଲା। ଆମେ ଏଠାରେ ସମାନ ପରିସ୍ଥିତି ସୃଷ୍ଟି କରିବାକୁ ଯାଉଛେ କି ବୋଲି ପାଲେକର ପ୍ରଶ୍ନ କରିଥିଲେ। ଏହି ସବୁ ଦୃଶ୍ୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେବା ପରେ ଅଭିବ୍ୟକ୍ତି ସ୍ୱାଧୀନତା କ୍ଷୁଣ୍ଣ ହେଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ବିରୋଧୀ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ପାଲେକରଙ୍କ ଭଳି ଜଣେ ବର୍ଷିୟାନ ଅଭିନେତାଙ୍କୁ କହିବାକୁ ନ ଦେଇ ଅସନ୍ତୋଷର ସ୍ୱରକୁ ଚପାଇ ଦେବାକୁ ସଂସ୍କୃତି ମନ୍ତ୍ରଣାଳୟ ଏବଂ ଏନ୍‌ଜିଏମ୍‌ଏ ଉଦ୍ୟମ କରିଛି ବୋଲି କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ ବିବାଦ ପରେ ଏନ୍‌ଜିଏମ୍‌ଏ ମହାନିର୍ଦ୍ଦେଶକ ଅଦ୍ୱୈତ ଗଡ଼ନାୟକ ଅଭିଯୋଗକୁ ଖଣ୍ଡନ କରିଛନ୍ତି।

## ଫୁର୍‌ସତ

# ଦୁର୍ଘଟଣା ପରେ ଡ୍ରାଇଭିଂ ଲାଇସେନ୍ସ ଫେରାଇଲେ ପ୍ରିନ୍ସ ଫିଲିପ୍

**ଲଣ୍ଡନ:** ପରିଣତ ବୟସରେ କାର୍ ଚଳାଇ ଦୁର୍ଘଟଣା ଘଟାଇବା ପରେ ପ୍ରିନ୍ସ ଫିଲିପ୍ (୯୭) ତାଙ୍କର ଡ୍ରାଇଭିଂ ଲାଇସେନ୍ସ ପୋଲିସକୁ ହସ୍ତାନ୍ତର କରିଛନ୍ତି। ରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ସ୍ୱାମୀ ଫିଲିପ୍ ଲ୍ୟାଣ୍ଡ ରୋଭର ଗାଡ଼ିକୁ ପାର୍ଶ୍ୱବର୍ତ୍ତୀ ରାସ୍ତାରୁ ମୁଖ୍ୟରାସ୍ତାକୁ ନେଉଥିବାବେଳେ ଏକ କାର୍‌କୁ ଧକ୍କା ଦେଇଥିଲେ। କାର୍‌ରେ ଯାତ୍ରା କରୁଥିବା ଟାଉନ୍‌ସେଣ୍ଡ ନାମକ ଜଣେ ଶିକ୍ଷକ ଏବଂ ତାଙ୍କ ବନ୍ଧୁ ଏମା ଫେୟାରୱେଦର ଆହତ ହୋଇଥିଲେ। ଏହି ଦୁର୍ଘଟଣା ନେଇ ଜାନୁୟାରୀ ୧୭ରୁ ନର୍‌ଫକ୍ ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ବୃଦ୍ଧ ବୟସରେ ବେପରୁଆ ଗାଡ଼ି ଚାଳନାଜନିତ ଆଇନଗତ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ପ୍ରିନ୍ସ ଫିଲିପ୍ ସ୍ୱତଃସ୍ଫୂର୍ତ୍ତ ଭାବେ ତାଙ୍କ ଡ୍ରାଇଭିଂ ଲାଇସେନ୍ସ ଶନିବାର ପୋଲିସ ଅଧିକାରୀଙ୍କଠାରେ ସମର୍ପଣ କରିଥିବା ଜଣାଯାଇଛି। ଏହି ଦୁର୍ଘଟଣାର ତଦନ୍ତ ରିପୋର୍ଟ କ୍ରାଉନ ପ୍ରସିକ୍ୟୁଶନ ସର୍ଭିସ୍ ନିକଟକୁ ପଠାଇ ଦିଆଯାଇଥିବା ନର୍‌ଫକ୍ ପୋଲିସ ପ୍ରବକ୍ତା କହିଛନ୍ତି।



# କୁମ୍ଭମେଳାରେ ୯ ବିଦେଶୀଙ୍କୁ 'ମହାମଣ୍ଡଳେଶ୍ୱର'

**ପ୍ରୟାଗରାଜ**

ଜାନୁୟାରୀ ୧୫ ମକର ସଂକ୍ରାନ୍ତି ତିଥିରେ କୁମ୍ଭମେଳା ପ୍ରଥମସ୍ନାନ ସହିତ ଆରମ୍ଭ ହୋଇଥିଲା। ଏହା ମାର୍ଚ୍ଚ ୪ ମହା ଶିବରାତ୍ରିରେ ସମ୍ପନ୍ନ ହେବ। ଶନିବାର କୁମ୍ଭମେଳାରେ ନିର୍ମୋହୀ ଆଖଡା ଦ୍ୱାରା ୯ଜଣ ବିଦେଶୀ ନାଗରିକଙ୍କୁ ମହାମଣ୍ଡଳେଶ୍ୱର ଉପାଧି ପ୍ରଦାନ କରାଯାଇଛି। ସମଗ୍ର ବିଶ୍ୱରେ ସନାତନ ଧର୍ମର ପ୍ରଚାର ପ୍ରସାର କରିବା ଉକ୍ତ ଉପାଧି ପ୍ରଦାନର ଉଦ୍ଦେଶ୍ୟ। ଚଳିତବର୍ଷ ପ୍ରଥମଥର ପାଇଁ କୁମ୍ଭମେଳାରେ ୯ ବିଦେଶୀଙ୍କୁ ସନାତନ ଧର୍ମରେ ଦୀକ୍ଷିତ କରାଯାଇଛି। ରବିବାର ବସନ୍ତ ପଞ୍ଚମୀ ତିଥି ତଥା ଶେଷ 'ଶାହି ସ୍ନାନ'ରେ ପ୍ରାୟ ୨କୋଟି ଶ୍ରଦ୍ଧାଳୁ ତ୍ରିବେଣୀ ସଂଗମରେ ପବିତ୍ର ବୁଡ଼ ପକାଇଥିଲେ। ଏହି ତିଥିରେ ୩ଥର ବୁଡ ପକାଇଲେ ଗଙ୍ଗା, ଯମୁନା ଓ ସରସ୍ୱତୀଙ୍କର ଆଶୀର୍ବାଦ ଲାଭ କରିହୁଏ ବୋଲି ବିଶ୍ୱାସ ରହିଛି। କୁମ୍ଭମେଳା ପାଇଁ ଉତ୍ତରପ୍ରଦେଶ ପୋଲିସ କଡା ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିଛି। ସଙ୍ଗମ ସିଟିର ୩,୨୦୦ ହେକ୍ଟର ପରିମିତ ଅଞ୍ଚଳରେ ବ୍ୟାପକ ପୋଲିସ ମୁତୟନ ଅଛନ୍ତି।



ଧରିତ୍ରୀ Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : www.dharitri.com

# MOCK TEST PAPER # 7

## CLASS-XII (CHEMISTRY)

**Time Allowed : 3 hours** **Maximum Marks: 70**

### GENERAL INSTRUCTIONS

*i.* ***All questions are compulsory***

*ii.* ***Q. No. 1 to 5 are very short answer questions and carry 1 mark each.***

*iii.* ***Q. No.6 to 12 are short answer questions and carry 2 marks each.***


*iv.* ***Q No. 13 to 24 are also short answer questions and carry 3 marks each.***

*v.* ***Q. No. 25 to 27 are long answer questions and carry 5 marks each.***

*vii.* ***Use log tables if necessary, use of calculators is not allowed.***

**1.** Why is hydrogen sulphide, with greater molar mass, a gas, while water a liquid at room temperature?

**2.** Give the IUPAC name of the following compound:



**3.** For the reaction $A \rightarrow B$, rate becomes eight times when the concentration of A is dobled. What is the order of the reaction ?

**4.** What is the cause of Brownian movement observed in colloidal solution ?

**5.** Write the reaction that indicates the presence of a primary alcoholic group in glucose.

**6.** Draw the structure of xenon oxyfluoride molecule whiuch is isoelectronic with $IF_5$.

**7.** What is the shape of the complex used as an antitumour agent in treatment of cancer ?

**8.** Dipole moment of phenol is smaller than that of methanol. Why ?

**9.** a. Write Nernst equation to calculate the cell $Mg_{(s)} | Mg^{+2}_{(aq)} || Ag^{+}_{(aq)} | Ag_{(s)}$

b. Calculate the potential of hydrogen electrode in contact with a solution whose pH is 10.

**10.** Show that in a first order reaction, time required for completion of 99.9% is 10 times of half-life ($t_{1/2}$) of the reaction.

**OR**

Show that in a first order reaction, time required for 99% completion is twice the time required for the completion of 90% reaction.

**11.** Glucose forms an oxime but glucose pentacetate does not. Explain.


**12.** Which forces are involved in holding the drugs to the active sites of enzymes ?

**13.** Do the following conversions.

i. Bromomethane to propanone

ii. 1-Bromopropane to 2-bromopropane

**14.** For a chemical reaction, a graph is shown below.




i. What is the order of the reaction ?

ii. What is the unit of rate constant k for the reaction ?

**15.** Explain why $[Fe(H_2O)_6]^{3+}$ has magnetic moment value of 5.92 BM whereas $[Fe(CN)_6]^{3-}$ has a value of only 1.74 BM.

**16.** Give reason for the following

i. Aniline is a weaker base than cyclohexyl-amine.

ii. Ammonolysis of alkyl halide does not give a corresponding amine in pure state.

**17.** Write the following reactions:

i. Carbylamine reaction ii. Coupling reaction

**18.** If NaCl is dopped with $10^{-3}$ mol % of $SrCl_2$, what is the concentration of cation vacancies ?

**19.** In the button cell widely used in watches, the following reaction takes place:

$Zn(s) + Ag_2O(s) + H_2O(l) \rightarrow Zn^{2+}_{(aq)} + 2Ag(s) + 2OH^{-}_{(aq)}$

Determine $E^0$ and $\Delta G^0$ for the reaction.

Given: $E^{\circ}_{Ag^{+}/Ag} = 0.80$ V, $E^{\circ}_{Zn^{2+}/Zn} = -0.76$ V

**20.** Explain what is observed:

i. when a beam of light is passed through a colloidal solution.

ii. an electrolyte is added to hydrated ferric oxide sol.

iii. electric current is passed through a colloidal solution.

**21.** a. Name the element that is purified by

i. zone refining process ii. van Arkel method.

b. The value of $\Delta_f G^{\circ}$ for formation of $Cr_2O_3$ is –540 kJ mol$^{-1}$ and that of $Al_2O_3$ is –827 kJ mol$^{-1}$. Is the reduction of $Cr_2O_3$ possible with aluminium ?

**OR**

a. What is the role of depressant in froth floatation process ? Give one example.

b. Describe the principle involved in Mond process for refining of nickel.

**22.** a. Draw the structures of the following molecules:

i. $H_2S_2O_8$ ii. $IF_7$

b. Unlike phosphorus, nitrogen shows little tendency for catenation. Why ?

c. What happens when orthophosphorosu acid is heated ?

**23.** a. Of the two bases named below, which one is present in RNA and which one is present in DNA?

i. Thymine ii. Uracil

b. The deficiency of which vitamin causes the following diseases ?

i. Pernicious anaemia ii. Xerophthalmia

c. Give one structural difference between amylose and amylopectin.

**24.** a. Write the reaction of preparation of melamine formaldehyde resin.

b. How is dacron obtained from ethylene glycol and terephthalic acid ?

c. Write the formulae of the monomers of (i) Natural rubber (ii) Nylon 6

**25.** a. State Raoult's law for solutions of volatile liquids. Explain the meaning of positive and negative deviations from Raoult's law. Also give examples.

b. Vapour pressure of chloroform ($CHCl_3$) and dichloromethane ($CH_2Cl_2$) at 298 K are 200 mm Hg and 415 mm Hg respectively. Calculate the vapour pressure of teh solution prepared by mixing 25.5 g of $CHCl_3$ and 40g of $CH_2Cl_2$ at 298 K.

**OR**

a. Define the term osmotic pressure. Describe how the molecular mass of a substance can be determined by a method based on measurement of osmotic pressure.

b. At 300 K, 36g of glucose $C_6H_{12}O_6$ present per litre in its solution has an osmotic pressure of 4.98 bar. If the osmotic pressure of another solution is 1.52 bar at the same temperature, calculate the concentration of the other solution.

**26.** a. Answer the following questions with reasons.

i. Which element of the first transition series has highest second ionisation enthalpy ?

ii. Which element of the first transition series has highest third ionisation enthalpy ?

iii. Which element of the first transition series has lowest enthalpy of atomisation ?

b. Complete the following reactions:

i. $SO_2 + Cr_2O_7^{2-} + H^+ \rightarrow$

ii. $S_2O_3^{2-} + MnO_4^- + H_2O \rightarrow$

**OR**

a. When a chromite ore (A) is fused with sodium carbonate in free excess of air and the product is dissolved in water, a yellow solution of compound (B) is obtained. After treatment of this yellow solution with sulphuric acid, compound (C) can be crystallized from the solution. When compound (C) is treated with KCl, orange crystals of compound (D) crystallize out. Identify A to D and also write the reactions involved.

b. Write the structures of

i. dichromate ion ii. manganate ion.

**27.** a. i. Carboxylic acid is a stronger acid than phenol. Why ?

ii. Arrange the following compounds in decreasing order of their acidic strength:

$C_6H_5COOH$, $CH_3COOH$, HCOOH

b. An organic compound (A) having molecular formula ($C_8H_{16}O_2$) was hydrolyzed with dilute sulphuric acid to give two compounds (B) and (C). Oxidation of (C) with chromic acid produced (B). (C) on dehydration gives but-1-ene. Write equations for the reactions involved.

**OR**

a. How will you prepare the following compounds starting with benzene.

i. Benzaldehyde ii. Acetophenone ?

b. Write the following conversions in nor more than two steps.

i. Benzaldehyde $\alpha$-hydroxyphenylacetic acid.

ii. Bromobenzene to 1-phenylethanol

iii. Benzaldehyde to benzophenone.

For Answers visit: www.dharitri.com

ADMISSION OPEN FOR (CRASH COURSE - ENGINEERING & MEDICAL)

Vidyamandir Classes
GURUKUL FOR IITJEE AND MEDICAL PREPARATION

Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
SCHOOL INTEGRATED PROGRAM (Xth Going to XIth Student), Ph. No. 0674 - 2421400, 2421800, 85990 87100 / 85990 87200
VMC Bhubaneswar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, Bhubaneswar, Odisha
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

# ଏକ ସଫଳ ମହାକାଶ ଦୂରବୀକ୍ଷଣ ଯନ୍ତ୍ରର ପରିସମାପ୍ତି





**ଇଂ. ମାୟାଧର ସ୍ୱାଇଁ**

ଯୁକ୍ତରାଷ୍ଟ୍ର ଆମେରିକାର ମହାକାଶ ସଂସ୍ଥା 'ନାସା' ୨୦୦୯ ମାର୍ଚ୍ଚ ୭ ତାରିଖରେ ଗୋଟିଏ ଦୂରବୀକ୍ଷଣ ଯନ୍ତ୍ରକୁ ମହାକାଶରେ ଅବସ୍ଥାପିତ କରିଥିଲା। ଏହା ପୃଥିବୀ ପୃଷ୍ଠରୁ ୧୫୦ ନିୟୁତ କିମି ଉଚ୍ଚରେ ସୂର୍ଯ୍ୟକୁ ପ୍ରତି ୩୭୨.୫ ଦିନରେ ଥରେ ପରିକ୍ରମଣ କରୁଛି। ଯାନର ଲମ୍ବ ଓ ଓସାର ଯଥାକ୍ରମେ ହେଉଛି ୪.୭ ମିଟର ଓ ୨.୭ ମିଟର। ଏହି ଦୂରବୀକ୍ଷଣ ଯନ୍ତ୍ରର ମୁଖ୍ୟ ଦର୍ପଣର ବ୍ୟାସ ହେଉଛି ୧.୪ ମିଟର। ଏଥିରେ କେବଳ ଗୋଟିଏ ଯନ୍ତ୍ର ଖଞ୍ଜାଯାଇଛି। ଏହା ହେଉଛି ଗୋଟିଏ ଶକ୍ତିଶାଳୀ ଫଟୋମିଟର ବା କ୍ୟାମେରା। ଏହାର ନାମ ହେଉଛି 'କେପ୍‌ଲର ମହାକାଶ ଦୂରବୀକ୍ଷଣ ଯନ୍ତ୍ର'। ବିଶିଷ୍ଟ ଜର୍ମାନୀ ଜ୍ୟୋତିର୍ବିଦ୍ ଜୋହାନ୍ସ କେପ୍‌ଲରଙ୍କ ନାମାନୁସାରେ ଏହାର ନାମକରଣ କରାଯାଇଛି।

ସୌରଜଗତ ବାହାରେ ଥିବା ଗ୍ରହଗୁଡିକୁ ଚିହ୍ନଟ କରିବା ଏହାର ମୁଖ୍ୟ ଲକ୍ଷ୍ୟ ଥିଲା। ପୁନଶ୍ଚ ବିଶ୍ୱର ଅନ୍ୟ କେଉଁ ନକ୍ଷତ୍ର ଚାରିପଟେ ପୃଥିବୀ ପରି ଗ୍ରହ ଅଛି। ତାହାର ଅନୁସନ୍ଧାନ କରିବା ଏହାର ଲକ୍ଷ୍ୟ ଥିଲା। ଆରମ୍ଭରୁ ଏହା ସାଢ଼େ ତିନି ବର୍ଷ ପାଇଁ କାର୍ଯ୍ୟ କରିବାକୁ ସ୍ଥିର କରାଯାଇଥିଲା। ଆକାଶରେ ସିଗନସ୍ ନକ୍ଷତ୍ରମଣ୍ଡଳ ନିକଟରେ ଥିବା ୧୫୦୦୦୦ଟି ନକ୍ଷତ୍ରକୁ ଅନବରତ ପର୍ଯ୍ୟବେକ୍ଷଣ କରି ସେଗୁଡ଼ିକର ଗ୍ରହକୁ ଅଧ୍ୟୟନ କରିବା ଏହାର ଲକ୍ଷ୍ୟ ଥିଲା।

କେପ୍‌ଲର ମହାକାଶରେ ସଫଳତାର ସହ କାର୍ଯ୍ୟ କରି ଏହାର ଈପ୍‌ସିତ ଲକ୍ଷ୍ୟକୁ ଅତିକ୍ରମ କରିଯାଇଛି। ଏହାର କାର୍ଯ୍ୟକାଳ ସାଢ଼େ ତିନି ବର୍ଷ ଠିକ୍ କରାଯାଇଥିଲେ ସୁଦ୍ଧା ଏହା ସାଢ଼େ ନଅ ବର୍ଷ କାର୍ଯ୍ୟ କରି ଅନେକ ନକ୍ଷତ୍ର, ଗ୍ରହ ସୁପରନୋଭା ଆଦି ଆବିଷ୍କାର କରିଛି। ଶେଷରେ ଏହାର ଇନ୍ଧନ ଶେଷ ହୋଇଯିବାରୁ ନାସା ଗତବର୍ଷ ଅକ୍ଟୋବର ୩୦ ତାରିଖରେ ଏହାର କାର୍ଯ୍ୟକାଳ ଶେଷ ହୋଇଛି ବୋଲି ଘୋଷଣା କଲା।

କେପ୍‌ଲର ତା'ର କାର୍ଯ୍ୟକାଳ ମଧ୍ୟରେ ୨୬୦୦ରୁ ଅଧିକ ସୌରେତର ଗ୍ରହ ଆବିଷ୍କାର କରିଛି। ଏଥିମଧ୍ୟରୁ କେତୋଟି ଗ୍ରହ ହେଉଛି ଆମ ପୃଥିବୀ ଆକାରର ଏବଂ ଏଗୁଡ଼ିକ ମଧ୍ୟ ପୃଥିବୀ ଭଳି ପଥୁରିଆ ଗ୍ରହ। ଏଥିମଧ୍ୟରୁ କେତେକ ଗ୍ରହ ସେମାନଙ୍କ ନକ୍ଷତ୍ରର 'ବାସଯୋଗ୍ୟ ଅଞ୍ଚଳ'ରେ ଥିବାରୁ ସେଗୁଡ଼ିକରେ ଜୀବଜଗତ ଥିବାର ସମ୍ଭାବନା ଅଛି। ଗୋଟିଏ ନକ୍ଷତ୍ରର କୌଣସି ଗ୍ରହରେ ଜୀବଜଗତର ଉଦ୍ଭବ ନକ୍ଷତ୍ରଠାରୁ ଏହାର ନିର୍ଦ୍ଦିଷ୍ଟ ଦୂରତା ଉପରେ ନିର୍ଭର କରେ। ଏହାକୁ ବାସଯୋଗ୍ୟ ଅଞ୍ଚଳ କୁହାଯାଏ। ଏହି ଅଞ୍ଚଳର ତାପମାତ୍ରା ଅଧିକ କିମ୍ବା କମ୍ ହୋଇ ନ ଥାଏ। ଏବଂ ଏହାର ଜୀବଜଗତ ପାଇଁ ଉପଯୁକ୍ତ ହୋଇଥାଏ। ପୁନଶ୍ଚ ଏହି ତାପମାତ୍ରାରେ ସେଠାରେ ଜଳ ତରଳ ଅବସ୍ଥାରେ ଥାଏ। ସୌରଜଗତରେ କେବଳ ପୃଥିବୀ ବାସଯୋଗ୍ୟ ଅଞ୍ଚଳରେ ଅଛି ଏବଂ ଫଳରେ ଏଠାରେ ଏକ ଉନ୍ନତ ଜୀବଜଗତ ଗଢ଼ି ଉଠିଛି। କେପ୍‌ଲର ପଠାଇଥିବା ତଥ୍ୟରୁ ଏହିପରି ବାସଯୋଗ୍ୟ ଅଞ୍ଚଳରେ ଥିବା କେତେକ ଗ୍ରହକୁ ଠାବ କରାଯାଇଛି। ସେସବୁରେ ଜୀବଜଗତ ଅଛି ନା ନାହିଁ, ତାହା ଏବେ ଅଧ୍ୟୟନ କରାଯାଇଛି।



**କେପ୍‌ଲର ସୌରଜଗତ ବାହାରେ ଗ୍ରହକୁ ଠାବ କରିବା ସଙ୍ଗେ ସଙ୍ଗେ ସେଗୁଡ଼ିକର ଉଜ୍ଜ୍ୱଳତା, ଆକାର, ବସ୍ତୁତ୍ୱ, ସାନ୍ଦ୍ରତା ଓ କକ୍ଷ ମଧ୍ୟ ନିର୍ଦ୍ଧାରିତ କରିଛି। କେପ୍‌ଲର ତଥ୍ୟକୁ ବିଶ୍ଳେଷଣ କରି ଜ୍ୟୋତିର୍ବିଦ୍‌ମାନେ ପ୍ରକାଶ କରିଛନ୍ତି ଯେ, ଆକାଶଗଙ୍ଗା ଗାଲାକ୍ସିରେ ଯେତିକି ନକ୍ଷତ୍ର ଅଛି, ତା'ଠାରୁ ଅଧିକ ଗ୍ରହ ଅଛି...**

କେପ୍‌ଲର ସୌରଜଗତ ବାହାରେ ଗ୍ରହକୁ ଠାବ କରିବା ସଙ୍ଗେ ସଙ୍ଗେ ସେଗୁଡ଼ିକର ଉଜ୍ଜ୍ୱଳତା, ଆକାର, ବସ୍ତୁତ୍ୱ, ସାନ୍ଦ୍ରତା ଓ କକ୍ଷ ମଧ୍ୟ ନିର୍ଦ୍ଧାରିତ କରିଛି। କେପ୍‌ଲର ତଥ୍ୟକୁ ବିଶ୍ଳେଷଣ କରି ଜ୍ୟୋତିର୍ବିଦ୍‌ମାନେ ପ୍ରକାଶ କରିଛନ୍ତି ଯେ, ଆକାଶଗଙ୍ଗା ଗାଲାକ୍ସିରେ ଯେତିକି ନକ୍ଷତ୍ର ଅଛି, ତା'ଠାରୁ ଅଧିକ ଗ୍ରହ ଅଛି।

କେପ୍‌ଲର ଆବିଷ୍କାର କରିଥିବା ଗ୍ରହଗୁଡ଼ିକୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇଥାଏ। ପ୍ରଥମଟି ହେଉଛି ଗ୍ୟାସୀୟ ଦାନବ ଗ୍ରହ, ଯାହା ଆମ ସୌରଗତର ବୃହସ୍ପତିରେ ଆକାର ସହ ସମାନ କିମ୍ବା ତା'ଠାରୁ ବଡ଼। ଦ୍ୱିତୀୟ ଶ୍ରେଣୀ ହେଉଛି କମ୍ ପରିକ୍ରମଣ ସମୟ ଥିବା ଉତ୍ତପ୍ତ ସୁପର ଆର୍ଥ, ଅର୍ଥାତ୍ ପୃଥିବୀଠାରୁ ବଡ଼ ଓ ନକ୍ଷତ୍ରର ନିକଟତର ଥିବା ଗ୍ରହ। ତୃତୀୟ ଶ୍ରେଣୀ ହେଉଛି ନକ୍ଷତ୍ରଠାରୁ ଦୂରରେ ଥିବା ବରଫୀୟ ଦାନବ ଗ୍ରହ। ଏହିପରି ଭାବେ କେପ୍‌ଲର ଆମକୁ ବିଭିନ୍ନ ପ୍ରକାର ଗ୍ରହର ସୂଚନା ଦେଇଛି। କିନ୍ତୁ ଆମର ଲକ୍ଷ୍ୟ ହେଉଛି ନକ୍ଷତ୍ରର ବାସଯୋଗ୍ୟ ଅଞ୍ଚଳରେ ଥିବା ପୃଥିବୀ ଆକାରର ଗ୍ରହ। କେପ୍‌ଲର ତଥ୍ୟକୁ ବିଶ୍ଳେଷଣ କରି ନାସା ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି ଯେ, ରାତିରେ ଆକାଶରେ ଦେଖାଯାଉଥିବା ନକ୍ଷତ୍ରଗୁଡ଼ିକର ୨୦ ରୁ ୫୦ ପ୍ରତିଶତ ନକ୍ଷତ୍ରରେ ଆମ ପୃଥିବୀ ପରି ଛୋଟ ଓ ପଥୁରିଆ ଗ୍ରହ ଥାଇପାରେ ଏବଂ ଏଗୁଡ଼ିକ ନକ୍ଷତ୍ରର ବାସଯୋଗ୍ୟ ଅଞ୍ଚଳରେ ରହିଥାଇପାରନ୍ତି। କେବଳ ପାଞ୍ଚ ଲକ୍ଷରୁ ଅଧିକ ନକ୍ଷତ୍ରକୁ ପର୍ଯ୍ୟବେକ୍ଷଣ କରି ସେଗୁଡ଼ିକ ସମ୍ବନ୍ଧରେ ବିଶଦ ତଥ୍ୟା ପଠାଇଛି।

ମହାକାଶ ଅଧ୍ୟୟନ ଓ ଅଭିଯାନରେ କେପ୍‌ଲର ମହାକାଶ ଦୂରବୀକ୍ଷଣ ଯନ୍ତ୍ର ହେଉଛି ଗୋଟିଏ ମାଇଲଖୁଣ୍ଟ। ଏହାର କାର୍ଯ୍ୟକାଳ ସମାପ୍ତ ହେବା ପୂର୍ବରୁ ନାସା ଏହି ବର୍ଷ ଏପ୍ରିଲ ମାସରେ ଅନ୍ୟ ଏକ ଗ୍ରହଖୋଜାଳି ଦୂରବୀକ୍ଷଣ ଯନ୍ତ୍ରକୁ ମହାକାଶରେ ଅବସ୍ଥାପିତ କରିଛି। ଏହାର ନାମ ହେଉଛି ଟେସ୍।


୭୦, ଲକ୍ଷ୍ମୀବିହାର, ଫେଜ୍-୧,
ଭୁବନେଶ୍ୱର
ମୋ: ୯୯୩୮୬୯୩୭୨୯

## ଅଳ୍ପରେ...

**ଏକାଗ୍ରତା ବଢ଼ାଏ ଚା':** ଭାରାକ୍ରାନ୍ତ ମନକୁ ହାଲକା କରିବାର ଏକ ସହଜ ଉପାୟ ହେଲା ଚା' ପିଇବା। ଏହାର ଅନେକ ଉପକାରୀ ଗୁଣ ରହିଛି। ଚା' ପିଇବା ଦ୍ୱାରା ଜଣେ ବ୍ୟକ୍ତିଙ୍କର ଏକାଗ୍ରତା ବଢ଼ିଥାଏ ବୋଲି ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ପ୍ରତିଦିନ ନିର୍ଦ୍ଦିଷ୍ଟ ପରିମାଣର ଚା' ପିଉଥିବା କିଛି ବ୍ୟକ୍ତିଙ୍କର ଜୀବନଶୈଳୀକୁ ଅନୁଧ୍ୟାନ କରି ସେମାନେ ଏକଥା ଜାଣିପାରିଛନ୍ତି। ହେଲେ ଅତ୍ୟଧିକ ଚା' ପିଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି।



**'ଟି' ସେଲ୍‌ରେ ପରିବର୍ତ୍ତନ ବ୍ୟବହାରକୁ ପ୍ରଭାବିତ କରେ :** ଶରୀରରେ ଭିତରେ ଥିବା 'ଟି' ସେଲରେ ଯଦି ପରିବର୍ତ୍ତନ ଲକ୍ଷ୍ୟ କରାଯାଏ ତେବେ ତାହା ସେହି ବ୍ୟକ୍ତିଙ୍କର ବ୍ୟବହାରକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି। ଏଭଳି ମତବକ୍ତ କରିଛନ୍ତି ୱାଶିଂଟନ ୟୁନିଭର୍ସିଟିର ବିଶେଷଜ୍ଞମାନେ। ବିଶେଷଭାବରେ ଆମର ଇମ୍ୟୁନ ସିଷ୍ଟମରେ ଏହି ସେଲ୍ ରହିଥାଏ। ଇମ୍ୟୁନ (ରୋଗ ପ୍ରତିରୋଧକ) ଶକ୍ତି ପ୍ରଭାବିତ ହେଲେ ଏହି ସେଲ୍‌ରେ ଅସନ୍ତୁଳନ ଲକ୍ଷ୍ୟ କରାଯାଇଥାଏ। ଖାସ୍ କଥା ହେଲା ଏହାର ପ୍ରଭାବ କେତେକାଂଶରେ ଜଣେ ବ୍ୟକ୍ତିଙ୍କର ବ୍ୟବହାର ଉପରେ ପଡିଥାଏ ବୋଲି ସେମାନେ ଗବେଷଣାରୁ ଜାଣିପାରିଛନ୍ତି।



**କୋଲେଷ୍ଟରଲକୁ ନିୟନ୍ତ୍ରଣ କରେ ଟମାଟୋ :** ଟମାଟୋରେ ଅନେକ ସ୍ୱାସ୍ଥ୍ୟପୋକାରୀ ଗୁଣ ଭରି ରହିଛି। ଆମ ଶରୀରେ ଏଲଡିଏଲ କୋଲେଷ୍ଟରଲ ପରିମାଣକୁ ସନ୍ତୁଳିତ ରଖିଥାଏ। ଅନ୍ୟପକ୍ଷରେ ଜଣେ ହୃଦରୋଗୀ ଏହାକୁ ନିଜର ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି। ଟମାଟୋରେ ଲାଇକୋପେନ୍ ନାମକ ଏକ ଆଣ୍ଟିଅକ୍ସିଡାଣ୍ଟ ରହିଛି। ଏହି ତତ୍ତ୍ୱ କୋଲେଷ୍ଟରଲକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହୋଇଥାଏ।



## ଆଜ୍‌ମା : କେତେକିଛି କଥା



❖ଆଜ୍‌ମା ବା ଶ୍ୱାସ ରୋଗ ହେଲେ ଶ୍ୱାସକ୍ରିୟାରେ କଷ୍ଟ ହୋଇଥାଏ। ଏହାର ଲକ୍ଷଣ ଜାଣିବା ମାତ୍ରେ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସା କରାଇ ନିଅନ୍ତୁ।


❖ଧୂଳିକଣା, ଧୂଆଁ, ଅତର, ରଙ୍ଗ, ପୋଷାକରୁ ସୃଷ୍ଟି ଆଲର୍ଜି ଆଜମାର କାରଣ ସାଜିଥାଏ।

❖ଆଜମା ରୋଗୀର ଶ୍ୱାସ ନଳୀ ସଙ୍କୁଚିତ ହୋଇଯିବା ଫଳରେ ଶ୍ୱାସକ୍ରିୟାରେ କଷ୍ଟ ହୋଇଥାଏ।

❖ଶ୍ୱାସନଳୀ ସଂକ୍ରମଣ ହୋଇଯିବା ଦ୍ୱାରା ଏଥିରେ ଆକ୍ରାନ୍ତ ବ୍ୟକ୍ତିଙ୍କର ଅବସ୍ଥା ଜଟିଳ ଦିଗକୁ ଗତି କରେ। ସଠିକ ଭାବରେ ଶ୍ୱାସକ୍ରିୟା ନ ହେବା ଦ୍ୱାରା ରୋଗୀ ଧଇଁସଇଁ ହୋଇଯାଏ। ଫଳରେ ତାକୁ କୃତିମ ଶ୍ୱାସକ୍ରିୟାରେ ରଖି ଚିକିତ୍ସା କରାଯାଏ।

❖ଆଜ୍‌ମା ଦ୍ୱାରା ଆକ୍ରାନ୍ତ ବ୍ୟକ୍ତି ସବୁବେଳେ ସଫାସୁତର ପରିବେଶରେ ରହିବା ଦରକାର। କାରଣ ଧୂଳି ସଂସ୍ପର୍ଶରେ ଆସିଲେ ଏହି ରୋଗର ପ୍ରକୋପ ବଢ଼ିଯାଏ।

## କ୍ୟାନସର ଚିହ୍ନଟର ନୂଆ ଉପାୟ



ସମଗ୍ର ବିଶ୍ୱରେ ଚିନ୍ତାର କାରଣ ପାଲଟିଥିବା ପ୍ରମୁଖ କେତୋଟି ରୋଗ ମଧ୍ୟରୁ କ୍ୟାନ୍‌ସର ଅନ୍ୟତମ। ପ୍ରାରମ୍ଭିକ ଅବସ୍ଥାରେ କେତେକ କ୍ୟାନ୍‌ସରକୁ ଚିହ୍ନଟ କରାଯାଇପାରିଲେ ଏଥିରୁ ଆରୋଗ୍ୟ ମିଳି ପାରୁଛି। ନଚେତ୍, ସମୟକ୍ରମେ ଏହା ଜଟିଳ ପରିସ୍ଥିତି ଧାରଣ କରି ଜୀବନନାଶକ ସାଜିଥାଏ। ନିକଟରେ ଅଷ୍ଟ୍ରେଲିଆସ୍ଥିତ ସିଡନୀ ବିଶ୍ୱବିଦ୍ୟାଳୟର କ୍ୟାନସର ବିଜ୍ଞାନୀ କ୍ୟାନ୍‌ସରକୁ ଚିହ୍ନଟ କରିବାର ଏକ ନୂଆ ଉପାୟ ଖୋଜି ପାଇଛନ୍ତି। ସେମାନେ 'ଡି-୩' ନାମକ ଏକ ଉପକରଣ ପ୍ରସ୍ତୁତ କରିଛନ୍ତି। ଏହାକୁ ଏକ ସ୍ମାର୍ଟ ଫୋନ୍ ସହ ସଂଯୋଗ କଲେ ସ୍ମାର୍ଟଫୋନ୍‌ର କ୍ୟାମେରା ଏବଂ ଉକ୍ତ ଉପକରଣରେ ସଂଯୁକ୍ତ ଏଲଇଡି ଲାଇଟ୍ ସାହାଯ୍ୟରେ ଶରୀର ଭିତରେ ଥିବା ସେଲ୍ (କୋଷ)ର ଫଟୋ ଉଠାଇ ହେବ। ପରବର୍ତ୍ତୀ ସମୟରେ ଫଟୋରେ ଥିବା କୋଷଗୁଡିକୁ ତନ୍ନ ତନ୍ନ କରି ପରୀକ୍ଷା କରାଯାଇ କେଉଁ କୋଷ କ୍ୟାନସର ଦ୍ୱାରା ଆକ୍ରାନ୍ତ ତାହା ଠାବ କରିହେବ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷରେ ପରୀକ୍ଷାମୂଳକ ଭାବରେ ଏହି ଉପକରଣ ସଠିକ ଭାବରେ କାମ କରୁଥିବାର ସିଡନୀ ୟୁନିଭର୍ସିଟିର କ୍ୟାନସର ବିଜ୍ଞାନୀ ଜାଣିପାରିଛନ୍ତି।

# ଅପସ୍ମାର

**ଆଜି (ପ୍ରତିବର୍ଷ ଫେବୃୟାରୀ ଦ୍ୱିତୀୟ ସୋମବାର) ହେଉଛି ଅନ୍ତର୍ଜାତୀୟ ଅପସ୍ମାର ଦିବସ। ସେ ସମ୍ପର୍କରେ ଉପସ୍ଥାପନା...**



**ଡା. ନିତ୍ୟାନନ୍ଦ ସ୍ୱାଇଁ**

ଅପସ୍ମାର ଏକ ମସ୍ତିଷ୍କ ରୋଗ, ଯାହାକୁ ଡାକ୍ତରୀ ଭାଷାରେ 'ଏପିଲେପ୍‌ସି' କୁହାଯାଏ। 'ମୃଗୀ ରୋଗ' ନାମରେ ଏହା ମଧ୍ୟ ପରିଚିତ। ଅପସ୍ମାର ସମ୍ବନ୍ଧରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ପ୍ରତିବର୍ଷ ଫେବୃୟାରୀ ମାସ ଦ୍ୱିତୀୟ ସୋମବାର ପାଳିତ ହୋଇଥାଏ ଅନ୍ତର୍ଜାତୀୟ ଅପସ୍ମାର ଦିବସ ବା 'ଇଣ୍ଟରନ୍ୟାଶନାଲ ଏପିଲେପ୍‌ସି ଡେ'।

ଯେକୌଣସି ବୟସରେ ଏହି ରୋଗ ଆରମ୍ଭ ହୋଇପାରେ ଓ କାହା କାହାଠାରେ ସାରା ଜୀବନ ରହିଯାଏ। କେତେକଙ୍କ କ୍ଷେତ୍ରରେ ରୋଗଟିର କୌଣସି କାରଣ ନିର୍ଣ୍ଣୟ କରିହୁଏନି। ମାତ୍ର ଅନ୍ୟ କେତେକ ରୋଗୀଙ୍କଠାରେ ମସ୍ତିଷ୍କରେ ଆଘାତ ଲାଗିବା, ଜନ୍ମ ସମୟରେ ଶିଶୁଠାରେ ଅମ୍ଳଜାନର ଅଭାବ ଘଟିବା, ମସ୍ତିଷ୍କରେ ସଂକ୍ରମଣ କିମ୍ବା ଅର୍ବୁଦ ହୋଇଥିବା ଭଳି ସୂଚନା ମିଳିପାରେ। ଅପସ୍ମାରରେ ମସ୍ତିଷ୍କର କୌଣସି ନା କୌଣସି ସ୍ଥାନର ସ୍ନାୟୁକୋଷମାନ ଅସ୍ୱାଭାବିକ ଭାବରେ ସକ୍ରିୟ ତଥା ଉତ୍ତେଜିତ ହୋଇପଡ଼ନ୍ତି। ଏହାର ପ୍ରଭାବରେ କେତେକ ନିର୍ଦ୍ଦିଷ୍ଟ ମାଂସପେଶୀରେ ଅସ୍ୱାଭାବିକ ପ୍ରକାଶନ ବା ପେଶୀ ସଞ୍ଚାଳନ ଜାତ ହୋଇଥାଏ। ତେବେ ମାଂସପେଶୀରେ ସଂଘଟିତ ହେଉଥିବା ଏହି ପେଶୀ ସଞ୍ଚାଳନ ସମ୍ପୂର୍ଣ୍ଣ ଅନୈଚ୍ଛିକ। ଏହା ମସ୍ତିଷ୍କର ନିୟନ୍ତ୍ରଣାଧୀନ ସିନା, କିନ୍ତୁ ରୋଗୀର ଏହା ଉପରେ ଆଦୌ ପ୍ରଭାବ ନ ଥାଏ। ରୋଗୀ ନିଜ ଇଚ୍ଛାରେ ନିଜଠାରେ ବାତମାରିବା ଲକ୍ଷଣ ପ୍ରକାଶ କରିପାରେ ନାହିଁ। ମସ୍ତିଷ୍କସ୍ଥିତ ଅଲଗା ଅଲଗା ଅଞ୍ଚଳରୁ ବୈଦ୍ୟୁତିକ ପ୍ରବାହ ଉତ୍ସରିତ ହୋଇପାରୁଥିବାରୁ ଉକ୍ତ ଅଞ୍ଚଳକୁ ଚାହିଁ ହାତ, ଗୋଡ଼, ପାଦ କିମ୍ବା ଗଣ୍ଡି ଇତ୍ୟାଦି ଶରୀରର ଅଲଗା ଅଲଗା ଅଂଶର ମାଂସପେଶୀରେ ପରିଲକ୍ଷିତ ହୁଏ ପ୍ରକମ୍ପନ। ମସ୍ତିଷ୍କର ଅଧିକାଂଶ ଭାଗ ସମ୍ପୃକ୍ତ ହୋଇପଡ଼ିଲେ ବାତମାରିବା ଲକ୍ଷଣ ସମଗ୍ର ଶରୀରରେ ପ୍ରକାଶ ପାଏ। ଅପସ୍ମାର ଦ୍ୱାରା ଆକ୍ରାନ୍ତ ହେଲେ କାହା କାହାଠାରେ ହଠାତ୍ ବୋକାଙ୍କ ଭଳି ଚାହିଁ ରହିବା, ହଠାତ୍ ଚୁପ୍ ଓ ନିଶ୍ଚଳ ହୋଇଯିବା ଏବଂ ଆଖି ଓ ମୁଖମଣ୍ଡଳରେ ପେଶୀ ବାରମ୍ବାର କମ୍ପିତ ହେବା ଭଳି ସାମାନ୍ୟ ଲକ୍ଷଣ ପ୍ରକାଶ ପାଏ। ଏପରି ଲକ୍ଷଣ ଅଳ୍ପ କେଇ ସେକେଣ୍ଡ ରହି ଚାଲିଯାଏ। ରୋଗୀ ଅଚେତ ହୋଇଯାଏ। ତା'ର ମାଂସପେଶୀଗୁଡ଼ିକ କଠିନ ହୋଇପଡ଼ନ୍ତି। କେହି କେହି ଲୁଗାପଟାରେ ଝାଡ଼ା ପରିସ୍ରା ମଧ୍ୟ କରିପକାନ୍ତି। ଶ୍ୱାସକ୍ରିୟା ବନ୍ଦ ହୋଇଯାଇ ରୋଗୀର ମୁଖମଣ୍ଡଳ ନୀଳ ପଡିଯାଇପାରେ। ଏପରି ଲକ୍ଷଣମାନ ୨ରୁ ୫ ମିନିଟ୍ ପର୍ଯ୍ୟନ୍ତ ରହିବା ପରେ କଠିନ ମାଂସପେଶୀ ଶିଥିଳ ହୋଇ ତା'ର ସ୍ୱାଭାବିକ ଅବସ୍ଥାକୁ ଫେରିଆସେ। ତେବେ ଚେତା ଫେରି ପାଇବା ପରେ ରୋଗୀଠାରେ ମୁଣ୍ଡ ବଥାଇବା, ଖୁବ୍ ନିଦ ମାଡ଼ିବା ଓ ବାଉଳାଚାଉଳା ହେବାଭଳି ଲକ୍ଷଣ ପରିଲକ୍ଷିତ ହୋଇପାରେ। ବାତ ମାରିବା ଆରମ୍ଭର କିଛି ସମୟ ପୂର୍ବରୁ କେହି କେହି ରୋଗୀ କୌଣସି ଗନ୍ଧ ନ ଥାଇ ଗନ୍ଧ, କୌଣସି ଶବ୍ଦ ନ ଥାଇ ମଧ୍ୟ ଅସାଧାରଣ ଶବ୍ଦ, ଜିଭରେ ଏକ ଅସ୍ୱାଭାବିକ ସ୍ୱାଦ କିମ୍ବା ଆଖିରେ ଆଲୋକର ଝଲକ ଅନୁଭବ କରିପାରନ୍ତି, ଯାହାକୁ ଡାକ୍ତରୀ ଭାଷାରେ 'ଅରା' ବୋଲି କୁହାଯାଏ। ଏହି ପ୍ରକାରର କିଛି ଅନୁଭବ କଲେ ରୋଗୀ ତୁରନ୍ତ ନିଜ ପାଇଁ ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିବା ଉଚିତ। କାହା କାହା କ୍ଷେତ୍ରରେ ଅପସ୍ମାର ଲକ୍ଷ୍ମଣ ଥରେ ମାତ୍ର ପ୍ରକାଶ ପାଇ ଜୀବନରେ ଆଉ ତା'ର ପୁନରାବୃତ୍ତି ଘଟେନାହିଁ। ଅନ୍ୟ କାହା କ୍ଷେତ୍ରରେ ରୋଗ କିମ୍ବା ରୋଗୀର ଅଚେତ୍ ଅବସ୍ଥାରେ ମଧ୍ୟ ବାରମ୍ବାର ବାତ ମାରିବା କିଛି ଅସମ୍ଭବ ନୁହେଁ।

ଅପସ୍ମାର ରୋଗର ନିର୍ଣ୍ଣୟ ପାଇଁ ଇଲେକ୍‌ଟ୍ରୋଏନ୍‌ସେଫାଲୋଗ୍ରାମ୍ ବା ଇ.ଇ.ଜି., ସିଟି ସ୍କାନ୍ ଓ ଏମ୍‌ଆର୍‌ଆଇ ଇତ୍ୟାଦି ପରୀକ୍ଷା କରିବାକୁ ପଡେ ଏବଂ ସ୍ନାୟୁରୋଗ ବିଶେଷଜ୍ଞଙ୍କ ଚିକିତ୍ସାରେ ରହିବାକୁ ହୁଏ। ନିୟମିତ ଚିକିତ୍ସାରେ ରହିଲେ ଅଧିକାଂଶ ଅପସ୍ମାର ରୋଗୀ ଅପେକ୍ଷାକୃତ ସୁସ୍ଥ ତଥା ସ୍ୱାଭାବିକ ଜୀବନଯାପନ କରିପାରନ୍ତି। ହେଲେ ଡାକ୍ତର ପରାମର୍ଶ ନ ଦେବା ପର୍ଯ୍ୟନ୍ତ ଗାଡ଼ି ଚଳାଇବା, ସନ୍ତରଣ କରିବା ଏବଂ ନିଆଁ କିମ୍ବା ମେଶିନ ଇତ୍ୟାଦି ନିକଟରେ କାମ କରିବା ଆଦୌ ନିରାପଦ ନୁହେଁ। ରୋଗୀକୁ ବାତ ମାରିବାର ଦେଖିଲେ ତା' ନିକଟରୁ ଚଉକି, ଟେବୁଲ ଇତ୍ୟାଦି କଠିନବସ୍ତୁ ହଟେଇ ଦେବା ଉଚିତ। ତା' ମୁଣ୍ଡତଳେ ଅତି ନରମ ପତଳା ତକିଆ ରଖାଯାଇପାରେ। ଏହି ସମୟରେ ରୋଗୀର ହାତଗୋଡ଼କୁ ଜୋର୍‌ରେ ଚାପି ରଖନ୍ତୁ ନାହିଁ। ତାକୁ କଡ଼ମାଡ଼ି ଶୁଆଇ ସେ ପିନ୍ଧିଥିବା ଧୋତି ଓ ପୋଷାକପତ୍ରକୁ ତୁରନ୍ତ ଢ଼ୁଗୁଳା କରିଦିଅନ୍ତୁ। ବାତମାରିବା ବନ୍ଦ ନ ହେବା ପର୍ଯ୍ୟନ୍ତ ତାକୁ ଏକୁଟିଆ ଛାଡ଼ି ଚାଲିଯିବା ଆଦୌ ନିରାପଦ ନୁହେଁ।



-'ଅଭୀପ୍‌ସା', ସେକ୍ଟର-୬
ପ୍ଲଟ୍ ନଂ-୧୧୩୧, ସିଡିଏ, କଟକ
ମୋ: ୯୪୩୭୭୬୬୧୧୭

## ସ୍ୱାସ୍ଥ୍ୟ ସୂଚନା

■ଯଦି ଓଜନ ବୃଦ୍ଧି ପରି ସମସ୍ୟା ସହ ଜଡିତ ତେବେ ନିୟମିତ ସମୟ ଅନ୍ତରାଳରେ ଓଜନ ମାପି ନିଅନ୍ତୁ। ଏଥିପାଇଁ ଖାଦ୍ୟପେୟ ନିୟନ୍ତଣ ସହ କେତୋଟି ବ୍ୟାୟାମ କରିପାରନ୍ତି। ଏ ସମ୍ପର୍କରେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ଆଲୋଚନା କରନ୍ତୁ।



■ପରିଶ୍ରମ ମୁତାବକ ବିଶ୍ରାମ ନ ନେଲେ ତାହାର ପ୍ରଭାବ ନିଦ୍ରା ଉପରେ ପଡିଥାଏ। ଏପରି କି ଇସମୋନିଆ ପରି ଜଟିଳ ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି। ତେଣୁ ପ୍ରତିଦିନ ଶୋଇବାର ଏକ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରନ୍ତୁ।

■ବେଳେବେଳେ ମନଲୋଭ ଖାଦ୍ୟ ଦେଖିଲେ ତାହାକୁ ଖାଇବାକୁ ମନ ହୋଇଥାଏ। ଏଭଳି ଲୋଭକୁ ନିୟନ୍ତ୍ରଣ କରନ୍ତୁ। କାରଣ ଏଣୁତେଣୁ ଖାଦ୍ୟ ଖାଇଲେ ତାହା ପେଟଜନିତ ରୋଗ ସୃଷ୍ଟି କରିବାର ଆଶଙ୍କା ରହିଛି।

■ଏକାଥରେ ଗୁଡାଏ ଖାଦ୍ୟ ନ ଖାଇ ଏକ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଦ୍ୟ ଖାଆନ୍ତୁ।

■ସବୁବେଳେ ନିଜକୁ ଟେନସନଠାରୁ ଦୂରେଇ ରଖନ୍ତୁ। କାରଣ ଏହାର ପ୍ରଭାବ ରକ୍ତ ସଞ୍ଚାଳନ ଉପରେ ପଡିଥାଏ।



“ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ରେ ଉପୁଜିଥିବା ସମସ୍ୟା ଏକ ଇନସଲଭେନ୍ସି ପ୍ରସଙ୍ଗ।
– ୱାଇ.ଭି ରେଡ୍ଡୀ, ପୂର୍ବତନ ଗଭର୍ନର, ଆର୍‌ବିଆଇ



“ଭାରତ ଗ୍ରହଣ କରୁଥିବା ସ୍ଥିର ଏବଂ ସକାରାତ୍ମକ ନୀତି ଯୋଗୁ ଉଦ୍ୟୋଗୀଙ୍କ ପାଇଁ ଏକ ଉନ୍ନତ ବାତାବରଣ ସୃଷ୍ଟି ହୋଇଛି।
– ଗଏ ସରମନ, ଫ୍ରାନ୍ସ ଅର୍ଥନୀତିଜ୍ଞ

## ସଂକ୍ଷେପରେ

### ମାଲ୍ୟାଙ୍କ ନିକଟରେ ୭୫୦୦କୋଟିର ଶେୟାର ଥିଲା: ଇଡି

**ନୂଆଦିଲ୍ଲୀ,୧୦-୨:** ସଙ୍କଟରେ ଫସିଥିବା ମଦ ବ୍ୟବସାୟୀ ବିଜୟ ମାଲ୍ୟା,ୟୁନାଇଟେଡ ବ୍ରିଓରିଜ ହୋଲ୍ଡିଙ୍ଗସ ଲିମିଟେଡ(ୟୁବିଏଚ୍‌ଏଲ୍) ଓ କିଙ୍ଗଫିଶର ଏୟାରଲାଇନ ଲିମିଟେଡ (କେଏଏଲ୍)ର ପ୍ରମୋଟରଙ୍କ ନିକଟରେ ବିଭିନ୍ନ ରାଷ୍ଟ୍ରାୟତ୍ତ କମ୍ପାନୀଙ୍କ ୭୫୦୦ କୋଟି ଟଙ୍କାର ଶେୟାର ରୂପରେ ଅସ୍ଥାବର ସମ୍ପତ୍ତି ଥିଲା। ତେବେ ସେମାନେ ବ୍ୟାଙ୍କରୁ ନେଇଥିବା ଋଣ ଶୁଝିବାକୁ ଚାହିଁ ନ ଥିଲେ ବୋଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ କୁହାଯାଇଛି। ବିଭିନ୍ନ ଭାରତୀୟ ବ୍ୟାଙ୍କରୁ ପ୍ରାୟ ୯ ହଜାର କୋଟି ଟଙ୍କାର ଋଣ ନେଇ ଲଣ୍ଡନ ପଳାଇଥିବା ମାଲ୍ୟା ବାସ୍ତବରେ ଋଣ ପରିଶୋଧ କରିବାକୁ ଚାହୁଁ ନ



ଥିଲେ ବୋଲି ଇଡି କହିଛି। ପିଏମ୍‌ଏଲ୍‌ଏ ଆଇନ ଅଧୀନରେ ଇଡି ପକ୍ଷରୁ ଯାଞ୍ଚ କରାଯିବା ପରେ ଜଣାପଡ଼ିଛି ଯେ, ମାଲ୍ୟା ଏବଂ ୟୁବିଏଚ୍‌ଏଲ୍ ନିକଟରେ ୩,୮୪୭.୪୫ କୋଟି ଟଙ୍କାର ଶେୟାର ରହିଥିଲା। ଅସଲରେ ୟୁବିଏଚ୍‌ଏଲ, ୟୁନାଇଟେଡ ସ୍ପିରିଟ୍, ୟୁନାଇଟେଡ ବ୍ରିଓରିଜ ଓ ମ୍ୟାକ୍‌ଡୋଏଲର ୧୭୭୩.୪୯ କୋଟି ଟଙ୍କା ଶେୟାର ମାଲ୍ୟାଙ୍କ ନିକଟରେ ରହିଥିଲା ଏବଂ ୟୁଟିଆଇ ଇନଭେଷ୍ଟର୍ସ ସର୍ଭିସେସ୍ ନିକଟରେ ୧,୬୫୩ କୋଟି ଟଙ୍କାର ଶେୟାର ଥିଲା। ଇଡି ଯାଞ୍ଚରୁ ଜଣାପଡିଥିଲା ଯେ, ମାଲ୍ୟା ନିଜର ଅର୍ଥକୁ ଲୁଚାଇବା ଲାଗି ବହୁ ଜାଲ୍ କମ୍ପାନୀ ଖୋଲି ଥିଲେ। ସେମାନଙ୍କ ମଧ୍ୟରେ ଦେବୀ ଇନଭେଷ୍ଟମେଣ୍ଟ, କିଙ୍ଗଫିଶର ଫିନଭେଷ୍ଟ, ମ୍ୟାକଡୋଏଲ ହୋଲ୍ଡିଙ୍ଗସ୍, ଫାର୍ମା ଟ୍ରେଡିଂ କମ୍ପାନୀ, ଜେମ୍ ଇନଭେଷ୍ଟମେଣ୍ଟ ଆଣ୍ଡ ଟ୍ରେଡିଂ, ୱାଟସନ ଲିମିଟେଡ, ବିଟ୍ଠଲ ଇନଭେଷ୍ଟମେଣ୍ଟ, କାମସ୍କୋ ଇଣ୍ଡଷ୍ଟ୍ରିଜ, ଫାର୍ଷ୍ଟଷ୍ଟାର୍ଟ ଇଙ୍କ ଓ ମାଲ୍ୟା ପ୍ରାଇଭେଟ ଲିମିଟେଡ ରହିଛି। ଏଗୁଡ଼ିକର ଶେୟାର ମୂଲ୍ୟ ମୋଟ ୩,୮୨୨ କୋଟି ଟଙ୍କା।

### ୫୭୪୦ କୋଟିର ଏନ୍‌ପିଏ ସମ୍ପତ୍ତି ବିକିବେ ଏସ୍‌ବିଆଇ, ଓରିଏଣ୍ଟାଲ ବ୍ୟାଙ୍କ

**ନୂଆଦିଲ୍ଲୀ,୧୦-୨:** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ଏବଂ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ(ଓବିସି) ୫,୭୪୦ କୋଟି ଟଙ୍କାର ଏନ୍‌ପିଏ ସମ୍ପତ୍ତି ବିକିବାକୁ ଯାଉଛନ୍ତି। ଏସ୍‌ବିଆଇ ପକ୍ଷରୁ ୪,୯୭୫ କୋଟି ଟଙ୍କାର ଏନ୍‌ପିଏ ବିକ୍ରି ଲାଗି ଆର୍ଥିକ ସଂସ୍ଥାଗୁଡ଼ିକଠାରୁ ନିଲାମ ଆହ୍ୱାନ କରାଯାଇଛି। ବିକ୍ରି ପାଇଁ ରଖାଯାଇଥିବା ଏନ୍‌ପିଏ ଆକାଉଣ୍ଟ ମଧ୍ୟରେ ବଡ଼ ସଂଖ୍ୟାରେ ଏସ୍‌ଏମ୍‌ଇ ଆକାଉଣ୍ଟ ରହିଛି। ମୋଟ ୨୮୧ ଆକାଉଣ୍ଟ ଉପରେ ୪,୬୬୭ କୋଟି ଟଙ୍କା ବକେୟା ରହିଛି। ୱେବସାଇଟରେ ଦର୍ଶାଯାଇଥିବା ଟେଣ୍ଡର କାଗଜପତ୍ର ଅନୁଯାୟୀ, ମୋଟ ୭୬୪.୪୪ କୋଟି ଟଙ୍କା ବକେୟା ପଡ଼ିଥିବା ୧୩ଟି ଆକାଉଣ୍ଟକୁ ଓବିସି ବିକ୍ରି କରିବ। ଆସନ୍ତା ୨୫ରେ ଓବିସି ଏବଂ ଏସ୍‌ବିଆଇର ୨୭ ତାରିଖରେ ନିଲାମୀ ହେବାକୁ ଯାଉଛି।

### ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳପଥର ତେଲ ନଦୀ ଉପରେ ପୋଲ ନିର୍ମାଣ

**ଭୁବନେଶ୍ୱର,୧୦-୨:** ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳପଥର ନିର୍ମାଣ କାର୍ଯ୍ୟର ଏକ ଅଂଶ ବିଶେଷ ତେଲ ନଦୀ ଉପରେ ଗୁରୁତ୍ୱପୂର୍ଣ୍ଣ ରେଳ ପୋଲ ନିର୍ମାଣ ହେବ। ଏଥି ଲାଗି ପୂର୍ବତଟ ରେଳପଥ ପକ୍ଷରୁ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପୋଲ ନିର୍ମାଣ ଲାଗି ୨୩ କୋଟି ଟଙ୍କା ଖର୍ଚ୍ଚ ହେବ। ରାଜ୍ୟର ସୋନପୁର ସହର ନିକଟସ୍ଥ ତେଲ ନଦୀ ଉପରେ ଏହି ପୋଲ ନିର୍ମାଣ ହେବ। ପୋଲଟି ମହାନଦୀ ଏବଂ ତେଲ ନଦୀର ସଙ୍ଗମ ସ୍ଥଳଠାରୁ ପ୍ରାୟ ଅଢେଇ କିମି ଦୂରରେ ରହିଛି। ଅଧିକ ବନ୍ୟା ସମୟରେ ମହାନଦୀର ମାତ୍ରାଧିକ ଜଳ ତେଲ ନଦୀକୁ ଆସୁଥିବାରୁ ଖୋର୍ଦ୍ଧାରୋଡ ବଲାଙ୍ଗୀର ରେଳପଥ ପାଇଁ ରେଳପୋଲ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

# ସବୁ ପରିବାରକୁ ଉପଲବ୍ଧ ହେବ ସ୍ୱଚ୍ଛ ଇନ୍ଧନ: ଧର୍ମେନ୍ଦ୍ର

**ନୂଆଦିଲ୍ଲୀ, ୧୦-୨**




**ପେଟ୍ରୋଟେକ୍ ୨୦୧୯ ସମ୍ମିଳନୀ**
- ୨୦୨୦ ମାର୍ଚ୍ଚ ସୁଦ୍ଧା ଉଜ୍ଜ୍ୱଳାରେ ୮ କୋଟି ସଂଯୋଗ
- ତୈଳ ପେଟ୍ରୋଲିୟମ ସାମଗ୍ରୀ ବ୍ୟବହାରରେ ଭାରତ ତୃତୀୟ
- ଶକ୍ତି ନିରାପତ୍ତା ସୁନିଶ୍ଚିତ କରାଇବା ଉପରେ ଫୋକସ୍

ଦେଶର ସବୁ ପରିବାରକୁ ଶୀଘ୍ର ସ୍ୱଚ୍ଛ ଇନ୍ଧନ ଯୋଗାଇ ଦିଆଯିବ। ୫୫ ମାସରେ ସରକାର ଏଲ୍‌ପିଜି କଭରେଜକୁ ୪୦% ବୃଦ୍ଧି କରିବାକୁ ସକ୍ଷମ ହୋଇଛନ୍ତି। ଏହାକୁ ଦେଶର ସବୁ ପରିବାରରେ ଉପଲବ୍ଧ କରାଇବାକୁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା କେନ୍ଦ୍ର ପେଟ୍ରୋଲିୟମ ତଥା ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର କହିଛନ୍ତି।

ଏଠାରେ ଅନୁଷ୍ଠିତ ପେଟ୍ରୋଟେକ-୨୦୧୯ ସମ୍ମିଳନୀରେ ଯୋଗ ଦେଇ ଧର୍ମେନ୍ଦ୍ର କହିଛନ୍ତି, ବର୍ତ୍ତମାନ ଦେଶର ୯୦ପ୍ରତିଶତ ପର୍ଯ୍ୟନ୍ତ ସ୍ଥାନରେ ଏଲ୍‌ପିଜି ପହଞ୍ଚିଛି। ୨୦୧୪ରେ ଏହା ୫୫% ଥିବା ବେଳେ ଏହା ପରଠାରୁ ଦୃଶ୍ୟପଟରେ ବ୍ୟାପକ ପରିବର୍ତ୍ତନ ଆସିଛି। ସବୁ ଘରକୁ ସ୍ୱଚ୍ଛ ଇନ୍ଧନ ସୁବିଧା ଯୋଗାଇବାକୁ ସରକାର ସକ୍ଷମ ହେବେ। ଏଲ୍‌ପିଜି ସହ ବାୟୋମାସ ଏବଂ ବିକଳ୍ପ ସୂତ୍ରରୁ ଉକ୍ତ ଗ୍ୟାସ୍ ଯୋଗାଣ ହେବ।

ଉଜ୍ଜ୍ୱଳାର ସଫଳତାକୁ ପ୍ରଶଂସା କରିବା ସହ ଏଥିରେ ୬.୪ କୋଟି ପରିବାର ଉପକୃତ ହୋଇଥିବା ଧର୍ମେନ୍ଦ୍ର ପ୍ରକାଶ କରିଛନ୍ତି। ଆସନ୍ତା ମାର୍ଚ୍ଚ ସୁଦ୍ଧା ଏହି ସଂଖ୍ୟା ୮ କୋଟି ଛୁଇଁବ। ପାରମ୍ପରିକ ଜାଳେଣିକୁ ବାଦ ଦେବା ସହ ପରିବେଶ ସୁରକ୍ଷା ଏବଂ ମହିଳାଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ ସ୍ୱଚ୍ଛ ଇନ୍ଧନ ସହାୟକ ହେବ ବୋଲି ସେ ପ୍ରକାଶ କରିଛନ୍ତି। ଅପରପକ୍ଷରେ ତୈଳ ଏବଂ ଗ୍ୟାସ କ୍ଷେତ୍ର ଦେଶର ଅର୍ଥନୀତିକୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଥିବା ସେ ପ୍ରକାଶ କରିଛନ୍ତି। ଅଶୋଧିତ ତୈଳ ଏବଂ ପେଟ୍ରୋଲିୟମ ବ୍ୟବହାରରେ ଭାରତ ତୃତୀୟ ବୃହତ ଦେଶ ହୋଇଥିବା ବେଳେ ବିଶ୍ୱର ମୋଟ ବ୍ୟବହାର କ୍ଷେତ୍ରରେ ଦେଶର ଅଂଶ ୪.୫% ରହିଛି। ଦେଶର ହାଇଡ୍ରୋକାର୍ବନ ନୀତିରେ ପରିବର୍ତ୍ତନ ଆଣିବା ସହ ଶକ୍ତି ନିରାପତ୍ତାକୁ ସୁନିଶ୍ଚିତ କରାଇବା ଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ସେ ସ୍ପଷ୍ଟ କରିଛନ୍ତି।

ଦେଶର ଉତ୍ପାଦନ ଜୈବ ବିବିଧତାରେ ଉନ୍ନତି ଆଣିବା ବେଳେ ତୈଳ ଓ ଗ୍ୟାସ୍ ଉତ୍ତୋଳନକୁ ପ୍ରୋତ୍ସାହିତ କରିବାକୁ ସରକାର ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରୁଛନ୍ତି। ନୂଆ ରାଜସ୍ୱ ବଣ୍ଟନ ମଡେଲ, ହାଇଡ୍ରୋକାର୍ବନ ଲାଗି ୟୁନିଫର୍ମ ଲାଇସେନ୍ସ, ତୈଳ ଏବଂ ବାଷ୍ପ କ୍ଷେତ୍ର ମାର୍କେଟିଂରେ ସ୍ୱାଧୀନତା ପ୍ରଦାନ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଏହାବାଦ, ଷ୍ଟେଟ ଅଫ୍ ଆର୍ଟ ଜାତୀୟ ଡାଟା ରିପୋଜିଟୋରୀ ଦ୍ୱାରା ଭାରତ ବିଶ୍ୱସ୍ତରୀୟ ବ୍ୟବସ୍ଥା ଗ୍ରହଣ କରିଛି। ଆରମକୋ, ଆଡନକ ଭଳି ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକ ଭାରତରେ ସେମାନଙ୍କ ଉପସ୍ଥିତି ଜାହିର କରିଥିବା ସେ କହିଛନ୍ତି।

## ୯କୋଟି ଗ୍ରାହକ ଚୟନ କରିଛନ୍ତି ନୂଆ ଟାରିଫ: ଟ୍ରାଇ ମୁଖ୍ୟ

**ନୂଆଦିଲ୍ଲୀ,୧୦-୨**

ଟେଲିକମ ନିୟାମକ(ଟ୍ରାଇ)ର ନିର୍ଦ୍ଦେଶ ଅନୁଯାୟୀ ଦେଶର ୧୭ କୋଟି କେବୁଲ ଓ ଡିଟିଏଚ୍ ଗ୍ରାହକଙ୍କ ମଧ୍ୟରୁ ୯ କୋଟି ନୂଆ ଟାରିଫ ବ୍ୟବସ୍ଥାରେ ନିଜର ମନପସନ୍ଦ ଚ୍ୟାନେଲ ଚୟନ କରିସାରିଛନ୍ତି ବୋଲି ଟ୍ରାଇ ଅଧ୍ୟକ୍ଷ ଆର.ଏସ୍. ଶର୍ମା ପ୍ରକାଶ କରିଛନ୍ତି। ଉପଭୋକ୍ତାଙ୍କ ଅସୁବିଧା ଉପରେ ଟ୍ରାଇ କ୍ରମାଗତ ନଜର ରଖିଛି ବୋଲି ସେ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ନୂଆ ବ୍ୟବସ୍ଥାକୁ ଆପଣାଉଥିବା ଗ୍ରାହକଙ୍କ ସଂଖ୍ୟା କ୍ରମାଗତ ବଢ଼ିବାରେ ଲାଗିଛି। ୯ କୋଟି ଗ୍ରାହକଙ୍କ ମଧ୍ୟରେ ୬.୫ କୋଟି କେବୁଲ ଟିଭି ଏବଂ ୨.୫ କୋଟି ଡିଟିଏଚ୍‌ର ରହିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ନୂଆ ବ୍ୟବସ୍ଥା ଆପଣାଇବାରେ ହେଉଥିବା ଅସୁବିଧା ଦୂର କରିବା ଲାଗି ନିୟମିତ ସମୀକ୍ଷା କରାଯାଉଛି ବୋଲି ସେ ପ୍ରକାଶ କରିଛନ୍ତି। ନୂଆ ସଂଯୋଗ ନେଉଥିବା ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଯୋଜନା ଆସୁଛି ବୋଲି ସେ ପ୍ରକାଶ କରିଛନ୍ତି।

# ବନ୍ଦେ ଭାରତ ଟ୍ରେନ ଯାତ୍ରୀ ଖାଦ୍ୟ ପାଇଁ ଦେବେ ୩୯୯ ଟଙ୍କା

**ନୂଆଦିଲ୍ଲୀ, ୧୦-୨**




ଦେଶର ପ୍ରଥମ ସେମି ହାଇସ୍ପିଡ ଟ୍ରେନ କୁହାଯାଉଥିବା ଟ୍ରେନ୧୮ ଅଥବା ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନର ଯାତ୍ରୀଙ୍କୁ ଆଇଆରସିଟିସି ଦ୍ୱାରା ପ୍ରସ୍ତୁତ କ୍ୟାଟରିଂ ଖାଦ୍ୟ ନେବା ବାଧ୍ୟତାମୂଳକ କରାଯାଇଛି। ଏଥିପାଇଁ ସେମାନଙ୍କୁ ୩୯୯ ଟଙ୍କା ଦେବାକୁ ପଡ଼ିବ। ଦିଲ୍ଲୀରୁ ବାରାଣସୀ ଯାତ୍ରା କରୁଥିବା ଏହି ଟ୍ରେନର ଯାତ୍ରୀ ଶେଷ ପର୍ଯ୍ୟାୟ ଅର୍ଥାତ୍ ଆଲ୍ଲାହାବାଦରୁ ବାରାଣସୀକୁ ଯାତ୍ରା କରିବା ଲାଗି ଟିକେଟ ବୁକିଂ କରିବା ବେଳେ କ୍ୟାଟରିଂ ଖାଦ୍ୟ ନ ନେବାର ବିକଳ୍ପ ବାଛି ପାରିବେ। ସେମାନଙ୍କ ଟିକେଟରେ କ୍ୟାଟରିଂ ଚାର୍ଜ ଆଦାୟ କରାଯିବ ନାହିଁ ବୋଲି ଟ୍ରେନ୧୮ ସହ ଜଡ଼ିତ ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

ଟିକେଟ ବୁକିଂ ବେଳେ କ୍ୟାଟରିଂ ଖାଦ୍ୟ ନେବାକୁ ଚାହୁଁ ନ ଥିବା ଯାତ୍ରୀ ଯାତ୍ରା ବେଳେ ଏହା ଚାହୁଁଥିଲେ ତାଙ୍କୁ ଏଥିପାଇଁ ଖାଦ୍ୟ ମୂଲ୍ୟ ସହ ଅଧିକ ୫୦ ଟଙ୍କା ଦେବାକୁ ପଡ଼ିବ ବୋଲି ଅଧିକାରୀ ପ୍ରକାଶ କରିଛନ୍ତି। ସୂଚନାଥାଉ କି, ଆଇଆରସିଟିସି ପକ୍ଷରୁ ୨୦୧୭ରୁ ରାଜଧାନୀ, ଶତାବ୍ଦୀ ଓ ଦୁରନ୍ତୋ ଏକ୍ସପ୍ରେସରେ ପ୍ୟାଣ୍ଟ୍ରି ବ୍ୟବସ୍ଥାକୁ ଇଚ୍ଛାଧୀନ କରାଯାଇଛି। ଖାଦ୍ୟର ଅଧିକ ମୂଲ୍ୟ ଆଦାୟ କରିବା, କମ୍ ପରିମାଣ ତଥା ନିମ୍ନ ମାନର ଖାଦ୍ୟ ଦେବା ସମସ୍ୟାକୁ ନିୟନ୍ତ୍ରଣ କରିବା ଲାଗି ସେତେବେଳେ ଉକ୍ତ ପଦକ୍ଷେପ ନିଆଯାଇଥିଲା। ତେବେ ସେମାନଙ୍କୁ କ୍ୟାଟରିଂ ଖାଦ୍ୟ ନେବାର ଏକ ବିକଳ୍ପ ଦିଆଯାଉଥିଲା। କିନ୍ତୁ ବନ୍ଦେ ଭାରତ ଏକ୍ସପ୍ରେସ ଲାଗି ଟିକେଟ ସହ ଖାଦ୍ୟ ନେବା ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇଛି। ଟ୍ରେନ ୧୮ ସମ୍ପର୍କରେ ଉଲ୍ଲେଖ କରି ସେ କହିଛନ୍ତି ଯେ, ପ୍ରତ୍ୟେକ ଷ୍ଟେଶନ ମଧ୍ୟରେ ଖାଦ୍ୟ ମୂଲ୍ୟ ଧାର୍ଯ୍ୟ କରାଯାଇଛି ଏବଂ ଯାତ୍ରୀଙ୍କ ଟିକେଟ ମୂଲ୍ୟ ସହ ଏହାକୁ ଯୋଡାଯିବ। ଟ୍ରେନରେ ଏକ୍‌ଜିକ୍ୟୁଟିଭ କ୍ଲାସ ଓ ଚେୟାର କାର୍ ପାଇଁ ଖାଦ୍ୟ ଲାଗି ଚାର୍ଜ ଅଲଗା ହେବ। ନୂଆଦିଲ୍ଲୀରୁ ବାରାଣସୀ ମଧ୍ୟରେ ଏକ୍‌ଜିକ୍ୟୁଟିଭ କ୍ଲାସ୍‌ର ଯାତ୍ରୀଙ୍କୁ ସକାଳେ ଚା’,ଜଳଖିଆ ଓ ଦ୍ୱିପ୍ରହର ଖାଦ୍ୟ ପାଇଁ ୩୯୯ ଟଙ୍କା ବ୍ୟୟ କରିବାକୁ ହେବ। ସେହିଭଳି ଚେୟାର କାର୍ ଲାଗି ଏହା ୩୪୪ ଟଙ୍କା ହେବ। ନୂଆଦିଲ୍ଲୀରୁ କାନପୁର ଓ ପ୍ରୟାଗରାଜ ମଧ୍ୟରେ ଯାତ୍ରା କରୁଥିବା ଏକ୍‌ଜିକ୍ୟୁଟିଭ କ୍ଲାସ ଯାତ୍ରୀ ୧୫୫ ଓ ଚେୟାର କାର୍ ପାଇଁ ୧୨୨ ଟଙ୍କା ଦେବେ। ସେହିପରି ବାରାଣସୀରୁ ନୂଆଦିଲ୍ଲୀକୁ ଯାତ୍ରା ବେଳେ ଏକ୍‌ଜିକ୍ୟୁଟିଭ କ୍ଲାସ୍‌ରେ ୩୪୯ ଓ ଚେୟାର କାର୍ ପାଇଁ ୨୮୮ ଟଙ୍କା ବ୍ୟୟ କରିବାକୁ ହେବ। ସେମାନଙ୍କୁ ଯାତ୍ରା ବେଳେ ଚା’, ସ୍ନାକ୍ସ ଓ ରାତିଭୋଜନ ଦିଆଯିବ। ସୂଚନାଥାଉ କି, ୭୫୫ କିମି ରାସ୍ତାକୁ ବନ୍ଦେ ଭାରତ ଏକ୍ସପ୍ରେସ ୮ ଘଣ୍ଟାରେ ପୂରଣ କରିବ। ଯାତ୍ରା କାଳରେ ଏହା କେବଳ କାନପୁର ଓ ପ୍ରୟାଗରାଜରେ ରହିବ। ଆସନ୍ତା ୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀରେ ପତାକା ଦେଖାଇ ଏହି ଟ୍ରେନ ଚଳାଚଳର ଶୁଭାରମ୍ଭ କରିବେ।

## ରେନୋ ଇଣ୍ଡିଆ ଲିଡରଶିପରେ ପରିବର୍ତ୍ତନ

**ନୂଆଦିଲ୍ଲୀ,୧୦-୨**

RENAULT
Passion for life

ରେନୋ ଏସ୍‌ଏଏସ୍ ଫ୍ରାନ୍ସ ଭାରତର ଲିଡରଶିପରେ ପରିବର୍ତ୍ତନ ସମ୍ପର୍କରେ ଘୋଷଣା କରିଛି। ରେନୋର ଭାରତ୍ ଅପରେଶନ ଲାଗି ଭେଙ୍କଟରାମ ମାମିଲାପଲ୍ଲେଙ୍କୁ ଏମ୍‌ଡ଼ି ଦାୟିତ୍ୱଭାର ପ୍ରଦାନ କରାଯାଇଛି। ଏହି ଦାୟିତ୍ୱରେ ଥିବା ସୁମିତ ସହନୀଙ୍କୁ ଗ୍ରୁପର ଅନ୍ୟ ଦାୟିତ୍ୱରେ ଅବସ୍ଥାପିତ କରାଯାଇଛି। ରେନୋକୁ ଭାରତରେ ଏକ ଦୃଢ ବ୍ରାଣ୍ଡ ଭାବେ ଗଢି ତୋଳିବାରେ ସୁମିତଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ଆଫ୍ରିକା-ମିଡିଲ ଇଷ୍ଟ-ଇଣ୍ଡିଆ ରେଜିଅନର ବରିଷ୍ଠ ସଭାପତି ତଥା ଅଧ୍ୟକ୍ଷ ଫାବ୍ରିସ କାମ୍ବୋଲିଭ କହିଛନ୍ତି। ଏହି ରେଜିଅନର ସଦସ୍ୟ ଭାବେ ସୁମିତ କାର୍ଯ୍ୟ କରିବେ। ତାଙ୍କର ପରବର୍ତ୍ତୀ କାର୍ଯ୍ୟପନ୍ଥା କାର୍ଯ୍ୟ ନିର୍ବାହୀ କମିଟି ଘୋଷଣା କରିବ ବୋଲି କାମ୍ବୋଲିଭ କହିଛନ୍ତି। ଭେଙ୍କଟରାମ ମାମିଲାପଲ୍ଲେ ବର୍ତ୍ତମାନ ରୁଷିଆରେ ରେନୋ-ନିଶାନ ଅଭଟୋଭାଜର ପରଚେଜିଂ ଅର୍ଗାନାଇଜେଶନର ମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ଅଟୋମୋଟିଭ କ୍ଷେତ୍ରରେ ତାଙ୍କର ଦୀର୍ଘ ଦିନର ଅଭିଜ୍ଞତା ରହିଛି।

## ତୃତୀୟ ତ୍ରୈମାସରେ ୬୧୬ କୋଟି ଲାଭ କଲା ସେଲ୍

**ନୂଆଦିଲ୍ଲୀ,୧୦-୨**

ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ(ସେଲ୍) ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସରେ ୬୧୬ କୋଟି ଟଙ୍କା ଲାଭ ଅର୍ଜନ କରିଛି। ଗତ ବର୍ଷ ସମାନ ସମୟରେ ଏହା ମାତ୍ର ୪୩ କୋଟି ଟଙ୍କା ରହିଥିଲା। ଦ୍ୱିତୀୟ ତ୍ରୈମାସରେ କମ୍ପାନୀର ନେଟ ଲାଭରେ ୧୧% ବୃଦ୍ଧି ଘଟି ୫୫୪ କୋଟି ଟଙ୍କା ରହିଛି। ତୃତୀୟ ତ୍ରୈମାସରେ କମ୍ପାନୀର କାରବାର ୩% ବଢି ୧୫,୬୬୦ କୋଟି ଟଙ୍କା ରହିଛି। ଏହା ଗତ ବର୍ଷ ସମାନ ସମୟରେ ୧୫,୧୯୦ କୋଟି ଟଙ୍କା ରହିଥିଲା। କମ୍ପାନୀ ବର୍ତ୍ତମାନ ଉତ୍ପାଦନ ବୃଦ୍ଧି ତଥା ଆଧୁନିକୀକରଣକୁ ପ୍ରାଥମିକତା ଦେଉଛି। ସେହିଭଳି ଉତ୍ପାଦନ ଖର୍ଚ୍ଚ ହ୍ରାସ ଏବଂ କାର୍ଯ୍ୟଧାରାରେ ଉନ୍ନତି ନେଇ ପ୍ରୟାସ ଜାରି ରହିଥିବା ଏହା ପ୍ରକାଶ କରିଛି। ବଜାରର ଆବଶ୍ୟକତା ପୂରଣ କରିବା ଦିଗରେ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ସେଲ ଅଧ୍ୟକ୍ଷ ଅନିଲ କୁମାର ଚୌଧରୀ ସୂଚନା ଦେଇଛନ୍ତି।

सेल SAIL

# ଚାପରେ ରହିଛି ୨.୫ ଲକ୍ଷ କୋଟିର ତାପଜ ବିଦ୍ୟୁତ୍ ପ୍ରକଳ୍ପ

**ନୂଆଦିଲ୍ଲୀ,୧୦-୨**

ଦେଶର ପ୍ରାୟ ୨.୫ ଲକ୍ଷ କୋଟି ଟଙ୍କାର ତାପଜ ବିଦ୍ୟୁତ ପ୍ରକଳ୍ପଗୁଡ଼ିକ ଏବେ ଚାପଗ୍ରସ୍ତ ରହିଛନ୍ତି। ଏଥିରୁ ସେମାନଙ୍କୁ ମୁକୁଳାଇବା ଲାଗି ତତ୍କାଳ ସମାଧାନସୂଚକ ପଦକ୍ଷେପ ନେବାକୁ ହେବ ବୋଲି ଆସୋଚାମ୍-ଗ୍ରାଣ୍ଟ ଥର୍ନଟନ ପକ୍ଷରୁ ମିଳିତ ଭାବେ ପ୍ରସ୍ତୁତ କରାଯାଇଥିବା ରିପୋର୍ଟରେ କୁହାଯାଇଛି। ଘରୋଇ ଏବଂ ଆମଦାନୀ ହେଉଥିବା କୋଇଲା ଓ ଗ୍ୟାସ୍ ଉପରେ ନିର୍ଭରଶୀଳ ଏହି ବିଦ୍ୟୁତ ପ୍ରକଳ୍ପଗୁଡ଼ିକ ଏବେ ଅତ୍ୟନ୍ତ ସଙ୍କଟ ଦେଇ ଗତି କରୁଛନ୍ତି। ବିଜୁଳି କ୍ଷେତ୍ରକୁ ଦିଆଯାଇଥିବା ପ୍ରାୟ ୧ ଲକ୍ଷ କୋଟି ଟଙ୍କା ଏବେ ଏନ୍‌ପିଏ(ଅନାଦାୟ ଋଣ) ହୋଇଗଲାଣି ଅଥବା ପୁନର୍ଗଠିତ ହେଲାଣି। ରିପୋର୍ଟରେ କୁହାଯାଇଛି ଯେ, ପ୍ରାୟ ୬୬ ହଜାର ମେଗାୱାଟ କ୍ଷମତାବିଶିଷ୍ଟ ପ୍ରକଳ୍ପଗୁଡ଼ିକ ଏବେ ବିଭିନ୍ନ ପର୍ଯ୍ୟାୟରେ ଅଟକି ଯାଇଛି। ଏଗୁଡ଼ିକ ମଧ୍ୟରୁ ୫୪,୮୦୦ ମେଗାୱାଟ୍ କୋଇଲା ଆଧାରିତ ପ୍ରକଳ୍ପ ହୋଇଥିବା ବେଳେ, ୬୮୯୦ ମେଗାୱାଟର ଗ୍ୟାସ ଆଧାରିତ ଏବଂ ୪୫୭୦ ମେଗାୱାଟ୍‌ର ଜଳବିଦ୍ୟୁତ୍ ପ୍ରକଳ୍ପ ରହିଛି। ଏହି ପ୍ରକଳ୍ପଗୁଡ଼ିକରେ ପ୍ରାୟ ୩ ଲକ୍ଷ କୋଟି ଟଙ୍କାର ଋଣ ଏବେ ଫସିଯାଇଛି। ଏହା ବ୍ୟାଙ୍କିଙ୍ଗ ସେକ୍ଟର ଓ ଅର୍ଥନୀତି ପାଇଁ ସତର୍କ ଘଣ୍ଟି ବୋଲି ମନେ କରାଯାଉଛି। ରିପୋର୍ଟରେ କୁହାଯାଇଛି ଯେ, ତାପଜ ବିଦ୍ୟୁତ ପ୍ରକଳ୍ପ ପାଇଁ ଇନ୍ଧନ ଯୋଗାଣ ସଂକ୍ରାନ୍ତରେ ଚୁକ୍ତି ସ୍ୱାକ୍ଷର ନ ହେବା,ବିଦ୍ୟୁତ କ୍ରୟ ଚୁକ୍ତିର ଅଭାବ ଆଦି ଅସୁବିଧା ଯୋଗୁ ପ୍ରକଳ୍ପଗୁଡ଼ିକ ଆଗେଇବାରେ ବାଧା ସୃଷ୍ଟି ହୋଇଛି। ସଙ୍କଟଗ୍ରସ୍ତ ଏହି ତାପଜ ବିଦ୍ୟୁତ ପ୍ରକଳ୍ପଗୁଡ଼ିକ ପାଇଁ ଗୋଟିଏ ପ୍ରକାର ସମାଧାନ ପନ୍ଥା ହୋଇପାରିବ ନାହିଁ ବୋଲି ରିପୋର୍ଟରେ ଜୋର୍ କୁହାଯାଇଛି।




ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଆର୍‌ପିଆର୍‌ସି ଶାଖା ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପିଏନ୍‌ବି ଓଡ଼ିଶା ମଣ୍ଡଳ ମୁଖ୍ୟ ଗଣପତି ଲାଲ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ପ୍ରବନ୍ଧକ ପ୍ରତାପ କୁମାର ବଇରୀ ଗଞ୍ଜନ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ୧୦୦ରୁ ଊର୍ଦ୍ଧ୍ୱ ଲୋକ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଡ. ମହେଶ ରଥ, ଡ. ସମ୍ବିତ ଦାସ ଏବଂ ଟିମ୍ ଏଥିରେ ଯୋଗ ଦେଇଥିଲେ।

# ଆରବିଆଇଠାରୁ ୨୭,୩୮୦ କୋଟି ମାଗିଲେ ସରକାର

**ନୂଆଦିଲ୍ଲୀ,୧୦-୨**




ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ୨୭,୩୮୦ କୋଟି ଟଙ୍କା କେନ୍ଦ୍ର ସରକାରଙ୍କୁ ଦେଉ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆର୍‌ବିଆଇ ଏହି ଅର୍ଥକୁ ବିଗତ କିଛି ବର୍ଷ ହେବ ବିପଦ ପରିଚାଳନା ଏବଂ ସଂରକ୍ଷିତ ଭଣ୍ଡାର ଭାବେ ସଞ୍ଚୟ କରି ରଖିଥିଲା।

ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି ଯେ, ରିଜର୍ଭ ବ୍ୟାଙ୍କ ୨୦୧୬-୧୭ ଆର୍ଥିକ ବର୍ଷର ବିପଦ ଏବଂ ସଂରକ୍ଷିତ ଭଣ୍ଡାର ରୂପରେ ୧୩,୧୯୦କୋଟି ଟଙ୍କା ନିଜ ପାଖରେ ରଖିଥିଲା। ସେହିପରି ୨୦୧୭-୧୮ରେ ଏହା ୧୪,୧୯୦ କୋଟି ଟଙ୍କା ପୁଞ୍ଜି ସଞ୍ଚୟ କରିଥିଲା। ଏଭଳି ଭାବେ ଏହା ନିକଟରେ ଏବେ ଉକ୍ତ ଟଙ୍କା ସଞ୍ଚିତ ହୋଇ ରହିଛି, ଯାହାକୁ ସରକାର ମାଗୁଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ସରକାର ଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ କେନ୍ଦ୍ରୀୟ ବ୍ୟାଙ୍କକୁ ଅନ୍ତରୀଣ ଲାଭାଂଶ ଏବଂ ଗତ ଦୁଇ ବର୍ଷର ଅତିରିକ୍ତ ପାଣ୍ଠିରେ ରଖାଯାଇଥିବା ଅର୍ଥକୁ ପ୍ରଦାନ କରିବାକୁ ପରାମର୍ଶ ଦେଇଛନ୍ତି। ଉଲ୍ଲେଖ କରାଯାଇପାରେ ଯେ, ଆର୍‌ବିଆଇ ଠାରୁ ସରକାର ଅନ୍ତରୀଣ ଲାଭାଂଶ ବାବଦରେ ୨୮ ହଜାର କୋଟି ଟଙ୍କା ପାଇପାରନ୍ତି ବୋଲି କେନ୍ଦ୍ର ଆର୍ଥିକ ବ୍ୟାପାର ସଚିବ ସୁଭାଷ ଚନ୍ଦ୍ର ଗର୍ଗ କହିଥିଲେ। ଆର୍ଥିକ ବର୍ଷ ୨୦୧୮-୧୯ରେ ସରକାରଙ୍କୁ ଆର୍‌ବିଆଇ ୪୦ହଜାର କୋଟି ଟଙ୍କାର ଲାଭାଂଶ ଦେଇସାରିଥିଲା। ଯଦି ବୋର୍ଡର ମଞ୍ଜୁରୀ ପରେ ଏହା ୨୮ ହଜାର କୋଟି ଟଙ୍କା ପ୍ରଦାନ କରେ, ତେବେ ମୋଟ ଲାଭାଂଶ ପରିମାଣ ୬୮ ହଜାର କୋଟି ଟଙ୍କାରେ ପହଞ୍ଚିବ। ଉକ୍ତ ସୂତ୍ରରୁ କୁହାଯାଇଛି ଯେ, କେନ୍ଦ୍ର ସରକାର ଆସନ୍ତା ଆର୍ଥିକ ବର୍ଷରେ ଲାଭାଂଶ ବାବଦରେ ରିଜର୍ଭ ବ୍ୟାଙ୍କରୁ ୬୯ହଜାର କୋଟି ଟଙ୍କା ପାଇବାକୁ ଆଶବାନ୍ଧିଛନ୍ତି। ରାଷ୍ଟ୍ରୀୟ ବ୍ୟାଙ୍କ, ଆର୍ଥିକ ସଂସ୍ଥା ଓ ଆର୍‌ବିଆଇ ଲାଭାଂଶକୁ ହିସାବକୁ ନେଲେ ସରକାର ୨୦୧୯-୨୦ ଆର୍ଥିକ ବର୍ଷରେ ପ୍ରାୟ ୮୨,୯୧୧.୫୬ କୋଟି ଟଙ୍କା ପାଇବାକୁ ଯାଉଛନ୍ତି।

# ଆଇଡିବିଆଇ ବ୍ୟାଙ୍କର ଆର୍ଥିକ ଫଳାଫଳ ଘୋଷଣା

**ମୁମ୍ବାଇ,୧୦-୨**

ରାଷ୍ଟ୍ରାୟତ୍ତ ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସ ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏଲ୍‌ଆଇସି ଆଇଡିବିଆଇ ବ୍ୟାଙ୍କର ୫୧% ଅଂଶଧନ ଅଧିଗ୍ରହଣ କାର୍ଯ୍ୟ ଚୂଡାନ୍ତ କରିବା ପରେ ବ୍ୟାଙ୍କରେ ଏହା ୨୧,୬୨୪ କୋଟି ଟଙ୍କା ପୁଞ୍ଜି ନିବେଶ କରିଛି। ଏହି ନିବେଶ ପରେ ଆଇଡିବିଆଇ ୨୦୧୮ ଡିସେମ୍ବର ସୁଦ୍ଧା ନିର୍ଦ୍ଧାରିତ ପୁଞ୍ଜି ଲକ୍ଷ୍ୟ ହାସଲ କରିବାକୁ ସକ୍ଷମ ହୋଇଛି। ଡିସେମ୍ବର ୩୧ ସୁଦ୍ଧା ବ୍ୟାଙ୍କର ସିଇଟି-୧ ପୁଞ୍ଜି ୯.୩୨% ବୃଦ୍ଧି ଘଟିଛି। ୨୦୧୭ ସମାନ ସମୟରେ ଏହା ୬.୬୨% ଥିଲା। କାସା ୮୮,୨୦୬ କୋଟି, ସିଆର୍‌ଏଆର ୧୧.୯୩%ରୁ ୧୨.୫୧%, ମୋଟ ଜମାର ୩୮% କାସା ରହିଛି। ଜମାରେ ୧୦% ବୃଦ୍ଧି ଘଟି ୫୨,୨୨୫ କୋଟି ଟଙ୍କା ଛୁଇଁଛି। ମୋଟ ଏନ୍‌ପିଏ ଏବଂ ନେଟ୍ ଏନ୍‌ପିଏ ସଂଗ୍ରହରେ ଉନ୍ନତି ଘଟି ୨୯.୬୭% ଏବଂ ୧୪.୦୧% ରହିଛି, ଯାହା ପୂର୍ବେ ଚଳିତ ବର୍ଷ ସେପ୍ଟେମ୍ବରରେ ଯଥାକ୍ରମେ ୩୧.୭୮% ଏବଂ ୧୭.୩୦% ରହିଥିଲା। ଏନ୍‌ପିଏ ଆଦାୟ ଉନ୍ନତ ରହିବା ସହ ୩୪୪୦ କୋଟି ଟଙ୍କା ଛୁଇଁଛି। ବ୍ୟାଙ୍କ ୧୩୫୭ କୋଟି ଟଙ୍କା ନେଟ୍ ସୁଧ ଆୟ ଲାଭ କରିଛି। ସେହିଭଳି ପରିଚାଳନାଗତ ଲାଭ ୭୨୫ କୋଟି ଟଙ୍କା ରହିଛି। ଏହି ସମୟରେ ନେଟ୍ କ୍ଷତି ୪୧୮୫ କୋଟି ଟଙ୍କା ରହିଛି। ଅଧିଗ୍ରହଣ ପରେ ବ୍ୟାଙ୍କର ୧୮୦୦ ଶାଖାରେ ଏଲ୍‌ଆଇସି ପ୍ରଡକ୍ଟ ଉପଲବ୍ଧ ହେବ ବୋଲି ଆଇଡିବିଆଇ ପକ୍ଷରୁ ସୂଚନା ରହିଛି।

ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜରେ ପରାଜୟ ଦୁଃଖଦାୟକ ହୋଇଥିଲେ ମଧ୍ୟ ଆମକୁ ଅନେକ କିଛି ଶିଖିବାକୁ ମିଳିଛି।
–ରୋହିତ ଶର୍ମା, ଭାରତୀୟ ଦଳର କାମଚଳା ଅଧିନାୟକ



ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜରେ ଦୁଇଟି ମ୍ୟାଚ ଆମକୁ ଅଳ୍ପକେ ହାରିବାକୁ ପଡ଼ିଥିବାରୁ ଆମ ବ୍ୟାଟିଂରେ ସୁଧାର ଆବଶ୍ୟକ।
–ସ୍ମୃତି ମନ୍ଧାନା, ଭାରତୀୟ ମହିଳା କ୍ରିକେଟ ଦଳ ଓପନର



## ସଂକ୍ଷେପରେ

### କାଗଲିଆରି ଖେଳାଳିଙ୍କୁ ଷ୍ଟାଡିୟମ୍‌ରେ ବନ୍ଦ କଲେ କୃଷକ

ରୋମ୍,୧୦।୨(ଏଏଫ୍‌ପି): ଇଟାଲିଆନ କ୍ଲବ କାଗଲିଆରି ଦଳର ଖେଳାଳିମାନେ ମିଲନଠାରେ ଖେଳାଯିବାକୁ ଥିବା ମ୍ୟାଚ୍ ପାଇଁ ଧାର୍ଯ୍ୟ ସମୟ ସୁଦ୍ଧା ଗସ୍ତ କରିବାରେ ବିଫଳ ହୋଇଛନ୍ତି। କାଗଲିଆରି କ୍ଲବର ଖେଳାଳିମାନେ ଆସେମିନେଲୋ ଟ୍ରେନିଂ ଗ୍ରାଉଣ୍ଡରେ ଅଭ୍ୟାସ କରୁଥିବାବେଳେ ଷ୍ଟାଡିୟମ୍‌ର ପ୍ରସ୍ଥାନ ଦ୍ୱାରରେ ସ୍ଥାନୀୟ କୃଷକମାନେ ତାଲା ପକାଇ ଦେଇଥିଲେ। ସେମାନେ ଏହାଦ୍ୱାରା କ୍ଷୀର ଦର ବୃଦ୍ଧିକୁ ବିରୋଧ କରି ୧୦୦ କୃଷକ ପ୍ରତିବାଦ ଜଣାଇଥିଲେ। ଦଳୀୟ କୋଚ୍ ରୋଲାଣ୍ଡୋ ମରାନ ଓ କ୍ଲବ ନିର୍ଦ୍ଦେଶକ ମାରିଓ ପାସେଚ୍ଚି ପ୍ରତିବାଦ କରୁଥିବା କୃଷକଙ୍କ ସହ ଆଲୋଚନା କରିବା ପରେ ଖେଳାଳିଙ୍କ ବସ୍‌କୁ ବିମାନବନ୍ଦର ଯିବାକୁ ଅନୁମତି ମିଳିଥିଲା। ଏଥିନେଇ ସାର୍ଡିନିଆନ ଜନ୍ମିତ ଖେଳାଳି ନିକୋଲ ବାରେଲ ଓ ବ୍ରାଜିଲ ଦଳର ସାଥୀ ଜାଓ ପେଡ୍ରୋଙ୍କୁ ପ୍ରତିବାଦରେ ସାମିଲ ହେବା ପରେ ଏହା ସମ୍ଭବ ହୋଇଥିଲା। ଉଲ୍ଲେଖଥାଉ କି, କାଗଲିଆରି ଦଳ ସିରି ଏ' ଲିଗ୍‌ର ପଏଣ୍ଟ ଟେବୁଲରେ ୧୫ତମ ସ୍ଥାନରେ ରହିଛି।

### ପ୍ୟାଭିଲିଅନରୁ ଫେରିଲେ ଷ୍ଟୋକ୍ସ

ସେଣ୍ଟ ଲୁସିଆ,୧୦।୨: ଏଠାରେ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଚାଲିଥିବା ୩ୟ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଇଂଲଣ୍ଡ ଅଲରାଉଣ୍ଡର ବେନ ଷ୍ଟୋକ୍ସ ନୋ ବଲରେ ଆଉଟ୍ ହେବା ପରେ ପ୍ୟାଭିଲିଅନରୁ ଫେରି ପୁଣି ବ୍ୟାଟିଂ କରିଛନ୍ତି। ସେ ୫୨ ରନ୍ କରି ଖେଳୁଥିବାବେଳେ ଅଲଜାରି ଜୋଶେଫଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଏହାପରେ ସେ ପ୍ୟାଭିଲିଅନ ଫେରି ପ୍ୟାଡ୍ସ ଓହ୍ଲାଇବା ଆରମ୍ଭ କରି ଦେଇଥିଲେ। ମାତ୍ର ଗ୍ରାଉଣ୍ଡରେ ଲାଗିଥିବା ସ୍କ୍ରିନରେ ରିପ୍ଲେ ଦେଖିବା ପରେ ଜୋଶେଫ ନୋ ବଲ ପକାଇଥିବା ଜଣା ପଡ଼ିଥିଲା। ଏଥିଯୋଗୁ ଫିଲ୍ଡ ଅମ୍ପାୟର ଷ୍ଟୋକ୍ସଙ୍କୁ ନଟ୍ ଆଉଟ ଘୋଷିତ କରିବା ସହ କ୍ରିଜ୍‌କୁ ଫେରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେତେବେଳକୁ କ୍ରିଜ୍‌କୁ ଆସି ସାରିଥିବା ବ୍ୟାଟ୍ସମ୍ୟାନ ଜନି ବେୟାରଷ୍ଟୋଙ୍କୁ ପ୍ୟାଭିଲିଅନ ଫେରିବାକୁ ପଡ଼ିଥିଲା। ଉଲ୍ଲେଖଥାଉ କି, ୨୦୧୭ ଏପ୍ରିଲ ମାସରେ ଆଇସିସିରେ ଆଗତ ହୋଇଥିବା ନିୟମ ୩୧.୭ ଅନୁଯାୟୀ ଷ୍ଟୋକ୍ସଙ୍କୁ ନଟଆଉଟ୍ ଘୋଷିତ କରାଯାଇଥିଲା। ଏହି ନିୟମ ଫିଲ୍ଡ ଅମ୍ପାୟରଙ୍କୁ ନିଜର ତ୍ରୁଟି ଜାଣିବା ପରେ ନିଷ୍ପତ୍ତିକୁ ଫେରାଇ ନେବାକୁ ଅଧିକାର ଦିଆଯାଇଛି।

### ୱର୍ନ ରାଜସ୍ଥାନ ରୟାଲ୍ସର ବ୍ରାଣ୍ଡ୍ ଆମ୍ବାସାଡର

ମୁମ୍ବାଇ, ୧୦।୨ (ପି.ଟି.): ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ରେ ରାଜସ୍ଥାନ ରୟାଲ୍ସ ଅଷ୍ଟ୍ରେଲୀୟ ସ୍ପିନ କିମ୍ବଦନ୍ତୀ ଶେନ ୱର୍ନଙ୍କୁ ଏହାର ବ୍ରାଣ୍ଡ ଆମ୍ବାସାଡର କରିଛି। ୱର୍ନଙ୍କ ତତ୍ତ୍ୱାବଧାନରେ ରାଜସ୍ଥାନ ରୟାଲ ୨୦୦୮ରେ ପ୍ରଥମ ତଥା ଏକମାତ୍ର ଟାଇଟଲ ହାସଲ କରିଥିଲା। ଅଷ୍ଟ୍ରେଲୀୟ ସ୍ପିନ୍ କିମ୍ବଦନ୍ତୀ ଗତ ସିଜନରେ ଦଳର ମେଣ୍ଟର ଭାବେ ଦାୟିତ୍ୱ ତୁଲାଇଥିଲେ। କିନ୍ତୁ ଏଥର ତାଙ୍କୁ ଦଳ ପାଇଁ ଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ୱର୍ନ ୨୦୧୧ ପର୍ଯ୍ୟନ୍ତ ୪ସିଜନ ଧରି ରାଜସ୍ଥାନ ରୟାଲ୍ସର ଅଧିନାୟକ ରହିଥିଲେ। ପରେ ସେ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ନେଇଥିଲେ।

■ ହିରୋ ଗୋଲ୍ଡ କପ୍ ମହିଳା ଫୁଟବଲ

# ଫାଇନାଲ ଲକ୍ଷ୍ୟରେ ଭାରତ

ଭୁବନେଶ୍ୱର,୧୦।୨(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହିରୋ ଗୋଲ୍ଡ କପ୍ ମହିଳା ଫୁଟବଲ ଟୁର୍ନାମେଣ୍ଟରେ ଭାରତ ସୋମବାର ନେପାଳକୁ ଭେଟିବ। ପ୍ରଥମ ମ୍ୟାଚ୍‌ରେ ଶନିବାର ଇରାନକୁ ୧-୦ ଗୋଲରେ ପରାସ୍ତ କରି ଭାରତ ଅଭିଯାନ ଆରମ୍ଭ କରିଥିଲା। ଅଞ୍ଜୁ ତମାଙ୍ଗ୍ ୪୮ତମ ମିନିଟରେ ଗୋଲ ଦେଇ ଭାରତକୁ ବିଜୟୀ କରାଇଥିଲେ। ସୋମବାର ନେପାଳକୁ ହରାଇପାରିଲେ ଭାରତ ଏହି ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟର ଫାଇନାଲକୁ ସିଧାସଳଖ ପ୍ରବେଶ କରିବ। ଇରାନକୁ ହରାଇବା ପରେ ଭାରତୀୟ ମହିଳା ଦଳ ଆନ୍ତର୍ଜାତିକ ଫୁଟବଲ୍‌ରେ କ୍ରମାଗତ ୫ଟି ମ୍ୟାଚ୍‌ରେ ବିଜୟୀ ହୋଇ ଅସାଧାରଣ ସଫଳତା ହାସଲ କରିଛି। ଏହାପୂର୍ବରୁ ଭାରତ ଇଣ୍ଡୋନେସିଆ ଓ ହଂକଂକୁ ଦୁଇଟି ଲେଖାଏ ମ୍ୟାଚ୍‌ରେ ହରାଇଥିଲା। ପ୍ରତ୍ୟେକ ମ୍ୟାଚ୍‌କୁ ଆମେ ଜିତିବାକୁ ଚେଷ୍ଟା କରିଥାଉ। ଇରାନ୍ ବିପକ୍ଷରେ ମଧ୍ୟ ଏହା ହୋଇଥିଲା। ତେଣୁ ନେପାଳକୁ ମଧ୍ୟ ଆମେ ହରାଇବାକୁ ସବୁମତେ ଚେଷ୍ଟା କରିବା ସହ ଫାଇନାଲ ଟିକେଟ ହାସଲ କରିବୁ ବୋଲି ଭାରତୀୟ କୋଚ୍ ମେମୋଲ ରକି କହିଛନ୍ତି। ଇରାନକୁ ଅଧିକ ବ୍ୟବଧାନରେ ଭାରତ ହରାଇ ପାରିଥାନ୍ତା। ତେବେ ସଞ୍ଜୁ ଓ ଅଞ୍ଜୁ ଗୋଟିଏ ଲେଖାଏ ସୁବର୍ଣ୍ଣ ସୁଯୋଗ ହରାଇଥିଲେ। ଭାରତ ପ୍ରଥମ ମ୍ୟାଚ୍‌ରେ ଭଲ ଖେଳିଥିଲା ଓ ଦ୍ୱିତୀୟ ମ୍ୟାଚ୍‌ରେ ମଧ୍ୟ ଏହି ଭଳି ଖେଳିବ। ଭାରତୀୟ ଖେଳାଳିଙ୍କ ନିକଟରେ ଦକ୍ଷତା ଓ ପ୍ରତିଭା ରହିଛି। ଏସିଆର ଅନ୍ୟତମ ଶକ୍ତିଶାଳୀ ଦଳକୁ ଭାରତ ହରାଇଛି। ଫଳରେ ଆମ ଖେଳାଳିଙ୍କ ଆତ୍ମବିଶ୍ୱାସରେ ବୃଦ୍ଧି ଘଟିଛି ବୋଲି ମେମୋଲ କହିଛନ୍ତି।

ଅପରପକ୍ଷରେ ନେପାଳ ତା'ର ପ୍ରଥମ ମ୍ୟାଚ୍‌ରେ ମ୍ୟାନମାରଠାରୁ ୦-୩ ଗୋଲରେ ଶୁକ୍ରବାର ପରାସ୍ତ ହୋଇଥିଲା। ନେପାଳ ମଧ୍ୟ ଏକ ଶକ୍ତିଶାଳୀ ଦଳ। ନେପାଳ ପାଖରେ ଫିନିଶିଂ ସ୍କିଲ ରହିଛି ଖେଳାଳିମାନେ ଦ୍ରୁତ ଖେଳ ପ୍ରଦର୍ଶନ କରିଥାନ୍ତି। ବିଜୟୀ ହେବାକୁ ହେଲେ ଆମକୁ ପୂରା ସାମର୍ଥ୍ୟ ସହ ନୂଆ ତଥା ଭିନ୍ନ ରଣନୀତି ନେଇ ପଡିଆକୁ ଓହ୍ଲାଇବାକୁ ହେବ। ସୋମବାର ଅନ୍ୟ ଏକ ମ୍ୟାଚରେ ମ୍ୟାନ୍‌ମାର ପ୍ରତିପକ୍ଷ ଇରାନକୁ ଭେଟିବ।



ଭାରତୀୟ ମହିଳା ଫୁଟବଲ ଦଳର ଖେଳାଳି ।

**ସୋମବାର ମ୍ୟାଚ୍**

■ ମ୍ୟାନ୍‌ମାର- ଇରାନ ଅପରାହ୍ନ ୪ଟା

■ ଭାରତ- ନେପାଳ ସନ୍ଧ୍ୟା ୭ଟା

# ଅରୁଣୋଦୟ କ୍ଲବ ଚାମ୍ପିୟନ




ଟ୍ରଫି ସହ ଚାମ୍ପିୟନ ଅରୁଣୋଦୟ କ୍ଲବ୍ ।

କଟକ ଅଫିସ,୧୦।୨

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଆଦର୍ଶ ଫୁଟବଲ କ୍ଲବ ପକ୍ଷରୁ ଅନୁଷ୍ଠିତ ଦୁଇ ଦିନିଆ ଫୁଟ୍‌ବଲ ଟୁର୍ନାମେଣ୍ଟରେ ମଙ୍ଗଳା କ୍ଲବକୁ ହରାଇ ଅରୁଣୋଦୟ କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲର ନିର୍ଦ୍ଧାରିତ ସମୟ ମଧ୍ୟରେ ଗୋଲଶୂନ୍ୟ ରହିଥିଲା। ପରେ ପେନାଲ୍ଟି କିକ୍‌ର ସହାୟତା ନିଆଯାଇଥିଲେ ମଧ୍ୟ ଉଭୟ ଦଳ ସମାନ ସଂଖ୍ୟକ ଗୋଲ କରିଥିଲେ। ଏହାପରେ ସଡନ୍‌ଡେଥ୍ ପଦ୍ଧତିରେ ଅରୁଣୋଦୟ କ୍ଲବ ବିଜୟୀ ହୋଇଥିଲା। ପ୍ରଥମ ସେମିଫାଇନାଲରେ ଅରୁଣୋଦୟ କ୍ଲବ ୨-୧ ଗୋଲରେ ଗାଲାଣ୍ଟ କ୍ଲବକୁ ଓ ୨ୟ ସେମିରେ ମଙ୍ଗଳା କ୍ଲବ ୧-୦ ଗୋଲରେ ଚାନ୍ଦ୍ କ୍ଲବକୁ ହରାଇଥିଲେ। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ଶିଳ୍ପପତି ସୁଶାନ୍ତ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀ ପ୍ରଫେସର ପଦନ କୁମାର ଜେନା, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ନାଥ ସାହୁ, ଓଲିଉଡ ତାରକା ଶ୍ରେୟାନ, ସୂର୍ଯ୍ୟମୟୀ, ନିର୍ଦ୍ଦେଶକ ବସନ୍ତ କୁମାର ସାହୁ, କଟକ ଚାମ୍ବର ଅଫ୍ କମର୍ସ ସମ୍ପାଦକ ପ୍ରଫୁଲ୍ଲ କୁମାର ଛାଟୋଇ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ୩୧ ହଜାର ଟଙ୍କା ସମେତ ଟ୍ରଫି ଓ ରନର୍ସଅପ୍ ଦଳକୁ ୨୧ ହଜାର ଟଙ୍କା ସମେତ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ଲବ ସଭାପତି ସୁରେନ୍ଦ୍ର କୁମାର ସାହୁ, ସମ୍ପାଦକ ନୀଳକଣ୍ଠ ମହାନ୍ତି, ରମେଶ ଚନ୍ଦ୍ର ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହୃଦ୍‌ଘାତରେ ଓଡ଼ିଆ ଖେଳାଳିଙ୍କ ମୃତ୍ୟୁ

କୋଲକାତା, ୧୦।୨ (ପି.ଟି.)

ଏଠାରେ ଆନ୍ତଃ ବିଶ୍ୱବିଦ୍ୟାଳୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଖେଳିବାକୁ ଆସିଥିବା ଜଣେ ଓଡ଼ିଆ ଖେଳାଳି ରିତ୍ୱିକ୍ ଦାସଙ୍କ ରବିବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ରିତ୍ୱିକ ହେଉଛନ୍ତି କଟକସ୍ଥିତ ନ୍ୟାଶନାଲ ଲ' ୟୁନିଭର୍ସିଟି ଓଡ଼ିଶାର ଜଣେ ଛାତ୍ର। ସ୍ଥାନୀୟ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ଇଷ୍ଟର୍ନ ସେଣ୍ଟରସ୍ଥିତ ପଡ଼ିଆରେ ସଂଜ୍ଞାହୀନ ହୋଇ ତଳେ ପଡ଼ିଯାଇଥିଲେ। ଅପରାହ୍ନରେ ତାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମରଶରୀରକୁ ଭୁବନେଶ୍ୱରସ୍ଥିତ ବାସସ୍ଥାନକୁ ପଠାଇ ଦିଆଯାଇଛି। ରିତ୍ୱିକ ଜଣେ ଶ୍ୱାସ ରୋଗୀ। ହୁଏତ ଏହା ତାଙ୍କର ମୃତ୍ୟୁର କାରଣ ହୋଇପାରେ ବୋଲି କୁହାଯାଉଛି। ରିତ୍ୱିକଙ୍କ ପିତା ଆର୍.ଆର୍. ମହାନ୍ତି ଜଣେ ଇଣ୍ଡିଆନ ରେଭିନ୍ୟୁ ଅଫିସର। ବର୍ତ୍ତମାନ ସେ ନୂଆଦିଲ୍ଲୀରେ କାର୍ଯ୍ୟରତ। ତାଙ୍କ ମା' ସୁମନା ମହାନ୍ତି ଜଣେ ରେଲୱେ କର୍ମଚାରୀ। ରିତ୍ୱିକାଙ୍କ ଜଣେ ସାନ ଭଉଣୀ ଅଛନ୍ତି। ସୂଚନାଯୋଗ୍ୟ, ସାଇ ଇଷ୍ଟର୍ନ ସେଣ୍ଟରରେ ଦୁଇବର୍ଷ ମଧ୍ୟରେ ଏହା ହେଉଛି ଦ୍ୱିତୀୟ ମୃତ୍ୟୁ ଘଟଣା। ୨୦୧୭ ସେପ୍ଟେମ୍ବରରେ ମଧ୍ୟମଗ୍ରାମରୁ ଆସି ତାଲିମ ନେଉଥିବା ୧୮ ବର୍ଷୀୟ ନିହାରେନ୍ଦୁ ମଲ୍ଲିକଙ୍କ ଟ୍ରେନିଂ ବେଳେ ମୃତ୍ୟୁ ଘଟିଥିଲା।




ଅଲ୍ ଓଡ଼ିଶା ର୍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ୍ : ଟ୍ରଫି ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

# କ୍ରିଷ୍ଟିକାଙ୍କୁ ଦ୍ୱୈତ ସଫଳତା

**ଅଲ୍ ଓଡ଼ିଶା ର୍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ୍**

ଭୁବନେଶ୍ୱର, ୧୦।୨(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ଷ୍ଟେଟ୍ ସେକ୍ରେଟାରିଏଟ୍ ବ୍ୟାଡମିଣ୍ଟନ ଆସୋସିଏଶ୍ (ଓଏସ୍‌ଏସ୍‌ବିଏ) ଓ ଓଡ଼ିଶା ବ୍ୟାଡମିଣ୍ଟନ ଆସୋସିଏଶନ (ଓଏସ୍‌ବିଏ) ଆନୁକୂଲ୍ୟରେ ସ୍ଥାନୀୟ ସହିଦ ନଗରସ୍ଥିତ ଓଡ଼ିଶା ସାଇ ରିଜିଓନାଲ ବ୍ୟାଡମିଣ୍ଟନ ଏକାଡେମୀରେ ଅଲ୍ ଓଡ଼ିଶା ର୍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ସୁନ୍ଦରଗଡ଼ର କ୍ରିଷ୍ଟିକା ବିରୋକ ଉଭୟ ମହିଳା ସିଙ୍ଗଲ୍ସ ଓ ମହିଳା ଡବଲ୍ସ ଟାଇଟଲ ଜିତି ଦ୍ୱୈତ ସଫଳତା ହାସଲ କରିଛନ୍ତି। ସିଙ୍ଗଲ୍ସ ଫାଇନାଲରେ କ୍ରିଷ୍ଟିକା ସମ୍ବଲପୁରର ପ୍ରଶଂସା ଦାସଙ୍କୁ ୨୧-୧୫,୨୧-୧୧ରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ସେହିପରି ଡବଲ୍ସରେ କ୍ରିଷ୍ଟିକା ଓ ସୁନ୍ଦରଗଡ଼ର ଆକାଂକ୍ଷା କୁରେ ୨୧-୧୬, ୨୧-୧୧ରେ ନନ୍ଦିନୀ କୁମାରୀ ଓ ଭୁବନେଶ୍ୱରର ଯଶଶ୍ରୀ ସାମଲଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। ସେହିପରି ୧୭ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ସମ୍ବଲପୁରର ନନ୍ଦୀଶ୍ ପୋଦ୍ଦାର ଅନୁଗୋଳ ଆୟୁଷ ଦାସଙ୍କୁ ୨୧-୧୬, ୧୨-୨୧, ୨୧-୧୨ରେ ହରାଇ ଟାଇଟଲ ଜିତିଛନ୍ତି। ସେହିପରି ୧୯ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ମୟୂରଭଞ୍ଜର ଆୟୁଷ ପଟ୍ଟନାୟକ ନନ୍ଦୀଶ ପୋଦ୍ଦାରଙ୍କୁ ୧୫-୨୧,୨୧-୧୩, ୨୧-୯ରେ ହରାଇ ଚାମ୍ପିୟନ ହୋଇଛନ୍ତି। ୧୭ ବର୍ଷରୁ କମ୍ ବାଳକ ଡବଲ୍ସରେ ସମ୍ବଲପୁରର ଚାୟାଁ ସହରିଆ ଓ ମହମ୍ମଦ ସାହିଲ ଭୁବନେଶ୍ୱରର ଯଶରାଜ ବିଶ୍ୱାଳ ଓ ପ୍ରିୟାଂଶୁ ମହାନ୍ତିଙ୍କୁ ୨୧-୧୯, ୧୪-୨୧ ୨୧-୧୪ରେ ହରାଇ ଟାଇଟଲ ଜିତିଛନ୍ତି। ପୁରୁଷ ଡବଲ୍ସରେ ଭୁବନେଶ୍ୱରର ଜ୍ଞାନଚାନ୍ଦ ଓ ମାନସ ରଞ୍ଜନ ରାଉତରାୟ ୨୧-୧୩, ୨୬- ୨୪ କଟକର ଅଜିତ୍ କୁମାର ମହାନ୍ତି ଓ ପ୍ରମୋଦ କୁମାର ରଣାଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ସମ୍ବଲପୁରର ଅନିର୍ବାଣ ସାମନ୍ତ ଓ ହର୍ଷିତା ରାଉତଙ୍କୁ ଟୁର୍ନାମେଣ୍ଟର ଉଦୀୟମାନ ଖେଳାଳି ରୂପେ ପୁରସ୍କୃତ କରାଯାଇଥିଲା। ମୋଟ ଉପରେ ୪୩ ହଜାର ଟଙ୍କା ପୁରସ୍କାର ଆକାରରେ ଖେଳାଳିମାନଙ୍କୁ ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ରୂପେ ଅବସରପ୍ରାପ୍ତ ଏୟାର ମାର୍ଶାଲ ଜ୍ୟୋତି ନାରାୟଣ ବର୍ମା, ଆସୋସିଏଶନ କାର୍ଯ୍ୟକାରୀ ସଭାପତି ଉମା ଶଙ୍କର ମହାପାତ୍ର, ଓଏସଏସବିଏ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ରାଉତ, ଉପ-ସଭାପତି ବିଶ୍ୱଜିତ୍ ମହାନ୍ତି, ଆସୋସିଏଶନ ମୁଖ୍ୟ ଉପଦେଷ୍ଟା ତଥା ଆୟୋଜକ କମିଟି ଅଧ୍ୟକ୍ଷ ପ୍ରିୟଦର୍ଶୀ ମହାପାତ୍ର, ଯୁଗ୍ମ ସମ୍ପାଦକ ତପନ କୁମାର ପଟ୍ଟନାୟକ, ଗେମ୍ ଡାଇରେକ୍ଟର ଶଶାଙ୍କ ଶେଖର ମହାପାତ୍ର, କୋଷାଧ୍ୟକ୍ଷ ବରେଣ ନାଥ ପ୍ରଧାନ ଓ ମୁଖ୍ୟ ରେଫରି ମନୋଜ କୁମାର ସାବତ୍ ଉପସ୍ଥିତ ଥିଲେ।

### ଓଡ଼ିଶା ଦିବ୍ୟାଙ୍ଗ କବାଡ଼ି ମହାସଂଘର କର୍ମକର୍ତ୍ତା ନିର୍ବାଚନ

ଭୁବନେଶ୍ୱର,୧୦।୨(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ଦିବ୍ୟାଙ୍ଗ କବାଡ଼ି ମହାସଂଘର କର୍ମକର୍ତ୍ତା ଚୟନ ଓ ନିର୍ବାଚନ ରବିବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲା ସଦର ମହକୁମାରରୁ ପ୍ରାୟ ୪୦ ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କମଳାକାନ୍ତ ମହାପାତ୍ର ସଭାପତି, ଜୀବନ ମହାନ୍ତି ଉପସଭାପତି, ବିଷ୍ଣୁ ଚରଣ ସାହୁ ସାଧାରଣ ସମ୍ପାଦକ, ନାରାୟଣ ସାହୁ ଯୁଗ୍ମ ସମ୍ପାଦକ ଏବଂ କୋଷାଧ୍ୟକ୍ଷ ଭାବେ ଅମିତ୍ କୁମାର ସାହୁ ନିର୍ବାଚିତ ହୋଇଛନ୍ତି। ଏହାଛଡ଼ା ବିଭିନ୍ନ କମିଟିର ସଦସ୍ୟ ଭାବେ ନବୀନ ମହାନ୍ତି, ଆଶୋକ କୁମାର ଦାସ, ମିନର୍ଭା ମହାନ୍ତି ଓ ଅୟସକାନ୍ତ ମହାନ୍ତି ପ୍ରମୁଖ ମନୋନୀତ ହୋଇଥିଲେ। ନିର୍ବାଚନ ପରେ ଅନୁଷ୍ଠିତ ବୈଠକରେ ଆସନ୍ତା ମାର୍ଚ୍ଚ ୧୫ ସୁଦ୍ଧା ଏକ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆୟୋଜନ କରାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା।

### ମୋଟେଟ୍ ଜିତିଲେ ଚେନ୍ନାଇ ଓପନ୍ ଏଟିପି ଚ୍ୟାଲେଞ୍ଜର

ଚେନ୍ନାଇ, ୧୦।୨ (ପି.ଟି.)

ଫ୍ରାନ୍ସର ତଥା ଦ୍ୱିତୀୟ ସିଡ୍ କୋରେଣ୍ଟିନ୍ ମୋଟେଟ୍ ଏଠାରେ ଚେନ୍ନାଇ ଓପନ୍ ଏଟିପି ଚ୍ୟାଲେଞ୍ଜର ଟେନିସ୍ ଟୁର୍ନାମେଣ୍ଟ ଜିତିଛନ୍ତି। ରବିବାର ଅନୁଷ୍ଠିତ ସିଙ୍ଗଲ୍ସ ଫାଇନାଲରେ ସେ ଅଷ୍ଟ୍ରେଲିଆର ଆଣ୍ଡ୍ରୁ ହାରିସ୍‌ଙ୍କୁ ୬-୩, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ମୋଟେଟ୍‌ଙ୍କର ଏହା ହେଉଛି ଦ୍ୱିତୀୟ ଚ୍ୟାଲେଞ୍ଜର ଟାଇଟଲ। ଏଠାରେ ଟାଇଟଲ ବିଜୟୀ ହେବାଦ୍ୱାରା ସେ ୭,୨୦୦ ଆମେରିକୀୟ ଡଲାର ପୁରସ୍କାର ରାଶି ଏବଂ ୮୦ ଏଟିପି ପଏଣ୍ଟ ହାସଲ କରିଛନ୍ତି। ଅନ୍ୟପକ୍ଷରେ ଆଣ୍ଡ୍ରୁ ୪,୨୪୦ ଆମେରିକୀୟ ଡଲାର ଏବଂ ୪୮ ଏଟିପି ପଏଣ୍ଟ ଅର୍ଜନ କରିଛନ୍ତି।

# ପାକିସ୍ତାନରେ ଖେଳିବାକୁ ରାଜିହେଲାନି ଅଷ୍ଟ୍ରେଲିଆ

କରାଚୀ, ୧୦।୨ (ଏଏଫ୍‌ପି)

ସୁରକ୍ଷା କାରଣରୁ ଅଷ୍ଟ୍ରେଲିଆ କ୍ରିକେଟ ଦଳ ପାକିସ୍ତାନ ଗସ୍ତରେ ଯିବା ଲାଗି ରାଜି ହେଲା ନାହିଁ। ଫଳରେ ପାକିସ୍ତାନ କ୍ରିକେଟ କର୍ତ୍ତୃପକ୍ଷ ଅଷ୍ଟ୍ରେଲିଆ ବିପକ୍ଷ ସମସ୍ତ ୫ଟି ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଆୟୋଜନ ଲାଗି ବାଧ୍ୟ ହୋଇଛି। ୨୦୦୯ରେ ଶ୍ରୀଲଙ୍କା ଟିମ୍ ବସ୍ ଉପରେ ଆତଙ୍କବାଦୀ ଆକ୍ରମଣ ପରଠାରୁ ଅଷ୍ଟ୍ରେଲିଆ ଏହି ଦେଶରେ ଖେଳିବାକୁ ରାଜି ହେଉ ନାହିଁ। ଅଷ୍ଟ୍ରେଲିଆ ସିନିୟର କ୍ରିକେଟ ଦଳ ଶେଷ ଥର ପାଇଁ ୧୯୯୮ରେ ପାକିସ୍ତାନ ଗସ୍ତ କରିଥିଲା। ପାକିସ୍ତାନ ଗତ ଦୁଇ ବର୍ଷ ହେଲା ପାକିସ୍ତାନ ସୁପର ଲିଗ୍ ଫାଇନାଲ ଆୟୋଜନ କରିଆସୁଛି। ଏହାଛଡ଼ା ବିଶ୍ୱ ଏକାଦଶ, ଶ୍ରୀଲଙ୍କା ଏବଂ ୱେଷ୍ଟଇଣ୍ଡିଜ ବିପକ୍ଷରେ ମ୍ୟାଚ ଖେଳି ସାରିଛି। ଚଳିତବର୍ଷ ଜାନୁୟାରୀ ୩୧ରୁ ଫେବୃୟାରୀ ୩ ପର୍ଯ୍ୟନ୍ତ ୱେଷ୍ଟଇଣ୍ଡିଜ ମହିଳା ଦଳ କରାଚୀଠାରେ ତିନୋଟି ଅନ୍ତର୍ଜାତୀୟ ଟି୨୦ ଖେଳିଛି। କିନ୍ତୁ ସୁରକ୍ଷା କାରଣରୁ ପାକିସ୍ତାନକୁ ଦଳ ନ ପଠାଇବା ଲାଗି ଅଷ୍ଟ୍ରେଲିଆ ସରକାର ଦେଶର କ୍ରିକେଟ ବୋର୍ଡକୁ ନିର୍ଦ୍ଦେଶ ଦେଇଛି। ପାକିସ୍ତାନ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁ ଥିବା ୫ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ମଧ୍ୟରୁ ପ୍ରଥମ ଦୁଇଟି ମ୍ୟାଚ ମାର୍ଚ୍ଚ ୨୨ ଓ ୨୪ରେ ଶାରଜାଠାରେ ଖେଳାଯିବ।

# ଓଡ଼ିଶା ଭଲିବଲ୍ ରେଫରି ସଂଘର ନୂତନ କର୍ମକର୍ତ୍ତା




ଓଡ଼ିଶା ଭଲିବଲ୍ ରେଫରି ସଂଘର ନବ ନିର୍ବାଚିତ କର୍ମକର୍ତ୍ତା ଓ ସଦସ୍ୟ ।

ଭୁବନେଶ୍ୱର, ୧୦।୨(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ଭଲିବଲ୍ ରେଫରି ସଂଘର ବାର୍ଷିକ ସାଧାରଣ ବୈଠକ ଏବଂ ନୂତନ କର୍ମକର୍ତ୍ତା ନିର୍ବାଚନ ରବିବାର ସ୍ଥାନୀୟ ସତ୍‌ସଙ୍ଗ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତିକ୍ରମେ ସମସ୍ତ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ନବନିର୍ବାଚିତ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ୨୦୨୨ ପର୍ଯ୍ୟନ୍ତ ରହିବ। ଏହି ବୈଠକରେ ଭଲିବଲ୍ ଖେଳର ଲୋକପ୍ରିୟତା, ପ୍ରଚାର ଓ ପ୍ରସାର ଉପରେ ଆଲୋଚନା କରାଯାଇଥିଲା। ରାଜ୍ୟର ବିଭିନ୍ନ ଜିଲାରୁ ୫୩ଜଣ ରେଫରି ସଂଘର ସଦସ୍ୟ ଏହି ବୈଠକରେ ଉପସ୍ଥିତ ରହିଥିଲେ ବୋଲି ଓଡ଼ିଶା ଭଲିବଲ୍ ରେଫରି ସଂଘର ସମ୍ପାଦକ ରାମଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି। ନୂତନ କର୍ମକର୍ତ୍ତା ହେଲେ ଜୟପ୍ରକାଶ ମହାନ୍ତି (ସଭାପତି), ଅଶୋକ କୁମାର ପ୍ରଧାନ (କାର୍ଯ୍ୟକାରୀ ସଭାପତି), ଲକ୍ଷ୍ମୀନାରାୟଣ ମହାନ୍ତି (ଉପସଭାପତି), ରାମଚନ୍ଦ୍ର ସେଠୀ (ସାଧାରଣ ସମ୍ପାଦକ), ନିରଞ୍ଜନ ନାୟକ, କଳାକାର ସାମଲ (ଉଭୟ ସହସମ୍ପାଦକ), ପ୍ରକାଶ ଚନ୍ଦ୍ର ବେହେରା (କୋଷାଧ୍ୟକ୍ଷ), ସୁଜନ କୁମାର ନାୟକ, ବିଶ୍ୱଜିତ୍ ଦାସ, ରଜନୀକାନ୍ତ ମିଶ୍ର, ରମାକାନ୍ତ ପଟ୍ଟନାୟକ ଓ ଆନ୍ନା କେର୍କେଟା (ସମସ୍ତେ କାର୍ଯ୍ୟକାରୀ ପରିଷଦ ସଭ୍ୟ)।

### କିଟ୍ ପ୍ରିମିୟର ଲିଗ୍: ଅମୃତସର- ଅଲ୍ ଫଲାହ ଫାଇନାଲ

ଭୁବନେଶ୍ୱର,୧୦।୨(ସ୍ପୋର୍ଟ୍ସ ବ୍ୟୁରୋ) କିଟ୍ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଚାଲିଥିବା କିଟ୍ ପ୍ରିମିୟର ଲିଗ୍ (କେପିଏଲ)ର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଫାଇନାଲ ମୁକାବିଲାରେ ସୋମବାର ଅମୃତସରର ଜିଏନ୍‌ଡିୟୁ ଓ ଅଲ- ଫଲାହ ବିଶ୍ୱବିଦ୍ୟାଳୟ ପରସ୍ପରକୁ ଭେଟିବେ। ରବିବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଅମୃତସର ୧୦ ରନରେ ମୁମ୍ବାଇ ବିଶ୍ୱବିଦ୍ୟାଳୟକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲରେ ଅଲ- ଫଲାହ ୧୯ ରନରେ ହାଇଦ୍ରାବାଦର ଜେଏନଟିୟୁ ବିଶ୍ୱବିଦ୍ୟାୟକୁ ହରାଇ ଫାଇନାଲକୁ ଉଠିଛି। ସୋମବାର ତୃତୀୟ ସ୍ଥାନ ପାଇଁ ମୁମ୍ବାଇ ଓ ହାଇଦ୍ରାବାଦ ପରସ୍ପରକୁ ଭେଟିବେ। ଏହା ବ୍ୟତୀତ ସନ୍ଧ୍ୟା ୭ଟାରେ ଓଲିଉଡ ଅଭିନେତାମାନେ ଏକ ପ୍ରଦର୍ଶନ ମ୍ୟାଚ୍ ଖେଳିବେ।

# ପାରାମାଉଣ୍ଟକୁ ଜିତାଇଲେ ଆୟୁଷରାଜ

ଭଣ୍ଡାରିପୋଖରୀ, ୧୦।୨ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ନେରଡା ପଞ୍ଚାୟତ ଯଶୋଟିକିରିଠାରେ ଅନୁଷ୍ଠିତ ଆନ୍ତଃ ଜିଲା ମହାବୀର କପ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଭଦ୍ରକ ସାଲନ୍ଦୀ କ୍ଲବକୁ ହରାଇ ଭୁବନେଶ୍ୱର ପାରାମାଉଣ୍ଟ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ସାଲନ୍ଦୀ କ୍ଲବ ଟସ୍ ଜିତି ୨୪ ଓଭରରେ ସମସ୍ତ ଉଇକେଟ ହରାଇ ୧୨୧ ରନ୍ କରିଥିଲା। ସଞ୍ଜୟ ଜେନା ୩୬ ରନ୍ (୪ ଚୌକା), ଅମିର ଖାଁ ୩୬ ରନ୍ (ଗୋଟିଏ ଛକା ଓ ୪ଟି ଚୌକା) କରିଥିଲେ। ପ୍ରତିପକ୍ଷର ମିଳନ ପରିଡା ୫ ଓଭରରେ ୧୩ ରନ୍ ଦେଇ ୬ ଉଇକେଟ ନେଇଥିଲେ। ୧୨୨ ରନ୍ ପିଛା କରି ପାରାମାଉଣ୍ଟ ୧୭ ଓଭରରେ ୩ ଉଇକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଆୟୁଷ ରାଜ ଚୌଧୁରୀ ୩୪ ବଲ୍‌ରେ ୧୦୦ ରନ୍ (୩ ଛକା, ୧୬ ଚୌକା) କରି ଅପରାଜିତ ରହିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍, ମ୍ୟାନ ଅଫ୍ ଦି ସିରିଜ, ବେଷ୍ଟ ବ୍ୟାଟ୍‌ସମ୍ୟାନ ଭାବେ ଆୟୁଷରାଜ ଚୌଧୁରୀ, ବେଷ୍ଟ ବୋଲର ମିଳନ ପରିଡା, ଅମିର ଖାଁଙ୍କୁ ବେଷ୍ଟ ଫିଲ୍ଡର ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗ ଦେଇଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଟ୍ରଫି ସହ ବିଜୟୀ ଦଳ।

"ବର୍ତ୍ତମାନର ଫର୍ମକୁ ଅନୁଧ୍ୟାନ କଲେ ଏଥର ଭାରତ ଓ ଇଂଲଣ୍ଡକୁ ବିଶ୍ୱକପ୍ ଟାଇଟଲ ଫେଭରାଇଟ୍ କୁହାଯାଇପାରେ, କିନ୍ତୁ ଆମ ଦେଶର ମଧ୍ୟ ସମ୍ଭାବନା ରହିଛି।
-ରିକି ପଣ୍ଟିଂ, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



"ଭାରତ ବିପକ୍ଷ ଟି୨୦ ସଫଳତା ଦ୍ୱାରା ଆମ ଖେଳାଳିଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି, ବାଂଲାଦେଶ ବିପକ୍ଷ ଆଗାମୀ ଘରୋଇ ସିରିଜରେ ଭଲ କରିବୁ ବୋଲି ଆଶା।
-କେନ୍ ୱିଲିୟମସନ, ନ୍ୟୁଜିଲାଣ୍ଡ ଅଧିନାୟକ



## ସଂକ୍ଷେପରେ

### ପ୍ରଥମ ଅନ୍ଅଫିସିଆଲ ଟେଷ୍ଟ ଡ୍ର'ରେ ଶେଷ

ୱାୟାନାଡା (କେରଳ), ୧୦।୨ (ପି.ଟି.): ସ୍ଥାନୀୟ କ୍ରିଷ୍ଣାଗିରି ଷ୍ଟାଡିୟମରେ ଭ୍ରମଣକାରୀ ଇଂଲଣ୍ଡ ଲାୟନ୍ସ ଓ ଭାରତ-ଏ ମଧ୍ୟରେ ଅନୁଷ୍ଠିତ ୪ ଦିନିଆ ପ୍ରଥମ ଅନ୍ଅଫିସିଆଲ ଟେଷ୍ଟ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି। ଇଂଲଣ୍ଡ ଲାୟନ୍ସ ଏହାର ପୂର୍ବଦିନର ଅସମାପ୍ତ ୨ୟ ଇନିଂସ ସ୍କୋର ୨୦/୦ ରନ୍‌ରୁ ଅନ୍ତିମ ଦିବସ ତଥା ରବିବାର ଖେଳ ଆରମ୍ଭ କରି ୮୩ ଓଭରରେ ୫ ଉଇକେଟ୍ ବିନିମୟରେ ୨୧୪ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସାମ୍ ହେଇନ୍ ୫୭ (୭ ଚୌକା) ଓ ୨୧ ବର୍ଷୀୟ ଯୁବ ବ୍ୟାଟ୍ସମ୍ୟାନ ଓଲି ପୋପ୍ ୬୩ (୧୦ ଚୌକା) ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ତଥା ଉଇକେଟ୍‌କିପର ସାମ୍ ବିଲିଙ୍ଗ ୫, ମାକ୍ସ ହୋଲ୍ଡେନ ୨୯, ବେନ୍ ଡକେଟ୍ ୩୦, ଷ୍ଟିଭେନ୍ ମୁଲାନୀ ୩* ଓ ୱିଲି ଜ୍ୟାକ୍ସ ୧୩* ରନ୍ କରିଥିଲେ। ଘରୋଇ ଭାରତ-ଏ ପକ୍ଷରୁ ଦୁଇ ସ୍ପିନର ଜଲାଜ ସାକ୍ସେନା ଓ ଶାହାବାଜ୍ ନଦୀମ ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ପୂର୍ବରୁ ଇଂଲଣ୍ଡ-ଏ ଏହାର ପ୍ରଥମ ଇନିଂସରେ ୩୪୦ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଏହାର ଜବାବରେ ଭାରତ-ଏ ୬ ଉଇକେଟ୍‌ରେ ୫୪୦ ରନର ବିଶାଳ ସ୍କୋର କରି ପ୍ରଥମ ଇନିଂସ ଘୋଷଣା କରିଥିଲା। ଭାରତ ପକ୍ଷରୁ ପ୍ରିୟଙ୍କ ପଞ୍ଚାଲଙ୍କ (୨୦୬) ଦ୍ୱିଶତକ ଓ ଉଇକେଟ୍‌କିପର ଶ୍ରୀକର ଭରତଙ୍କ (୧୪୨) ଦମ୍‌ଦାର ଶତକୀୟ ଇନିଂସ ମ୍ୟାଚ୍‌ର ଉଲ୍ଲେଖନୀୟ ଘଟଣା ରହିଥିଲା। ଦ୍ୱିଶତକୀୟ ଇନିଂସ ପାଇଁ ପଞ୍ଚାଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଦୁଇ ଦଳ ମଧ୍ୟରେ ଅନ୍ତିମ ତଥା ୨ୟ ଅନ୍ଅଫିସିଆଲ ଟେଷ୍ଟ ମ୍ୟାଚ୍ ବୁଧବାରଠାରୁ ମହୀଶୂରରେ ଆରମ୍ଭ ହେବ।

### ମହିଳା ହକି: ଭାରତ ଏ' ଦଳ ବିଜୟୀ

ଗୋରଖପୁର (ଉତ୍ତର ପ୍ରଦେଶ), ୧୦।୨ (ପି.ଟି.): ଭ୍ରମଣକାରୀ ଫ୍ରାନ୍ସ 'ଏ' ମହିଳା ହକି ଦଳ ବିପକ୍ଷ ଦ୍ୱିତୀୟ ମ୍ୟାଚକୁ ଭାରତ 'ଏ' ୩-୨ ଗୋଲରେ ଜିତି ନେଇଛି। ସ୍ଥାନୀୟ ବୀର ବାହାଦୁର ସିଂ ସ୍ପୋର୍ଟ୍ସ କଲେଜ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚରେ ମିକାଏଲା ଲାଲା ୧୪ତମ ମିନିଟ୍‌ରେ ଏକ ଗୋଲ ସ୍କୋର କରି ଫ୍ରାନ୍ସ 'ଏ'କୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ମାତ୍ର ପରେ ମାରିଆନା କୁଜୁର (୧୯ତମ), ଲାଲ୍‌ରେମସିଆମି (୩୦ତମ) ଓ ମମ୍‌ତାଜ ଖାଁ (୩୪ତମ) ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ମ୍ୟାଚକୁ ଘରୋଇ ଦଳ ସପକ୍ଷକୁ ନେଇ ଆସିଥିଲେ। ଭ୍ରମଣକାରୀଦଳ ପକ୍ଷରୁ ଗୁସ୍‌ଜେ ଭାନ୍ ବୋଲ୍‌ହୁଇସ୍ (୫୮ତମ) ଶେଷକ୍ୱାର୍ଟରରେ ଏକ ଗୋଲ ସ୍କୋର କରିଥିଲେ। ଏହି ବିଜୟ ଦ୍ୱାରା ପ୍ରଥମ ମ୍ୟାଚରେ ପରାଜିତ ହୋଇଥିବା ଭାରତ ଏ' ସିରିଜକୁ ୧-୧ ସ୍ତରକୁ ନେଇ ଆସିଛି।

### ଆର୍‌ଏସ୍‌ପିବି ଚାମ୍ପିୟନ

ଗ୍ୱାଲିୟର,୧୦।୨ (ପି.ଟି.): ରେଲୱେ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ଆର୍‌ଏସ୍‌ପିବି) ଜାତୀୟ ସିନିୟର ପୁରୁଷ ହକି ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଛି। ଦଳ ରବିବାର ଅନୁଷ୍ଠିତ ଫାଇନାଲରେ ୩-୨ ଗୋଲରେ ଗତଥରର ଚାମ୍ପିୟନ ପଞ୍ଜାବକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ହରସାହିବ ସିଂ (୩୫ ତମ, ୪୫ ତମ ମିନିଟ) ବ୍ୟକ୍ତିଗତ ଦୁଇଟି ଗୋଲ ସ୍କୋର କରିଥିବାବେଳେ ଦିଲପ୍ରୀତ ସିଂ (୫୭ତମ) ଅନ୍ୟ ଗୋଲଟିକୁ ସ୍କୋର କରିଥିଲେ। ପରାଜିତ ପଞ୍ଜାବ ତରଫରୁ ରୁପିନ୍ଦର ପାଲ୍‌ସିଂ (୨୩ତମ) ଓ ରମଣଦୀପ ସିଂ (୬୦ତମ) ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଅନ୍ୟପକ୍ଷରେ ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ପିଏସ୍‌ପିବି) ୪-୧ ଗୋଲରେ ପଞ୍ଜାବ ଆଣ୍ଡ୍ ସିନ୍ଧ୍ ବ୍ୟାଙ୍କକୁ ହରାଇ ବ୍ରୋଞ୍ଜ ପଦକ ଲାଭ କରିଛି।

### ଆଡଭାନୀଙ୍କୁ ୯ମ ଜାତୀୟ ସ୍ନୁକର ଟାଇଟଲ

ଇନ୍ଦୋର, ୧୦।୨ (ପି.ଟି.): ଭାରତୀୟ କ୍ୟୁଇଷ୍ଟ ପଙ୍କଜ ଆଡ୍‌ଭାନୀ ରବିବାର ଏକ ଏକତରଫା ଫାଇନାଲରେ ଯୁବ ଖେଳାଳି ଲକ୍ଷ୍ମଣ ରାୱତଙ୍କ ବିପକ୍ଷରେ ବିଜୟ ସହ ଆଉ ଏକ ଜାତୀୟ ସ୍ନୁକର ଟାଇଟଲ ହାସଲ କରିଛନ୍ତି। ଏହା ହେଉଛି ତାଙ୍କର ୯ମ ଜାତୀୟ ସ୍ନୁକର ଟାଇଟଲ। ଏଥିସହିତ ଜାତୀୟ ଚାମ୍ପିୟନଶିପ୍‌ରେ ତାଙ୍କ ସ୍ୱର୍ଣ୍ଣ ସଂଖ୍ୟା ୩୨ରେ ପହଞ୍ଚିଛି। ଆଡଭାନୀ ଜୁନିୟର ଖେଳାଳି ହିସାବରେ ସେ ୧୧ ଭାରତୀୟ ଟାଇଟଲ ଏବଂ ସିନିୟର ଭାବେ ସେ ୯ ବିଲିୟାର୍ଡ୍ସ, ୩ ସିକ୍ସ-ରେଡ୍ ସ୍ନୁକର ଏବଂ ବର୍ତ୍ତମାନ ୯ମ ସ୍ନୁକର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପରିସଂଖ୍ୟାନ ଦୃଷ୍ଟିରୁ ଆଡଭାନୀ ବର୍ତ୍ତମାନ ଜଣେ ପୁରୁଷ ଖେଳାଳି ହିସାବରେ ଉଭୟ ସ୍ନୁକର ଓ ବିଲିୟାର୍ଡ୍ସରେ ୨୧ ବିଶ୍ୱ ଟାଇଟଲ ଏବଂ ୨୧ ଜାତୀୟ ଟାଇଟଲ ହାସଲ କରିସାରିଛନ୍ତି।

## ୪ ରନ୍‌ରେ ହାରିଲା ଭାରତ

# ନ୍ୟୁଜିଲାଣ୍ଡ ୨-୧ରେ ବିଜୟୀ

ହାମିଲଟନ,୧୦।୨(ପି.ଟି.)

ଦିନିକିଆ ସିରିଜ ପରାଜୟର ପ୍ରତିଶୋଧ ଟି୨୦ରେ ନେଇଛି ନ୍ୟୁଜିଲାଣ୍ଡ। ଭାରତଠାରୁ ଦିନିକିଆ ସିରିଜରେ ୪-୧ରେ ହାରିବା ପରେ ନ୍ୟୁଜିଲାଣ୍ଡ ଟି୨୦ ସିରିଜକୁ ୨-୧ରେ ହାତେଇ ନେଇଛି। ଫଳରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଗସ୍ତ ଅତ୍ୟନ୍ତ ସଫଳ ହୋଇଥିଲେ ମଧ୍ୟ ଶେଷରେ ପରାଜୟ ସହ ଭାରତକୁ ସ୍ୱଦେଶ ଫେରିବାକୁ ପଡ଼ିଛି। ରବିବାର ସ୍ଥାନୀୟ ସେଡନ ପାର୍କରେ ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍‌ରେ ଭାରତ ମାତ୍ର ୪ ରନରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଛି। ଟସ୍ ଜିତି ଭାରତ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ଓପନର କଲିନ୍ ମୁନରୋଙ୍କ ଧୂଆଁଧାର ୭୨ ରନର ଅର୍ଦ୍ଧଶତକୀୟ ପାଳି (୪୦ ବଲ, ୫ ଚୌକା, ୫ ଛକା) ସହାୟତାରେ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୧୨ ରନ ସଂଗ୍ରହ କରିଥିଲା। ଭାରତୀୟ ବୋଲର ଘରୋଇ ବ୍ୟାଟ୍ସମ୍ୟାନଙ୍କୁ ନିୟନ୍ତ୍ରଣରେ ରଖିବାରେ ସଫଳ ହୋଇ ନ ଥିଲେ। ଫଳରେ ନ୍ୟୁଜିଲାଣ୍ଡ ବଡ଼ ସ୍କୋର ହାସଲ କରିଥିଲା। ଜବାବରେ ଭାରତ ଜବରଦସ୍ତ ଲଢେଇ କରିଥିଲେ ମଧ୍ୟ ୪ ଉଇକେଟ ହରାଇ ୨୦୮ ରନରେ ସୀମିତ ରହି ବିଜୟଠାରୁ ୫ ରନ ଦୂରରେ ରହିଯାଇଥିଲା। ବିଜୟୀ ହୋଇଥିଲେ ନ୍ୟୁଜିଲାଣ୍ଡ ମାଟିରେ ପ୍ରଥମ ଟି୨୦ ସିରିଜ ଜିତି ଭାରତ ଇତିହାସ ସୃଷ୍ଟି କରିଥାନ୍ତା। ଧୂଆଁଧାର ମ୍ୟାଚ୍ ବିଜୟୀ ଇନିଂସ ପାଇଁ ମୁନରୋଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷିତ କରାଯାଇଛି। ସେହିପରି ସାରା ସିରିଜରେ ସ୍ଥିର ପ୍ରଦର୍ଶନ କରିଥିବା ଅନ୍ୟତମ ନ୍ୟୁଜିଲାଣ୍ଡ ଓପନର ଟିମ୍ ସେଇଫର୍ଟ ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି।



ଟ୍ରଫି ସହ ନ୍ୟୁଜିଲାଣ୍ଡ କ୍ରିକେଟ୍ ଦଳର ଖେଳାଳିମାନେ ।

୨୧୩ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଭାରତ ପାଇଁ ଅନ୍ତିମ ଓଭରରେ ଅଭିଜ୍ଞ ସାଉଦିଙ୍କ ୬ ବଲରୁ ବିଜୟ ପାଇଁ ୧୬ ରନ ଆବଶ୍ୟକ ହେଉଥିବା ବେଳେ ଦୀନେଶ କାର୍ତ୍ତିକ ଓ କ୍ରୁନାଲ ପାଣ୍ଡ୍ୟା ଯୋଡ଼ି ୧୨ ରନ ସଂଗ୍ରହ କରିଥିଲେ। ଅନ୍ତିମ ବଲ୍‌ରେ ଛକା ମାରିଥିଲେ ମଧ୍ୟ ଦ୍ୱିତୀୟ ଓ ତୃତୀୟ ବଲ୍‌ରେ କାର୍ତ୍ତିକ ରନ ନେଇ ପାରି ନ ଥିଲେ ଓ ଶେଷରେ ଏହା ଭାରତ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଭାରତ ପ୍ରଥମେ ଅଭିଜ୍ଞ ଓପନର ଶିଖର ଧାୱନଙ୍କୁ ହରାଇଥିଲା। ୪ ରନ କରିଥିବା ବେଳେ ଧାୱନ ମିଚେଲ ସାଣ୍ଟନରଙ୍କ ଫୁଲ୍ ଲେଙ୍ଥ ବଲ୍‌କୁ ସୁଇପ୍ କରିବାକୁ ଯାଇ ମିଡ୍ ଉଇକେଟରେ ଡାରେଲ ମିଚେଲଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଦ୍ୱିତୀୟ ଉଇକେଟ ଯୋଡିରେ ଅଧିନାୟକ ରୋହିତ ଶର୍ମା ଓ ଅଲରାଉଣ୍ଡର ବିଜୟ ଶଙ୍କର ୪୬ ବଲରୁ ୭୫ ରନ କରି ସ୍ଥିତି ସମ୍ଭାଳିଥିଲେ। ତେବେ ଶଙ୍କର ୨୮ ବଲରୁ ୫ ଚୌକା ଓ ୨ ଛକା ସହ ୪୩ ରନ କରିଥିବା ବେଳେ ସାଣ୍ଟନରଙ୍କ ଅଫ୍ ସାଇଡ ବଲକୁ ସୁଇପ୍ କରିଥିଲେ ଓ ଡିପ୍ ସ୍କୋୟାରରେ କଲିନ୍ ଡି ଗ୍ରାଣ୍ଡହୋମଙ୍କ ହାତରେ ଧରା ପଡି ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଯୁବ ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୧୨ ବଲରୁ ୧ ଚୌକା ଓ ୩ ଛକା ସହ ୨୮ ରନ କରି ଜମିଆସୁଥିବା ବେଳେ ବ୍ଲେୟାର ଟିକନରଙ୍କ ଫୁଲଟସ୍ ବଲକୁ ମାରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବଲ ବ୍ୟାଟର ଏଜ୍ ନେଇଥିଲା। ଫଳରେ ସେ ମିଡଉଇକେଟ୍‌ରେ ୱିଲିୟମସନଙ୍କ ହାତରେ ଧରାପଡିଥିଲେ। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ୧୧ ବଲରୁ ୧ ଚୌକା ଓ ୨ ଛକା ସହ ୨୧ ରନ କରି ସ୍କଟ କୁଗେଲେଜିନ୍‌ଙ୍କ ବଲ୍‌ରେ ମିଡ୍ ଅଫ୍‌ରେ କେନ୍ ୱିଲିୟମସନଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ୨ ରନ କରି ଡାରେଲ ମିଚେଲଙ୍କ ବଲ୍‌ରେ ଟିମ୍ ସାଉଦିଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ସପ୍ତମ ଉଇକେଟ ଯୋଡିରେ ଦିନେଶ କାର୍ତ୍ତିକ ଓ କ୍ରୁନାଲ ପାଣ୍ଡ୍ୟା ୨୮ଟି ବଲରୁ ଅପରାଜିତ ୬୩ ରନ କରି ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ସାଣ୍ଟନର ଓ ମିଚେଲ ୨ଟି ଲେଖାଏ, କୁଗେଲେଜିନ୍ ଓ ଟିକନର ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ତରଫରୁ ମୁନରୋଙ୍କ ଦ୍ରୁତ ୭୨ ରନକୁ ବାଦ୍ ଦେଲେ ଅନ୍ୟତମ ଓପନର ସେଇଫର୍ଟ ୨୫ ବଲରୁ ୩ ଚୌକା ଓ ୩ ଛକା ସହ ୪୩ ରନ କରିଥିଲେ। ଓପନିଂ ଯୋଡିରେ ଦୁଇ ଓପନର ୮୦ ରନ କରିଥିଲେ। ୱିଲିୟମସନ ୨୧ ବଲରୁ ୨୭, ଗ୍ରାଣ୍ଡହୋମ ୧୬ ବଲରୁ ୩ ଚୌକା ଓ ୧ ଛକା ସହ ୩୦ ରନ କରି ଆଉଟ ହୋଇଥିଲେ। ଡାରେଲ ମିଚେଲ ୧୧ ବଲରୁ ୧୯, ଟେଲର ୭ ବଲରୁ ୧୪ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ତରଫରୁ କୁଲଦୀପ ଯାଦବ ୨, ଭୁବନେଶ୍ୱର କୁମାର ଓ ଖଲିଲ ଅହମ୍ମଦ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୨୦ ଓଭରରେ ୨୧୨/୪ (ମୁନରୋ- ୭୨, ସେଇଫର୍ଟ- ୪୩, ଗ୍ରାଣ୍ଡହୋମ- ୩୦, ୱିଲିୟମସନ- ୨୭, କୁଲଦୀପ- ୨/୨୬)।

ଭାରତ ୨୦ ଓଭରରେ ୨୦୮/୬ (ଶଙ୍କର- ୪୩, ରୋହିତ- ୩୮, ପନ୍ତ- ୨୮, ହାର୍ଦ୍ଦିକ- ୨୧, କାର୍ତ୍ତିକ- ୩୩*, କ୍ରୁନାଲ- ୨୬*, ସାଣ୍ଟନର- ୨/୩୨, ମିଚେଲ- ୨/୨୭)।

### ଧୋନୀ ପ୍ରଥମ ଭାରତୀୟ କ୍ରିକେଟର

ନୂଆଦିଲ୍ଲୀ,୧୦।୨

ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ରବିବାର ନିଜ କ୍ୟାରିୟରରେ ଆଉ ଏକ ସଫଳତା ପାଇଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତିମ ଟି୨୦ ମ୍ୟାଚ୍ ଖେଳି ସେ ଦେଶର ପ୍ରଥମ କ୍ରିକେଟର ଭାବେ ୩୦୦ ଟି୨୦ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ମୋଟ ଉପରେ ୩୦୦ରୁ ଉର୍ଦ୍ଧ୍ୱ ଟି୨୦ ମ୍ୟାଚ୍ ଖେଳିଥିବା କ୍ରିକେଟରଙ୍କ ତାଲିକାରେ ଧୋନୀ ଦ୍ୱାଦଶ ସ୍ଥାନରେ ରହିଛନ୍ତି।



ଭେଟେରାନ ଉଇକେଟକିପର ଧୋନୀଙ୍କ ସହ ଇଂଲଣ୍ଡର ଅଲ୍‌ରାଉଣ୍ଡର ଲ୍ୟୁକ ରାଇଟ୍ ମିଳିତ ଭାବେ ଦ୍ୱାଦଶ ସ୍ଥାନରେ ରହିଛନ୍ତି। ଧୋନୀ ଟି୨୦ କ୍ୟାରିୟରରେ ଏପର୍ଯ୍ୟନ୍ତ ୩୮.୩୫ ହାରରେ ୬୧୩୬ ରନ୍ କରିଛନ୍ତି। ଏଥିରେ ୨୪ଟି ଅର୍ଦ୍ଧଶତକ ରହିଛି। ଭାରତୀୟ କ୍ରିକେଟରଙ୍କ ମଧ୍ୟରେ ଧୋନୀଙ୍କ ପଛକୁ ରୋହିତ ଶର୍ମା (୨୯୮) ଓ ସୁରେଶ ରାଇନା (୨୯୬) ରହିଛନ୍ତି। ସୂଚନାଯୋଗ୍ୟ, ସର୍ବାଧିକ ୪୪୬ ଟି୨୦ ମ୍ୟାଚ୍ ଖେଳି ୱେଷ୍ଟଇଣ୍ଡିଜ ଅଲ୍‌ରାଉଣ୍ଡର କିରନ ପୋଲାର୍ଡ ଶୀର୍ଷରେ ରହିଛନ୍ତି।

## ଅଜିତ୍ ୱାଡେକର ଟ୍ରଫି ଜିତିଲା ଓଡ଼ିଶା

ଭୁବନେଶ୍ୱର, ୧୦।୨(ସ୍ପୋର୍ଟ୍ସ ବ୍ୟୁରୋ)

ଅଜିତ୍ ୱାଡେକର ମେମୋରିଆଲ ପୂର୍ବାଞ୍ଚଳ ଦିବ୍ୟାଙ୍ଗ କ୍ରିକେଟ୍ ଟୁର୍ନାମେଣ୍ଟରେ ଓଡ଼ିଶା ଟିମ୍ ଚାମ୍ପିୟନ ହୋଇଛି। ରବିବାର ସ୍ଥାନୀୟ ପାରାମାଉଣ୍ଟ ସ୍ପୋର୍ଟିଂ ଗ୍ରାଉଣ୍ଡରେ ଖେଳାଯାଇଥିବା ଗ୍ରାଣ୍ଡ ଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ୨୧ ରନରେ ପ୍ରତିପକ୍ଷ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ୍ ହରାଇ ୧୪୧ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବଳରାମ ବସ୍ତିଆ ୨୯ ବଲରୁ ୧୦ ଚୌକା ଓ ୨ ଛକା ସହାୟତାରେ ୬୨ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ କୁମାର ସାହୁ ୩୨, ଲଳିତ ସେନାପତି ୧୯ ରନ କରିଥିଲେ। ଝାଡ଼ଖଣ୍ଡ ପକ୍ଷରୁ ବବନ ସିଂ ୩ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଝାଡ଼ଖଣ୍ଡ ବବୁଲ ଗୋପେ (୩୨), ଅମିତ୍ କୁମାର (୨୧) ଓ ବବନଙ୍କ (୨୧) ଉପଯୋଗୀ ବ୍ୟାଟିଂ ସତ୍ତ୍ୱେ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ୍‌ରେ ୧୨୦ ରନ କରିବାକୁ ସକ୍ଷମ ହୋଇଥିଲା। ଓଡ଼ିଶା ପକ୍ଷରୁ ମହମ୍ମଦ ସୋହେଲ ଖାଁ ୨ଟି ଏବଂ ଉଦିତ୍ ଅକ୍ଷୟ, ବଳରାମ ପଣ୍ଡା ଓ ସୁରେନ୍ଦ୍ର ଗୋଟିଏ ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ନାଲ୍‌କୋ ସିଏମ୍‌ଡି ତପନ କୁମାର ଚାନ୍ଦ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଡେପୁଟି କମିଶନର ଅନୁପ କୁମାର ସାହୁ, ପ୍ରତାପ ଜେନା ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ।




ଅଜିତ୍ ୱାଡେକର ଟ୍ରଫି ସହ ଚାମ୍ପିୟନ ଓଡ଼ିଶା ଦଳ ।

## ମହିଳା ଟି୨୦ରେ ନ୍ୟୁଜିଲାଣ୍ଡର କ୍ଲିନ ସୁଇପ୍




ଅର୍ଦ୍ଧଶତକୀୟ ଇନିଂସ ଅବସରରେ ସ୍ମୃତି ମନ୍ଧାନା ।

ହାମିଲଟନ,୧୦।୨

ସ୍ଥାନୀୟ ସେଡନ ପାର୍କଠାରେ ଖେଳାଯାଇଥିବା ଭାରତୀୟ ଦଳ ବିପକ୍ଷ ଅନ୍ତିମ ତଥା ୩ୟ ଟି୨୦ ମ୍ୟାଚ୍‌କୁ ନ୍ୟୁଜିଲାଣ୍ଡ ଦଳ ୨ ରନ୍‌ରେ ଜିତି ନେଇଛି। ଏହି ବିଜୟ ସହ ଘରୋଇ ନ୍ୟୁଜିଲାଣ୍ଡ ଦଳ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ କ୍ଲିନ ସୁଇପ ହାସଲ କରିଛି। ନ୍ୟୁଜିଲାଣ୍ଡ ପକ୍ଷରୁ ଧାର୍ଯ୍ୟ ୧୬୨ ରନ୍‌ର ବିଜୟ ଲକ୍ଷ୍ୟର ପିଛା କରୁଥିବା ଭାରତୀୟ ଦଳ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୪ ଉଇକେଟ ହରାଇ ୧୫୯ ରନ୍ କରିବାକୁ ସକ୍ଷମ ହୋଇଥିଲା।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଘରୋଇ ଦଳ ସୋଫି ଡେଭିନଙ୍କ ୭୨ ରନ୍‌ର ଇନିଂସ ବଳରେ ଧାର୍ଯ୍ୟ ୨୦ ଓଭରରେ ୭ ଉଇକେଟ ହରାଇ ୧୬୧ ରନ୍ କରିଥିଲା। ଦଳ ପାଇଁ ଅଧିନାୟିକା ଆମି ସାଟ୍ଟରଥୱେଟ ୩୧ ଓ ସୁଜି ବାଟେ ୨୪ ରନ୍ କରିଥିଲେ। ଭ୍ରମଣକାରୀ ବୋଲରଙ୍କ ମଧ୍ୟରେ ଦୀପ୍ତି ଶର୍ମା ୨ ଉଇକେଟ ନେଇଥିଲେ। ଜବାବରେ ଚଳିତ ସିଜନରେ ଚମତ୍କାର ଫର୍ମରେ ଥିବା ସ୍ମୃତି ମନ୍ଧାନାଙ୍କ ବିସ୍ଫୋରକ ୮୬ ରନ୍ ଇନିଂସ ସତ୍ତ୍ୱେ ଭାରତ ବିଜୟ ଲକ୍ଷ୍ୟଠାରୁ ୩ ରନ୍ ପଛରେ ରହିଯାଇଥିଲା। ମନ୍ଧାନା ୬୨ ବଲର ସମ୍ମୁଖୀନ ହୋଇ ୧୨ ଚୌକା ଓ ୧ ଛକା ଲଗାଇଥିଲେ। ଜେମିମା ରୋଡ୍ରିଗୁଏଜ ୨୧, ମିଥାଲି ରାଜ ୨୪ ଓ ଦୀପ୍ତି ଶର୍ମା ୨୧ ରନ କରିଥିଲେ। ବିଜୟୀ ଦଳର ଡେଭିନ ୨ ଉଇକେଟ ନେଇଥିଲେ।

## ଦୃଷ୍ଟିହୀନ ନାଗେଶ ଟ୍ରଫି କ୍ରିକେଟ: ଓଡ଼ିଶା ଚାମ୍ପିୟନ




ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ଟିମ୍‌ର ଖେଳାଳି ଟ୍ରଫି ସହ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର,୧୦।୨(ସ୍ପୋର୍ଟ୍ସ ବ୍ୟୁରୋ)

କୋଲକାତାରେ ଚାଲିଥିବା ସମ୍ମାନଜନକ ଦୃଷ୍ଟିହୀନ ନାଗେଶ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ଟାଇଟଲ ହାସଲ କରିଛି। ରବିବାର ସ୍ଥାନୀୟ ଇଡେନ ଗାର୍ଡେନରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ୧୪ ରନରେ ଆନ୍ଧ୍ରପ୍ରଦେଶକୁ ହରାଇ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୨୦୫ ରନ ସଂଗ୍ରହ କରିଥିଲା। ଜବାବରେ ଆନ୍ଧ୍ରପ୍ରଦେଶ ୫ ଉଇକେଟ ହରାଇ ୧୯୧ ରନ କରି ପରାସ୍ତ ହେବା ସହ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି। ବି ୩ ଓ ବି୧ କାଟାଗୋରୀରେ ଓଡ଼ିଶାର ପଙ୍କଜ ଭୁଏ ଓ ଜାଫର ଇକ୍‌ବାଲ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି। ସେହିପରି ଆନ୍ଧ୍ରର ଅଜୟ ରେଡ୍ଡୀ ବି୨ କାଟାଗୋରୀରେ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି। ପଙ୍କଜ ସେମିଫାଇନାଲ ଓ ଫାଇନାଲ ମ୍ୟାଚର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଚାମ୍ପିୟନ ଓଡ଼ିଶା ଟ୍ରଫି ସହ ଆସୋସିଏଶନ ଅଫ୍ ବ୍ଲାଇଣ୍ଡ ଇନ୍ ଇଣ୍ଡିଆଠାରୁ ଏକ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ହାସଲ କରିଛି। ଶନିବାର ଭାରତ ସେମିଫାଇନାଲରେ ଝାଡଖଣ୍ଡକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଓଡ଼ିଶା ଏହି ଟୁର୍ନାମେଣ୍ଟରେ ଗ୍ରୁପ୍ ଡି'ରେ ସାମିଲ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ମୋଟ ଉପରେ ୨୪ଟି ଦଳ ଅଂଶଗ୍ରହଣ କରିଥିଲେ। ଲିଗ୍ ପର୍ଯ୍ୟାୟରେ ଓଡ଼ିଶା ଗୋଆ, ରାଜସ୍ଥାନ, ପଣ୍ଡିଚେରୀ ଓ ପଞ୍ଜାବକୁ ହରାଇଥିଲା। ତେବେ ଓଡ଼ିଶା ଏକମାତ୍ର ମ୍ୟାଚ୍ କର୍ଣ୍ଣାଟକଠାରୁ ପରାସ୍ତ ହୋଇଥିଲା। ଫଳରେ ଗ୍ରୁପ୍ ଡି'ର ଦ୍ୱିତୀୟ ସ୍ଥାନରେ ରହି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଗତ୨୫ ତାରିଖରେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ହରିୟାଣାକୁ ପରାସ୍ତ କରି ତୃତୀୟ ଦଳ ଭାବେ ସେମିରେ ପ୍ରବେଶ କରିଥିଲା। ଚତୁର୍ଥଥର ପାଇଁ ଓଡ଼ିଶା ଏହି ଜାତୀୟସ୍ତର ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଥିଲା। ୨୦୧୬ରେ ଓଡ଼ିଶା ଗୁଜରାଟକୁ ପରାସ୍ତ କରି ଟାଇଟଲ ହାସଲ କରିଥିଲା।

ଦଳର ମୁଖ୍ୟ ଉପଦେଷ୍ଟା ପ୍ରକାଶ ରଥ, ସମ୍ପାଦକ ସନ୍ନ୍ୟାସ ବେହେରା, ମହିଳା ଟିମ୍ କୋଚ୍ ଅର୍ପିତା ମହାପାତ୍ର, ଉପ- ସଭାପତି ଅଶୋକ କୁମାର ସାହୁ ଓ ବି.ଆର.ଏମ.ଏ.ଏସ.ଏଚ୍.ଏ. ଉପ- ସଭାପତି ପ୍ରଦୀପ୍ତ ରଥ ଚାମ୍ପିୟନ ଓଡ଼ିଶା ଦଳକୁ ଅଭିନନ୍ଦନ ତଥା ଶୁଭେଚ୍ଛା ଜଣାଇଛନ୍ତି।

## ବଡ଼ଗଡ଼ ସ୍ପୋର୍ଟିଂକୁ ଟାଇଟଲ

ଭୁବନେଶ୍ୱର, ୧୦।୨(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କେଶୁରା ଖେଳପଡ଼ିଆରେ ୩ଦିନ ଧରି ଚାଲିଥିବା ଏକାମ୍ର କପ୍ ଟେନ୍-୧୦ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ମେଣ୍ଢାଶାଳକୁ ପରାସ୍ତ କରି ବଡ଼ଗଡ଼ ସ୍ପୋର୍ଟିଂ ଚଳିତ ବର୍ଷର ଚାମ୍ପିୟନ ଟ୍ରଫି ହାସଲ କରିଛି। ଏହି ୧୦ ଓଭର ବିଶିଷ୍ଟ ମ୍ୟାଚ୍‌ରେ ବଡ଼ଗଡ଼ ପ୍ରଥମେ ବ୍ୟାଟିଂ କରି ୩ ଉଇକେଟ୍ ହରାଇ ୬୩ ରନ କରିଥିଲା। ଜବାବରେ ମେଣ୍ଢାଶାଳ ୬ ଉଇକେଟ୍ ବିନିମୟରେ ୫୫ ରନ୍ ସଂଗ୍ରହ କରି ଟାର୍ଗେଟ୍‌ଠାରୁ ୯ ରନ୍ ଦୂରରେ ରହିଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିୟନ ବଡ଼ଗଡ଼ ସ୍ପୋର୍ଟିଂକୁ ଟ୍ରଫି ସହ ୧୦ ହଜାର ଟଙ୍କା ଏବଂ ରନର୍ସଅପ୍ ମେଣ୍ଢାଶାଳକୁ ଟ୍ରଫି ସହ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଚାମ୍ପିୟନ ଟିମ୍‌ର ଶେଖର ସ୍ୱାଇଁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବସୁଆଘାଇ ସମିତିସଭ୍ୟ ପ୍ରଶାନ୍ତ ମୁଖି, ଶୁକଦେବ ସ୍ୱାଇଁ, ବିଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। କୁତାର୍ଥ ପ୍ରଧାନ ଓ ଅଶୋକ ଜେନା ମ୍ୟାଚ୍ ପରିଚାଳନା କରିଥିଲେ।



ଏକାମ୍ର କପ୍ ବିଜୟୀ ବଡ଼ଗଡ଼ ସ୍ପୋର୍ଟିଂ ।

DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୬ | Press Regd. No. R.N. 21326/74 Postal Regd. No. BN/4 2/18-20. | ଭୁବନେଶ୍ୱର, ସୋମବାର, ୧୧ ଫେବୃୟାରୀ, ୨୦୧୯ | Bhubaneswar, Monday, 11 February, 2019

## ୨ ଯୁବକଙ୍କୁ ଆକ୍ରମଣ କରି ନିର୍ଘୁମ ମାଡ଼ ଖାଇଲେ ସମିତିସଭ୍ୟଙ୍କ ପୁଅ

**ଜଳେଶ୍ୱର, ୧୦।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ସହର ଉପକଣ୍ଠସ୍ଥ ଆମ୍ବିଳିଅଠା ଛକଠାରେ ଶନିବାର ବିଳମ୍ବିତ ରାତିରେ ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ବାଲିମ ପଞ୍ଚାୟତର ସମିତିସଭ୍ୟ ଗୌରାଙ୍ଗ ଦାସଙ୍କ ପୁଅ ରତନ ଆମ୍ବିଳିଅଠା ଗ୍ରାମର ୨ଜଣ ଯୁବକଙ୍କୁ ଆକ୍ରମଣ କରି ଗ୍ରାମବାସୀଙ୍କ ଦ୍ୱାରା ନିର୍ଘୁମ ମାଡ ଖାଇଛନ୍ତି। ପୋଲିସ ପହଞ୍ଚି ରତନଙ୍କ ସମେତ ଆହତ ଦୁଇଜଣଙ୍କୁ ଉଦ୍ଧାର କରି ସ୍ଥାନୀୟ ଜିକେ ଭଞ୍ଜ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଇଛି। ରବିବାର ଆହତଙ୍କ ପରିବାର ତରଫରୁ ରତନଙ୍କ ବିରୋଧରେ ଥାନାରେ ଏତଲା ଦିଆଯିବା ପରେ ପୋଲିସ ଏକ ହତ୍ୟା ଉଦ୍ୟମ ମାମଲା(ନଂ.୨୯/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହାସହିତ ପୋଲିସ ରତନଙ୍କଠାରୁ ଏକ ଦେଶୀ ମାଉଜର, ପୋଲିସ ଲେଖାଥିବା ନମ୍ବର ପ୍ଲେଟ୍, ୬୦୩ ଟଙ୍କା ଓ ବାଇକ ଜବତ କରିଛି।

କୁରୁଣ୍ଡିଆ ଗ୍ରାମର ରତନ ନାଛିନ୍ଦା ଗ୍ରାମର ଅମର ଦେଙ୍କୁ ନେଇ ଏକ ବାଇକ୍ ଯୋଗେ ଜଳେଶ୍ୱରରୁ ନିଜ ଘରକୁ ଫେରୁଥିଲେ। ସେହି ସମୟରେ ଆମ୍ବିଳିଅଠା ଗ୍ରାମର ସୁଶାନ୍ତ କର ଓ ସଞ୍ଜୀବ କରଙ୍କ ସହିତ ରତନଙ୍କର କୌଣସି କାରଣରୁ ବଚସା ହୋଇଥିଲା। ଏଥିରେ ରତନ ଉତ୍ତେଜିତ ହୋଇ ଏକ ଧାରୁଆ ଅସ୍ତ୍ରରେ ଉଭୟ ସୁଶାନ୍ତ ଓ ସଞ୍ଜୀବଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏମାନଙ୍କ ଚିତ୍କାର ଶୁଣି ଆଖପାଖ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ରତନ ଓ ଅମରଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ରତନ ନିଜ ପାଖରେ ଥିବା ଏକ ଦେଶୀ ମାଉଜର ଦେଖାଇ ସମସ୍ତଙ୍କୁ ଭୟଭୀତ କରିଥିଲେ। ଫଳରେ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ରତନଙ୍କୁ ଏକ ଖୁଣ୍ଟରେ ବାନ୍ଧି ନିର୍ଘୁମ ଛେଚିଥିଲେ। ପୋଲିସ ରତନ, ଆହତ ସୁଶାନ୍ତ ଓ ସଞ୍ଜୀବଙ୍କୁ ଉଦ୍ଧାର କରିଥିଲା।

TATA MOTORS
Connecting Aspirations

TATA

୨୦୧୮ର ସର୍ବୋତ୍ତମ ଅଫର - ଏବେ ମଧ୍ୟ ସର୍ବଶ୍ରେଷ୍ଠ

ଶୀଘ୍ର ! ଅଫର ଷ୍ଟକ୍ ଶେଷ ପର୍ଯ୍ୟନ୍ତ ବୈଧ ଅଟେ ।

TATA MOTORS FABULOUS FEB




National EXCHANGE Campaign
5th Feb to 11th Feb, 2019
ସବୁ ଟାଟା ମୋଟର କାର୍ ଗୁଡ଼ିକ ଉପରେ ସର୍ବାଧିକ ଏକ୍ସଚେଞ୍ଜ ଅଫର

| Models | Hexa | Nexon | Tiago | Tigor |
|---|---|---|---|---|
| Ex-Showroom Price | ₹12.99Lakh* | ₹6.50Lakh* | ₹4.37Lakh* | ₹5.63Lakh* |
| Exchange Offer | ₹20,000* | ₹20,000* | ₹15,000* | ₹25,000* |
| Maximum Benefit | ₹1,07,000* | ₹76,000* | ₹56,000* | ₹90,000* |

TATA NEXON
ଭାରତର ନିରାପଦ କାର
GLOBAL NCAP
TATA NEXON 2018 TEST (2 airbags)
#SAFERCARSFORINDIA

Special offers for Government / Corporate Employees, Police Dept., LIC Employee & Agents, Government Hospital - Doctors & Staff, Hardware & Paint Shop Owners*

TRUST OF INDIA
EXCHANGE THROUGH TATA MOTORS ASSURED

Authorised TATA Motors Dealerships:

BHUBANESWAR- Shree Bharat Motors- 7574808799, Trupti Enterprises- 8527232272 PURI /KENDRAPADA - Trupti Enterprises- 8527232272 NAYAGARH-Trupti Enterprises- 8527232272. PARADIP- Trupti Enterprises- 8527232272, CUTTACK/KEONJHAR/JAJPUR - Gugnani Autocars: 9667952020. ANGUL- Monalisha Motors: 8884498968. DHENKANAL- Monalisha Motors: 8884498968. BALASORE: Gugnani Autocars: 9667952020. KEONJHAR/JAJPUR- Gugnani Autocars: 9667952020. BERHAMPUR - Shree Bharat Motors: 8448994721. JEYPORE- Laxmi Sales & Service- 8448994722.

*Offer valid on select model/colour and on available stocks at Tata Motors authorized dealerships. February benefits include exchange bonus, savings due to expected price hike, corporate offers and cash discounts if any. Images and illustrations are indicative and for information purposes only. All features/specifications are not available in all variants and may vary for different variants. Accessories may or may not be a part of standard fitment. Finance is at the sole discretion of the Financier. Price is Ex-Showroom Bhubaneswar. Terms & Conditions apply.

SUZUKI Way of Life!

SUZUKI
ଡବଲ୍ ଧମାକା
ଯେକୌଣସି ସୁଜୁକି ଟୁ-ହ୍ୱିଲର୍ କିଣନ୍ତୁ ଆଉ ପାଆନ୍ତୁ

2g* ସ୍ୱର୍ଣ୍ଣ ମୁଦ୍ରା ଜିତିବାର ସୁଯୋଗ + ₹5000/-* ର ଏକ୍ସଚେଞ୍ଜ ବୋନସ୍




ଯେକୌଣସି ସୁଜୁକି ଟୁ-ହ୍ୱିଲର୍ କିଣନ୍ତୁ ଏବଂ ₹12,000/-* ପର୍ଯ୍ୟନ୍ତର ଲାଭ ହାସଲ କରନ୍ତୁ

₹5,000/-* ପର୍ଯ୍ୟନ୍ତର ନିଶ୍ଚିତ ବୀମା ଲାଭ

100%* ପର୍ଯ୍ୟନ୍ତର ଫାଇନାନ୍ସ ଉପଲବ୍ଧ - ଅନ୍-ଦ-ସ୍ପଟ୍ ଆପ୍ରୁଭାଲ୍

Scan and Book
Paytm Mall ଜରିଆରେ ବୁକ୍ କରନ୍ତୁ ଆଉ ₹7,000/-* ପର୍ଯ୍ୟନ୍ତର ଲାଭ ପାଆନ୍ତୁ

ସରକାରୀ କର୍ମଚାରୀ/ କର୍ପୋରେଟ୍ ସ୍କିମ୍ - ₹2,000/-* ପର୍ଯ୍ୟନ୍ତର ଲାଭ

Disclaimer: • Images used are for illustration purposes only. • Accessories shown in the pictures are not a part of the standard product and may vary from variant to variant. • Fuel efficiency as certified by iCAT under rule 115 of CMVR, 1989. • Finance at sole discretion of the finance company. • Paytm Benefits as per Paytm offer(s). • Offers are from Suzuki Motorcycle Authorized dealer(s). • Gold Coin is of 22 carat.


Ride safe. Wear a helmet.

For further information call Suzuki Motorcycle India Private Limited (toll-free): 1800 - 121 - 7996 or write to us at: customer.queries@suzukimotorcycle.in

Orissa: Bhubaneswar: Jyote Suzuki Patia, Ph: 8338033885, Super Sales Bapuji Nagar, Ph: 7873978600, 0674-2597491, 2597823, Cuttack: Shree Mahaveer Suzuki, Ph: 0671-2367441, 7440036300, 7440036303, Jajpur Road: Om Sai Suzuki, Ph: 8598899002, 8598899001, Berhampur: Berhampur Suzuki, Ph: 9437558282, 9040023499, 0680-2226633, 7873942227, Bhawanipatna: Aditya Suzuki, Ph: 9437092325, 06670-234475, Rourkela: Sinha Suzuki, Panposh Road, Rourkela, Ph: 7077704214, 9090246046, Jeypore: Surya Suzuki, beside IDBI BANK, Ph: 7873656466, 8763811186, Baripada: Seba Motors, Chhamch (Near Income Tax Office) Baripada, Ph: 8249440465, Keonjhar: Sai Kritika Suzuki, Madhupur Square, NH 49, Keonjhar, Ph: 9437056114, 8249660711, Bhadrak: Toshali Suzuki, Bonch Chowk, Near Bus Stand, Bhadrak, Ph: 7008217628, 9437084997, Sambalpur: Trinity Suzuki, NH -6, Panchgachia, Baraipali, Sambalpur, Ph: 7205950221, 8093450221.



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



“ ମନୁଷ୍ୟର ଏକମାତ୍ର ଧର୍ମ ହେଉଛି ଈଶ୍ୱରଙ୍କ ନିକଟରେ ଆତ୍ମ ସମର୍ପଣ କରିବା। ସବୁବେଳେ ତାଙ୍କ ନାମ ସ୍ମରଣ କରିବା ଓ ତାଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିବା।
- ଗୁରୁ ନାନକ



## ସଂକ୍ଷେପରେ

### ସ୍କୁଲର ବାର୍ଷିକ ଉତ୍ସବ

**କଟକ ଅଫିସ, ୧୦।୨:** ପ୍ରଫେସରପଡ଼ାସ୍ଥିତ ସେଣ୍ଟ ଜାଭିୟର୍ସ ଇଣ୍ଟରନ୍ୟାଶନାଲ ମଡେଲ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଛି। ଏଥିରେ ଅତିଥି ଭାବେ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଦ୍ୟାବିକାଶ ସମିତିର ସମ୍ପାଦକ ଯୋଗେନ୍ଦ୍ର ନାଥ ବସ୍ତିଆ, ଇଣ୍ଟରନ୍ୟାଶନାଲ ଗ୍ରୁପ ଅଫ ସ୍କୁଲର ଚେୟାରମ୍ୟାନ ସୁଧୀର କୁମାର ରାଉତ ଓ କର୍ପୋରେଟର ରଞ୍ଜନ କୁମାର ବିଶ୍ୱାଳ ଯୋଗଦେଇଥିଲେ। ବିଦ୍ୟାଳୟର ବିଭିନ୍ନ ଖେଳ ଓ ଅନ୍ତର୍ନିହିତ କାର୍ଯ୍ୟକ୍ରମର କୃତିତ୍ୱ ଅର୍ଜନ କରିଥିବା କୁନି ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟର ଅଧକ୍ଷ ସନ୍ତୋଷ କୁମାର ଖଟୁଆଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଶୁଚିସ୍ମିତା ତ୍ରିପାଠୀ, ମୌସୁମୀ ସ୍ୱାଇଁ, ଦୀପ୍ତିରେଖା ମିଶ୍ର, ବାସନ୍ତିଲତା ସାହୁ, ସୌଦାମିନୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

### ଗଣଧାରଣା ପ୍ରସ୍ତୁତି ବୈଠକ

**କଣ୍ଟାପଡା, ୧୦।୨(ଡି.ଏନ୍.ଏ.):** କଣ୍ଟାପଡା ବ୍ଲକ ଅଧୀନ କେତେକ ପଞ୍ଚାୟତର ବିଭିନ୍ନ ସମସ୍ୟା ନେଇ ଭାଜପା ପକ୍ଷରୁ ସୋମବାରଠାରୁ ସ୍ଥାନୀୟ ବ୍ଲକ ସମ୍ମୁଖରେ ଗଣଧାରଣା ଦିଆଯିବ। ଏ ନେଇ ଏକ ପ୍ରସ୍ତୁତି ବୈଠକ କଣ୍ଟାପଡା ସ୍ଥିତ ବଟଗାଦୀ ପୀଠଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ଅଶୋକ କୁମାର ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଛବି ମଲ୍ଲିକ, ନ୍ୟାୟବ୍ରତ ରାଉତ, ନମିତା ମିଶ୍ର, ବିଷ୍ଣୁପ୍ରିୟା ପ୍ରଧାନ, ପ୍ରଭାତ ମହାପାତ୍ର, ଅକ୍ଷୟ ରଥ, କଣ୍ଟାପଡା ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ବିନୟ ଦାସଙ୍କ ସମେତ ଶତାଧିକ ଭାଜପା କର୍ମୀ ଯୋଗଦେଇ ଗଣଧାରଣାକୁ ସଫଳ କରିବା ପାଇଁ କହିଥିଲେ। ସୂଚନାଯୋଗ୍ୟ, ଭାଜପା ପକ୍ଷରୁ ୧୪ଦଫା ସମ୍ବଳିତ ଦାବିପତ୍ର କଣ୍ଟାପଡା ବିଡିଓଙ୍କୁ ପ୍ରଦାନ କରାଯାଇ ୧୦ତାରିଖ ମଧ୍ୟରେ ସମାଧାନ ପାଇଁ ଭାଜପା ପକ୍ଷରୁ କୁହାଯାଇଥିଲା।

### ଭକ୍ତକବିଙ୍କ ଜୟନ୍ତୀ

**କଟକ ଅଫିସ, ୧୦।୨:** ଆଧୁନିକ ଓଡ଼ିଆ ସାହିତ୍ୟର ଅନ୍ୟତମ ଦିଗଦ୍ରଷ୍ଟା ତଥା ଉତ୍କଳ ସାହିତ୍ୟ ସମାଜର ପ୍ରଥମ ସଭାପତି ଭକ୍ତକବି ମଧୁସୂଦନ ରାଓଙ୍କ ଜୟନ୍ତୀ ରବିବାର ଉତ୍କଳ ସାହିତ୍ୟ ସମାଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଧୁନିକ ଓଡ଼ିଆ କବିତାକୁ ବିବିଧତାପୂର୍ଣ୍ଣ କରିବା କ୍ଷେତ୍ରରେ ଭକ୍ତକବିଙ୍କର ଭୂମିକା ଅନନ୍ୟ ଥିଲା ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏଥିରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, କାର୍ଯ୍ୟ ନିର୍ବାହୀ ସମିତି ସଦସ୍ୟ ବ୍ରହ୍ମାନନ୍ଦ ବିଶ୍ୱାଳ ଯୋଗଦେଇ ଭକ୍ତକବିଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ଭକ୍ତକବି ଓ ଅନୁଷ୍ଠାନ ପରିସରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।

# ନବମ ଶ୍ରେଣୀ ଛାତ୍ର ଲଭ୍ ମାଷ୍ଟର

**ଭୁବନେଶ୍ୱର,୧୦।୨ (ବ୍ୟୁରୋ)**

- ଏକାଧିକ ଛାତ୍ରୀଙ୍କ ଅଶ୍ଳୀଳ ଫଟୋ ଉଠାଇ ବ୍ଲାକ୍‌ମେଲ୍ କରୁଥିଲେ
- ୩ଜଣ ଛାତ୍ରୀଙ୍କୁ ଡାକି ଖଣ୍ଡଗିରି ଗୁମ୍ଫାରୁ ଧରାପଡ଼ିଲେ
- ଥାନାରେ ପ୍ରେମିକାଙ୍କ ଗୋଡ଼ ଧରି ଭୁଲ୍ ମାଗିଲେ

ବୟସ ୧୬। ନବମ ଶ୍ରେଣୀରେ ପଢୁଛନ୍ତି। ହେଲେ ପ୍ରେମରେ ପୂରା ମାଷ୍ଟର। ଛାତ୍ରୀଙ୍କୁ ଅତି ସହଜରେ ଫସାଇ ମଉଜ କରନ୍ତି। ନାନା ବିଶ୍ୱାସ ଜନ୍ମାଇ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଉଠାଇ ବ୍ଲାକ୍‌ମେଲ କରନ୍ତି। ଶେଷରେ ପ୍ରତାରଣାର ଶିକାର ୩ଜଣ ଛାତ୍ରୀଙ୍କ ହାତରେ ଖଣ୍ଡିଗିରି ଗୁମ୍ଫାରେ ଧରାପଡି ହଟହଟା ହୋଇଛନ୍ତି ଏହି ଲଭ୍ ମାଷ୍ଟର। ଏପରିକି ଖଣ୍ଡଗିରି ଥାନା ଆଗରେ ପ୍ରତାରଣାର ଶିକାର ସମ୍ପୃକ୍ତ ଛାତ୍ରୀଙ୍କ ଗୋଡ଼ ଧରି ଭୁଲ୍ ମାଗିଛନ୍ତି। ଅଭିଯୋଗ ପରେ ପୋଲିସ ଘଟଣାର ଅଧିକ ଖୋଳତାଡ଼ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ନାବାଳକ ପ୍ରେମିକର ଘର ଫୁଲବାଣୀ ଅଞ୍ଚଳରେ ହୋଇଥିବା ବେଳେ ସେ ଚନ୍ଦ୍ରଶେଖରପୁରର ଏକ ସ୍କୁଲରେ ପାଠ ପଢୁଛନ୍ତି। ସେ ବସ୍‌ରେ ଘରକୁ ଯିବାଆସିବା ସମୟରେ ସେଥିରେ ଯାଉଥିବା ଛାତ୍ରୀ ଓ ଯୁବତୀଙ୍କୁ ସହଯୋଗ ବାହାନାରେ ସମ୍ପର୍କ ଯୋଡି ଆଗକୁ ବଢ଼ିଥାନ୍ତି। ପୁଣି କେତେବେଳେ ନିଜ ସ୍କୁଲ୍‌ର ସହପାଠିନୀ, ସିନିୟର ଓ ଜୁନିୟର ଛାତ୍ରୀଙ୍କୁ ମଧ ପ୍ରେମ ଜାଲରେ ଫସାଇଥାନ୍ତି। ଘଟଣାକ୍ରମରେ ଉକ୍ତ ସ୍କୁଲ୍‌ରେ ପଢୁଥିବା ଫୁଲବାଣୀ ଅଞ୍ଚଳର ଜଣେ ଛାତ୍ରୀଙ୍କୁ ପ୍ରେମ ଜାଲରେ ଫସାଇଥିଲେ ଏହି ଲଭ୍ ମାଷ୍ଟର। ଛାତ୍ରୀଙ୍କୁ ବିଭିନ୍ନ ସ୍ଥାନକୁ ବୁଲାଇ ନେବା ସହ ମୋବାଇଲ୍ ଫୋନ୍‌ରେ ଅଶ୍ଳୀଳ ଫଟୋ ଉଠାଇ ରଖିଥିଲେ। ପରେ ସମ୍ପୃକ୍ତ ଛାତ୍ରୀଙ୍କ ବଡ଼ ଭଉଣୀଙ୍କୁ ମଧ ଫସାଇ ଅଶ୍ଳୀଳ ଫଟୋ ଉଠାଇଥିଲେ। ଏଭଳି ତାଙ୍କ ପ୍ରେମ ଜାଲରେ ଫସିଥିବା ୩ଜଣ ଛାତ୍ରୀଙ୍କୁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସ୍ଥାନକୁ ବୁଲାଇବାକୁ ନେଇଥିଲେ ମଧ ଏକଥା କେହି ଜାଣିପାରନ୍ତି ନାହିଁ। ରବିବାର ଛୁଟିଥିବାରୁ ୩ଜଣ ଛାତ୍ରୀଙ୍କୁ ଖଣ୍ଡଗିରି ବୁଲିଯିବାକୁ କହିଥିଲେ ଲଭ୍ ମାଷ୍ଟର। ଦୁଇ ଜଣ ଛାତ୍ରୀ ଅପରାହ୍ନ ୪ଟାରେ ଆସି ଖଣ୍ଡଗିରିରେ ଅଲଗା ସ୍ଥାନରେ ଅପେକ୍ଷା କରିଥିଲେ। କିନ୍ତୁ ଲଭ୍ ମାଷ୍ଟର ଅନ୍ୟ ଜଣେ ଛାତ୍ରୀଙ୍କ ସହ ରୋମାନ୍ସ କରୁଥିଲେ। ପରେ ଉକ୍ତ ଛାତ୍ରୀଙ୍କୁ ସେଠାରେ ଅପେକ୍ଷା କରିବାକୁ କହି ଦ୍ୱିତୀୟ ଓ ତୃତୀୟ ଛାତ୍ରୀଙ୍କ ସହ ଖଣ୍ଡଗିରି ପାହାଡ଼ ବୁଲି ଫଟୋ ଉଠାଇଥିଲେ। ହେଲେ ଜଣେ ଛାତ୍ରୀଙ୍କ ସନ୍ଦେହ ହୋଇଥିଲା। ଚାରିଆଡେ ଖୋଜିଖୋଜି କରିବା ପରେ ଶେଷରେ ଅନ୍ୟଜଣେ ଛାତ୍ରୀଙ୍କ ସହ ତାଙ୍କ ପ୍ରେମିକ ରୋମାନ୍ସ କରୁଥିବାଦେଖି ନିଜ ମୋବାଇଲ୍ ଫୋନ୍‌ରେ ସେମାନଙ୍କ ଫଟୋ ଉଠାଇଥିଲେ। ଏହାପରେ ନିଜ ସମ୍ପର୍କୀୟ ଭାଇଙ୍କୁ ଫୋନ୍ କରି ଏସବୁ କଥା ଜଣାଇଥିଲେ। ଛାତ୍ରୀଙ୍କ ଭାଇ ସେଠାରେ ପହଞ୍ଚି ଲଭ୍ ମାଷ୍ଟରଙ୍କୁ କାବୁ କରିନେବା ପରେ ତାଙ୍କ ମୋବାଇଲ୍ ଫୋନ୍ ଯାଞ୍ଚ କରି ଏକାଧିକ ଛାତ୍ରୀଙ୍କ ସହ ଅଶ୍ଳୀଳ ଫଟୋ ଥିବା ଦେଖିବାକୁ ପାଇଥିଲେ। ହୋହଲ୍ଲା ଭିତରେ ୩ଜଣ ଛାତ୍ରୀ ଏକାଠି ହୋଇଯାଇଥିଲେ ଓ ଲଭ୍ ମାଷ୍ଟରଙ୍କ ଅସଲ କାର୍‌ନାମା ପଦାକୁ ଆସିଥିଲା।

## ମିଲେନିୟମ ସିଟି ଗେଟ୍ ଉଦ୍‌ଘାଟିତ



ମିଲେନିୟମ ସିଟିଗେଟ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏମ୍‌ପି, ମନ୍ତ୍ରୀ, ବିଧାୟକ, ଜିଲାପାଳ ଓ ଅନ୍ୟମାନେ।

**କଟକ ଅଫିସ, ୧୦।୨**

କଟକ ଚଣ୍ଡୀମନ୍ଦିର ନିକଟରେ ରବିବାର ଉଦ୍‌ଘାଟିତ ହୋଇଯାଇଛି ମିଲେନିୟମ ସିଟିଗେଟ୍। ଏହାକୁ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ କ୍ରୀଡାମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା, ଅନ୍ୟଅତିଥି ଭାବେ ବିଧାୟକ ଦେବାଶିଷ ସାମନ୍ତରାୟ, ପ୍ରଭାତ ବିଶ୍ୱାଳ, ପ୍ରଭାତ ତ୍ରିପାଠୀ, ଜିଲାପାଳ ଅରବିନ୍ଦ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ଏହି ଗେଟ୍‌ର ଲମ୍ବ ୫୪ ଫୁଟ ଓ ଉଚ୍ଚତା ୩୯ ଫୁଟ ରହିଛି। ତୋରଣର ଦୁଇ ପାର୍ଶ୍ୱରେ ଚଣ୍ଡୀ ଦେବୀଙ୍କର ବିଭିନ୍ନ ବେଶ ଶୋଭାପାଉଛି। ମହାନଦୀ କୋଲ ଫିଲ୍‌ଡସ୍ ଲିମିଟେଡ୍‌ର ଆର୍ଥିକ ସହାୟତାରେ ନିର୍ମିତ ହୋଇଥିବା ଏହି ତୋରଣରେ ଲାଇଟ୍‌ବ୍ୟବସ୍ଥା କରାଯାଇଛି।



କଟକ ଶ୍ରୀରାମଚନ୍ଦ୍ର ଭବନରେ ମଣିମାଣିକ ପକ୍ଷରୁ ରବିବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ସମ୍ମାନ ପ୍ରଦାନ ଉତ୍ସବରେ ଅତିଥିଙ୍କ ଗହଣରେ ମଣିମାଣିକ ସମ୍ମାନରେ ସମ୍ମାନିତ ହୋଇଥିବା ପ୍ରତିଭାଧାରୀମାନେ।

## କ୍ଷତାକ୍ତ ଅବସ୍ଥାରେ ନବଜାତ ଶିଶୁକନ୍ୟା ଉଦ୍ଧାର

**ଭୁବନେଶ୍ୱର,୧୦।୨ (ବ୍ୟୁରୋ)/ କଟକ ଅଫିସ**

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ପ୍ରଶାନ୍ତି ବିହାର ରାସ୍ତା ପାର୍ଶ୍ୱ ଏକ ପରିତ୍ୟକ୍ତ ସ୍ଥାନରୁ ଏକ ନବଜାତ ଶିଶୁକନ୍ୟାଙ୍କୁ ଉଦ୍ଧାର କରାଯାଇଛି। ରବିବାର ସକାଳେ ଶିଶୁଟିର ଚିତ୍କାର ଶୁଣି ନିକଟରେ ଯାଉଥିବା କେତେଜଣ ପଥଚାରୀ ଅଟକି ଯାଇଥିଲେ। ଚିତ୍କାର ଶୁଭୁଥିବା ସ୍ଥାନରେ ପହଞ୍ଚି ଏକ କପଡ଼ାରେ ନବଜାତ ଶିଶୁକନ୍ୟା ଗୋଡାଇ ହୋଇଥିବା ଅବସ୍ଥାରେ ପଡି ରହିଥିବା ଦେଖିବାକୁ ପାଇଥିଲେ। ଶିଶୁଟିର ମୁଣ୍ଡ, ଆଖି ଓ ଗୋଡ଼ରେ ଗଭୀର କ୍ଷତ ହୋଇଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପ୍ରଚାରିତ ହୋଇଯିବା ପରେ ସ୍ଥାନୀୟ ଲୋକଙ୍କ ଭିଡ଼ ଲାଗିଥିଲା। ପୋଲିସ ପହଞ୍ଚି ଆହତ ଶିଶୁକନ୍ୟାକୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଛି। କଟକ ଚାଇଲ୍‌ଡ ଲାଇନ ପକ୍ଷରୁ ଶିଶୁକନ୍ୟାଙ୍କ ଯତ୍ନ ଓ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯାଇଛି। ଚାଇଲ୍‌ଡ ଲାଇନ ସଂଯୋଜକ ନାରାୟଣ ଶୁକ୍ଳା ଶିଶୁଭବନରେ ପହଞ୍ଚି ଶିଶୁକନ୍ୟାଙ୍କ ଦେଖାଶୁଣା କରୁଛନ୍ତି। ରାତିରେ ଜନ୍ମ ପରେ କେହି ଶିଶୁଟିକୁ ଏପରି ବିପଜ୍ଜନକ ଅବସ୍ଥାରେ ଫିଙ୍ଗିଦେଇ ଚାଲିଯାଇଥିବା ଓ କୁକୁର କିମ୍ବା ଅନ୍ୟ କୌଣସି ପ୍ରାଣୀ ଆକ୍ରମଣ କରିଥିବା ଅନୁମାନ କରାଯାଉଛି। ଘଟଣାକୁ ନେଇ ପୋଲିସ ଖୋଳତାଡ଼ ଆରମ୍ଭ କରିଛି।

### ■ ପୋଲିଂ ବୁଥ୍‌ରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା

## ପାଇଖାନା ମରାମତି ପାଇଁ ନିର୍ଦ୍ଦେଶ

**କଟକ ସଦର, ୧୦।୨ (ଡି.ଏନ୍.ଏ.)**

ଆଗାମୀ ନିର୍ବାଚନ ପାଇଁ କଟକ ସଦର ବ୍ଲକ ଅଞ୍ଚଳରେ ଥିବା ୧୩୨ଟି ପୋଲିଂବୁଥ୍‌ର ଯାଞ୍ଚ କାର୍ଯ୍ୟ ଶେଷ ହୋଇଛି। ବିଭିନ୍ନ ବିଦ୍ୟାଳୟରେ ଖୋଲିବାକୁ ଥିବା ବୁଥ୍ ମଧ୍ୟରୁ ୧୧୨ଟିରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ସେଗୁଡିକର ମରାମତି କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ୨୩ଟି ପଞ୍ଚାୟତର ସରପଞ୍ଚଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ଅନୁଦାନରୁ ମରାମତି ବାବଦ ଖର୍ଚ୍ଚ ଭରଣା କରିବା ପାଇଁ କୁହାଯାଉଛି। ଫଳରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନେ ଆଉ ଅସୁବିଧାର ସମ୍ମୁଖୀନ ହେବେ ନାହିଁ। ଅନ୍ୟପକ୍ଷରେ ଚଳିତ ସାଧାରଣ ନିର୍ବାଚନରେ ମହିଳା କର୍ମଚାରୀମାନଙ୍କୁ କଟକ ଜିଲା ପ୍ରଶାସନ ନିୟୋଜିତ କରିବ। ତେଣୁ ପୋଲିଂବୁଥ ଥିବା ବିଦ୍ୟାଳୟଗୁଡିକର ପରିମଳ ବ୍ୟବସ୍ଥା ସଜାଡିବା ପ୍ରଶାସନ ଲାଗି ଜରୁରୀ ହୋଇପଡିଥିଲା। କଟକ ସଦର ବ୍ଲକ ଶିକ୍ଷାଧିକାରୀଙ୍କ ନିୟନ୍ତ୍ରଣାଧୀନ ୧୫ଟି ଓ ବିରିଡି ବ୍ଲକ ଶିକ୍ଷାଧିକାରୀଙ୍କ ଦ୍ୱାରା ପରିଚାଳିତ ୫ଟି ବିଦ୍ୟାଳୟରେ ପାଇଖାନା ବ୍ୟବହାର ଉପଯୋଗୀ ଥିବା ଜଣାପଡିଥିଲା।

### ଭୂମିହୀନଙ୍କୁ ପ୍ରମାଣପତ୍ର ପ୍ରଦାନ

**ଚୌଦ୍ୱାର, ୧୦।୨ (ଡି.ଏନ୍.ଏ.)**

ରାଜ୍ୟ ସରକାରଙ୍କ ଜାଗା ମିଶନ ଯୋଜନାରେ ଭୂମିହୀନ ବସ୍ତିବାସିନ୍ଦାଙ୍କ ପାଇଁ ଭୂମି ଅଧିକାର ପ୍ରମାଣପତ୍ର ବଣ୍ଟନ କାର୍ଯ୍ୟକ୍ରମ ଚୌଦ୍ୱାର ପୌରପାଳିକା ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ପୌରାଞ୍ଚଳରେ ମୋଟ୍ ୮୭୦ ଭୂମିହୀନଙ୍କୁ ଚିହ୍ନଟ କରାଯାଇଥିବାବେଳେ ସେଥିମଧ୍ୟରୁ ୨୯ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ସ୍ଥାନୀୟ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ସୁମିତା ସରକାର, ଟାଙ୍ଗୀ-ଚୌଦ୍ୱାର ତହସିଲଦାର ଅବିନାଶ ରାଉତ ଓ ଜିଲା ସଂଯୋଜକ ଅକ୍ଷୟ ମିଶ୍ର ଯୋଗଦେଇଥିଲେ। ପୌର କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ପାଣି, ଝୁଲେନ୍ଦ୍ର ନାୟକ, ତପନ କୁମାର ସାହୁ ଓ ଶଙ୍କର୍ଷଣ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏକମାସ ମଧ୍ୟରେ ପୌରାଞ୍ଚଳରେ ବଳକା ରହିଯାଇଥିବା ଭୂମିହୀନ ହିତାଧିକାରୀଙ୍କୁ ପ୍ରମାଣପତ୍ର ଯୋଗାଇ ଦିଆଯିବ ବୋଲି ବିଧାୟକ ବିଶ୍ୱାଳ ପ୍ରତିଶ୍ରୁତି ଦେଇଥିଲେ।

### ■ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ

## ଟ୍ରାଫିକ୍ ନିୟମ ମାନିବାକୁ ପରାମର୍ଶ

**କଟକ ଅଫିସ/ ଟାଙ୍ଗୀ(କଟକ),୧୦।୨**





ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନର ଉଦ୍‌ଯାପନୀ ସମାରୋହରେ ମଞ୍ଚାସୀନ ଅତିଥି।

ଗତ ୪ ତାରିଖଠାରୁ ଆରମ୍ଭ ହୋଇଥିବା ୩୦ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ରବିବାର ଶେଷ ହୋଇଯାଇଛି। ଏହି ଅବସରରେ କଟକ ଟ୍ରାଫିକ ପୋଲିସ ପକ୍ଷରୁ ସ୍ଥାନୀୟ ନୌବାଣିଜ୍ୟ ସଂଗ୍ରହାଳୟରେ ଲୋକମାନଙ୍କ ଉଦ୍ଦେଶ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି, ଡିସିପି ଅଖିଳେଶ୍ୱର ସିଂ, ବିଧାୟକ ଦେବାଶିଷ ସାମନ୍ତରାୟ, ପ୍ରଭାତ ବିଶ୍ୱାଳ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଡିନ୍ ସଞ୍ଜୟ ସତପଥୀ, ଅଲ୍ ଓଡ଼ିଶା ଟ୍ରକ୍ ସଂଘର ସଭାପତି ରବି ଶତପଥୀ, ଅଭିନେତା ମିହିର ଦାସ, କୁନା ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଲୋକମାନଙ୍କୁ ଟ୍ରାଫିକ୍ ନିୟମ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଷ୍ଟୁଡେଣ୍ଟ ଟ୍ରାଫିକ୍ ଭଲେଣ୍ଟିୟର, ଅଟୋ ଆସୋସିଏଶନ୍‌ର ସଦସ୍ୟ, ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା, ବେସରକାରୀ ଅନୁଷ୍ଠାନର ସଦସ୍ୟଙ୍କ ସମେତ ବହୁ ସଂଖ୍ୟାର ଛାତ୍ରୀଛାତ୍ର ଯୋଗଦେଇଥିଲେ। ଗରୁଡ଼ଗାଁ ପଞ୍ଚାୟତ ଅଧୀନ ବିଶ୍ୱନାହାକାଣୀ କନିଷ୍ଠ ମହାବିଦ୍ୟାଳୟ ପରିସରରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଟାଙ୍ଗୀ ପୋଲିସ, କପିଳାସ ସିମେଣ୍ଟ ମାନ୍ୟୁଫାକ୍ଚରିଂ ୱାର୍କ୍ସ ଓ ଡାଲମିଆଁ ଭାରତ ଫାଉଣ୍ଡେଶନର ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧକ୍ଷ ଡ. ସଚ୍ଚିଦାନନ୍ଦ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁବୋଧ କୁମାର ସାମଲ ଯୋଗଦେଇ ସଡ଼କ ସୁରକ୍ଷା ସମ୍ପର୍କରେ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସଚେତନତା ଶୋଭାଯାତ୍ରା ସ୍ଥାନୀୟ ଅଞ୍ଚଳ ପରିକ୍ରମା କରିଥିଲା। ଫାଉଣ୍ଡେଶନ ପକ୍ଷରୁ ଜିତେନ୍ଦ୍ର ରାଉତ, ଚନ୍ଦନ ସ୍ୱାଇଁ, ପୋଲିସ ଏଏସ୍‌ଆଇ ସଦାଶିବ ଧୀର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସବୁଠି ବାଗ୍‌ଦେବୀଙ୍କୁ ଆରାଧନା



ସିଡିଏ ସେକ୍ଟର-୯ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର।



କଟକସ୍ଥିତ ରାଧାନାଥ ଉଚ୍ଚତର ଶିକ୍ଷା ଅନୁଧ୍ୟାନ ପ୍ରତିଷ୍ଠାନ।



କଟକ ଜିଲା ଟାଙ୍ଗୀସ୍ଥିତ ଡ୍ରିମସ୍ ଶିକ୍ଷାନୁଷ୍ଠାନ।



କଟକ ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର।



ଫୁଲନଖରା ଓମ୍‌ଫେଡ କଲୋନୀ।



ଟାଙ୍ଗୀ



ବନ୍ୟା ପ୍ଲାବିତ ନଦୀ, ଶାସକର ଆଦର, ସ୍ତ୍ରୀର ଚରିତ୍ର ଓ ବ୍ୟବସାୟରେ ସ୍ନେହ କେବେହେଲେ ବିଶ୍ୱାସଯୋଗ୍ୟ ନୁହେଁ। - ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ପାଣିରେ ବୁଡ଼ି ଶିଶୁ କନ୍ୟା ମୃତ

**ମାହାଙ୍ଗା, ୧୦।୨ (ସ୍ୱ.ପ୍ର.):** ପାଣିରେ ବୁଡ଼ିଯିବାରୁ ମାହାଙ୍ଗା ଥାନା ଲଳିତଗିରି ପଞ୍ଚାୟତ ଅନ୍ତର୍ଗତ ଲଳିତଗିରି (ପଟଣା) ଗ୍ରାମରେ ରବିବାର ଜଣେ ଶିଶୁ କନ୍ୟାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ବଟକୃଷ୍ଣ ପାତ୍ରଙ୍କ କନ୍ୟା ଅର୍ଚ୍ଚନା(୭)। ପୂର୍ବାହ୍ନରେ ସେ ଘର ନିକଟରେ ଖେଳୁଥିବା ବେଳେ ଅସାବଧାନତାବଶତଃ ଘର ପଛରେ ଥିବା ଏକ ପୋଖରୀରେ ବୁଡ଼ି ଯାଇଥିଲେ । କିଛି ସମୟ ପରେ ତାଙ୍କ ମୃତ ଦେହ ପୋଖରୀ ପାଣିରେ ଭାସୁଥିବା ଦେଖି ଗ୍ରାମର ଜଣେ ପିଲା ପରିବାର ଲୋକଙ୍କୁ ଜଣାଇଥିଲେ । ପରେ ପରିବାର ଲୋକଙ୍କଠୁ ଖବରପାଇ ମାହାଙ୍ଗା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ପଠାଇ ଦେଇଛି।

### ପ୍ରଧାନମନ୍ତ୍ରୀ ଜନ ଔଷଧିକେନ୍ଦ୍ର ଉଦ୍‌ଘାଟିତ

**ନିଶ୍ଚିନ୍ତକୋଇଲି, ୧୦।୨ (ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ପ୍ରଧାନମନ୍ତ୍ରୀ ଜନ ଔଷଧି କେନ୍ଦ୍ର ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ଓଡିଶା ବିପିପିଆଇରର ରାଜ୍ୟ ମୁଖ୍ୟ ଓମ୍ ପ୍ରକାଶ ବର୍ମାଯୋଗ ଦେଇ ପ୍ରଧାନମନ୍ତ୍ରୀ ଜନ ଔଷଧିକେନ୍ଦ୍ରର ଆବଶ୍ୟକତା ଓ ଏହାର ଉପଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ସଞ୍ଜିବନି ନର୍ସିଂ ହୋମ ପରିସରରେ ଆୟୋଜିତ ସଭାରେ ପରିବାରର ସଭାପତି ବଲ୍ଲଭ ଚରଣ ପଲେଇ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅଶୋକ ଓଝା ଯୋଗଦେଇ ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନା ସମ୍ପର୍କରେ ଅଲୋକପାତ କରିଥିଲେ। ସମ୍ମାନିତ ଅତିଥି ବ୍ଲକ ବିଜେଡି ପର୍ଯ୍ୟବେକ୍ଷକ ବିବେକାନନ୍ଦ ସାମନ୍ତରାୟ, ନିଶ୍ଚିନ୍ତକୋଇଲି ବ୍ୟବସାୟ ସଙ୍ଘର ସଭାପତି ପ୍ରମୋଦ ପଣ୍ଡା, ସାହିତ୍ୟିକ ଶ୍ରୀଧର ଶେଖର ମହାପାତ୍ର, ନିଶ୍ଚିନ୍ତକୋଇଲି ସରପଞ୍ଚ ରବୀନ୍ଦ୍ର ସେଠୀ ପ୍ରମୁଖ ଯୋଗ ଦେଇଥିଲେ।


### ସାହିତ୍ୟ ସାଧନାରେ ମା' ସରସ୍ୱତୀ ନିତ୍ୟ ପୂଜିତା

**ବଡ଼ମ୍ବା, ୧୦।୨(ଡି.ଏନ୍.ଏ.) :** ସାହିତ୍ୟିକଙ୍କ ସାହିତ୍ୟ ସାଧନାରେ ମା'ସରସ୍ୱତୀ ନିତ୍ୟ ପୂଜିତା । କବିତାର ପଦାବଳୀ ହେଉ କି ଗଳ୍ପ ଅବା ପ୍ରବନ୍ଧ ରଚନା ମା'ଙ୍କ ଆଶିଷ ବିନା ଅଧୁରା ବୋଲି ଅନୁଷ୍ଠିତ ଏକ ସାରସ୍ୱତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ମତପୋଷଣ କରାଯାଇଛି। ରବିବାର ବଡ଼ମ୍ବା ବ୍ଲକ ରଗଡ଼ିପଡ଼ା ଶ୍ରୀରଘୁନାଥ ଜୀଉ ମଠରେ ଏକ ସାରସ୍ୱତ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଶ୍ରୀନିବାସ ରାଉତଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କବି ଚନ୍ଦ୍ରଶେଖର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ଦୀନବନ୍ଧୁ ପୃଷ୍ଟି, ଦୁର୍ଯ୍ୟୋଧନ ବେହେରା, ପୁରୁଷୋତ୍ତମ ସାହୁ, କାଶୀନାଥ ସାହୁ ଓ ଅକ୍ଷୟ କରଣ ପ୍ରମୁଖ ଯୋଗଦେଇଥିଲେ ।

■ କଉଡ଼କୋଲ ତାରିଣୀ ଛକରେ ଚୋରାରେ ଚାଲିଛି କୋଇଲା କାରବାର

# ପ୍ରଶାସନ ଜାଣି ଅଜଣା

**ମାହାଙ୍ଗା,୧୦।୨(ସ୍ୱ.ପ୍ର.)**



ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା କୋଇଲା ବୋଝେଇ ଟ୍ରକ୍।

- ପାରାଦୀପ ଯାଉଥିବା ଗାଡ଼ିରୁ କଢ଼ା ଯାଉଛି କୋଇଲା
- ଯେତିକି କଢ଼ାଯାଉଛି ସେତିକି ଓଜନର ପାଣିଡ଼ବା ଓ ଅନ୍ୟ ସାମଗ୍ରୀ ଭର୍ତ୍ତି ହେଉଛି
- ସାଧାରଣରେ ଅସନ୍ତୋଷ ପ୍ରକାଶ
- ପ୍ରଶାସନ ଦୃଷ୍ଟିଦେବାକୁ ଦାବି

ମାହାଙ୍ଗା ଥାନା ଅଧୀନ ଚଣ୍ଡିଖୋଲ-ପାରାଦୀପ ୫ନଂ(କ) ଜାତୀୟ ରାଜପଥର କଉଡ଼କୋଲ ତାରିଣୀ ଛକରେ ପ୍ରତ୍ୟହ ଦିବାଲୋକରେ ଚୋରା କୋଇଲା କାରବାର ଚାଲିଛି। ଏ କଥା ସ୍ଥାନୀୟ ପ୍ରଶାସନ ଜାଣିଥିଲେ ମଧ୍ୟ ଅଜଣା ପରି ହେଉଛି। ଫଳରେ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କିଛି ମାସ ତଳେ ଏହା କେବଳ ବିଳମ୍ବିତ ରାତିରେ ଚାଲୁଥିଲା। ତେବେ ଚଢ଼ାଉ ନ ହେବାରୁ ଏବେ ଦିନରାତି ଏହି କାରବାର ଆରମ୍ଭ ହୋଇଯାଇଛି। ଯାଜପୁର ସମେତ ଅନ୍ୟ ସ୍ଥାନରୁ ଆସୁଥିବା କୋଇଲା ବୋଝେଇ ଗାଡ଼ି ପାରାଦୀପ ଅଭିମୁଖେ ଯାଉଥିବାବେଳେ ଏହି ଛକରେ ଅଟକି ରହୁଛି। ପରେ ଗାଡ଼ି ଚାଳକଙ୍କ ସହଯୋଗରେ ସେଠାରେ କୋଇଲା କଢ଼ା ଯାଉଛି। ଯେତିକି ପରିମାଣ କୋଇଲା କଢ଼ାଯାଉଛି ସେତିକି ପରିମାଣର ପାଣି ଡବା ଓ ଅନ୍ୟ ସାମଗ୍ରୀ ଭର୍ତ୍ତି କରି ଗାଡ଼ି ଗୁଡ଼ିକୁ ପଠାଇ ଦିଆଯାଉଛି। କୋଇଲା କାଢ଼ିବା ପାଇଁ ଗାଡିଗୁଡ଼ିକ ଜାତୀୟ ରାଜପଥ କଡରେ ଅଟକୁଥିବାରୁ ଅନ୍ୟ ଦ୍ରୁତଗାମି ଗାଡ଼ି ଦୁର୍ଘଟଣାର ସମ୍ମୁଖୀନ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏପରି କି ଏହି ଗାଡିଗୁଡିକ ଅଟକି ରହୁଥିବାରୁ ଅନ୍ୟ ଗାଡିଚାଳକ ବିଭିନ୍ନ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଏହି କୋଇଲା ଚୋରା କାରକାରକୁ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ କରୁଥିବା ଅଭିଯୋଗ ହୋଇଛି। ହେଲେ ଭୟରେ ଲୋକେ ଏହାର ପ୍ରତିବାଦ କରିପାରୁନାହାନ୍ତି। ତେଣୁ ଏଥିପ୍ରତି ପ୍ରଶାସନ ଓ ପୋଲିସ ଦୃଷ୍ଟିଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ଯାଜପୁର ଖଣି ଅଧିକାରୀ ଅଶିତ କୁମାର ବେହେରା କହିଛନ୍ତି, କିଛି ଦିନ ତଳେ ଉକ୍ତ ଘଟଣା ସ୍ଥଳକୁ ଚଢାଉ ପାଇଁ ଯାଇଥିଲୁ। ସେଠାରେ ବେଆଇନ ଭାବେ କୋଇଲା ଚୋରା କାରବାର ହେଉଥିଲେ ମଧ୍ୟ ଉକ୍ତ ସ୍ଥାନଟି କଟକ ଜିଲାରେ ହୋଇଥିବାରୁ ଯାଜପୁର ପୋଲିସ ସହାୟତା କରି ପାରି ନ ଥିଲା। ଫଳରେ ଚଢ଼ାଉ କରାଯାଇ ପାରି ନ ଥିଲା। ଏଣୁ ଉକ୍ତ ସ୍ଥାନ ଉପରେ କଟକ ପ୍ରଶାସନ ପଦକ୍ଷେପ ନେଇପାରିବେ ବୋଲି କହିଥିଲେ। ଘଟଣା ସମ୍ପର୍କରେ କଟକ ଖଣି ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ମାହାଙ୍ଗା ଥାନା ଆଇଆଇସି ଯୁଗୋଳ କିଶୋର ଦାସଙ୍କୁ ପଚାରିବାରୁ ଏହି ଘଟଣା ଉପରେ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଥିଲେ।

## ମହିମା ଆଶ୍ରମ ଉଦ୍‌ଘାଟିତ



ମହିମା ଆଶ୍ରମର ଉଦ୍‌ଘାଟନୀ ଉତ୍ସବରେ ଆୟୋଜିତ ଯଜ୍ଞ।

**ମାହାଙ୍ଗା, ୧୦।୨ (ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଚାହାପଡା ପଞ୍ଚାୟତ ଜହଲ ଗ୍ରାମରେ ଗତ ଶନିବାର ରାତ୍ରିରେ ଏକ ନୂତନ ମହିମା ଆଶ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏଥିପାଇଁ ଆୟୋଜିତ ଅହୋରାତ୍ର ହୋମଯଜ୍ଞ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ମହିମା ଆଶ୍ରିତ ବକଳଧାରୀ ଅବଧୂତ କିଶୋର ବାବା ପ୍ରଥମେ ନୂତନ ମହିମା ଆଶ୍ରମକୁ ପ୍ରବେଶ କରିଥିଲେ । ଏହାପରେ ଯଥା ରୀତିନୀତିରେ ହୋମଯଜ୍ଞ, ଭଜନକୀର୍ତ୍ତନ ଏବଂ ପ୍ରବଚନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ସୁକାନ୍ତି ବିଶ୍ୱାଳ, ନିରଞ୍ଜନ ବିଶ୍ୱାଳ, ଭୀମସେନ ବେହୁରା, ଆନନ୍ଦମୟୀ ବେହୁରା, ଜୟନ୍ତ ଦାଶ ଓ ଅଜୟ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

## ପାନୀୟଜଳ ଯୋଗାଣର ଶୁଭାରମ୍ଭ

**ବଡ଼ମ୍ବା, ୧୦।୨ (ଡିଏନଏ):** ବଡ଼କମ୍ପିଲୋ ପଞ୍ଚାୟତରେ ରବିବାର ପାଣିଟାଙ୍କି ଏବଂ ପାଇପ୍ ଜରିଆରେ ଜଳଯୋଗାଣ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି। ଏଥିରେ ବିଧାୟକ ଦେବୀପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରକଳ୍ପ ପାଇଁ ୫୭ଲକ୍ଷ ଟଙ୍କା ବ୍ୟୟ ହୋଇଛି। ଏହା ଜରିଆରେ ବଡ଼କମ୍ପିଲୋ ଗ୍ରାମ ସମେତ ତେଲିକମ୍ପିଲୋ ଓ ତିନିଘରିଆ ଆଦି ୩ ଗ୍ରାମର ଲୋକଙ୍କୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଇଦିଆଯିବ।

## ସ୍କୁଲରେ ପାଣି ପାଇପ ବସାଇଲେ ପୁରାତନ ଛାତ୍ରୀଛାତ୍ର



ପାଣି ପାଇପ୍ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି।

**ସାଲେପୁର,୧୦।୨(ଡି.ଏନ୍.ଏ.)**

ସାଲେପୁର ହାଇସ୍କୁଲରେ ପାନୀୟ ଜଳ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଛାତ୍ରୀଛାତ୍ରମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିଲେ। ପିଲାମାନେ ନଳକୂପ ପାଖରେ ହାତମୁହଁ ଧୋଉଥିବା ବେଳେ ସେହି ପାଣିକୁ ପାନୀୟ ଜଳ ଭାବେ ବ୍ୟବହାର କରୁଥିଲେ। ଏନେଇ ବିଦ୍ୟାଳୟର ୧୯୯୧ମସିହାର ଛାତ୍ରୀଛାତ୍ରମାନେ ସ୍କୁଲ ଭିତରେ ପାଣି ପାଇପ୍ ବ୍ୟବସ୍ଥା କରିବା ପାଇଁ ଅଣ୍ଟା ଭିଡିଥିଲେ। ସେମାନେ ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ସାଲେପୁର ହାଇସ୍କୁଲ ପଛପଟ ପୋଖରୀ ପାଖରେ ଏକ ପାନୀୟଜଳ ପ୍ରକଳ୍ପ ତିଆରି କରି ସ୍କୁଲରେ ପାଣି ପାଇପ୍ ବସାଇଛନ୍ତି । ରବିବାର ଏହାକୁ ଉଦ୍‌ଘାଟନ କରାଯାଇଛି। ସାରସ୍ୱତ ସମାରୋହ ସମିତିର ସଭାପତି ଅକ୍ଷୟ କୁମାର ଦାଶ ଏହି ପ୍ରକଳ୍ପକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ରଜନୀକାନ୍ତ ଦାଶ, ସାଲେପୁର ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା, ଶ୍ରୀକାନ୍ତ ପଣ୍ଡା, ପୂର୍ବତନ ସାଲେପୁର ହାଇସ୍କୁଲର ଶିକ୍ଷକ ହାଡ଼ିବନ୍ଧୁ ନନ୍ଦ ଓ ଗୌତମ ମହାରଣା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପୁରାତନ ଛାତ୍ରୀଛାତ୍ର ମିଲନ୍ କୁମାର ବିଶ୍ୱାଳ, ମନ୍ମଥ ଦାସ, ମମତା କର, ସଂଗୀତା ମିଶ୍ର, ସୁଚିସ୍ମିତା ଦାଶ, ରାକେଶ ବଳବନ୍ତରାୟ ଓ ଅକ୍ଷୟ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ସମବାୟ କର୍ମଚାରୀଙ୍କ ବୈଠକ

**ଆଠଗଡ,୧୦।୨ (ସ୍ୱ.ପ୍ର.):** ଆଠଗଡ ଅବସରପ୍ରାପ୍ତ ସମବାୟ କର୍ମଚାରୀଙ୍କ ଏକ ବୈଠକ ଘରୋଇ ହୋଟଲ ପରିସରରେ ଅନୁଷ୍ଠିତ ହୋଇଯାଇଛି ଏଥିରେ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଆବାହକ ରମେଶ ଚନ୍ଦ୍ର ଦାସ ଓ ବିମ୍ବାଧର ସ୍ୱାଇଁଙ୍କ ଆନୁକୂଲ୍ୟରେ ଆୟୋଜିତ ବୈଠକରେ ବରଦା ପ୍ରସନ୍ନ ଚୌଧୁରୀ ସଭାପତିତ୍ୱ କରିଥିଲେ । ବିଭାଗରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ କର୍ମଚାରୀଙ୍କ ପ୍ରତି ସରକାର ଦୃଷ୍ଟି ଦେବାକୁ ଦାବି ହୋଇଥିଲା । ୫୦ରୁ ଉର୍ଦ୍ଧ୍ୱ ଅବସରପ୍ରାପ୍ତ କର୍ମଚାରୀ ଯୋଗ ଦେଇଥିଲେ।

## ବିଭିନ୍ନ ପ୍ରକଳ୍ପର ଉଦଘାଟନ, ଶିଳାନ୍ୟାସ

**ନିଶ୍ଚିନ୍ତକୋଇଲି,୧୦।୨(ସ୍ୱ.ପ୍ର):** ନିଶ୍ଚିନ୍ତକୋଇଲି ବ୍ଲକ ନଗସପୁର ପଞ୍ଚାୟତରେ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ, ଆଇନ ଓ ସୂଚନା ଲୋକସମ୍ପର୍କ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଜେନା ପ୍ରଥମେ ୨୦ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ନଗସପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ରର ନୂତନ ଗୃହକୁ ଶିଳାନ୍ୟାସ କରିଥିଲେ। ପରେ ବରହମପୁର ଗ୍ରାମକୁ ଯାଇ ଗଣେଶ କମ୍ୟୁନିଟି ସେଣ୍ଟର ଓ ତ୍ରିନାଥ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ କରିଥିଲେ। ଏଥିସହ ବରହମପୁର ଗୁରୁସାହି ଅଙ୍ଗନୱାଡି କେନ୍ଦ୍ରର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ସରପଞ୍ଚ ସୁଧାଂଶୁ ଶେଖର ଭୂୟାଁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ମନ୍ତ୍ରୀ ଜେନା ଯୋଗ ଦେଇ ରାଜ୍ୟ ସରକାରଙ୍କର ବିଭିନ୍ନ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ବୃଦ୍ଧାବୃଦ୍ଧଙ୍କ ଭତ୍ତା, ଅର୍ଥରାଶି ବୃଦ୍ଧି ଓ ମହିଳାମାନଙ୍କୁ ଆର୍ଥିକ ସହାୟତା ସମ୍ପର୍କରେ ବୁଝାଇଥିଲେ। ମୁଖ୍ୟବକ୍ତାଭାବେ ବ୍ଲକ ଅଧକ୍ଷା ସବିତା ଓଝା ଯୋଗ ଦେଇ ମହିଳା ସଶକ୍ତୀକରଣ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ବିଜେଡି ପର୍ଯ୍ୟବେକ୍ଷକ ବିବେକାନନ୍ଦ ସାମନ୍ତରାୟ, ସମିତି ସଭ୍ୟ ଶୁଭଲକ୍ଷ୍ମୀ ଷଡଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ୫୨୫ ଜଣ ବୃଦ୍ଧା ବୃଦ୍ଧଙ୍କୁ ମନ୍ତ୍ରୀ କମ୍ବଳ ବଣ୍ଟନ କରିଥିଲେ।

■ ଗ୍ୟାରେଜ ପରିସରରେ ଅଗ୍ନିକାଣ୍ଡ

## ଇଣ୍ଡିକା, ୨ ଟାଟା ଏସିଇ ଜଳିଗଲା



ଜଳି ଯାଇଥିବା ଗାଡ଼ି।

**ସାଲେପୁର,୧୦।୨(ଡି.ଏନ୍.ଏ.)**

କଟକ ଜିଲା ସାଲେପୁର ବ୍ଲକ୍ ଅନ୍ତର୍ଗତ ନାନ୍ଦୋଳଗଡ଼ାଠାରେ ଥିବା ଏକ ଗ୍ୟାରେଜ୍‌ରେ ଅଗ୍ନିକାଣ୍ଡ ଘଟି ରବିବାର ଗୋଟିଏ ଇଣ୍ଡିକା କାର ସମେତ ୨ ଟାଟା ଏସିଇ ଗାଡି ଜଳିଯାଇଛି। ଖବରପାଇ ସାଲେପୁର ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। କଟକ-ଚାନ୍ଦବାଲି ରାସ୍ତାର ନାନ୍ଦୋଳଗଡ଼ା ନିକଟରେ ଅଲ୍ ଆଲାମ୍ ମୋଟର୍ସ ଗ୍ୟାରେଜ ରହିଛି। ରବିବାର ଗ୍ୟାରେଜ କାର୍ଯ୍ୟ ବନ୍ଦ ଥିବାରୁ ଏହାର ପରିସରରେ ମରାମତି ହେବାକୁ ଆସିଥିବା ଗାଡ଼ିଗୁଡିକୁ ରଖାଯାଇଥିଲା। ସକାଳ ପ୍ରାୟ ୧୦ଟା ୩୦ ମିନିଟରେ କୌଣସି କାରଣରୁ ସେଠାରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକେ ନିଆଁ ଦେଖି ଅଗ୍ନିଶମ ବିଭାଗରେ ଖବର ଦେଇଥିଲେ। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣା ପଡି ନ ଥିବା ବେଳେ ନିକଟରେ ଥିବା ଅଳିଆ ଗଦାରୁ ନିଆଁ ଲାଗି ଗାଡି ପର୍ଯ୍ୟନ୍ତ ବ୍ୟାପି ଯାଇଥିବା ଆଶଙ୍କା କରାଯାଉଛି ବୋଲି ସାଲେପୁର ଅଗ୍ନିଶମ ବିଭାଗ ଅଧିକାରୀ ଶିଶିର କୁମାର ବେହେରା କହିଛନ୍ତି।

## ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ

**ନିଶ୍ଚିନ୍ତକୋଇଲି,୧୦।୨(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ମାଆମାନଙ୍କ ମଧ୍ୟରେ ଗୀତା, ଭାଗବତ, ଝୋଟି,ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପରେ ପିଲାମାନଙ୍କ ପ୍ରତି ମାଆମାନଙ୍କ ଭୂମିକା ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିରର ପରିଚାଳନା କମିଟି ସଭାପତି ବଂଶୀଧର ପଣ୍ଡା ସଭାପତିତ୍ୱ କରିଥିଲେ। ସମ୍ପାଦକ ଗଗନ ବିହାରି ବରାଳ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥିଭାବେ ଆଇନଜୀବୀ ଗୋପାଳ ଚନ୍ଦ୍ର ଜେନା ଯୋଗଦେଇ ପିଲାଙ୍କୁ ଗଢ଼ିବାରେ ମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଗୁରୁମା, ଗୁରୁଜୀ ଓ ପରିଚାଳନା କମିଟି କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ପ୍ରାରମ୍ଭିକ ଭାଷଣ ବିଜୟଲକ୍ଷ୍ମୀ ସ୍ୱାଇଁ ଦେଇଥିବା ବେଳେ ଆଚାର୍ଯ୍ୟ ଅଞ୍ଜନ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ମା' ମାଟିର ଆତ୍ମୀୟତାରେ ରହିଛି ସାହିତ୍ୟର ମହକ

**ରଘୁନାଥପୁର, ୧୦।୨ ( ଡି.ଏନ.ଏ.)**

ମା' ମାଟିକୁ ଛାଡି ସମାଜରେ କୌଣସି କଥା ଚିନ୍ତା କରାଯାଇ ନ ପାରେ। ଏଥିରେ ଭରି ରହିଛି ସାହିତ୍ୟର ମହକ। ନିଶ୍ଚିନ୍ତକୋଇଲି ବ୍ଲକ ଦ୍ୱୀପାଞ୍ଚଳରେ ଥିବା ଉତ୍ତରକୂଳ ବୀଣାପାଣି ସାହିତ୍ୟ ସଂସଦ ତୃତୀୟ ବାର୍ଷିକ ସ୍ୱନକ୍ଷତ୍ର ଉତ୍ସବରେ ପ୍ରବାସୀ ଓଡ଼ିଆ ତଥା ସ୍ତମ୍ଭକାର ଡା. ରାଜେନ୍ଦ୍ର ନାରାୟଣ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ରଖିଥିଲେ। ଉତ୍ସବକୁ ଉଦ୍‌ଘାଟନ କରି ଏମ୍‌ପି ଭର୍ତ୍ତୃହରି ମହତାବ କହିଥିଲେ, ସମାଜରେ ବିବର୍ତ୍ତନକୁ ସାହିତ୍ୟର କାନଭାସରେ ବାନ୍ଧି ରଖିବା ଉଚିତ ଯାହା ଆଗାମୀ ପିଢିଙ୍କ ପାଇଁ ଉପାଦେୟ ହୋଇ ରହିବ। ସଂସଦର ପ୍ରତିଷ୍ଠାତା ସଭ୍ୟ ଦୀଲିପ କୁମାର ବେଉରାଙ୍କ ମଞ୍ଚ ସଞ୍ଚାଳନରେ ବିଶିଷ୍ଟ ଗବେଷକ ଡା. ବାବାଜୀ ଚରଣ ପଟ୍ଟନାୟକ, କଥାକାର ତରୁଣ କୁମାର ସାହୁ, ରେଭେନଶା ବିଶ୍ୱବିଦ୍ୟାଳୟ କୁଳ ସଚିବ ଅଶୋକ କୁମାର ଦାଶ, ଗବେଷକ ଓ ଗୀତକାର ବିରଞ୍ଚି ନାରାୟଣ ସାମଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ଶୈଶବରୁ ମାତାପିତା ନିଜ ପିଲାମାନଙ୍କୁ ସାହିତ୍ୟାନୁରାଗୀ କରିବାକୁ ମତ ରଖିଥିଲେ। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନଗେନ୍ଦ୍ରନାଥ ଦାଶଙ୍କ ସଭାପତିତ୍ୱରେ ଏମପି ମହତାବ ସଂସଦର ମୁଖପତ୍ର ବାଗଦେବୀ ବିଭାସକୁ ଲୋକାର୍ପିତ କରିଥିଲେ। ଗାଁ ମାଟିର ସନ୍ତାନ ଭାବେ ନାଟ୍ୟକାର କୃଷ୍ଣଚନ୍ଦ୍ର ବେଉରାଙ୍କୁ ନାଟ୍ୟଜ୍ୟୋତି ସମ୍ମାନ ଓ ସେବା କ୍ଷେତ୍ରରେ ଡା. ରବୀନ୍ଦ୍ରନାଥ ବେଉରାଙ୍କୁ ସ୍ୱାସ୍ଥ୍ୟସେବା ସମ୍ମାନ ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଅକ୍ଷୟ କୁମାର ସାହୁ ଅତିଥି ପରିଚୟ ଓ ସଭ୍ୟ ବିଭୂତି ଭୂଷଣ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ସାହିତ୍ୟ ସଂସଦର ମୁଖ୍ୟ ସମ୍ପାଦକ କେଦାରନାଥ ସ୍ୱାଇଁ ଓ ସମ୍ପାଦକ ରାଜକିଶୋର ମହାନ୍ତି ନିଜର ବକ୍ତବ୍ୟ ରଖିଥିଲେ। ଏଥିସହ ଆନନ୍ଦମାର୍ଗ ସଙ୍ଗୀତ ବିଦ୍ୟାଳୟର ମଧ୍ୟ ବାର୍ଷିକୋତ୍ସବ ପାଳନ ହୋଇଥିଲା। ସଙ୍ଗୀତ ବିଦ୍ୟାଳୟ ପିଲାମାନଙ୍କ ଦ୍ୱାରା ଉଦ୍‌ଯାପନୀ ସଙ୍ଗୀତ ଗାନ ପରେ ସଭା ସାଙ୍ଗ ହୋଇଥିଲା।





**ବାଗଦେବୀଙ୍କ ଆରାଧନା:** ନୃସିଂହ ଛକ, ବାଙ୍କୀ। ବାପୁଜୀ ସେବାସଂଘ, ଚର୍ଚ୍ଚିକା।



"ମନୁଷ୍ୟର ଏକମାତ୍ର ଧର୍ମ ହେଉଛି ଈଶ୍ୱରଙ୍କ ନିକଟରେ ଆତ୍ମ ସମର୍ପଣ କରିବା। ସବୁବେଳେ ତାଙ୍କ ନାମ ସ୍ମରଣ କରିବା ଓ ତାଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିବା।
- ଗୁରୁ ନାନକ



## ସଂକ୍ଷେପରେ

### ବୋଲେରୋ ଧକ୍କାରେ ଶାଶୁ ମୃତ, ଜ୍ୱାଇଁ ଆହତ

**ଖୋର୍ଦ୍ଧା ଅଫିସ,୧୦।୨:** ବାଣପୁର ଥାନା ନାଚୁଣୀ ଫାଣ୍ଡି କନ୍ହେଇପୁର ଗାଁ ନିକଟସ୍ଥ କଲିକତା-ମାଡ୍ରାସ ୧୬ ନଂ. ଜାତୀୟ ରାଜପଥରେ ରବିବାର ବୋଲେରୋ ଧକ୍କାରେ ବାଇକ୍ ଭାଙ୍ଗିରୁଜି ଚୂର୍‌ମାର ହୋଇଛି। ବାଇକ୍ ପାଖରେ ଠିଆ ହୋଇଥିବା ଶାଶୁଙ୍କ ମୃତ୍ୟୁ ହୋଇଥିବାବେଳେ ଜ୍ୱାଇଁ ଆହତ ହୋଇଛନ୍ତି। ମୃତକ ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଶ୍ରୀକୃଷ୍ଣସରଣପୁର ଗାଁର ଅଭିରାମ ଦୁହୁଡିଙ୍କର ପତ୍ନୀ ଲକ୍ଷ୍ମୀ(୫୮)। ଆହତ ହୋଇଛନ୍ତି ବାଇକ୍ ଚାଳକ ତଥା ଜ୍ୱାଇଁ ସୂର୍ଯ୍ୟ ସ୍ୱାଇଁ। ଶ୍ରୀକୃଷ୍ଣସରଣପୁର ଗାଁର ଶାଶୁ ଲକ୍ଷ୍ମୀଙ୍କୁ ବାଇକ୍ ନଂ. ଓଡି ୦୭ ଜେ ୮୯୩୦ରେ ବସାଇ ସୂର୍ଯ୍ୟ ଭୁବନେଶ୍ୱର ରବିବାର ଆସୁଥିଲେ। ବାଟରେ ବାଇକ ରଖି ସୂର୍ଯ୍ୟ ଶୌଚ ଲାଗି ଯାଇଥିଲେ। ଏହି ସମୟରେ ପଛ ପାଖରୁ ଆସୁଥିବା ନଂ. ଓଆର୧ ଓଜେ ୧୧୬୧ ବୋଲେରୋ ଲକ୍ଷ୍ମୀ ଓ ବାଇକ୍‌କୁ ଧକ୍କା ଦେଇ ଘୋଷାଡି ନେଇ ଡିଭାଇଡର ଉପରେ ଚଢ଼ି ଯାଇଥିଲା। ବୋଲେରୋରେ ବସିଥିବା ଯାତ୍ରୀମାନେ ମଧ ଆହତ ହୋଇଛନ୍ତି। ଖବରପାଇ ପୋଲିସ ୨ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ତଦନ୍ତ କରୁଛି। ଅନ୍ୟପକ୍ଷେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବାଣପୁର ଡାକ୍ତରଖାନାକୁ ପଠାଇଛି।

### ଦୁର୍ବୃତ୍ତ ଜାଳି ଦେଲେ ସ୍କୁଟି

**ଖୋର୍ଦ୍ଧା ଅଫିସ,୧୦।୨:** ଖୋର୍ଦ୍ଧା ଆଦର୍ଶ ଥାନାର ସ୍ୱପ୍ନେଶ୍ୱରସାହିରେ ଶନିବାର ସନ୍ଧ୍ୟାରେ ଏକ ସ୍କୁଟିକୁ ନିଆଁ ଲଗାଇ ଦୁର୍ବୃତ୍ତମାନେ ପୋଡା ଦେଇଥିଲେ। ଅନ୍ୟପକ୍ଷେ ସ୍କୁଟି ଜାଳି ଦେବା ପରେ କଲେଜ ପଢୁଥିବା ଝିଅକୁ ଗୁଳି କରି ଦେବା ଧମକ ଦେଇଥିଲେ। ଅଭିଯୋଗ ପରେ ପୋଲିସ ୪୩୫, ୫୦୯, ୫୦୬, ୩୪ ଆଇପିସିରେ ନଂ. ୪୨/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସ୍ୱପ୍ନେଶ୍ୱରସାହିରେ ଶନିବାର ସନ୍ଧ୍ୟାରେ ନଂ. ଓଡି୦୨ଏ ଏଫ ୯୫୯୩ ର ସ୍କୁଟି ପୋଡା ଯାଇଛି। ମୁକୁନ୍ଦପ୍ରସାଦର ଦିଲୁ ସେଠୀ, କଟକର ବିଶ୍ୱନାଥ ସାହୁ ଓ ଅନ୍ୟ ଜଣେ ଅଚିହ୍ନା ଯୁବକ ସ୍କୁଟି ପୋଡ଼ିଥିବା ଅଭିଯୋଗରେ ଦର୍ଶାଯାଇଛି। ଗୁରୁବାର ଗୁଳି କରିବାର ଧମକ ମିଳିଛି। କ୍ଲୋରଫର୍ମ ଓ ବନ୍ଧୁକ ରଖିଥିବା ଉକ୍ତ ଯୁବକମାନେ ଝିଅକୁ ପ୍ରାୟ ୬ମାସ ହେଲା କଲେଜକୁ ଗଲା ବେଳେ ହଇରାଣ କରୁଥିବା ସ୍ୱପ୍ନେଶ୍ୱରସାହିର ଜଣେ ମହିଳା ଅଭିଯୋଗ କରିଛନ୍ତି।

### ରାଜ୍ୟସ୍ତରୀୟ ୱକ୍‌ଫେ ନୌ ବାର୍ଷିକ ଇଜ୍‌ତେମା

**ଖୋର୍ଦ୍ଧା ଅଫିସ,୧୦।୨:** ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କେରଙ୍ଗ ଜମା ମସଜିଦ ପ୍ରାଙ୍ଗଣରେ ଶନିବାର ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ୱକ୍‌ଫେ ନୌ ବାର୍ଷିକ ଇଜ୍‌ତେମା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପାବ ପ୍ରଦେଶ କାଦିଆନର ମୌଲାନା ନସର ଅହମ୍ମଦ ଘୋରି ଯୋଗ ଦେଇଥିଲେ। କେରଙ୍ଗ ଅହମ୍ମଦୀୟା ମୁସଲିମ ବସ୍ତିର ସଭାପତି ସୈଫୁର ରହମାନଙ୍କ ପୌରୋହିତ୍ୟରେ ମୌଲାନା ଜମାଲ ଶରିୟତ ଅହମ୍ମଦ ଖିଲାଫତର ଶପଥ ପାଠ କରାଇଥିଲେ। ପବିତ୍ର କୋରାନ ପାଠ ସାକିବ ମହମୁଦ କରିଥିବା ବେଳେ, ଉର୍ଦ୍ଦୁ ସଙ୍ଗୀତ ତସଲିମ ଅହମଦ ପରିବେଷଣ କରିଥିଲେ। ଉଦଘାଟନୀ ଇଜତେମାରେ ନଜିର ଖାଁ, ମୌଲାନା ଇସମାଇଲ ଖାଁ, ମୌଲାନା ଇଫତେଖାର ଅହମ୍ମଦ ଖାଁ, ମୌଲାନା ହବିବୁର ରହମାନ, ମୌଲାନା ଫକୀରୁଦ୍ଦିନ ଖାଁ, ୱକଫେ ନୌ ସଚିବ ଅମଜାଦ ଖାଁ ପ୍ରମୁଖ ଯୋଗ ଦେଇଥିଲେ।

### ପାଣିଦ୍ୱାରରେ ବାଦୀପାଲା

**ଟାଙ୍ଗୀ,(ଖୋର୍ଦ୍ଧା)୧୦।୨(ଡି.ଏନ.ଏ.):** ଚିଲିକା ଉପକୂଳସ୍ଥ କାଲୁପଡ଼ାଘାଟ ପାଣିଦ୍ୱାର ଗ୍ରାମରେ ନୃସିଂହ ପାଲା କମିଟି ଆନୁକୂଲ୍ୟରେ ରବିବାରଠାରୁ ୫ଦିନ ବ୍ୟାପୀ ବାଦୀପାଲା ଅନୁଷ୍ଠିତ ହେଉଛି। ଏଥିରେ ଗାୟିକା ସୁଲୋଚନା ଦାସ ଓ ସସ୍ମିତା ପ୍ରଧାନ ପାଲା ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଶ୍ରୀ ଶ୍ରୀ ନୃସିଂହଦେବ ପାଲା ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। କମିଟିର ସଭାପତି ଦୟାନିଧି ବେହେରା, ଉପସଭାପତି ଧୂଳିଚରଣ ବେହେରା, ସମ୍ପାଦକ ବିଦ୍ୟାଧର ବେହେରା ଓ ସହସମ୍ପାଦକ ଦେବରାଜ ବେହେରା ପ୍ରମୁଖ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଏଥିରେ ଯୋଗଦେବାକୁ ଅନୁରୋଧ କରିଛନ୍ତି।

## ■ ଜାଗା ମିଶନ

# ବସ୍ତିବାସିନ୍ଦାଙ୍କୁ ଜମି ପଟ୍ଟା ବଣ୍ଟନ

**ଖୋର୍ଦ୍ଧା ଅଫିସ,୧୦।୨**

ଜିଲାର ଖୋର୍ଦ୍ଧା ଓ ଜଟଣୀ ମ୍ୟୁନିସିପାଲିଟିରେ ୧୮୯୩ ବସ୍ତି ବାସିନ୍ଦାଙ୍କୁ ରବିବାର ଜାଗା ମିଶନ ଜରିଆରେ ଜମି ପଟ୍ଟା ବଣ୍ଟନ କରାଯାଇଛି। ହାବେଳି ପଡିଆରେ ଅନୁଷ୍ଠିତ ସଭାରେ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ରୂପେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ ଓ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଦଳେଇ ଯୋଗ ଦେଇଥିଲେ। ଜଟଣୀ ଓ ଖୋର୍ଦ୍ଧା ମ୍ୟୁନିସିପାଲିଟିରେ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।

ଖୋର୍ଦ୍ଧା ମ୍ୟୁନିସିପାଲିଟିରେ ୨୪ ବସ୍ତି ଚିହ୍ନଟ କରାଯାଇ ୮୦୪ ଜଣ, ଜଟଣୀ ମ୍ୟୁନିସିପାଲିଟିରେ ୧୩ ବସ୍ତି ଚିହ୍ନଟ କରାଯାଇ ୧୦୮୯ ଜଣଙ୍କୁ ଜମି ପଟ୍ଟା ବଣ୍ଟନ କରାଯାଇଛି। ବାଦ୍ ପଡିଥିବା ବସ୍ତି ବାସିନ୍ଦାଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ଜମିର ପଟ୍ଟା ଯୋଗାଇ ଦିଆଯିବ। ଜିଲାପାଳ ମିଶ୍ର କହିଥିଲେ, କୌଣସି ଭୂମିହୀନ ଯୋଜନାରୁ ବାଦ୍ ପଡିବେନି। ଯେଉଁ ବସ୍ତି ବାସିନ୍ଦା, ଭୂମିହୀନ ଜମି ପାଇନାହାନ୍ତି ସେମାନଙ୍କୁ ପୁଣି ପଟ୍ଟା ଯୋଗାଇ ଦିଆଯିବ। ବଗାୟତ ଜମିରେ ଥିବା ବସ୍ତି ବାସିନ୍ଦାଙ୍କୁ କିସମ ପରିବର୍ତ୍ତନ କରିବା ଯୋଗୁ ପଟ୍ଟା ବଣ୍ଟନରେ ବିଳମ୍ବ ହୋଇଛି। ଜଙ୍ଗଲ ଜମିରେ ଥିବା ବାସିନ୍ଦାଙ୍କୁ ଡେରିରେ ଜମି ଯୋଗାଇ ଦିଆଯିବ। ଜଟଣୀ ସହରାଞ୍ଚଳ ଉପରେ କହିଥିଲେ, ରେଳବାଇ ଜମିରେ ଥିବା ବସ୍ତିବାସିନ୍ଦାଙ୍କୁ ଅନ୍ୟତ୍ର ସ୍ଥାନ ଦେବାକୁ ଚିହ୍ନଟ କାର୍ଯ୍ୟ ଶେଷ ହୋଇଛି। ଖୁବ୍‌ଶୀଘ୍ର ସେମାନଙ୍କୁ ନୂଆ ଜମି ଯୋଗାଇ ଦିଆଯିବ। ଓଡିଶା ବସ୍ତି ବାସିନ୍ଦାଙ୍କୁ ଭୂ ଅଧିକାରୀ ଅଧିନିୟମ ୨୦୧୭ ଅନୁସାରେ ୩୨୩ ବର୍ଗଫୁଟ ଜମି ମାଗଣାରେ ଯୋଗାଇ ଦିଆଯାଉଛି। ଅତ୍ୟଧିକ ଜମି ଜବରଦଖଲରେ ଥିଲେ ୪୮୪ ବର୍ଗଫୁଟ ପର୍ଯ୍ୟନ୍ତ ଜମି ବସ୍ତି ବାସିନ୍ଦା ନେଇ ପାରିବେ। ତେବେ ୩୨୩ ବର୍ଗଫୁଟ ପରେ ସରକାରୀ ଧାର୍ଯ୍ୟ ଦର ଅନୁସାରେ ଜମି କିଣିବାକୁ ପଡିବ। ଜବରଦଖଲ କରିଥିଲେ ଜବରଦଖଲ ମାମଲା ହୁଏ। କିନ୍ତୁ ବର୍ତ୍ତମାନର ସରକାର ଏହା ନ କରି ଜମି ପଟ୍ଟା ଦେଇ ରେକର୍ଡ ସୃଷ୍ଟି କରିଛି।



ପଟ୍ଟା ବଣ୍ଟନ ଉତ୍ସବରେ ବିଜେଡି ଜିଲା ସଭାପତି ଓ ଅନ୍ୟମାନେ।

### ସରକାରୀ କାର୍ଯ୍ୟକ୍ରମରେ ଭୋଟ ଭିକ୍ଷା

ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ ଜମି ବାଣ୍ଟିବା ପରି ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭୋଟ ଭିକ୍ଷା କରିବାକୁ ଅନେକ ନାପସନ୍ଦ କରିଛନ୍ତି। ବସ୍ତି ବାସିନ୍ଦାଙ୍କୁ ଥଇଥାନ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୫ମଥର ମୁଖ୍ୟମନ୍ତ୍ରୀ କରିବାକୁ ସରକାରୀ ସଭାରେ ଭୋଟ ଭିକ୍ଷା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନାଁ ନେଇ ପରୋକ୍ଷରେ ନିଜ ଲାଗି ଭୋଟ ମାଗି ଥିଲେ। ଜିଲାପାଳ ମିଶ୍ର ଉପସ୍ଥିତ ଥିଲେ ହେଁ ନୀରବତା ଅବଲମ୍ବନ କରିଥିଲେ। ସେହିପରି ଜଟଣୀ ନିର୍ବାଚନମଣ୍ଡଳୀର ଜଟଣୀ ମ୍ୟୁନିସିପାଲିଟିର ବସ୍ତି ବାସିନ୍ଦାଙ୍କୁ ପଟ୍ଟା ଦିଆଯାଉଥିଲେ ମଧ ସ୍ଥାନୀୟ ବିଧାୟକ ଭାଗୀରଥି ବଡଜେନାଙ୍କୁ ଦେଖିବାକୁ ମିଳି ନ ଥିଲା। ବିଜେଡିର ଜିଲା ସଭାପତି ବିଭୂତି ଭୂଷଣ ବଳବନ୍ତରାୟ ଜିଲାପାଳ ଚାଲିଯିବା ପରେ ମଞ୍ଚରେ ଚଢି ବସ୍ତି ବାସିନ୍ଦାଙ୍କୁ ପଟ୍ଟା ବଣ୍ଟନ କରିଛନ୍ତି। ସରକାରୀ କାର୍ଯ୍ୟକ୍ରମରେ ଜଣେ ଶାସକ ଦଳର ଦଳୀୟ ସଭାପତି ଉପସ୍ଥିତ ରହି ପଟ୍ଟା ବଣ୍ଟନ କରିବାକୁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନାପସନ୍ଦ କରାଯାଇଛି। ତେବେ ମଞ୍ଚରେ ଦୁଇ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ଥିଲେ ମଧ କେହି କିଛି କହି ନ ଥିଲେ।

## ବଙ୍ଗିଦା କ୍ରିକେଟ୍: ନଁପୁଟ ଚାମ୍ପିୟନ



ଟ୍ରଫି ସହ ଚାମ୍ପିୟନ୍ ଦଳର ଖେଳାଳିମାନେ।

**ଖୋର୍ଦ୍ଧା ଅଫିସ,୧୦।୨**

ବଙ୍ଗିଦା ସ୍ପୋର୍ଟସ୍ ଓ କଲଚ୍‌ରାଲ୍ ଆସୋସିଏଶନ ପକ୍ଷରୁ ଖୋର୍ଦ୍ଧା ବ୍ଲକର ବଙ୍ଗିଦା ଖେଳ ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦଯାପିତ ହୋଇ ଯାଇଛି। ଫାଇନାଲ ମ୍ୟାଚରେ ନଁପୁଟ କ୍ରିକେଟ କ୍ଲବ ଭୁବନେଶ୍ୱର ୧୬ ରନରେ ମଞ୍ଚେଶ୍ୱର କ୍ରିକେଟ କ୍ଲବ ଭୁବନେଶ୍ୱରକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଅତିଥି ରୂପେ ଖୋର୍ଦ୍ଧା ବଡିଜୋନର ପ୍ରତିଷ୍ଠାତା ଜିତେନ୍ଦ୍ର ପ୍ରଧାନ ଓ ଭାଜପା ନେତା କାଳୁ ଖଣ୍ଡେଇତରାୟ ଯୋଗ ଦେଇ ଚାମ୍ପିୟନ ନଁପୁଟ ଦଳକୁ ୧୩ ହଜାର ଟଙ୍କା ସହ ଟ୍ରଫି ଓ ମଞ୍ଚେଶ୍ୱର ଦଳକୁ ୭ ହଜାର ଟଙ୍କା ସହ ରନର୍ସ ଅପ ଟ୍ରଫି ପ୍ରଦାନ କରିଥିଲେ। ଟସ୍ ଜିତି ନଁପୁଟ ଦଳ ୨୦ ଓଭରରେ ୧୦ ଉଇକେଟ ହରାଇ ୨୦୫ ରନ ସଂଗ୍ରହ କରିଥିଲା। ଜବାବରେ ମଞ୍ଚେଶ୍ୱର କ୍ରିକେଟ କ୍ଲବ ୧୮.୪ ଓଭରରେ ୧୦ ଉଇକେଟ ହରାଇ ୧୮୯ ରନ କରି ପରାସ୍ତ ହୋଇଥିଲା। ବିଜୟୀ ନଁପୁଟ ଦଳର କାହ୍ନା ମହାନ୍ତି ୨୭ ବଲରେ ୬୪ ରନ କରି ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ୍ ଭାବେ ପୁରସ୍କୃତ ହୋଇଥିଲେ। ଛବି ନାରାୟଣ ସାହୁ ଓ ସୁବ୍ରତ ଦାଶ ଖେଳ ପରିଚାଳନା କରିଥିଲେ।

## ଦୁର୍ଘଟଣାରେ ଅଟୋ ଡ୍ରାଇଭର ଆହତ

**ପୁରୁଣା ଭୁବନେଶ୍ୱର, ୧୦।୨(ଡି.ଏନ.ଏ.)**

ଧଉଳି ଥାନା ଅଧୀନ ୩୧୬ ନଂ. ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଶିଶୁପାଳଗଡ ଛକ ନିକଟରେ ଓଡି ୩୩ ଏନ ୯୫୪୮ ପାସେଞ୍ଜର ଅଟୋ ପାର୍କିଂରେ ଥିଲା। ରଙ୍ଗ୍ ସାଇଡରେ ଏକ ମହେନ୍ଦ୍ର ଯୁବ ଦ୍ରୁତଗତିରେ ଆସି ଅଟୋକୁ ଘଟଣାସ୍ଥଳରେ ଧକ୍କା ଦେଇଥିଲା। ଅଟୋ ଚାଳକ ବିପିନ ଦାଶଙ୍କୁ ଅଟୋରୁ ଉଦ୍ଧାର କରି କାର ଚାଳକ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରିଥିଲେ। ପୋଲିସ ଗାଡି ଜବତ କରି ଘଟଣାର ଯାଞ୍ଚ ଚଳାଇଛି।

## ଶ୍ରୀଲିଙ୍ଗରାଜଙ୍କ ରଥଗୋଟା ଅନୁକୂଳ



ବେହେରା ସେବାୟତମାନେ ରୁକୁଣା ରଥକାଠକୁ ଅନୁକୂଳ କରିବାପାଇଁ ନେଉଛନ୍ତି।

**ପୁରୁଣା ଭୁବନେଶ୍ୱର, ୧୦।୨(ଡି.ଏନ.ଏ.)**

ଶ୍ରୀପଞ୍ଚମୀ ତଥା ସରସ୍ୱତୀ ପୂଜା ଅବସରରେ ରବିବାର ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ଗୋଟା ଅନୁକୂଳ ହୋଇଯାଇଛି। ସନ୍ଧ୍ୟାରେ ମନ୍ଦିରରେ ଭୋଗ ମଣ୍ଡପ ପରେ ବିମାନ ଓ ପାଲିଙ୍କିରେ ଶ୍ରୀଜୀଉମାନଙ୍କୁ ଶୋଭାଯାତ୍ରାରେ ଶ୍ରୀରାମନଗରସ୍ଥିତ ଶ୍ରୀପଞ୍ଚମୀ ପଡିଆକୁ ନିଆଯାଇଥିଲା। ସେଠାରେ ଚାନ୍ଦିନୀରେ ଶ୍ରୀଜୀଉଙ୍କୁ ରଖାଯାଇ ପୂଜାର୍ଚ୍ଚନା କରାଯିବା ପରେ କୋଠ ଭୋଗ ଲାଗି କରାଯାଇଥିଲା। ପରେ ନିକଟରେ ଥିବା ଏକ ଆମ୍ବ ଗଛକୁ ପୂଜାପଣ୍ଡା ସେବାୟତ ପୂଜାର୍ଚ୍ଚନା କରିଥିଲେ। ପୂଜା ପରେ ସେ କୁରାଢିରେ ଆମ୍ବ ଗଛକୁ ଚୋଟ ଲଗାଇଥିଲେ। ପରେ ବେହେରା ସେବାୟତମାନେ ସେ ଗଛରେ ବିଧି ମୁତାବକ କୁରାଢି ଲଗାଇ ରଥ ଗୋଟା ଅନୁକୂଳ କାର୍ଯ୍ୟ ସମ୍ପନ୍ନ କରିଥିଲେ।

## ବିଷାକ୍ତ ମଦପିଇ ଯୁବକଙ୍କ ମୃତ୍ୟୁ

**ଟାଙ୍ଗୀ(ଖୋର୍ଦ୍ଧା),୧୦।୨(ଡି.ଏନ.ଏ.)**

ଟାଙ୍ଗୀ ଥାନା ସୁନ୍ଦରପୁର ଗ୍ରାମ ବଡସାହିରେ ବିଷାକ୍ତ ଦେଶୀ ମଦ ପିଇ ଶନିବାର ରାତିରେ ଜଣେ ଯୁବକଙ୍କ ମୃତ୍ୟୁଘଟିଛି। ମୃତକ ହେଉଛନ୍ତି ପରି ଦାସଙ୍କ ପୁଅ ଦାଶରଥି(୩୫)। ମଦ୍ୟ ପାନ କରି ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଡାକ୍ତରଖାନାକୁ ନେବାବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ କି, ସୁନ୍ଦରପୁର ଗ୍ରାମର ଶ୍ରୀଶ୍ରୀ ମୁକ୍ତେଶ୍ୱର ମନ୍ଦିର ନିକଟରେ ବେଆଇନ ଭାବେ ୩ଟି ଦେଶୀ ମଦ ଦୋକାନ ଖୋଲାଯାଇଥିବାବେଳେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରା ନ ହେବା ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ■ ଦିବ୍ୟାଙ୍ଗ ସମାନତା ଓ ସଶକ୍ତୀକରଣ ଅଭିଯାନ

# ୧୫୦ ବିଦ୍ୟାଳୟ ସାମିଲ

**ବୋଲଗଡ଼,୧୦।୨(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ସାଗରଗାଁ ସ୍ଥିତ ଅଲ୍‌ଟ୍ରା ଅନୁଷ୍ଠାନର ଦିବ୍ୟାଙ୍ଗ ବିଦ୍ୟାଳୟଠାରେ ଶନିବାର ଦିବ୍ୟାଙ୍ଗ ସମାନତା, ସଂରକ୍ଷଣ ଓ ସଶକ୍ତିକରଣ ଅଭିଯାନ ଆରମ୍ଭ ହୋଇଯାଇଛି। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଦିବ୍ୟାଙ୍ଗମାନଙ୍କୁ ଭିନ୍ନକ୍ଷମ ନ କହି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଲକ୍ଷ୍ୟନେଇ ୧୫୦ଟି ବିଦ୍ୟାଳୟରେ ଅଭିଯାନ କରାଯାଇଛି। ଦିବ୍ୟାଙ୍ଗ ପିଲାମାନଙ୍କୁ ସଶକ୍ତିକରଣ, ବିକଶିତ ଓ ଉତ୍ସାହିତ କରିବା ପାଇଁ ଚିତ୍ର ପ୍ରଦର୍ଶନୀ, ଭିଡିଓ, ସଙ୍ଗୀତ, ଗୁଣାତ୍ମକ ଖେଳ ଓ ରାଜଯୋଗ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜସ୍ଥାନ ମାଉଣ୍ଟ ଆବୁସ୍ଥିତ ବ୍ରହ୍ମାକୁମାରୀ ଅନୁଷ୍ଠାନ ଦିବ୍ୟାଙ୍ଗ ସେବା ବିଭାଗର ଆନ୍ତଃରାଷ୍ଟ୍ରୀୟ ସଂଯୋଜକ ବ୍ରହ୍ମାକୁମାର ସୂର୍ଯ୍ୟମଣି ଦାସ, ଅନୁଷ୍ଠାନର ପ୍ରଧାନ ଶିକ୍ଷକ ମହାଦେବ ପରିଡ଼ା, ପରିଚାଳନା ପରିଷଦର କର୍ମକର୍ତ୍ତା ବ୍ରହ୍ମଚାରୀ ରାୟ, ଫକିର ମହାରାଣା ଓ ଆଲୋକ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଦିବ୍ୟାଙ୍ଗମାନେ।

# ବିଭିନ୍ନ ସ୍ଥାନରେ ସରସ୍ୱତୀ ପୂଜା

**ଖୋର୍ଦ୍ଧା ଅଫିସ,୧୦।୨**

ଖୋର୍ଦ୍ଧା ସହର, ଖୋର୍ଦ୍ଧା ବ୍ଲକ, ବାଣପୁର, ଚିଲିକା ବ୍ଲକ ଓ ଆଖପାଖ ଅଞ୍ଚଳରେ ସରକାରୀ, ବେସରକାରୀ ସ୍କୁଲ, କଲେଜରେ ରବିବାର ସରସ୍ୱତୀ ପୂଜା ପାଳିତ ହୋଇଯାଇଛି। ଖୋର୍ଦ୍ଧା ସହରର ରାଧାଗୋବିନ୍ଦ ସାହି, ଗୁରୁଜଙ୍ଗ ଜୟୀ ରାଜଗୁରୁ କ୍ଲବ ଓ ଶ୍ରୀରାମନଗରରେ ଆକର୍ଷଣୀୟ ମୃଣ୍ମୟ ମୂର୍ତ୍ତି ଶୋଭାପାଉଛି।

**ବାଲୁଗାଁ,(ଡ଼ି.ଏନ.ଏ.):** କାଳିଜାଇ ମତ୍ସ୍ୟ ବ୍ୟବସାୟୀ ସଂଘ ବାଲୁଗାଁ ତରଫରୁ ରବିବାର ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜା ଉତ୍ସବ ପାଳିତ ହେଉଛି । ଶନିବାର ସନ୍ଧ୍ୟାରେ ଅଙ୍କୁରାରୋପଣ ପରେ ରବିବାର ସକାଳେ ବାଗ୍‌ଦେବୀଙ୍କୁ ଆବାହନ କରାଯାଇ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା । ୩ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ପୂଜା ଅବସରରେ ଦୈନିକ ସନ୍ଧ୍ୟାରେ ମନୋରଞ୍ଜନ ପାଇଁ ବାଦୀପାଲା ଓ ରାତ୍ରିରେ ଅପେରା ପରିବେଷଣ କରାଯିବ। ଏହି ପାରମ୍ପରିକ ପୂଜାକୁ ସଂଘ ସଭାପତି ଜୟନ୍ତ କୁମାର ସ୍ୱାଇଁଙ୍କ ସମେତ ଏକ ୧୫ଜଣିଆ କମିଟି ପରିଚାଳନା କରୁଛନ୍ତି। ଏଥିସହ ଡ଼ିଏଭି ଗୁରୁକୁଳ, ଲିଟିଲ୍ ୱାର୍ଲ୍ଡ ଇଂଲିଶ ମାଧ୍ୟମ ବିଦ୍ୟାଳୟ, ବାଲୁଗାଁ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିର, ଚିଲିକାରାଣୀ ଇଂରାଜୀ ମିଡ଼ିୟମ୍ ସ୍କୁଲ ସହ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ମା'ଙ୍କ ପୂଜା ଅନୁଷ୍ଠିତ ହେଉଛି।

**କୃଷ୍ଣପ୍ରସାଦ(ଡି.ଏନ.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକସ୍ଥ ବିଭିନ୍ନ ସ୍ଥାନରେ ରବିବାର ମା'ସରସ୍ୱତୀ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି । ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ ବିଶେଷତଃ ଶିକ୍ଷାନୁଷ୍ଠାନଗୁଡ଼ିକରେ ମା' ଶାରଦାଙ୍କ ପୂଜା ଅବସରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ବ୍ରାହ୍ମଣଦେଓ ଯୁବକ ସଂଘ, ବାଲିପାଟପୁର ଯୁବକ ସଂଘ, ପାରିକୁଦଗଡ଼, ଚାରିଛକ ଆଦି ଅଞ୍ଚଳର ଯୁବକସଂଘ ତରଫରୁ ମା'ଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି । ବାଲିପାଟପୁର ଯୁବକସଂଘ ପକ୍ଷରୁ ଅନୁଷ୍ଠିତ ଦେବୀ ସରସ୍ୱତୀଙ୍କ ମୂର୍ତ୍ତି ଓ ତୋରଣ ଖୁବ୍ ଆକର୍ଷଣୀୟ ମନେହୋଇଛି।

**ଟାଙ୍ଗୀ(ଖୋର୍ଦ୍ଧା)(ଡି.ଏନ.ଏ.):** ଟାଙ୍ଗୀ, କାଲୁପଡ଼ା, ଚାନ୍ଦପୁର ଅଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନ ଓ ବେସରକାରୀ ପ୍ରତିଷ୍ଠାନରେ ଆନନ୍ଦ ଓ ଉଲ୍ଲାସ ମଧ୍ୟରେ ମା' ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଜନ ସାଧାରଣ ଏହି ପବିତ୍ର ଦିବସରେ ସେମାନଙ୍କ ନୂତନ ବାସଗୃହ ପ୍ରତିଷ୍ଠା ଉତ୍ସବ ଓ ପୂଜାର୍ଚ୍ଚନା ଇତ୍ୟାଦି କରିଥିଲେ। ଶିକ୍ଷାର୍ଥୀ ଓ ଶ୍ରଦ୍ଧାଳୁମାନେ ନୂତନ ପୋଷାକ ପରିଧାନ କରି ମା'ଙ୍କ ପୂଜାର୍ଚ୍ଚନା କରିଥିଲେ।

**ନିରାକାରପୁର,(ଡି.ଏନ.ଏ.):** ନିରାକାରପୁର ପଞ୍ଚାୟତର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ସରସ୍ୱତୀ ପୂଜା ପାଳିତ ହୋଇଯାଇଛି । କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ, କ୍ଷେତ୍ରବାସୀ ହାଇସ୍କୁଲ, ଡିଏଭି ପବ୍ଲିକ୍ ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଡିଆ ୟୁପି ସ୍କୁଲ, କାଶୀପୁର ସ୍କୁଲ, ରାମେଶ୍ୱର, ଲେଣ୍ଡୋ, ନୂଆଗଡ଼, ରାଉତପଡା, ବଡପୋଖରୀଆ, ଛଣଗିରି, ଓଳସିଂହ, ସରପାରି, ଅଚ୍ୟୁତପୁର, କମାଗୁର, ଟାଙ୍କୋଳ ଆଦି ପଞ୍ଚାୟତରେ ଧୁମ୍‌ଧାମ୍‌ରେ ମା'ଙ୍କ ପୂଜା ଅନୁଷ୍ଠିତ ହୋଇଥିଲା ।



ମାଲୁଦରେ ପଥପ୍ରାନ୍ତ ନାଟକରେ କଳାକାରମାନେ।

## ପଥପ୍ରାନ୍ତ ନାଟକ 'ସିଧାକଥା' ମଞ୍ଚସ୍ଥ

**କୃଷ୍ଣପ୍ରସାଦ,୧୦।୨(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ମାଲୁଦରେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାକୁ ଲୋକାଭିମୁଖି କରିବା ପାଇଁ ପଥପ୍ରାନ୍ତ ନାଟକ ଆୟୋଜିତ ହୋଇଛି । ଭୁବନେଶ୍ୱର ଆଦର୍ଶ ଯୁବକ ମଞ୍ଚ ପକ୍ଷରୁ ଡ୍ୟାନ୍ସ, ପଥପ୍ରାନ୍ତ ନାଟକ 'ସିଧାକଥା' ମାଧ୍ୟମରେ ଜନସାଧାରଣ ଓ ହିତାଧିକାରୀମାନେ ସରକାରୀ ଯୋଜନା ସମ୍ପର୍କରେ ଅବଗତ ହୋଇଥିଲେ। ବହୁ ଦର୍ଶକ ଓ ବ୍ୟବସାୟୀ ଅନୁଷ୍ଠାନର ବ୍ୟକ୍ତି ନାଟକ ଦେଖିବାକୁ ସମାଗମ ହୋଇଥିଲେ।



ବାଲୁଗାଁରେ ପୂଜା ପାଉଥିବା ସରସ୍ୱତୀ।



କୃଷ୍ଣପ୍ରସାଦ ବାଲିପାଟପୁରରେ ପୂଜା ପାଉଥିବା ମା' ସରସ୍ୱତୀ।




ଖୋର୍ଦ୍ଧା ଜୟୀରାଜ ରାଜଗୁରୁ କ୍ଲବ ଗୁରୁଜଙ୍ଗ।



ରାଧାବଲ୍ଲଭ ସାହି ଛକ ଖୋର୍ଦ୍ଧା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୧ ଫେବୃୟାରୀ, ୨୦୧୯



ମନୁଷ୍ୟର ଏକମାତ୍ର ଧର୍ମ ହେଉଛି ଈଶ୍ୱରଙ୍କ ନିକଟରେ ଆତ୍ମ ସମର୍ପଣ କରିବା। ସବୁବେଳେ ତାଙ୍କ ନାମ ସ୍ମରଣ କରିବା ଓ ତାଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିବା।
-ଗୁରୁ ନାନକ



## ସଂକ୍ଷେପରେ

### ଶ୍ରୀଅଲାରନାଥଙ୍କ ରାଜରାଜେଶ୍ୱର ବେଶ

ବ୍ରହ୍ମଗିରି, ୧୦।୨(ଡି.ଏନ୍.ଏ.): ପବିତ୍ର ବସନ୍ତ ପଞ୍ଚମୀ ଅବସରରେ ବ୍ରହ୍ମଗିରିର ଶ୍ରୀଅଲାରନାଥ ମନ୍ଦିରରେ ସ୍ୱତନ୍ତ୍ର ପୂଜା ନୀତି ଅନୁଷ୍ଠିତ ହୋଇ ଶ୍ରୀଜୀଉ ରାଜରାଜେଶ୍ୱର ବେଶରେ ଦର୍ଶନ ଦେଇଛନ୍ତି। ଶୀତର ପ୍ରକୋପ କମି ଆସିବାରୁ ମାନବଙ୍କ ପରି ଶ୍ରୀଜୀଉ ଗରମ ବସ୍ତ୍ର ଛାଡି ହାଲୁକା ବସ୍ତ୍ର ପରିଧାନ କରିଛନ୍ତି। ଶ୍ରୀଜୀଉଙ୍କର ଦୁର୍ଲ୍ଲଭ ଦର୍ଶନ ଲାଗି ମନ୍ଦିରରେ ଦିନ ତମାମ ଭିଡ ଲାଗିରହିଥିଲା। ରାତି ୪ଟାରୁ ମନ୍ଦିର ଦ୍ୱାର ଖୋଲାହୋଇ ସମସ୍ତ ନୀତି କାନ୍ତି ପାଳନ ହୋଇ ସନ୍ଧ୍ୟା ଧୂପ ପରେ ବିଜୟ ବିଗ୍ରହ, ଲକ୍ଷ୍ମୀ, ସରସ୍ୱତୀ ଓ ମଦନମୋହନଙ୍କୁ ସୁସଜ୍ଜିତ ପାଲିଙ୍କିରେ ମନ୍ଦିର ବେଢା ପରିସର ଦକ୍ଷିଣ ପାର୍ଶ୍ୱରେ ସୂର୍ଯ୍ୟନାରାୟଣ ପ୍ରସ୍ଥର ନିକଟରେ ବିଜେ କରାଯାଇଥିଲା। ସେଠାରେ ଏକ ପନ୍ତିଭୋଗ ଦିଆଯାଇ ଲାଖବିନ୍ଧା କାର୍ଯ୍ୟକ୍ରମ ହୋଇଥିଲା। ଏହି ଉପଲକ୍ଷେ ଶ୍ରୀଅଲାରନାଥଙ୍କ ରାଜାରାଜେଶ୍ୱର ବେଶ ଅନୁଷ୍ଠିତ ହୋଇଥିଲା।

### ପୂର୍ବ ଶତ୍ରୁତାକୁ ନେଇ ଆକ୍ରମଣ, ଜଣେ ଗିରଫ

କଣାସ, ୧୦।୨ (ଡି.ଏନ.ଏ.): ଡେଲାଙ୍ଗ ଥାନା ଅଞ୍ଚଳରେ ରବିବାର ଏକ ପୂର୍ବ ଶତ୍ରୁତାକୁ ନେଇ ହାକପଡା ଗ୍ରାମର ବାନାମ୍ବର ରାଉତଙ୍କୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ସେହି ଗ୍ରାମର ଅର୍ଜୁନ ସ୍ୱାଇଁ। ପ୍ରକାଶ ଯେ, ଅଭିଯୁକ୍ତ ଅର୍ଜୁନ ସକାଳେ ବାନାମ୍ବରଙ୍କ ଘର ସମ୍ମୁଖରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବାସହ ବାନାମ୍ବରଙ୍କୁ ଖୋଜୁଥିଲେ। ଘରେ ଥିବା ବାନାମ୍ବରଙ୍କ ସ୍ତ୍ରୀ କାହିଁକି ଗାଳି କରୁଛ ବୋଲି ପଚାରିବାରୁ ତାଙ୍କୁ ମଧ ଆକ୍ରମଣ କରିଥିଲେ। ଏ ସମୟରେ ବାନାମ୍ବର ପହଞ୍ଚିବାରୁ ଅର୍ଜୁନ ତାଙ୍କୁ ମାଡ଼ ମାରିବା ସହ ଗାଁ ତୋଟାକୁ ନେଉଥିବାବେଳେ ଗ୍ରାମବାସୀଠାରୁ ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରିଥିଲା। ଏ ନେଇ ବାନାମ୍ବର ବାଲିଅନ୍ତା ଥାନାରେ ଅଭିଯୋଗ କରିବାରୁ ପୋଲିସ ୨୯/୧୯ରେ ଏକ ମାମଲା ରୁଜୁ କରି ଅର୍ଜୁନଙ୍କୁ ଗିରଫ କରିଛି। ପୂର୍ବରୁ ଅର୍ଜୁନଙ୍କ ନାମରେ ୧୦ରୁ ଉର୍ଦ୍ଧ୍ୱ ମାମଲା ରହିଥିବା ଆଇଆଇସି ଅସିତ ରଞ୍ଜନ ମହାନ୍ତି କହିଛନ୍ତି। ଏଥିରେ ଆଉ ଜଣେ ସହଯୋଗୀ ଫେରାର ଥିବା ଜଣାପଡ଼ିଛି।

### ବାଗ୍‌ଦେବୀ ସରସ୍ୱତୀଙ୍କ ପୂଜାର୍ଚ୍ଚନା

କଣାସ,୧୦।୨(ଡି.ଏନ.ଏ.): ବାଗ୍‌ଦେବୀ ମା' ସରସ୍ୱତୀଙ୍କ ଆବିର୍ଭାବ ଦିବସରେ ଡେଲାଙ୍ଗ ବ୍ଲକର ସମସ୍ତ ଅଙ୍ଗନୱାଡି କେନ୍ଦ୍ର, ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ, କଲ୍ୟାଣପୁର ଜନସେବା କେନ୍ଦ୍ର, ସରସ୍ୱତୀ ଶିଶୁ ମନ୍ଦିର, ବିବେକାନ୍ଦ ଶିକ୍ଷା କେନ୍ଦ୍ର ଆଦି ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ଅଧାପିକାଅଧାପକ, ଗୁରୁମା ଗୁରୁଜୀମାନେ ପାରମ୍ପରିକ ନୀତିକାନ୍ତି ସହ ପୂଜାର୍ଚ୍ଚନା କରିଥିଲେ। ସୁଦୃଶ୍ୟ ମେଢ ଓ ସାଜସଜ୍ଜା ମଧ୍ୟରେ ମା' ସରସ୍ୱତୀଙ୍କ ବିଗ୍ରହ ପ୍ରାଣ ପ୍ରତିଷ୍ଠା, ହୋମଧ୍, ଷୋଡଶ ଉପଚାର ପୂଜା, ପୁଷ୍ପାଞ୍ଜଳି ଆଦି କାର୍ଯ୍ୟକ୍ରମ ସହ ମା' ସରସ୍ୱତୀଙ୍କ ବନ୍ଦନା ଓ ଭକ୍ତି ସଂଗୀତ ଆବୃତ୍ତି ପ୍ରତିଯୋଗିତା ହୋଇଥିଲା।

# କାନ୍ଥରୁ ଲିଭିଯାଉଛି କାହାଣୀ

**ପୁରୀ ଅଫିସ, ୧୦।୨:**



ଅଙ୍କାଯାଇଥିବା ଚିତ୍ରରୁ ଖୋଳପା ଖସି ଅସୁନ୍ଦର ଦେଖାଯାଉଛି।



ଅଙ୍କାଯାଇଥିବା ଚିତ୍ରରେ ଶିଉଳି ମାଡ଼ିଯାଇଛି।

ପର୍ଯ୍ୟଟନ ସହର ପୁରୀ। ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। କିନ୍ତୁ ଦୂରଦୃଷ୍ଟି ଅଭାବରୁ କେତେକ ଠିକ୍ ଭାବେ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ସହରର ପର୍ଯ୍ୟଟନ ଭିତ୍ତିଭୂମିକୁ ଆଉ ପାଦେ ଆଗକୁ ନେବା ଲାଗି ୱାଲ୍ ପେଣ୍ଟିଂର ପରିକଳ୍ପନା କରାଯାଇଥିଲା। ୨୦୧୮ ଜୁଲାଇ ମାସରେ ସହରର ପ୍ରମୁଖ ରାସ୍ତା ଭିଆଇପି ରୋଡ ପାର୍ଶ୍ୱ ପାଚେରୀ କାନ୍ଥରେ ଏହି ପେଣ୍ଟିଂ କରାଯାଇଥିଲା। ବିଭିନ୍ନ ପର୍ବପର୍ବାଣି ଏବଂ କାହାଣୀକୁ ଏଥିରେ ସ୍ଥାନିତ କରାଯାଇଥିଲା। କିନ୍ତୁ ଏହା କିପରି ଦୀର୍ଘଦିନ ଧରି ରହିବ ସେ ନେଇ ଚିନ୍ତା କରାଯାଇ ନ ଥିଲା। ଫଳସ୍ୱରୂପ ଏହି ପେଣ୍ଟିଂଗୁଡ଼ିକ ଧୀରେ ଧୀରେ କାନ୍ଥରୁ ଲିଭିଯିବାକୁ ଲାଗିଲାଣି। କେତେକ ପେଣ୍ଟିଂ ଲିଭି ଯାଇଥିବାବେଳେ ଆଉ କେତେକ ସ୍ଥାନରୁ ଖୋଳପା ଖସି ଅସୁନ୍ଦର ଦେଖାଯାଉଛି।

କେନ୍ଦ୍ର ସରକାରଙ୍କ ଆଇକନ ସିଟି ତାଲିକାରେ ରହିଛି ପୁରୀ ସହର। ଏହାକୁ ଏକ ଆଦର୍ଶ ସହର ଭାବେ ଗଢିତୋଳିବା ଲକ୍ଷ୍ୟରେ ସହରର ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ଭିଆଇପି ରୋଡର ଦୁଇପାର୍ଶ୍ୱ ପାଚେରୀ କାନ୍ଥରେ ସୌନ୍ଦର୍ଯ୍ୟକରଣ କାମ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ସହରର ବିଭିନ୍ନ ରାସ୍ତାପାର୍ଶ୍ୱ ପାଚେରୀରେ ଏହିଭଳି ଚିତ୍ର ପେଣ୍ଟିଂ କରାଯିବାକୁ ଲକ୍ଷ୍ୟ ରହିଥିଲା। ମାତ୍ର ବର୍ଷେ ନ ପୂରୁଣୁ ଏହି ପେଣ୍ଟିଂଗୁଡ଼ିକ ଲିଭିଯିବାକୁ ବସିଲାଣି। ଆଇକନିକ ଯୋଜନାରେ ଭୁବନେଶ୍ୱରର ଏକ ଠିକା ସଂସ୍ଥା ଏହି ପେଣ୍ଟିଂ କରିଥିଲା। ଏଥିରେ ରଥଯାତ୍ରାର ସମ୍ପୂର୍ଣ୍ଣ କାହାଣୀ ରହିଛି। ନବକଳେବରର ଦାରୁ ଅନ୍ୱେଷଣରେ ବନଯାଗୀଙ୍କ ଯାତ୍ରା, ଦାରୁ ଠାବ, ଚଉପଟ, ଦାରୁ ଶଗଡ଼ି ଯାତ୍ରା, ରଥ ନିର୍ମାଣର ବିଭିନ୍ନ ପର୍ଯ୍ୟାୟ ସ୍ଥାନିତ କରାଯାଇଛି। ବଡ଼ଦାଣ୍ଡରେ ରଥଯାତ୍ରାର ଦୃଶ୍ୟ, ଆଜ୍ଞାମାଳ ବିଜେ, ପହଣ୍ଡି, ଗଜପତି ମହାରାଜା ପାଲିଙ୍କିରେ ଆସି ରଥରେ ଛେରାପହଁରା କରିବାଠୁ ଆରମ୍ଭ କରି ଶ୍ରୀମନ୍ଦିର, ଗୁଣ୍ଡିଚାମନ୍ଦିର, ମେଘନାଦ ପାଚେରୀ ରହିଛି। ସେହିପରି କାଞ୍ଚିଅଭିଯାନର ଦୃଶ୍ୟ, ଭକ୍ତ ଦାସିଆ ବାଉରୀ ହାତରୁ ମହାପ୍ରଭୁ ନଡ଼ିଆ ନେବାର କାହାଣୀ ବି ଚିତ୍ରରେ ଶୋଭା ପାଉଛି। ଚିଲିକାର ଅପରୂପ ସୌନ୍ଦର୍ଯ୍ୟକୁ ମଧ କାନ୍ଥରେ ଫୁଟାଇ ପାରିଛନ୍ତି ଶିଳ୍ପୀ। ଚିଲିକାର ନୀଳ ଜଳ ରାଶିରେ ମଉଆଳା ଡଲ୍‌ଫିନ୍ ଡେଇଁବାର ଦୃଶ୍ୟ ବି ରହିଛି। କେବଳ ଆଧ୍ୟାତ୍ମିକତା ନୁହେଁ ଗାଁ, ଚାଷଜମିର ଦୃଶ୍ୟ ସାଙ୍ଗକୁ ନବବଧୂର ଚଉରା ପୂଜା, ମା' ପୁଅର ବାତ୍ସଲ୍ୟ ମମତା, ଚଷାପୁଅ କାନ୍ଧରେ ହଳଲଙ୍ଗଳଠାରୁ ଆରମ୍ଭ କରି ଧାନରୁଆ ଓ କଟାର ଦୃଶ୍ୟ ବି କାନ୍ଥରେ ଅଙ୍କନ କରାଯାଇଛି। ଚଇତିଘୋଡା ଓ ଆଦିବାସୀ ଲୋକନୃତ୍ୟ ସାଙ୍ଗକୁ ଓଡ଼ିଶୀର ଭଙ୍ଗୀ ବି ପ୍ରଦର୍ଶିତ ହୋଇଛି। କିନ୍ତୁ ଏଭଳି ପର୍ବପର୍ବାଣି ଏବଂ କାହାଣୀକୁ ନେଇ କରାଯାଇଥିବା ପେଣ୍ଟିଂ ମଧ୍ୟରୁ ଅଧିକାଂଶ ଅସ୍ପଷ୍ଟ ହୋଇଗଲାଣି। କେତେକ ପେଣ୍ଟିଂରୁ ରଙ୍ଗ ଛାଡି ଯାଇଥିବାରୁ ଏହା ଭଲ ଦେଖାଯାଉ ନାହିଁ।

■ ଭକ୍ତକବି ମଧୁସୂଦନ ରାଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

# ଭକ୍ତକବି ଥିଲେ ଋଷିପ୍ରତିମ ପ୍ରତିଭା

**ପୁରୀ ଅଫିସ,୧୦।୨:**

ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ସୋମବାର ସଂସ୍କୃତି ଭବନ ପରିସରରେ ଭକ୍ତକବି ମଧୁସୂଦନ ରାଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ ସଭାପତି କବି ହରିହର ମିଶ୍ର ଏଥିରେ ପୌରୋହିତ୍ୟ କରିଥିଲେ। ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ଡ.କୈଳାସ ଟିକାୟତରାୟ ବିଶିଷ୍ଟ ଅତିଥି, ବିଶିଷ୍ଟ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି ସମ୍ମାନିତ ଅତିଥି, ସୁସାହିତ୍ୟିକ ଡ.ରଣଜିତ କୁମାର ପରିଡ଼ା ମୁଖ୍ୟବକ୍ତା ଏବଂ ପ୍ରିୟପତ୍ରର ସମ୍ପାଦକ ବିପିନବିହାରୀ ଦଳାଇ ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ। ଭକ୍ତକବିଙ୍କ ସମ୍ପର୍କରେ ଅତିଥିମାନେ କହିଥିଲେ ଯେ, ପୁରୀ ସହରର ଋଷିପ୍ରତିମ ପ୍ରତିଭା ହେଉଛନ୍ତି ମଧୁସୂଦନ ରାଓ। ସେ ଆମ ସଂସ୍କୃତି, ପରମ୍ପରାକୁ ଅକ୍ଷୁଣ୍ଣ ରଖିବାକୁ ଏବଂ ସତ୍ୟପଥେ ଧର୍ମପଥେ ଘେନିଯାଅ ମତେ ଭାବର ସୁଅ ଛୁଟାଇବା ପାଇଁ ଯେଉଁ ରଚନାମାନ ସୃଷ୍ଟି କରିଯାଇଛନ୍ତି ତାହାକୁ ଯେକୌଣସି ପବିତ୍ର ଗ୍ରନ୍ଥ ପରି ପଢାଯିବା ଦରକାର। ସେହି ମହାନ ଋଷିପ୍ରତିମ କବିଙ୍କର ଅବଦାନ ଯୋଗୁ ଆମେ ଶିକ୍ଷା କ୍ଷେତ୍ରରେ ବର୍ଣ୍ଣବୋଧ ଭଳି ଏକ ଅମୂଲ୍ୟ ଗ୍ରନ୍ଥ ପାଇଥିଲୁ।

ଆରମ୍ଭରେ ଏକାଡେମୀର ସହାୟକ ସଞ୍ଜୟ କୁମାର ଛୁଆଳସିଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଦୀପ ପ୍ରଜ୍ୱଳନ ପରେ ଓଡ଼ିଶା ସଙ୍ଗୀତ ପରିଷଦର କଣ୍ଠଶିଳ୍ପୀମାନେ ଗୁରୁ ଉର୍ମିଳା ପ୍ରଧାନଙ୍କ ନିର୍ଦ୍ଦେଶନାରେ ଭକ୍ତକବିଙ୍କର ରଚନାମାନ ପରିବେଷଣ କରିଥିଲେ। ପୁରୀର ବରିଷ୍ଠ ଲେଖକ ଭରତ ଓଝାଙ୍କ ଅକାଳ ବିୟୋଗରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ସତ୍ୟନାରାୟଣ ମିଶ୍ରଙ୍କ ରଚିତ ଜ୍ୟୋତିର୍ଲିଙ୍ଗ ଦର୍ଶନକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ସାରସ୍ୱତ ପତ୍ରିକା ପ୍ରିୟପତ୍ର ସହଯୋଗ କରିଥିଲା। ଏଥିରେ ପ୍ରତିମା ମିଶ୍ର, ହରପ୍ରିୟା ସାହୁ, ଅଧାପକ ମୀନକେତନ ପାଢୀଯୋଶୀ, ପ୍ରବାସିନୀ ମିଶ୍ର, ହରେକୃଷ୍ଣ ପ୍ରଧାନୀ, ବିଜୟ କୁମାର ପଣ୍ଡା, ଉର୍ମିଳା ମିଶ୍ର, କ୍ରିଷ୍ଣା ମହାପାତ୍ର, ଶ୍ୟାମପ୍ରକାଶ ସେନାପତି, ଗଦାଧର ନନ୍ଦ, ସୁରେନ୍ଦ୍ରନାଥ ଗୁରୁ, ନୀଳକଣ୍ଠ ମିଶ୍ର, ବିଜୟଲକ୍ଷ୍ମୀ ଦାଶ, ପ୍ରସନ୍ନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ୧୭ରୁ ରାଜ୍ୟସ୍ତରୀୟ ମଞ୍ଚ ନାଟକ ପ୍ରତିଯୋଗିତା

**ପୁରୀ ଅଫିସ, ୧୦।୨:**

■ରାମଚନ୍ଦ୍ର ପ୍ରତିହାରୀଙ୍କ ଉଦ୍ଦେଶ୍ୟରେ ହେବ ସମର୍ପିତ

■ଭାଗନେବେ ୮ଟି ଜିଲାର କଳା ଅନୁଷ୍ଠାନ

ଶ୍ରୀକ୍ଷେତ୍ରର ଅନ୍ୟତମ କଳା ଓ ସାଂସ୍କୃତିକ ସଙ୍ଗଠନ 'ଅନୁଷ୍ଠାନ ଆମର' ପକ୍ଷରୁ ଚଳିତ ବର୍ଷ ୧୨ତମ ରାଜ୍ୟସ୍ତରୀୟ ମଞ୍ଚ ନାଟକ ପ୍ରତିଯୋଗିତା ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ଫେବୃୟାରୀ ୧୭ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୧୭ରୁ ୨୫ତାରିଖ ପର୍ଯ୍ୟନ୍ତ ୮ଜିଲାରୁ ୮ଟି କଳା ଅନୁଷ୍ଠାନ ନାଟକ ପରିବେଷଣ କରିବେ। ଶେଷ ରଜନୀରେ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶେଷ ସନ୍ଧ୍ୟାରେ ବାଲେଶ୍ୱରର ଏକ କଳାକେନ୍ଦ୍ର ଶ୍ରୀଜଗନ୍ନାଥଙ୍କ ଉପରେ ଏକ ସ୍ୱତନ୍ତ୍ର ନାଟକ ପରିବେଷଣ କରିବେ। ଶ୍ରେଷ୍ଠ ନାଟକ, ନିର୍ଦ୍ଦେଶକ ଓ କଳାକାରଙ୍କୁ ସମ୍ମାନିତ କରାଯିବ।

ପ୍ରଥମ ଦିନରେ ଭୁବନେଶ୍ୱରର ଇନ୍ଦ୍ରଧନୁ ଥିଏଟର ନାଟକ ଷ୍ଟେଶନ ପରିବେଷଣ କରିବେ। ପରେ କ୍ରମାନ୍ୱୟରେ ବୌଦ୍ଧ, ବ୍ରହ୍ମପୁର, ସମ୍ବଲପୁର, ମୟୂରଭଞ୍ଜ, ଖୋର୍ଦ୍ଧା, ବଲାଙ୍ଗୀର, ଯାଜପୁର ପ୍ରଭୃତି ଜିଲାର କଳାନୁଷ୍ଠାନ ନାଟକ ପରିବେଷଣ କରିବେ ବୋଲି ରବିବାର ଭକ୍ତ ସାଲବେଗ ପୀଠ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି କହିଛନ୍ତି। ୯ଦିନ ବ୍ୟାପୀ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତା ମଞ୍ଚ ଓ ସିନେ ଜଗତର ଭୀଷ୍ମ ପୀତାମହ ସ୍ୱର୍ଗତ ରାମଚନ୍ଦ୍ର ପ୍ରତିହାରୀଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯିବ ବୋଲି ସଂସ୍ଥାର ସଭାପତି ଭରତ ନାୟକ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ବଟରାଜଦେବ ଗୋସ୍ୱାମୀ, ପୂର୍ବତନ କାଉନସିଲର ଭକ୍ତଚରଣ ଦାଶ, ବିନୟ ନୃସିଂହ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଶ୍ରୀପଞ୍ଚମୀରେ ଅବସରରେ ରବିବାର ଶ୍ରୀମନ୍ଦିରରୁ ଶ୍ରୀଜଗନ୍ନାଥ ବଲ୍ଲଭକୁ ବେଣ୍ଟ ନୀତି ପାଇଁ ଠାକୁରଙ୍କୁ ବିମାନରେ ବିଜେ କରାଯାଉଛି।

### ସାକ୍ଷୀଗୋପାଳଙ୍କ ହୋଲି ବେଶ ଆରମ୍ଭ

**ସାକ୍ଷୀଗୋପାଳ,୧୦।୨ (ଡି.ଏନ.ଏ.)**

ମାଘମାସ ଶୁକ୍ଳ ପଞ୍ଚମୀ ବସନ୍ତୀ ପଞ୍ଚମୀଠାରୁ ସାକ୍ଷୀଗୋପାଳ ଠାକୁରଙ୍କ ହୋଲି ବେଶ ଆରମ୍ଭ ହୋଇଛି। ମନ୍ଦିରରେ ଦୈନନ୍ଦିନ ଦେବନୀତି ସହି ସ୍ୱତନ୍ତ୍ର ରୀତିନୀତିରେ ହୋଲିର ଆଦ୍ୟପର୍ବ ଆରମ୍ଭ ହୋଇଛି। ଶୀତ ସମୟରେ ଅନୁଷ୍ଠିତ ଘୋଡଲାଗି ବେଶ ବଦଳରେ ଉତ୍ତର ଭାରତୀୟଙ୍କ ଭଳି ସାକ୍ଷୀଗୋପାଳ ଲାଲ ପଗଡୀ, ପାଇଜାମା, ଘେର, ସୁବର୍ଣ୍ଣବଂଶୀ, ନୁତୁକ, ମକର କୁଣ୍ଡଳ, ଚାପସରୀ, ତାବିଜ, ବେଙ୍ଗପାଟିଆ, ପଟି, ଦୋଶଡା ସହ ଚନ୍ଦନ ଚିତା ଲାଗିହୋଇ ହୋଲି ବେଶରେ ସଜ୍ଜିତ ହୋଇଥିବା ରବିବାର ସନ୍ଧ୍ୟାରେ ଦେଖିବାକୁ ମିଳିଛି। ଏହି ବେଶ ପ୍ରତିଦିନ ସକାଳ ଧୂପ ଓ ସନ୍ଧ୍ୟାଧୂପ ବେଶରେ ଦିନକୁ ଦୁଇଥର କରାଯିବାର ବିଧି ପ୍ରଚଳିତ ବୋଲି ମନ୍ଦିର ସୁପର ଭାଇଜର ବିଶ୍ୱନାଥ ମହାପାତ୍ର କହିଛନ୍ତି। ସିଂହାରୀ ସେବକ ପୀତାମ୍ବର ମହାପାତ୍ର, ମହାବୀର ମହାପାତ୍ର ଠାକୁରଙ୍କ ପ୍ରଥମ ହୋଲିବେଶ କରିଥିବା ବେଳେ ଭଣ୍ଡାର ମେକାପ ରାଧାମୋହନ କୋଠାରୀ ସହଯୋଗ କରିଥିଲେ। ମନ୍ଦିର ଦର୍ଜୀ ସେବକ ସତ୍ୟ ମହାପାତ୍ର ହୋଲିବେଶ ପୋଷାକ ପ୍ରସ୍ତୁତ କରିଥିଲେ। ସନ୍ଧ୍ୟାଧୂପ ବେଶରେ ବିଜେ ପ୍ରତିମା ମଦନ ମୋହନ ରତ୍ନ ସିଂହାସନରେ ବିଜେ କରିବାପରେ ଅବିର ଓ କେତକୀଫୁଲ ଲାଗି ନୀତି ଅନୁଷ୍ଠିତ ହୋଇଥିଲା। ପରେପରେ ବିଜେ ପ୍ରତିମା ବସନ୍ତ ପଞ୍ଚମୀ ବେଦୀକୁ ବିମାନରେ ବିଜେ କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସେଠାରେ ପନ୍ତୀଭୋଗ, ଆଳତି, ଉପଚାର ଓ ବନ୍ଦାପନା କରାଯାଇଥିଲା।

# ଶହୀଦଙ୍କ ସ୍ମୃତିରେ ବୃକ୍ଷରୋପଣ



ଗୋଶାଳା ପରିସରରେ ଅତିଥିମାନେ ବୃକ୍ଷରୋପଣ କରୁଛନ୍ତି।

**ପୁରୀ ଅଫିସ, ୧୦।୨:**

ଶହୀଦ ହେମନ୍ତ ପଣ୍ଡାଙ୍କ ସ୍ମୃତିରେ ବୃକ୍ଷରୋପଣ କରାଯାଇଛି। ରବିବାର ଗୋରୁଆଳ ପଞ୍ଚାୟତ ଅନ୍ତର୍ଗତ ଶ୍ରୀଗୋବିନ୍ଦ ଗୋ-ଧାମ ଗୋଶାଳା ଗୁରୁକୁଳମ୍ ପରିସରରେ ଏହି ବୃକ୍ଷରୋପଣ କରାଯାଇଥିଲା। ଏଥିରେ ପ୍ରବାସୀ ଭାରତୀୟ, ପ୍ରବାସୀ ଓଡ଼ିଆ ଚିକିତ୍ସକ, ପ୍ରଶାସନିକ ସେବା ଅଧିକାରୀ ଯୋଗଦେଇ ପ୍ରାୟ ୫୦ଟି ବୃକ୍ଷରୋପଣ କରିଥିଲେ। ପଣ୍ଡିତ ବିଷ୍ଣୁଚରଣ ପଣ୍ଡାଜୀ ମହାରାଜଙ୍କ ନେତୃତ୍ୱରେ ଏହା କରାଯାଇଥିଲା। ବୃକ୍ଷରୋପଣ କରିଥିବା ବିଶିଷ୍ଟ ବ୍ୟକ୍ତିମାନେ ଶହୀଦ ହେମନ୍ତ ପଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ବିଷ୍ଣୁଦତ୍ତ ଦାସ ପରିଚାଳନା କରିଥିଲେ। ସୂଚନାଥାଉ କି, ସାଧାରଣତନ୍ତ୍ର ଦିବସରେ ଜମ୍ମୁ କାଶ୍ମୀରର ବାରମୁଲାଠାରେ ଭାରତୀୟ ସେନାର ଲାନ୍ସ ନାୟକ ସ୍ୱର୍ଗତ ପଣ୍ଡା ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିଲେ। ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ଅଠରାଙ୍ଗ ଗ୍ରାମରେ ଜନ୍ମ ନେଇଥିବା ହେମନ୍ତ ମାବାପାଙ୍କର ଏକମାତ୍ର ପୁଅ ଥିଲେ।

# ଶ୍ରୀକ୍ଷେତ୍ରରେ ପୂଜାପାଇଲେ ବାଗ୍‌ଦେବୀ

**ପୁରୀ ଅଫିସ, ୧୦।୨:**

ଶ୍ରୀକ୍ଷେତ୍ରରେ ବାଗ୍‌ଦେବୀଙ୍କ ପୂଜା ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଛି। ଶ୍ରୀକ୍ଷେତ୍ରର ବିଭିନ୍ନ ବିଦ୍ୟାଳୟ, କଲେଜ, ଶିକ୍ଷାନୁଷ୍ଠାନଗୁଡ଼ିକରେ ସ୍ୱରସ୍ୱତୀ ପୂଜା ଆୟୋଜିତ ହୋଇଛି। ଛାତ୍ରୀଛାତ୍ରମାନେ ନୂତନ ବସ୍ତ୍ର ପରିଧାନ କରି ବିଦ୍ୟାଦାତ୍ରୀଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ।

ଚାରୁ ଓ କାରୁକଳା ମହାବିଦ୍ୟାଳୟ, ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରରେ ସରସ୍ୱତୀ ପୂଜା ପାଳିତ ହୋଇଥିଲା। ଏହି ଅବସରରେ ନୂତନ ବିଦ୍ୟାର୍ଥୀମାନେ ଖଡି ଛୁଇଁଥିଲେ। ସାମନ୍ତ ଚନ୍ଦ୍ର ଶେଖର ମହାବିଦ୍ୟାଳୟରେ ବିଭିନ୍ନ ବିଭାଗ ପକ୍ଷରୁ ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଥିଲା। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗରେ ସରସ୍ୱତୀଙ୍କ ପୂଜା ଆୟୋଜିତ ହୋଇଥିଲା। ଏଥିରେ ସମସ୍ତ ବିଭାଗର ଛାତ୍ରୀଛାତ୍ର, ପ୍ରାଧାପକମାନେ ଯୋଗଦେଇଥିଲେ। ଲିଙ୍ଗରାଜ କଳା ନିକେତନରେ ମା'ସରସ୍ୱତୀଙ୍କ ପୂଜା ଆନନ୍ଦ ଉଲ୍ଲାସର ସହିତ ପାଳନ ହୋଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରକଳା, ସଙ୍ଗୀତ, ଓଡିଶୀ, ଚମ୍ପୂ, ଭଜନ, ଗୀତଗୋବିନ୍ଦ, ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହରିଚଣ୍ଡୀ ସାହି, ମଧୁବନ ଓ ମାରୁତି ନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବୀଣାପାଣିଙ୍କ ପୂଜା ଆଡ଼ମ୍ବରରେ ପାଳିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ, ଗୁରୁମାଗୁରୁଜୀଙ୍କ ସମେତ ପରିଚାଳନା ସମିତି ସମସ୍ତ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏଥିସହିତ ସରକାରୀ ମହିଳା ମହାବିଦ୍ୟାଳୟ, ନରେନ୍ଦ୍ରକୋଣ ସ୍ଥିତ ମହିଳା ମହାବିଦ୍ୟାଳୟ, ସୁରଜ ମଲ୍ଲ ସାହା କଲେଜ, ବେଦ କର୍ମକାଣ୍ଡ ମହାବିଦ୍ୟାଳୟ, ଶ୍ୟାମ ସୁନ୍ଦର ସଙ୍ଗୀତ ମହାବିଦ୍ୟାଳୟ, ପୁରୀ ଜିଲା ସ୍କୁଲ, ବିଶ୍ୱମ୍ଭର ବିଦ୍ୟାପୀଠ, ଭୋଲାନାଥ ବିଦ୍ୟାପୀଠ ସମେତ ସମସ୍ତ ଶିକ୍ଷାନୁଷ୍ଠାନରେ ଆନନ୍ଦ ଉଲ୍ଲାସର ସହିତ ମାତା ସରସ୍ୱତୀଙ୍କ ପୂଜା ଆୟୋଜନ ହୋଇଥିଲା। ସନ୍ଧ୍ୟାରେ କେତେକ ଅନୁଷ୍ଠାନ ପକ୍ଷରୁ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।





ପୁରୀ ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଛାତ୍ରୀଛାତ୍ରମାନେ ପୂଜା କରୁଛନ୍ତି।

# ସାଇକେଲ ଶୋଭାଯାତ୍ରାରେ ସଡ଼କ ସୁରକ୍ଷା ବାର୍ତ୍ତା

**ପୁରୀ ଅଫିସ, ୧୦।୨:**




ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରୁ ସାଇକେଲ୍ ଶୋଭାଯାତ୍ରାର ଶୁଭାରମ୍ଭ କରାଯାଉଛି।

ଦ୍ରୁତ ଜନସଂଖ୍ୟା ବୃଦ୍ଧି ସହିତ ଯାନବାହନ ମଧ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ଯାନବାହନର ବ୍ୟବହାର ବଢିଛି। ଏହାଦ୍ୱାରା ପରିବେଶ ପ୍ରଦୂଷିତ ହେଉଛି। ଏହାର ପ୍ରଭାବ ଜୀବଜଗତ ଉପରେ ପଡୁଛି। ଅନ୍ୟପଟେ ଜୈବିକ ଇନ୍ଧନ ମଧ ଧୀରେ ଧୀରେ କମିବାରେ ଲାଗିଲାଣି। ଏଣୁ ଏହାର ବିକଳ୍ପ ସ୍ୱରୂପ ସାଇକେଲ ଚଳାଇବା ଲାଗି ରବିବାର ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ନିର୍ମାଲ୍ୟ ଆହ୍ୱାନ ଦେଇଛି। ପ୍ରାକୃତିକ ସମ୍ବଳ(ପେଟ୍ରୋଲ)ର ସଂରକ୍ଷଣ, ସୁସ୍ଥ ପରିବେଶ ଲାଗି ବାଇକ ଛାଡି ସାଇକେଲ ଚଳାଇବା ପ୍ରତି ଆଗ୍ରହ ସୃଷ୍ଟି ଉଦ୍ଦେଶ୍ୟରେ ରବିବାର ଅନୁଷ୍ଠିତ ହୋଇଥିଲା ସାଇକେଲ ଶୋଭାଯାତ୍ରା। ସିଂହଦ୍ୱାରଠାରୁ ଏହି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଶତାଧିକ ସ୍ୱେଚ୍ଛାସେବୀ ଓ ଯୁବକ ଏଥିରେ ଯୋଗଦାନ କରିଥିଲେ। ଏହି ଶୋଭାଯାତ୍ରାକୁ ଅର୍ଜୁନ ପୁରସ୍କାରପ୍ରାପ୍ତ ମିନତୀ ମହାପାତ୍ର ଓ କ୍ରୀଡାବିତ୍ ଅନୁରାଧା ବିଶ୍ୱାଳ, ଭାରତୀୟ ଫୁଟବଲ ଦଳର ପୂର୍ବତନ ଅଧିନାୟକ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆରଟିଓ ରବୀନ୍ଦ୍ର ମହାନ୍ତି କହିଲେ ଯେ, ପ୍ରତିବର୍ଷ ସଡକ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଦ୍ରୁତ ଗତିରେ ଗାଡ଼ି ଚଳାଚଳ ଏବଂ ଯାନବାହନ ଚଳାଇବା ବେଳେ ମୋବାଇଲରେ କଥାହେବା ବିପଦକୁ ଟାଣି ଆଣିଥାଏ। ନିରାପତ୍ତା ଦୃଷ୍ଟିରୁ ବାଇକ ଚଳାଇବା ବେଳେ ହେଲମେଟ ପିନ୍ଧିବାକୁ ସେ ସମସ୍ତଙ୍କୁ କହିଥିଲେ।

ଅନୁଷ୍ଠାନର ସଭାପତି ବଦ୍ରି ମିଶ୍ର ଓ ସମ୍ପାଦକ ବିଶ୍ୱନାଥ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମାଣ୍ଡାଣ୍ଟ ଲିଙ୍ଗରାଜ ମିଶ୍ର, ସିଟି ଡିଏସ୍‌ପି ପ୍ରଶାନ୍ତ ପଟ୍ଟନାୟକ, ଟାଉନ ଥାନାଧିକାରୀ ଉମାଶଙ୍କର ସିଂ, ଗିନିଜ୍‌ବୁକ୍ ରେକର୍ଡଧାରୀ ଦୁର୍ଗାଚରଣ ମିଶ୍ର, ପରିବେଶବିତ୍ ବିଭୁଦତ୍ତ ସୁବୁଦ୍ଧି, ସେବାୟତ ଡ.ଶରତ ମହାନ୍ତି, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିମଳ ପ୍ରସାଦ ମହାନ୍ତି, ମଧୁସୂଦନ ମିଶ୍ର, ଶାନ୍ତିଭୂଷଣ ମିଶ୍ର,ବିଶ୍ୱଜିତ ପଟ୍ଟନାୟକ ଓ ଶ୍ୟାମପ୍ରକାଶ ସେନାପତିଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରତାପ ନନ୍ଦୀ, ସୌମ୍ୟରଞ୍ଜନ ପାତ୍ର, ସତ୍ୟସୁନ୍ଦର ପାତ୍ର, କେଦାର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।



ବନ୍ୟା ପ୍ଲାବିତ ନଦୀ, ଶାସକର ଆଦର, ସ୍ତ୍ରୀର ଚରିତ୍ର ଓ ବ୍ୟବସାୟରେ ସ୍ନେହ କେବେହେଲେ ବିଶ୍ୱାସଯୋଗ୍ୟ ନୁହେଁ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଶ୍ରୀଲିଙ୍ଗରାଜଙ୍କ ରଥଗୋଟା ଅନୁକୂଳ

ପୁରୁଣା ଭୁବନେଶ୍ୱର, ୧୦।୨ (ଡି.ଏନ.ଏ.): ଶ୍ରୀପଞ୍ଚମୀ ତଥା ସରସ୍ୱତୀ ପୂଜା ଅବସରରେ ରବିବାର ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ଗୋଟା ଅନୁକୂଳ ହୋଇଯାଇଛି। ସନ୍ଧ୍ୟାରେ ମନ୍ଦିରରେ ଭୋଗ ମଣ୍ଡପ ପରେ ବିମାନ ଓ ପାଲିଙ୍କିରେ ଶ୍ରୀଜୀଉମାନଙ୍କୁ ଶୋଭାଯାତ୍ରାରେ ଶ୍ରୀରାମନଗରସ୍ଥିତ ଶ୍ରୀପଞ୍ଚମୀ ପଡିଆକୁ ନିଆଯାଇଥିଲା। ସେଠାରେ ଚାନ୍ଦିନୀରେ ଶ୍ରୀଜୀଉଙ୍କୁ ରଖାଯାଇ ପୂଜାର୍ଚ୍ଚନା କରାଯିବା ପରେ କୋଠ ଭୋଗ ଲାଗି କରାଯାଇଥିଲା। ପରେ ନିକଟରେ ଥିବା ଏକ ଆମ୍ବ ଗଛକୁ ପୂଜାପଣ୍ଡା ସେବାୟତ ପୂଜାର୍ଚ୍ଚନା କରିଥିଲେ। ପୂଜା ପରେ ସେ କୁରାଢ଼ିରେ ଆମ୍ବ ଗଛକୁ ଚୋଟ ଲଗାଇଥିଲେ। ପରେ ବେହେରା ସେବାୟତମାନେ ସେ ଗଛରେ ବିଧି ମୁତାବକ କୁରାଢ଼ି ଲଗାଇ ରଥ ଗୋଟା ଅନୁକୂଳ କାର୍ଯ୍ୟ ସମ୍ପନ୍ନ କରିଥିଲେ।

### କ୍ଷତାକ୍ତ ଅବସ୍ଥାରେ ନବଜାତ ଶିଶୁକନ୍ୟା ଉଦ୍ଧାର

ଭୁବନେଶ୍ୱର,୧୦।୨ (ବ୍ୟୁରୋ)/କଟକ ଅଫିସ: ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ପ୍ରଶାନ୍ତି ବିହାର ରାସ୍ତା ପାର୍ଶ୍ୱ ଏକ ପରିତ୍ୟକ୍ତ ସ୍ଥାନରୁ ଏକ ନବଜାତ ଶିଶୁକନ୍ୟାଙ୍କୁ ଉଦ୍ଧାର କରାଯାଇଛି। ରବିବାର ସକାଳେ ଶିଶୁଟିର ଚିତ୍କାର ଶୁଣି ନିକଟରେ ଯାଉଥିବା କେତେଜଣ ପଥଚାରୀ ଅଟକି ଯାଇଥିଲେ। ଚିତ୍କାର ଶୁଭୁଥିବା ସ୍ଥାନରେ ପହଞ୍ଚି ଏକ କପଡ଼ାରେ ନବଜାତ ଶିଶୁକନ୍ୟା ଗୋଡାଇ ହୋଇଥିବା ଅବସ୍ଥାରେ ପଡି ରହିଥିବା ଦେଖିବାକୁ ପାଇଥିଲେ। ଶିଶୁଟିର ମୁଣ୍ଡ, ଆଖି ଓ ଗୋଡ଼ରେ ଗଭୀର କ୍ଷତ ହୋଇଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପ୍ରଚାରିତ ହୋଇଯିବା ପରେ ସ୍ଥାନୀୟ ଲୋକଙ୍କ ଭିଡ଼ ଲାଗିଥିଲା। ପୋଲିସ ପହଞ୍ଚି ଆହତ ଶିଶୁକନ୍ୟାକୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଛି। କଟକ ଚାଇଲ୍ଡ ଲାଇନ ପକ୍ଷରୁ ଶିଶୁକନ୍ୟାଙ୍କ ଯତ୍ନ ଓ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯାଇଛି। ଚାଇଲ୍ଡ ଲାଇନ ସଂଯୋଜକ ନାରାୟଣ ଶୁକ୍ଳା ଶିଶୁଭବନରେ ପହଞ୍ଚି ଶିଶୁକନ୍ୟାଙ୍କ ଦେଖାଶୁଣା କରୁଛନ୍ତି। ରାତିରେ ଜନ୍ମ ପରେ କେହି ଶିଶୁଟିକୁ ଏପରି ବିପଜ୍ଜନକ ଅବସ୍ଥାରେ ଫିଙ୍ଗିଦେଇଥିବା ଅନୁମାନ କରାଯାଉଛି।

### ସୁନା ବିସ୍କୁଟ ଦେବା ଆଳରେ ୬.୮୫ ଲକ୍ଷ ଲୁଟ୍ ମାମଲା
### ଅଢେଇ ମାସ ପରେ ଆଉ ଜଣେ ଗିରଫ

ଭୁବନେଶ୍ୱର,୧୦।୨ (ବ୍ୟୁରୋ)- ସୁନା ବିସ୍କୁଟ ଦେବା ଆଳରେ ଜଣେ ବ୍ୟକ୍ତିଙ୍କଠାରୁ ୬ଲକ୍ଷ ୮୫ ହଜାର ଟଙ୍କା ଲୁଟ୍ ମାମଲାର ଅଢେଇ ମାସ ପରେ ଖଣ୍ଡଗିରି ଥାନା ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଖାରବେଳନଗର ଥାନା ଅନ୍ତର୍ଗତ ଶାସ୍ତ୍ରୀନଗରରେ ରହୁଥିବା ରମେଶ ମହାନ୍ତି(୫୫)। ପୋଲିସ ସୂଚନାନୁସାରେ, ଅଭିଯୁକ୍ତ ରମେଶ ଓ ଦୁଇ ସହଯୋଗୀ କାଳନ୍ଦି ସାହୁ ଏବଂ ରାଜେନ୍ଦ୍ର କୁମାର ମହାନ୍ତି କଟକ କାନପୁର ଅଞ୍ଚଳର ତୋଫାନ କୁମାର ମହାପାତ୍ରଙ୍କୁ ସୁନା ବିସ୍କୁଟ ବିକ୍ରି କରିବେ ବୋଲି କହିଥିଲେ। ବଜାର ଦରଠାରୁ ବହୁତ କମ୍ ଦାମରେ ସୁନା ବିସ୍କୁଟ ପାଇବା ଲୋଭରେ ପଡିଯାଇଥିଲେ ତୋଫାନ। ଗତ ବର୍ଷ ଡିସେମ୍ବର ୨୩ ପୂର୍ବାହ୍ନ ୧୦ଟାରେ ସମ୍ ହସ୍ପିଟାଲ ନିକଟକୁ ସୁନା ବିସ୍କୁଟ୍ ନେବାକୁ ତାଙ୍କୁ ଡାକିଥିଲେ ୩ ଅଭିଯୁକ୍ତ। ତୋଫାନ ଏକ ବ୍ୟାଗ୍‌ରେ ଟଙ୍କା ଭର୍ତ୍ତି କରି ସେମାନଙ୍କ ପାଖରେ ପହଞ୍ଚିବାମାତ୍ରେ ରମେଶ, କାଳନ୍ଦୀ ଓ ରାଜେନ୍ଦ୍ର ତାହାକୁ ଧରି ଚମ୍ପଟ ମାରିଥିଲେ। ଏନେଇ ତୋଫାନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ପ୍ରଥମେ କାଳନ୍ଦି ଓ ରାଜେନ୍ଦ୍ରଙ୍କୁ ଗିରଫ କରିଥିଲା। ଫେରାର ଥିବା ରମେଶ ଶନିବାର ରାତିରେ ଘରେ ଥିବା ଜାଣି ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା।

### ପଥପ୍ରାନ୍ତ ନାଟକ 'ସିଧାକଥା' ମଞ୍ଚସ୍ଥ

କୃଷ୍ଣପ୍ରସାଦ,୧୦।୨(ଡି.ଏନ.ଏ.)- ମାଲୁଦରେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାକୁ ଲୋକାଭିମୁଖୀ କରିବା ପାଇଁ ପଥପ୍ରାନ୍ତ ନାଟକ ଆୟୋଜିତ ହୋଇଛି । ଭୁବନେଶ୍ୱର ଆଦର୍ଶ ଯୁବକ ମଞ୍ଚ ପକ୍ଷରୁ ଡ୍ୟାନ୍ସ, ପଥପ୍ରାନ୍ତ ନାଟକ 'ସିଧାକଥା' ମାଧ୍ୟମରେ ଜନସାଧାରଣ ଓ ହିତାଧିକାରୀମାନେ ସରକାରୀ ଯୋଜନା ସମ୍ପର୍କରେ ଅବଗତ ହୋଇଥିଲେ।

# ନିଆଁରେ ପୋଡ଼ି ଆହତ ମହିଳାଙ୍କ ମୃତ୍ୟୁ

ଗୋପ, ୧୦।୨(ଡି.ଏନ୍.ଏ.)

■ ଥାନା ନିକଟ ଗୋପ ମେଡିକାଲରେ ପହଞ୍ଚି ନ ଥିଲା ପୋଲିସ

■ ୮୦କି.ମି. ଦୂର ଏସ୍‌ସିବିରେ ନେଲା ମୃତ୍ୟୁକାଳୀନ ଜମାନବନ୍ଦୀ

ଗୋପ ଥାନା ଅଧୀନ ବେଦପୁର ଗ୍ରାମର ରାଜକିଶୋର ବେହେରାଙ୍କ ସ୍ତ୍ରୀ ବନିତା ବେହେରା(୪୦) ଶନିବାର ଦେହରେ କୌଣସି କାରଣରୁ ନିଆଁ ଲଗାଇ ଦେଇଥିଲେ। ଖବରପାଇ ଗୋପ ଅଗ୍ନିଶମ ବିଭାଗ ତାଙ୍କୁ ଉଦ୍ଧାର କରି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ବିଳମ୍ବିତ ରାତ୍ରିରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ପୋଲିସ ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ଏ ନେଇ ମଙ୍ଗଳାବାଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମାତ୍ର ଏହି ମହିଳାଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ଲାଗି ଗୋପ ଥାନାଠାରୁ ମାତ୍ର ୨୦୦ ମିଟର ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋପ ପୋଲିସ ନ ଯାଇ ସେଠାରୁ ୮୦କିମି ଦୂର କଟକ ବଡ଼ଡାକ୍ତରଖାନା ଯିବା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଶନିବାର ବନିତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଯିବା ପରେ ଡାକ୍ତର ଜସ୍ମିନ ଆପ୍ରୋଜ୍ ଗୋପ ପୋଲିସକୁ ସୂଚନା ଦେଇଥିଲେ। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ପୋଲିସ ଷ୍ଟେଶନଟି ମାତ୍ର ୨୦୦ମିଟର ଦୂର ହୋଇଥିଲେ ବି ଖାମଖିଆଲ ମନୋଭାବ ଯୋଗୁ ଗୋପ ପୋଲିସ ଡାକ୍ତରଖାନାରେ ପହଞ୍ଚିପାରି ନ ଥିଲା। ବନିତା ସେଠାରେ ଦୀର୍ଘ ୪୦ମିନିଟ୍‌ରୁ ଉର୍ଦ୍ଧ୍ୱ ସମୟ ଧରି ଯନ୍ତ୍ରଣାରେ ଛଟପଟ ହେବା ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ରାତିରେ ଗୋପ ପୋଲିସ ୮୦ କି.ମି. ଦୂର କଟକ ଯାଇ ଆହତ ମହିଳାଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ଆଣିଥିବା କହିଛି। ଏ ନେଇ ସାଧାରଣରେ ଅସନ୍ତୋଷ ଦେଖାଯିବା ସହ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜରୁରିକାଳୀନ ପରିସ୍ଥିତିରେ ପୋଲିସ ଜନସାଧାରଣଙ୍କୁ କିପରି ସହାୟତା କରିବ ସେ ନେଇ ସନ୍ଦେହ ପ୍ରକାଶ ପାଇବା ସହ ଏହି ଘଟଣା ଉପରେ ଉଚ୍ଚ ପଦାଧିକାରୀ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଗୋପ ଥାନାଧିକାରୀ ରଞ୍ଜନ କୁମାର ପ୍ରଧାନଙ୍କୁ ପଚାରିବାରେ ସେ କୁହନ୍ତି, ପୋଡ଼ି ଯାଇଥିବା ମହିଳା ଗୋପ ଡାକ୍ତରଖାନାରେ ଆଡମିଟ୍ ହୋଇ ଚିକିତ୍ସିତ ହୋଇଥିଲେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାଙ୍କର ମୃତ୍ୟୁକାଳୀନ ଜମାନବନ୍ଦୀ ନିଆଯାଇଥାଆନ୍ତା। ଯେହେତୁ ତାଙ୍କୁ ଜରୁରିକାଳୀନ ପରିସ୍ଥିତିରେ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିଲା ତେଣୁ ସେଠାକୁ ଯାଇ ଜମାନବନ୍ଦୀ ଆଣିବାକୁ ପଡ଼ିଲା ବୋଲି କହିଥିଲେ।

■ ଧଉଳି-କଳିଙ୍ଗ ମହୋତ୍ସବ ଉଦ୍‌ଯାପିତ

# ଶାସ୍ତ୍ରୀୟ ନୃତ୍ୟରେ ଶାନ୍ତି, ପ୍ରେମର ବାଣୀ



ଧଉଳି-କଳିଙ୍ଗ ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

ପୁରୁଣା ଭୁବନେଶ୍ୱର, ୧୦।୨ (ଡି.ଏନ.ଏ.)

ରବିବାର ଉଦ୍‌ଯାପିତ ହୋଇଯାଇଛି ଧଉଳି-କଳିଙ୍ଗ ମହୋତ୍ସବ। ରାଜ୍ୟ ପର୍ଯ୍ୟଟନ ବିଭାଗ, ଓଡିଶା ଡ୍ୟାନ୍ସ ଏକାଡେମୀ ଓ ଆର୍ଟ ଭିଜନର ମିଳିତ ଉଦ୍ୟମରେ ଆୟୋଜିତ ମହୋତ୍ସବରେ ପରିବେଷିତ ଶାସ୍ତ୍ରୀୟ ନୃତ୍ୟରେ ପରିପ୍ରକାଶ ହୋଇଥିଲା ଶାନ୍ତି ଓ ପ୍ରେମର ବାଣୀ।

କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀରୁ। ବାଙ୍ଗାଲୋରରୁ ଆସିଥିବା ମଧୁଳିତା ମହାପାତ୍ର ଓ ସାଥୀଙ୍କ ଦ୍ୱାରା ପ୍ରଥମେ 'ଶିଭମ ଧିମାହୀ' ଓ ପରେ 'ହରି ସ୍ମରଣମ ମାଡୋ' ପରିବେଶିତ ହୋଇଥିଲା। ଦୁଇଟି ଯାକ ନୃତ୍ୟର ସଂରଚନା କରିଥିଲେ ମଧୁଳିତା। ନୂଆଦିଲ୍ଲୀରୁ ଆସିଥିବା ରାଣୀ ଖନ୍ନମ ଓ ସାଥୀଙ୍କ ଦ୍ୱାରା ପ୍ରଥମେ 'ନାଚତ ସୁଧାଙ୍ଗ ଶ୍ରୀନନ୍ଦ ନନ୍ଦନ' ଓ ପରେ 'ଯମୁନାଷ୍ଟକମ' ପରିବେଶିତ ହୋଇଥିଲା, ଯେଉଁଥିରେ କଥକ ନୃତ୍ୟର ସୌନ୍ଦର୍ଯ୍ୟ ବିଭାବ ଏବଂ ତାତ୍ତ୍ୱିକ ବିଶ୍ଳେଷଣକୁ କଳାକାରମାନେ ଅତି ଚମତ୍କାର ଭାବେ ପରିବେଷଣ କରି ସମସ୍ତଙ୍କୁ ବିମୋହିତ କରିଥିଲେ। ପରବର୍ତ୍ତୀ ପ୍ରସ୍ତୁତିଟି ଥିଲା କେରଳରୁ ଆସିଥିବା ଶ୍ରୀଜିତ ଟି.ଆର ଓ ସାଥୀଙ୍କ ସମକାଳ ନୃତ୍ୟ 'କଲାରି ପାଇଟୁ'। ଅନ୍ତିମ ପ୍ରସ୍ତୁତିରେ ଥିଲା ଚିତ୍ତାକର୍ଷକ ନୃତ୍ୟ କାର୍ଯ୍ୟକ୍ରମ 'ମେକ ଇନ ଓଡ଼ିଶା'। ଭୁବନେଶ୍ୱରର ଓଡ଼ିଶା ଡ୍ୟାନ୍ସ ଏକାଡେମୀ, ବାଙ୍ଗାଲୋରର କର୍ଣ୍ଣିକୁପିୟା କ୍ରିଏଶନ ଓ କଟକର ମୋକ୍ଷ ଅନୁଷ୍ଠାନର ମହମ୍ମଦ ସୈଫୁଲ ହକଙ୍କ ମିଳିତ ସହଯୋଗରେ ପରିବେଷିତ ହୋଇଥିଲା। ଓଡ଼ିଶାର ଐତିହାସିକ ଗୌରବ ଓ ଉଚ୍ଚକୋଟିର କଳାକୁ କଳାକାରମାନେ ନୃତ୍ୟ ମାଧ୍ୟମରେ ପ୍ରତିପାଦିତ କରିଥିଲେ। ଓଡ଼ିଶୀ ସହ ସମକାଳୀନ ଓ ଆଧୁନିକ ନୃତ୍ୟରେ ପ୍ରସ୍ତୁତ ଏହି ଫ୍ୟୁଜନ ବେଶ ଆକର୍ଷଣୀୟ ଥିଲା। ସନ୍ଧ୍ୟାର ଅତିଥିମାନେ ହେଲେ ମେଜର ଜେନେରାଲ ବସନ୍ତ କୁମାର ମହାପାତ୍ର, ଭାରତୀୟ ବିଦ୍ୟା ଭବନର ଡ. ଏସ୍.କେ ଟାମୋଟିଆ, ଏନ୍‌ଟିପିସିର ଜେନେରାଲ ମ୍ୟାନେଜର ସେବାତନ ଜୋସେଫ, ନୃତ୍ୟ ସମୀକ୍ଷକ ଡ. ସୁନୀଲ କୋଠାରୀ, ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ପର୍ଯ୍ୟଟନ ବିଭାଗ ଅଧିକାରୀ ରତିକାନ୍ତ ପଟ୍ଟନାୟକ, ସୃଜନର ନିର୍ଦ୍ଦେଶକ ରତିକାନ୍ତ ମହାପାତ୍ର, ଆର୍ଟ ଭିଜନର ସମ୍ପାଦକ ଗୁରୁ ଇଲିଆନା ଚିତାରିସ୍ତି, ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସମ୍ପାଦିକା ଗୁରୁ ଅରୁଣା ମହାନ୍ତି। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅନୁଜା ତାରିଣୀ ମିଶ୍ର ଓ ଡ. ଶ୍ରୀନିବାସ ଘଟୁଆରୀ।

### ବଳପୁର ପଞ୍ଚାୟତ କାର୍ଯ୍ୟାଳୟ ଭୂମିପୂଜା

ସାକ୍ଷୀଗୋପାଳ,୧୦।୨(ଡି.ଏନ.ଏ.)

ସତ୍ୟବାଦୀ ବ୍ଲକ ବଳପୁର ପଞ୍ଚାୟତ ନୂତନ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ରବିବାର ଭୂମିପୂଜା କରାଯାଇଛି। ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଭୂମି ପୂଜନ ସହ ଯଜ୍ଞର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ସସ୍ମିତା ପ୍ରଧାନ, ଜିଲା ପରିଷଦ ସଭ୍ୟ ଧ୍ରୁବଚରଣ ଦାଶ ଯୋଗଦେଇଥିଲେ। ସରପଞ୍ଚ ତ୍ରିନାଥ ମହାପାତ୍ର ଯଜ୍ଞର କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଗ୍ରାମର ନିରଞ୍ଜନ ମହାପାତ୍ର, ଲକ୍ଷ୍ମୀପ୍ରିୟା ଦାଶ, ସମିତିସଭ୍ୟ କାଳୀ ପ୍ରସାଦ ପଣ୍ଡା, ଆଖପାଖ ପଞ୍ଚାୟତ ସରପଞ୍ଚ ଚଞ୍ଚଳା ପାଣି, ରଶ୍ମିତା ବେହେରା, ନିରଞ୍ଜନ ମାହାରୀ, ପ୍ରକାଶ ଖଟେଇ, ଶଙ୍କର ପ୍ରଧାନଙ୍କ ସହ ସୁରେଶ କୁମାର ସାହୁ, ୱାର୍ଡ ସଭ୍ୟାସଭ୍ୟ, ମହିଳା ଓ ଯୁବ ବାହିନୀର କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ। ବଳପୁର ପଞ୍ଚାୟତ ଦୁଇଭାଗ ହୋଇଯିବା ପରେ ଉକ୍ତ ପଞ୍ଚାୟତ ପୁରୁଣା କାର୍ଯ୍ୟାଳୟ ସାରଙ୍ଗଯୋଡି ପଞ୍ଚାୟତ ଅଧୀନରେ ଥିବାରୁ ସେଠାରେ ନୂତନ କାର୍ଯ୍ୟାଳୟର ଆବଶ୍ୟକତା ରହିଥିଲା।

### ସରସ୍ୱତୀ ପୂଜା ମହାସମାରୋହରେ ପାଳିତ

କଣାସ, ୧୦।୨(ସ୍ୱ.ପ୍ର.)

ସାରା ରାଜ୍ୟରେ ରବିବାର ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ବିଦ୍ୟା ଉତ୍ସବ ପାଳିତ ହେଉଥିବାବେଳେ କଣାସ ବ୍ଲକର ସମସ୍ତ ସରକାରୀ ବିଦ୍ୟାଳୟ, ବେସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ, ବ୍ୟବସାୟିକ ପ୍ରତିଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକରେ ସରସ୍ୱତୀଙ୍କର ପୂଜା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ନୂତନ ବସ୍ତ୍ର ପରିଧାନ କରି ବିଦ୍ୟାଳୟକୁ ଯାଇ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ସରସ୍ୱତୀ ବିଦ୍ୟାମନ୍ଦିର, ବିବେକାନନ୍ଦ ବିଦ୍ୟାନିକେତନଗୁଡ଼ିକରେ ଅନେକ ଛାତ୍ରୀଛାତ୍ର ପ୍ରଥମକରି ବିଦ୍ୟା ଅଧ୍ୟୟନ କରିଥିଲେ।

# ନୂତନ ରାସ୍ତାର ଶିଳାନ୍ୟାସ



ପୁରୀ ଏମ୍‌ପି ଓ ସତ୍ୟବାଦୀ ବିଧାୟକ ପ୍ରକଳ୍ପ ଶିଳାନ୍ୟାସ କରୁଛନ୍ତି।

ସାକ୍ଷୀଗୋପାଳ, ୧୦।୨ (ଡି.ଏନ.ଏ./ ସ୍ୱ.ପ୍ର.)

ସତ୍ୟବାଦୀ ବ୍ଲକ ନୂଆସୋମେଶ୍ୱରପୁର ପଞ୍ଚାୟତର ବାରଘରିଆସାହିଠାରେ ରବିବାର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗୋଟିଏ ନୂତନ ରାସ୍ତାର ଶିଳାନ୍ୟାସ କରାଯାଇଛି। ଅଳଗୁମ ପୂର୍ତ୍ତ ବିଭାଗ ରାସ୍ତାରୁ ବାରଘରିଆସାହି, ଆଠବାଟିଆ, ଚଉଦଗୁଣ୍ଠ ଗ୍ରାମଦେଇ ବୁଧେଇବାଙ୍କ ପର୍ଯ୍ୟନ୍ତ ୫ କିଲୋମିଟର ଲମ୍ବ ରାସ୍ତାଟିର ଶିଳାନ୍ୟାସ ଉତ୍ସବରେ ମୁଖ୍ୟଅତିଥି ପୁରୀ ଏମ୍‌ପି ପିନାକୀ ମିଶ୍ର, ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ବ୍ଲକ ଚେୟାରମ୍ୟାନ ସସ୍ମିତା ପ୍ରଧାନ, ଉପାଧକ୍ଷ ବିକ୍ରମ କୁମାର ଜେନା, ଦେବାଶିଷ ରାୟ, ବିଜନ ମହାପାତ୍ର, ସରପଞ୍ଚ କୃଷ୍ଣପ୍ରିୟା ଦାଶ ଓ ସମିତିସଭ୍ୟ ସୁରେନ୍ଦ୍ର ଭୋଇ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ଶ୍ରୀବତ୍ସ କୁମାର ଦାସ, ସହକାରୀ ଯନ୍ତ୍ରୀ ଓକିଲ ମହାପାତ୍ର, ଆମ୍ବାର ପୂର୍ବତନ ସଭାପତି ସୁନୀଲ ପଣ୍ଡା, ପ୍ରମୋଦ କୁମାର ରାଉତରାୟ, ବିଜୟ ମହାପାତ୍ର, ବିରଞ୍ଚି ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି ରାସ୍ତା ନିମନ୍ତେ ୩ କୋଟି ୬ ଲକ୍ଷ ଟଙ୍କା ବ୍ୟୟ କରାଯିବ ବୋଲି ଜଣାପଡିଛି।

# ବେଦପୁରରେ ଅଷ୍ଟପ୍ରହର ନାମଯଜ୍ଞ



ବେଦୀ ଉପରେ ଠାକୁରଙ୍କୁ ରଖାଯାଇ ନାମ ସଂକୀର୍ତ୍ତନ କରାଯାଉଛି।

ଗୋପ, ୧୦।୨(ଡି.ଏନ୍.ଏ.)

ଗୋପ ବ୍ଲକ ଅଧୀନ ବେଦପୁର ଗ୍ରାମରେ ମାଘ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ୩୪ତମ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଶନିବାର ସନ୍ଧ୍ୟାରେ ମା'ଖଡ୍‌ଗେଶ୍ୱରୀଙ୍କ ମନ୍ଦିରରୁ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ଏକ ସୁସଜ୍ଜିତ ବିମାନରେ ଘଣ୍ଟ ଘଣ୍ଟା, ଖୋଳ, ମର୍ଦ୍ଦଳରେ ଆସିବା ପରେ ବେଦପୁର ଗ୍ରାମ ପରିକ୍ରମା କରି ଯଜ୍ଞସ୍ଥଳୀ ନିକଟରେ ସ୍ଥାପନ କରାଯାଇଥିବା ବେଦୀ ଉପରେ ଠାକୁରଙ୍କୁ ବିରାଜମାନ କରାଯାଇଥିଲା। ପରେ ଯଜ୍ଞ କୁଣ୍ଡରେ ଅଗ୍ନିସ୍ଥାପନା କରାଯାଇ ଯଜ୍ଞ ଆରମ୍ଭ କରାଯାଇଥିଲା। ରାତ୍ର ୯ଘଟିକା ସମୟରେ କୁଶଭଦ୍ରା ନଦୀରୁ ଅଷ୍ଟ କଳସରେ ଜଳ ଆସି ଗ୍ରାମ ପରିକ୍ରମା କରାଯାଇ ଯଜ୍ଞ ବେଦୀ ଉପରେ ସ୍ଥାପନ କରାଯାଇଥିଲା। ରାତି ୨ଟାରେ ଠାକୁରଙ୍କୁ ମାଘ ସ୍ନାନ କରାଯାଇଥିଲା। ରବିବାର ସକାଳ ୬ଟାରେ ଆଳତି କରାଯାଇ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ଦ୍ୱିପ୍ରହରରେ ପଣା ଭୋଗ ଲାଗି ପରେ ସନ୍ଧ୍ୟାରେ ଆଳତି କରାଯାଇ ଘଣ୍ଟ, କାହାଳୀ, ମୃଦଙ୍ଗର ଧ୍ୱନି ଓ ଶ୍ରଦ୍ଧାଳୁଙ୍କ ହରିବୋଲ ହୁଳହୁଳି ଧ୍ୱନିରେ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ସମୟରେ ଶହ ଶହ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

# ସମୂହ ଛୁଟି ନିଷ୍ପତ୍ତି ପ୍ରତ୍ୟାହାର କଲା ଡିପ୍ଲୋମା ଇଞ୍ଜିନିୟର୍ସ ସଂଘ

ଭୁବନେଶ୍ୱର,୧୦।୨(ବ୍ୟୁରୋ)

ଏକାଧିକ ପୁରୁଣା ଦାବି ଦୀର୍ଘଦିନ ଧରି ଗ୍ରହଣ ନ ହେବା ବିଶେଷ କରି ୭ମ ବେତନ କମିଶନଙ୍କ ପରାମର୍ଶ ଆଧାରରେ ବେତନ ପ୍ରଦାନ କରା ନ ଯିବା ପ୍ରତିବାଦରେ ଆସନ୍ତା ୨୧ତାରିଖରୁ ଓଡ଼ିଶା ଉଠା ଜଳସେଚନ ନିଗମର ଡିପ୍ଲୋମା ଇଞ୍ଜିନିୟର୍ସ ସଂଘ ସମୂହ ଛୁଟିରେ ଯିବା ପାଇଁ ସତର୍କ କରିଥିଲା। ଓଡ଼ିଶା ଉଠା ଜଳସେଚନ ନିଗମ(ଓଏଲ୍‌ଆଇସି)ର ପରିଚାଳନା ନିର୍ଦ୍ଦେଶିକାଙ୍କୁ ଗତ ୫ତାରିଖରେ ସଂଘ ପକ୍ଷରୁ ଏହି ମର୍ମରେ ଏକ ଚିଠି ପ୍ରଦାନ କରାଯାଇଥିଲା। ଇତିମଧ୍ୟରେ ରାଜ୍ୟ ସରକାର ସଂଘର ଦାବି ଅନୁଯାୟୀ, ୭ମ ବେତନ କମିଶନଙ୍କ ପରାମର୍ଶ ଧାରା ଅନୁସାରେ ବେତନ ପ୍ରଦାନ ପାଇଁ ରାଜି ହୋଇଥିବାରୁ ସମୂହ ଛୁଟିରେ ଯିବାର ଆନ୍ଦୋଳନାତ୍ମକ କାର୍ଯ୍ୟରୁ ଓହରିଯିବା ପାଇଁ ଓଏଲ୍‌ଆଇସି ଡିପ୍ଲୋମା ଇଞ୍ଜିନିୟର୍ସ ସଂଘ ନିଷ୍ପତ୍ତି ନେଇଛି।

# ୭୩ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ


କଣାସ,୧୦।୨(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ବସନ୍ତପୁର ଗ୍ରାମରେ ଆରାଧ୍ୟ ଠାକୁର ବାବା ବାଙ୍କେଶ୍ୱର ଦେବଙ୍କ ପୀଠରେ ୭୩ତମ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୂତି କାର୍ଯ୍ୟ ରବିବାର ଶେଷ ହୋଇଛି। ଉକ୍ତ ମହାଯଜ୍ଞ ଗତ ଗୁରୁବାରଠାରୁ ଆରମ୍ଭ ହୋଇ ଶୁଭାଧିବାସ, ଅଙ୍କୁରାରୋପଣ, କଳସଯାତ୍ରା ଓ ବାଙ୍କେଶ୍ୱର ଦେବଙ୍କ ଯଜ୍ଞପୀଠକୁ ଆଗମନ, ତେତିଶକୋଟି ଦେବାଦେବୀଙ୍କ ଆହୂତି ପ୍ରଦାନ, ମୁଖ୍ୟ ପୁରୋହିତ ପଣ୍ଡିତ ନିରଞ୍ଜନ ମିଶ୍ରଙ୍କ ପ୍ରତ୍ୟହ ପ୍ରାତଃ ମଙ୍ଗଳ ଆରତି, ବେଦପାଠ ଉଚ୍ଚାରଣ, ସୂର୍ଯ୍ୟପୂଜା, ଶିବସହସ୍ରନାମ ପଠନ, ପୂଜାକାର୍ଯ୍ୟ ଓ ଯଜ୍ଞବିଧାନ, ସନ୍ଧ୍ୟା ଆରତି କାର୍ଯ୍ୟମାନ ୪ଦିନ ଧରି ଅନୁଷ୍ଠିତ ହୋଇଥିଲା। ଗ୍ରାମ୍ୟ କମିଟିର ସଭାପତି ରମେଶ ଜୟସିଂହ, ସମ୍ପାଦକ କାଳୁଚରଣ ପରିଡା, ସଞ୍ଜୟ କୁମାର ଜଗଦେବ, ଯଜ୍ଞ କମିଟିର କମଳଲୋଚନ ଛୋଟରାୟ, ପୂର୍ଣ୍ଣଚନ୍ଦ୍ର ପାତ୍ର, ଗଙ୍ଗାଧର ସାହୁ, ମହେଶ୍ୱର ପରିଡା ପ୍ରମୁଖ ଦାୟିତ୍ୱ ନେଇ ପୂର୍ଣ୍ଣାହୂତି କାର୍ଯ୍ୟ ସମାପନ କରିଥିଲେ ।

# କୁମାରକବିଙ୍କ ୭୮ତମ ଜୟନ୍ତୀ ଉତ୍ସବ

କଣାସ, ୧୦।୨(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ କାଦୁଆ ପଞ୍ଚାୟତ ସାନଓରାଠାରେ ଶ୍ରୀପଞ୍ଚମୀ ତିଥିରେ କୁମାରକବି ଅରକ୍ଷିତ ପ୍ରଧାନଙ୍କ ୭୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଦସ୍ୟ ନୀଳମଣି ବେହେରା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପଣ୍ଡିତ ପ୍ରିୟପ୍ରସାଦ ମିଶ୍ର, ନୀଳମଣି ସୁଆର, ସଞ୍ଜୟ ପ୍ରଧାନ, ସତ୍ୟବ୍ରତ ସାହୁ, ପ୍ରବକ୍ତା ଜ୍ଞାନରଞ୍ଜନ, ଅଧିକାରୀ ସ୍ୱାଇଁ, ନଗେନ୍ଦ୍ରନାଥ ସୁନ୍ଦରାୟ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଷ୍ଣୁଚରଣ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। କୁମାର କବି ନିରବଚ୍ଛିନ୍ନ ଭାବେ ସାଧନାକରି କିଭଳି ସର୍ବଭାରତୀୟ ସ୍ତରରେ ଜଣେ ବାଗ୍ମୀ ଓ କବି ଭାବେ ପରିଚିତ ହୋଇପାରିଥିଲେ ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପଲ୍ଲିପଲ୍ଲବ ସାହିତ୍ୟ ସଂସଦ ତରଫରୁ ଏହି କାର୍ଯ୍ୟକ୍ରମରେ କଣାସ, ଡେଲାଙ୍ଗ, ବ୍ରହ୍ମଗିରି ଓ ଟାଙ୍ଗି ବ୍ଲକରୁ ସାହିତ୍ୟ ସାଧକମାନେ ଯୋଗଦେଇଥିବା ବେଳେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନୃତ୍ୟ ସଂଗୀତ କରି କୁମାର କବିଙ୍କୁ ଶ୍ରଦ୍ଧାସୁମନ ଜଣାଇଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ କବିକସ୍ତୁରୀ ଦିଲୀପ ଶ୍ରୀଚନ୍ଦନଙ୍କ ପୌରହିତରେ ଅନୁଷ୍ଠିତ ଉତ୍ସବରେ ସାହି ସାଧନା ନିମନ୍ତେ ବିଜ୍ଞାନ ଜେନା, ଅଧିକାରୀ ସ୍ୱାଇଁ, ସମିରକେଶରୀ ବଳିୟାରସିଂହ ପ୍ରମୁଖଙ୍କୁ ବଡଗୋଠ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ହେମନ୍ତ ପ୍ରଧାନ, ବାଲେଶ୍ୱର ଶବର, ସଂଗ୍ରାମ ପ୍ରତାପସିଂହ ପ୍ରମୁଖ ପରିଚାଳନା କରିଥିଲେ।



ଜୟନ୍ତୀ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

# ଶ୍ରଦ୍ଧାଳୁଙ୍କ ଅପେକ୍ଷାରେ ତୀର୍ଥ ପୁଷ୍କରିଣୀ

କୋଣାର୍କ, ୧୦।୨(ଡି.ଏନ.ଏ.)

ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ମାଘ ସପ୍ତମୀ ଉପଲକ୍ଷେ ଶ୍ରଦ୍ଧାଳୁଙ୍କ ପାଇଁ ପୁରୀ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସୋମବାର ଷଷ୍ଠୀରେ ଶ୍ରଦ୍ଧାଳୁମାନେ ଚନ୍ଦ୍ରଭାଗା ତୀର୍ଥଠାରେ ପହଞ୍ଚି ନଡିଆ ବରଡାରେ ନିର୍ମିତ ଚାଞ୍ଚ ଓ ବାଉଁଶ କଣିରେ କୁଡିଆ ପ୍ରସ୍ତୁତି କରି ତୀର୍ଥ ପଡିଆରେ ବିକ୍ରି ହେଉଥିବା ମାଟି ହାଣ୍ଡି ଓ ଢକ୍କା କିଣି ସାଙ୍ଗରେ ଆଣିଥିବା ଖାଦ୍ୟ ସାମଗ୍ରୀରେ ଚନ୍ଦ୍ରଭାଗାରେ ବିକ୍ରି ହେଉଥିବା ସୁକୁଆ ଦ୍ୱାରା ଡାଲମା ରାନ୍ଧି ଓ ଖେଚୁଡି କରି ଖାଇଥାନ୍ତି। ପରେ ପରେ ସେହି ହାଣ୍ଡିରେ ବଳିଥିବା ଖାଦ୍ୟ ସହ ହାଣ୍ଡିକୁ ନେଇ ତୀର୍ଥ ପୁଷ୍କରିଣୀ ସଂଲଗ୍ନ ହାଣ୍ଡି ବାଡିଆ ପୋଖରୀରେ କଟାଡି ଭାଙ୍ଗି ଥାନ୍ତି। ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ୩୦ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ ବୋଲି କୋଣାର୍କ ଥାନାଧିକାରୀ ସୂଚନା ଦେଇଛନ୍ତି। ଏଥିସହ ୪ଜଣ ଅତିରିକ୍ତ ଏସପି, ୧୨ ଜଣ ଡିଏସ୍‌ପି, ୨୪ଜଣ ଇନସ୍ପେକ୍ଟର, ୧୧୨ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୧୩୧ଜଣ କନଷ୍ଟେବଳ, ୩୩ଜଣ ହାବିଲଦାର, ୧୮ଜଣ ଟ୍ରାଫିକ ପୋଲିସ, ୩୦୦ଜଣ ଗୃହରକ୍ଷୀ, ସାଦା ପୋଷାକଧାରୀ ପୋଲିସ, ସନ୍ଧାନୀ କୁକୁର ଓ ବୋମା ନିଷ୍କ୍ରିୟକାରୀ ଦଳଙ୍କୁ ନିୟୋଜିତ କରାଯାଇଛି । ଓଡ୍ରାଫ୍ ଟିମ୍ ସହ ପୁରୀ ଅଗ୍ନିଶମ ବାହିନୀର ୩ଟି ଦମକଳଗାଡି, ୧୦ଜଣ ଲାଇଫ ଗାର୍ଡଙ୍କୁ ସଜାଗ ରହିବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି । ଯାନବାହନ ଭିଡକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ କୋଣାର୍କ ଓ ଚନ୍ଦ୍ରଭାଗାଠାରେ ଟ୍ରାଫିକ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏଥିପାଇଁ କୋଣାର୍କ ବସଷ୍ଟାଣ୍ଡ, ସଂଗ୍ରହାଳୟ, ଏନ୍‌ଏସି ପଡିଆ, କଲେଜ ପଡିଆ, ହେଲିପ୍ୟାଡ, ଚନ୍ଦ୍ରଭାଗା ବଜାର ଓ ରାମଚଣ୍ଡୀ ବଜାରଠାରେ ଚାରିଚକିଆ ଗାଡ଼ି ପାର୍କିଂର ବ୍ୟବସ୍ଥା କରାଯାଇଛି । ୧୧ତାରିଖ ସନ୍ଧ୍ୟା ୬ଟାରୁ ୧୨ତାରିଖ ସକାଳ ୧୧ଟା ପର୍ଯ୍ୟନ୍ତ କୋଣାର୍କରୁ ଚନ୍ଦ୍ରଭାଗା ରାସ୍ତାରେ ଚାରିଚକିଆ ଯାନ ଚଳାଚଳକୁ ନିଷିଦ୍ଧ କରାଯାଇଛି । ରାତି ୭ଟା ମଧ୍ୟରେ ଆସୁଥିବା ଚାରିଚକିଆ ଯାନଗୁଡିକ ହେଲିପ୍ୟାଡ୍, ବସଷ୍ଟାଣ୍ଡ, ଏଏସ୍‌ଆଇ ପାର୍କିଂ, କୋଣାର୍କ ଏନଏସି ପଡିଆ ଓ କଲେଜ ପଡିଆରେ ପାର୍କିଂ



ଶ୍ରଦ୍ଧାଳୁଙ୍କ ଅପେକ୍ଷାରେ ଜଣେ ହାଣ୍ଡି ବ୍ୟବସାୟୀ।

**ଆଜି ମାଘ ଷଷ୍ଠୀ**

କରିପାରିବେ । ଏତଦ୍‌ବ୍ୟତୀତ ରାତି ୮ଟା ପରେ ପୁରୀପଟୁ ଆସୁଥିବା ଚାରିଚକିଆ ଗାଡ଼ିଗୁଡ଼ିକ ବନ ବିଭାଗର କଇଁଛ ସୁରକ୍ଷା ଘର ପର୍ଯ୍ୟନ୍ତ ଏବଂ କାକଟପୁରରୁ ଆସୁଥିବା ଚାରିଚକିଆ ଗାଡିଗୁଡିକ ରାଉଳପାଟଣା ଛକ ଏବଂ ଭୁବନେଶ୍ୱରପଟୁ ଆସୁଥିବା ଗାଡ଼ିଗୁଡ଼ିକ କୁଣେଇ ବଜାରଠାରେ ପାର୍କିଂ କରିବେ । ପୁରୀପଟୁ ଆସୁଥିବା ଦୁଇଚକିଆ ଯାନଗୁଡ଼ିକ ଚନ୍ଦ୍ରଭାଗା ବଜାରସ୍ଥିତ ପାର୍କିଂ ଓ କୋଣାର୍କ ପଟୁ ଚନ୍ଦ୍ରଭାଗା ଆଡ଼କୁ ଯାଉଥିବା ଦୁଇଚକିଆ ଯାନଗୁଡ଼ିକ ବତୀଘର ନିକଟରେ ଅସ୍ଥାୟୀ ପାର୍କିଂରେ ରଖିବା ପାଇଁ ବ୍ୟବସ୍ଥା କରାଯାଇଛି । ୧୧ତାରିଖ ରାତି ୩ଟା ପରେ କୋଣାର୍କ ପଟୁ ଏବଂ ରାମଚଣ୍ଡୀଠାରୁ ଚନ୍ଦ୍ରଭାଗାକୁ ସମସ୍ତ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଏପରିକି ଏହି ସମୟ ଅବଧି ମଧ୍ୟରେ ପ୍ରେସ୍ ପାସ ଓ ଡ୍ୟୁଟି ପାସ୍ ବ୍ୟତିରେକେ ଭେହିକିଲ୍ ପାସ୍ ପାଇଥିବା ଗାଡ଼ିଗୁଡ଼ିକ ଚନ୍ଦ୍ରଭାଗାକୁ ଚଳାଚଳ କରିପାରିବେ ନାହିଁ ବୋଲି ପୋଲିସ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।